ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

* RNI REGD NO: 42041/83
* www.sakalaepaper.com
* /sakalanews
* /sakalanews
* www.thesakala.in

୭୫ତମ ସାଧାରଣତନ୍ତ୍ର ଦିବସ

•VOLUME- 41 •ISSUE-212 •BHUBANESWAR •FRIDAY •26 JANUARY 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୧୨ •ଭୁବନେଶ୍ୱର •ଶୁକ୍ରବାର •୨୬ ଜାନୁଆରୀ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦



DADLS-96

# ଜୟ ମାଁ ସମଲେଇ

ମାଁ ସମଲେଇଙ୍କ ଆଶୀର୍ବାଦରୁ ଆସନ୍ତାକାଲି,
୨୭ ଜାନୁଆରୀ ୨୦୨୪ ମାଘ ମାସ, କୃଷ୍ଣ ପକ୍ଷ, ଦ୍ୱିତୀୟା ତିଥି ମଧ୍ୟାହ୍ନ ୧୨.୫୦ ଘଟିକାରେ
**'ସମଲେଇ ପ୍ରକଳ୍ପ'**ର ହେବ ଶୁଭ ଲୋକାର୍ପଣ ।




## ଆସନ୍ତାକାଲି ହେବାକୁ ଯାଉଛି ପବିତ୍ର 'ମହାଯଜ୍ଞ' ।

ଆସନ୍ତୁ, ଏହି ପବିତ୍ର ମହୋତ୍ସବରେ ସାମିଲ ହୋଇ ମାଁ'ଙ୍କ ଆଶୀର୍ବାଦ ନେବା ଓ
ବିଭିନ୍ନ କଳା ପ୍ରଦର୍ଶନର ଅପୂର୍ବ ଅନୁଭୂତି ପ୍ରାପ୍ତ କରିବା ।

ସମଲେଇ ପ୍ରକଳ୍ପ
୨୭ ଜାନୁଆରୀ, ୨୦୨୪

ସକାଳ ୮ ଘଟିକାରୁ କାର୍ଯ୍ୟକ୍ରମର ସିଧାପ୍ରସାରଣ ସମସ୍ତ ଓଡ଼ିଆ ଟିଭି ଚାନେଲ ଏବଂ
"IPR Odisha" ୟୁ- ଟ୍ୟୁବ୍ ଚାନେଲରେ ଦେଖିପାରିବେ ।



OIPR-15001/13/0295/2324

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-212 ◆BHUBANESWAR ◆FRIDAY ◆26 JANUARY 2024 ◆PAGE-20 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୧୨ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୬ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

## ମେ’ ୬ରୁ ଓଜେଇଇ

**ଭୁବନେଶ୍ୱର, ୨୫ ।୧(ସମିସ):** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ମେ’ ୬ତାରିଖରୁ ଆରମ୍ଭ ହେବ । ଏହା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ମାଧ୍ୟମରେ ମୋଟ ୩୩ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ହେବ । ରାଜ୍ୟରେ ୩୦ଟି ଓ ରାଜ୍ୟ ବାହାରେ ୩ଟି କେନ୍ଦ୍ରରେ ପରୀକ୍ଷା କରାଯିବ । ଏଥିପାଇଁ ଗୁରୁବାରଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ମାର୍ଚ୍ଚ ୧୫ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ମାର୍ଚ୍ଚ ୧୬ ଓ ୧୭ତାରିଖରେ ଆବେଦନ ଫର୍ମ ସଂଶୋଧନ କରିହେବ । ମାର୍ଚ୍ଚ ୧ ତାରିଖରେ ଆବେଦନକାରୀମାନେ ଆବେଦନ ଫି’ ଦାଖଲ କରିବେ । ମାର୍ଚ୍ଚ ୩୦ ତାରିଖରେ ପରୀକ୍ଷା ପାଇଁ ଆଡମିଟ୍-କାର୍ଡ ଉପଲବ୍ଧ ହେବ । ଆଗ୍ରହୀ ଛାତ୍ରଛାତ୍ରୀମାନେ ଓଜେଇଇ ୱେବସାଇଟ୍‌ରେ ଫର୍ମ ପୂରଣ କରିପାରିବେ । ଏ ସଂପର୍କରେ ଗୁରୁବାର ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି ।




# ଘରେ ରହି ଭୋଟ୍ ଦେଇପାରିବେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ

- ୮୦ ବର୍ଷରୁ ଅଧିକ ନାଗରିକ ଏବଂ ୪୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ମିଳିବ ସୁବିଧା
- ପୋଲିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ପାଇଁ ହେବ ମତଦାତା ସୁବିଧା କେନ୍ଦ୍ର
- ପ୍ରଥମଥର ଓଡ଼ିଶାରେ ଲାଗୁ ହେବ ଉପରୋକ୍ତ ବ୍ୟବସ୍ଥା

**ଭୁବନେଶ୍ୱର, ୨୫ ।୧(ସମିସ):** ସାଧାରଣ ନିର୍ବାଚନକୁ ଆଉ ମାତ୍ର କେଇ ମାସ ବାକିଥିବା ବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଆସନ୍ତା ନିର୍ବାଚନରେ ମତଦାନ ପ୍ରକ୍ରିୟାରେ କେତେକ ନୂଆ ବ୍ୟବସ୍ଥା ଆପଣାଯିବ । ପ୍ରମୁଖ ନିଷ୍ପତ୍ତି ମଧ୍ୟରେ ପୋଲିଂ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ଯେଉଁଠାରେ ଡ୍ୟୁଟି କରୁଥିବେ, ସେହି ସ୍ଥାନରେ ସେମାନଙ୍କ ଭୋଟ୍ ଦେବା ପାଇଁ ମତଦାତା ସୁବିଧା କେନ୍ଦ୍ର କରାଯିବ । ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି ।

ଶ୍ରୀ ଧଳଙ୍କ ସୂଚନାନୁଯାୟୀ, ପୂର୍ବରୁ ପୋଲିଂ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଏଧରଣର ବ୍ୟବସ୍ଥା ନଥିଲା । ସେମାନେ ପୋଷ୍ଟାଲ ବାଲାଟ୍ ଦ୍ୱାରା ନିଜର ମତଦାନ କରୁଥିଲେ । ତେବେ ଚଳିତଥର ପ୍ରଥମଥର ସେମାନଙ୍କ ପାଇଁ ମତଦାତା ସୁବିଧା କେନ୍ଦ୍ର କରାଯିବ । ସେହିପରି ୮୦ ବର୍ଷରୁ ଅଧିକ ବୟସ୍କ ଓ ୪୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କ ପାଇଁ ହୋମ ଭୋଟିଂ ବ୍ୟବସ୍ଥା କରାଯାଇଛି । ଯେଉଁମାନେ ଚାହିଁବେ, ସେମାନଙ୍କୁ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

୨୦୨୪ ସାଧାରଣ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଧାର୍ଯ୍ୟ ସମୟ ଅନୁସାରେ ଚାଲିଛି । ସମସ୍ତ ଜିଲ୍ଲାରେ ଇଭିଏମ୍ ପହଞ୍ଚିବା ସହ ଟେଷ୍ଟିଂ ସରିଛି । ନିର୍ବାଚନ ପାଇଁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ସରିଥିବା ବେଳେ ତୃତୀୟ ପର୍ଯ୍ୟାୟ କାର୍ଯ୍ୟ ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି । ପୂର୍ବରୁ ଇଭିଏମ୍ ଚେକିଂ ଏବଂ ଭୋଟର୍ ତାଲିକା ପ୍ରସ୍ତୁତ କାର୍ଯ୍ୟ ସମାପ୍ତ ହୋଇସାରିଛି । ଇଭିଏମ୍‌ରେ କିପରି ଭୋଟ୍ ଦିଆଯିବ, ବୁଥ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ସଚେତନ କରାଯାଉଛି । ଏଥିନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଥିବା ଶ୍ରୀ ଧଳ ସୂଚନା ଦେଇଛନ୍ତି ।

# ସିବିଆଇ ପଞ୍ଝାରେ ଜିଏସ୍‌ଟି ବାବୁ

**ଭୁବନେଶ୍ୱର/ରାଉରକେଲା, ୨୫ ।୧(ସମିସ):** ୨୦ ହଜାର ଟଙ୍କା ଲାଞ୍ଚ ନେବା ନେବାବେଳେ ସିବିଆଇ ହାତରେ ଧରାପଡ଼ିଛନ୍ତି ରାଉରକେଲା କେନ୍ଦ୍ରୀୟ ଜିଏସ୍‌ଟି କାର୍ଯ୍ୟାଳୟର ଅଧୀକ୍ଷକ ଅମରକାନ୍ତ କୁମାର ହିମାଂଶୁ । ତାଙ୍କ ନିକଟରୁ ସିବିଆଇ ଅଧିକାରୀମାନେ ଲାଞ୍ଚ ଅର୍ଥ ଜବତ କରିଛନ୍ତି । ଜଣେ ଠିକାଦାରଙ୍କ ୮ ଲକ୍ଷ ଟଙ୍କାର ବକେୟା ଜିଏସ୍‌ଟିକୁ ସାଢ଼େ ୩ ଲକ୍ଷରେ ସମାଧାନ କରିଦେବା ପାଇଁ କଲୁଙ୍ଗା ଜିଏସଟି ରେଞ୍ଜ ଅଧୀକ୍ଷକ ଅମରକାନ୍ତ ୫୦ ହଜାର ଦାବି କରିଥିଲେ । ମାତ୍ର ଠିକାଦାରଜଣକ ଏକ ସମୟରେ ଏତେ ଟଙ୍କା ଦେଇ ପାରିବେ ନାହିଁ ବୋଲି ଉଲ୍ଲେଖ କରି

**୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ**



କିସ୍ତିରେ ଦେବାକୁ କହିଥିଲେ । ଏଥିରେ ଅମରକାନ୍ତ ରାଜି ହେବା ପରେ ଠିକାଦାର ସିବିଆଇର ଦ୍ୱାରସ୍ଥ ହୋଇଥିଲେ । ଗୁରୁବାର ଉକ୍ତ ଠିକାଦାର ପ୍ରଥମ କିସ୍ତି ବାବଦରେ ୨୦ ହଜାର ଟଙ୍କା ଲାଞ୍ଚ ଦେବାବେଳେ ସିବିଆଇ ଅଧିକାରୀମାନେ ଅଧୀକ୍ଷକ ଅମରକାନ୍ତଙ୍କୁ କାବୁ କରି ନେଇଥିଲେ । ପରେ ତାଙ୍କର ଅଫିସ, ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ସିବିଆଇ ଯାଞ୍ଚ ଚଳାଇଥିଲା । ଏହି ଚଢଉରେ ଉଭୟ ଭୁବନେଶ୍ୱର ଓ ରାଉରକେଲା ସିବିଆଇ ଦଳ ସାମିଲ ହୋଇଥିଲେ ।




■ ବାରମ୍ବାର କହିବା ପରେ ବି ଚେତୁନାହାନ୍ତି ଅଧିକାରୀ

# ଜିତିବା ମାମଲା ହାରି ଯାଉଛନ୍ତି ସରକାର

- ମୁଖ୍ୟ ସଚିବଙ୍କୁ ପତ୍ର ଲେଖି କ୍ଷୋଭ ପ୍ରକାଶ କଲେ ଆଡଭୋକେଟ୍ ଜେନେରାଲ
- ଅଦାଲତରେ ଅପାମାନିତ ହେଉଛନ୍ତି, ତଣ୍ଡ ଗଣୁଛନ୍ତି

**ଭୁବନେଶ୍ୱର,୨୫ ।୧(ସମିସ):** ସରକାରୀ ବିଭାଗ ବିରୋଧରେ ଥିବା ମାମଲାଗୁଡ଼ିକର ସୁପରିଚାଳନା କରିବା ପାଇଁ ଅଦାଲତ ଗୁଡ଼ିକରେ ସରକାରୀ ଓକିଲ ନିଯୁକ୍ତ ହୋଇଛନ୍ତି । ସେହିପରି ସରକାରୀ ବିଭାଗ ତରଫରୁ ସ୍ୱତନ୍ତ୍ର ଲ’ ଅଫିସର ମଧ୍ୟ ନିଯୁକ୍ତ କରାଯାଇଛି । କିନ୍ତୁ ଅନେକ ବିଭାଗର ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାର କୋର୍ଟରେ ଅପଦସ୍ଥ ହେବା ସହ ଆର୍ଥିକ କ୍ଷତି ସହୁଛନ୍ତି । ଏପରିକି ବାରମ୍ବାର ପତ୍ର ଲେଖି ସମ୍ପୃକ୍ତ ବିଭାଗର ମାମଲା ସମ୍ପର୍କିତ ଜବାବ୍ ଦାଖଲ ପାଇଁ ସରକାରୀ ଓକିଲଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଉଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି । ଏହାକୁ ନେଇ ଆଡଭୋକେଟ୍ ଜେନେରାଲଙ୍କ କାର୍ଯ୍ୟାଳୟ ଉଦ୍‌ବେଗ ପ୍ରକାଶ କରିବା ସହ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଛି । ଆଡଭୋକେଟ୍ ଜେନେରାଲ (ଏଜି) ଅଶୋକ କୁମାର ପରିଜା ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଥିବା ବେଳେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବିଭାଗର ସଚିବ, ଅତିରିକ୍ତ ମୁଖ୍ୟ ସଚିବଙ୍କ ସମ୍ମୁଖରେ ଏହି ସମସ୍ୟା ଉପସ୍ଥାପନ କରାଯାଇଛି ।

ଏଥିରେ କୁହାଯାଇଛି ଯେ ବିଭିନ୍ନ ମାମଲାରେ ଆଡଭୋକେଟ୍ ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଦାଲତରେ ସରକାରୀ ମାମଲା ସମ୍ପର୍କିତ ପୁନର୍ବିଚାର ଦାଖଲ କରାଯାଇଥାଏ । ଏଥିପାଇଁ ସମ୍ପୃକ୍ତ ବିଭାଗର ପ୍ରସ୍ତାବ ଏବଂ ମତାମତ ଆବଶ୍ୟକ ହୋଇଥାଏ । କିନ୍ତୁ ଜବାବ୍ ଦାଖଲ କରିବାରେ ଅନେକ ବିଭାଗ ଅବହେଳା କରୁଛନ୍ତି । ଏପରିକି ପ୍ରଥମ ନୋଟିସ୍ ଉପରେ ଜବାବ୍ ଆସିବା ବେଳକୁ ଅଦାଲତରୁ ଦ୍ୱିତୀୟ ନୋଟିସ୍ ଆସି ପହଞ୍ଚି ଯାଉଛି । ରିଟ୍ ଅପିଲ ଦାଖଲ ପାଇଁ ଅଦାଲତ ୩୦ ଦିନ ସମୟ ଦେଉଥିବା ବେଳେ ଅନେକ କ୍ଷେତ୍ରରେ ଏହି ଅବଧି ପରେ ସରକାରୀ ବିଭାଗରୁ ଜବାବ୍ ଦାଖଲ କରାଯାଉଥିବା ଦେଖାଯାଇଛି । ବିଭାଗ ତରଫରୁ ଜବାବ୍ ବିଳମ୍ବରେ ମିଳୁଥିବା ବେଳେ ସରକାରୀ ଓକିଲଙ୍କ ସହିତ ଯୋଗାଯୋଗ ମଧ୍ୟ କରାଯାଉନାହିଁ । ଏପରି ଅବହେଳା ଫଳରେ ଅଦାଲତ ସରକାରଙ୍କ ପକ୍ଷରୁ ଦାଖଲ ହେଉଥିବା ରିଟ୍ ପିଟିସନ୍‌କୁ ଖାରଜ କରିଦେଉଛନ୍ତି । ଏପରିସ୍ଥଳେ ନୋଟିସ୍, କୋର୍ଟଙ୍କ ରାୟ ମିଳିବାର ଅନ୍ତତଃ ୧୫ଦିନ ଭିତରେ ଜବାବ୍ ଦାଖଲ କରିବା ଲାଗି ସବୁ ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଏଜି ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଛନ୍ତି ।

ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଅନେକ କ୍ଷେତ୍ରରେ ଜିତିବା ସ୍ଥିତିରେ ଥାଇ ମଧ୍ୟ ସରକାର ମାମଲା ହାରୁଛନ୍ତି । ଦୋଷ ନଥାଇ ମଧ୍ୟ ତଣ୍ଡ ଗଣିବାକୁ ପଡ଼ୁଛି । ସରକାର ଅଦାଲତ ଅବମାନନା ଦୋଷୀ ହେଉଛନ୍ତି । ଉତ୍ତରକୁ ଅପେକ୍ଷା କରି କରି ଅଦାଲତ ସରକାରଙ୍କ ବିରୋଧରେ ରାୟ ପ୍ରକାଶ କରୁଛନ୍ତି । ଅଦାଲତଙ୍କର ବହୁମୂଲ୍ୟ ସମୟ ନଷ୍ଟ ହେଉଛି ବୋଲି ଏଜି ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ଏସ୍‌ସିବିରେ ଭର୍ତ୍ତି

**କଟକ, ୨୫ ।୧(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ(୧୦୧) ଗୁରୁତର ଅସୁସ୍ଥ ହୋଇ ଏସ୍‌ସିବି ମେଡିକାଲ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି । ବୟସାଧିକ ସହ ଉଚ୍ଚ ରକ୍ତଚାପର ସେ ଶିକାର ହୋଇଛନ୍ତି ବୋଲି ମେଡିକାଲ ପକ୍ଷରୁ କୁହାଯାଇଛି । ଭେଷଜ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସରୋଜ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଗଠିତ ଡାକ୍ତରୀ ଦଳରେ ନ୍ୟୁରୋଲୋଜି, କାର୍ଡିଓଲୋଜି, ନ୍ୟୁରୋସର୍ଜରୀ ବିଭାଗର ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି ।








୭୫ତମ ସାଧାରଣତନ୍ତ୍ର ଦିବସ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-212 ♦BHUBANESWAR ♦FRIDAY ♦26 JANUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୧୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୬ ଜାନୁଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


**ସାଧାରଣତନ୍ତ୍ର ଦିବସ** ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣ, ପାଠକପାଠିକା, ବିଜ୍ଞାପନଦାତା, ଶୁଭେଚ୍ଛୁ ଓ ବିତରକ ବନ୍ଧୁଙ୍କୁ **'ସକାଳ'** ପରିବାର ପକ୍ଷରୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

## 'ସକାଳ'ର ଛୁଟି

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ **'ସକାଳ'** କାର୍ଯ୍ୟାଳୟ ଛୁଟି ରହୁଥିବାରୁ ୨୭ ତାରିଖ ସଂସ୍କରଣ ବନ୍ଦ ରହିବ । ପରବର୍ତ୍ତୀ ସଂସ୍କରଣ ୨୮ ତାରିଖ, ରବିବାର ପ୍ରକାଶ ପାଇବ ।

### 'ସମଲେଇ' ଲୋକାର୍ପଣ

## ୨୭ରେ ସ୍କୁଲ, କଲେଜ ଛୁଟି

■ **ଭୁବନେଶ୍ୱର, ୨୫।୧ (ସମିସ):** ଓଡ଼ିଶାର ପ୍ରମୁଖ ଶକ୍ତି ପୀଠ ତଥା ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୀଠର ବିକାଶ ପାଇଁ କରାଯାଇଥିବା ସମଲେଇ ପ୍ରକଳ୍ପ ଆସନ୍ତା ୨୭ ତାରିଖରେ ଲୋକାର୍ପଣ ହେବ । ଏହି କାର୍ଯ୍ୟକ୍ରମ ବିପୁଳ ଉତ୍ସାହ ଓ ଭକ୍ତି ଭାବନା ସହ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଭକ୍ତମାନେ ଆନନ୍ଦର ସହ ଯୋଗଦାନ କରି ମା'ଙ୍କ ଉଦ୍ଦେଶ୍ୟରେ ଭକ୍ତି ନିବେଦନ ଅର୍ପଣ କରିବେ । ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଦୃଷ୍ଟିରେ ରଖି ଆସନ୍ତା ଜାନୁଆରୀ ୨୭ ତାରିଖ ସାରା ରାଜ୍ୟର ସ୍କୁଲ ଓ କଲେଜ ବନ୍ଦ ରହିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ ଯେ ଚତୁର୍ଥ ଶନିବାର ଯୋଗୁଁ ସେଦିନ ସମସ୍ତ ସରକାରୀ ଅଫିସ ମଧ୍ୟ ବନ୍ଦ ରହୁଛି ।

### ଲୋକକଳା ମାଧ୍ୟମରେ ରୂପାନ୍ତରିତ ଓଡ଼ିଶା ଅଭିଯାନ

# ମିଶନ ଶକ୍ତି ପରି ମଜଭୁତ ହେବ କଳାକାର ସଂଘ

■ **ଭୁବନେଶ୍ୱର, ୨୫।୧ (ସମିସ):** ରାଜ୍ୟରେ ରୂପାନ୍ତରଣ କାର୍ଯ୍ୟକ୍ରମ ତୀବ୍ର ଗତିରେ ଅଗ୍ରସର ହେଉଥିବାବେଳେ ବିକାଶ କ୍ଷେତ୍ରରେ ଓଡ଼ିଶା ପ୍ରତିଦିନ ନୂଆ ନୂଆ ମାଇଲଖୁଣ୍ଟ ଛୁଉଁଛି । ତେବେ ରାଜ୍ୟର ପ୍ରତିଟି ଲୋକ ପାଖରେ ବିକାଶ ସହ ଜନମଙ୍ଗଳକାରୀ ଯୋଜନା କିପରି ସହଜରେ ସୂଚନା ପାଇପାରିବେ ସେ ନେଇ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍ସିଂ ଜରିଆରେ 'ଲୋକକଳା ମାଧ୍ୟମରେ ରୂପାନ୍ତରିତ ଓଡ଼ିଶା' ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନରେ ରାଜ୍ୟର ଲୋକ କଳାକାରମାନଙ୍କ ଜରିଆରେ ସୂଚନା, ଶିକ୍ଷା ଓ ସଞ୍ଚାର କାର୍ଯ୍ୟକ୍ରମ ଚାଲିବ । ଲୋକମାନେ ବିକାଶର ବାର୍ତ୍ତା, ରୂପାନ୍ତରିତ ଓଡ଼ିଶାର ବାର୍ତ୍ତା ପାଇବେ । ଏହାଦ୍ୱାରା ଜନସାଧାରଣ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଜାଣିବା ସହିତ ସରକାରଙ୍କ କାର୍ଯ୍ୟକ୍ରମରେ, ବିକାଶ କାର୍ଯ୍ୟକ୍ରମରେ ସହଭାଗୀ ହୋଇପାରିବେ ।ଏହି ଅଭିଯାନରେ ଏକ ମାସ ଧରି ରାଜ୍ୟର ସମସ୍ତ ୫୧୧୬୮ଟି ଗାଁରେ ଦୁଇ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ କରାଯିବ । ଏଥିପାଇଁ ସାରା ରାଜ୍ୟରେ ୨୨ ହଜାର ଲୋକ କଳାକାର ଦଳ ପଞ୍ଜୀକୃତ ହୋଇଛନ୍ତି ।

> **"କଳାକାରମାନେ ମୋର ପରିବାରର ସଦସ୍ୟ ଭଳି । ଆପଣମାନେ ଭଲ କାମ ଜାରି ରଖନ୍ତୁ, ମୁଁ ସବୁବେଳେ ସହଯୋଗ ଯୋଗାଇଦେବି: ମୁଖ୍ୟମନ୍ତ୍ରୀ"**



କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଲୋକ କଳାକାରମାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋ ସରକାର କଳା ଓ କଳାକାରଙ୍କ ଉନ୍ନତି ପାଇଁ ସଂକଳ୍ପବଦ୍ଧ । ଆମର ଲୋକ କଳାକାରମାନେ ବହୁତ ଭଲ କାମ କରୁଛନ୍ତି । ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ବାର୍ତ୍ତା ଆପଣ ମାନେ ଲୋକଙ୍କୁ ଦେଉଛନ୍ତି । ଏହାଦ୍ୱାରା ଆମର ଲୋକକଳାର ▶ପୃଷ୍ଠା-୧୧

- ୫୧୧୬୮ଟି ଗାଁରେ ହେବ ୨ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ
- ରାଜ୍ୟର ୨୨ ହଜାର ଲୋକ କଳାକାର ଦଳ ପଞ୍ଜିକୃତ
- ୧୦ ବିଭାଗର ୧୫ ଯୋଜନାର କରାଯିବ ପ୍ରଚାର ପ୍ରସାର
- ଲୋକଙ୍କ ନିକଟରେ ସହଜରେ ପହଞ୍ଚିବ ବିକାଶର ବାର୍ତ୍ତା
- ୨୦୧୦ରେ ଗଞ୍ଜାମରୁ ଆରମ୍ଭ ସଂଘ ଏବେ ବିଶାଳ ଦ୍ରୁମ
- କଳାକାରଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ଉପରେ ମୁଖ୍ୟମନ୍ତ୍ରୀ ସର୍ବଦା ଗୁରୁତ୍ୱ ଦେଉଛନ୍ତି: ପାଣ୍ଡିଆନ
- ମୁଖ୍ୟମନ୍ତ୍ରୀ ଦେଇଛନ୍ତି ଆମକୁ ରୋଜଗାର, ସମ୍ମାନ ଓ ସ୍ୱତନ୍ତ୍ର ପରିଚୟ: କଳାକାର ସଂଘ

### ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ମିଳିମିଶି ଗଢ଼ିବା ନୂଆ ଓଡ଼ିଶା

■ **ଭୁବନେଶ୍ୱର, ୨୫।୧ (ସମିସ):** ଆଜି ବିଶ୍ୱ ଦରବାରରେ ଭାରତର ପ୍ରତିଷ୍ଠା ବୃଦ୍ଧି ପାଇଛି । ଦେଶର ବିକାଶରେ ସବୁ ରାଜ୍ୟର ଅବଦାନ ରହିଛି ଓ ଏଥିରେ ଆମ ଓଡ଼ିଶାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗତ କୋଡ଼ିଏ ବର୍ଷ ମଧ୍ୟରେ ବିକାଶର ସବୁ କ୍ଷେତ୍ରରେ ଓଡ଼ିଶା ନୂଆ ଇତିହାସ ସୃଷ୍ଟି କରିଛି, ରୂପାନ୍ତର ପଥରେ ଆଗେଇ ଚାଲିଛି । ଓଡ଼ିଶାର ବିକାଶ ଅନ୍ୟମାନଙ୍କ ଆଦର୍ଶ ହୋଇଛି । ଆମର ବିକାଶ ମଡେଲ ସମସ୍ତଙ୍କ ପାଇଁ ସୁଯୋଗ ଆଣିଛି । ସମସ୍ତେ ବିକାଶର ସହଯୋଗୀ ହୋଇଛନ୍ତି । ସମସ୍ତଙ୍କ ସହଯୋଗରେ ଓଡ଼ିଶା ଆଗକୁ ବଢ଼ୁଛି । ତଥାପି ଆମକୁ ଆହୁରି ଆଗକୁ ଯିବାକୁ ଅଛି । ତେଣୁ ମିଳିମିଶି ଆମେ ନୂଆ ଓଡ଼ିଶା ଗଢ଼ିବା । ଆମ ଓଡ଼ିଶା ଦେଶରେ ଶ୍ରେଷ୍ଠ ଓ ସଶକ୍ତ ହେବ ବୋଲି ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର ଶ୍ରେଷ୍ଠ ପରିଚୟ । ତାଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ସମଲେଇ ପ୍ରକଳ୍ପ ମଧ୍ୟ ଖୁବ୍‌ଶୀଘ୍ର ଲୋକାର୍ପିତ ହେବାକୁ ଯାଉଛି । ଆମର କୀର୍ତ୍ତି ହେଉଛି ଆମ ସ୍ୱାଭିମାନ ଓ ଅସ୍ମିତାର ପରିଚୟ । ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ୍ ଲୋକାର୍ପିତ ହୋଇଛି । ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧି କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଓଡ଼ିଶାର ଅର୍ଥନୈତିକ ବିକାଶ ଖୁବ୍ ପ୍ରଭାବଶାଳୀ ରହିଛି । ଏହା ଜାତୀୟ ହାରଠାରୁ ଅଧିକ ଅଛି । ଦାରିଦ୍ର୍ୟ କମ କରିବାରେ ଓଡ଼ିଶା ଏକ ପ୍ରମୁଖ ପ୍ରଦର୍ଶନକାରୀ ରାଜ୍ୟ ପାଲଟିଛି । ନୀତି ଆୟୋଗ ରିପୋର୍ଟ ଅନୁଯାୟୀ ଗତ ନଅ ବର୍ଷ ମଧ୍ୟରେ ଏକ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ମୁକ୍ତ ହୋଇଛନ୍ତି । ଆମର ୫-ଟି ନୀତି ଯୋଗୁଁ ଶାସନ ବ୍ୟବସ୍ଥା ପ୍ରଭାବଶାଳୀ ହୋଇପାରିଛି । ଆମର ସବୁ ଯୋଜନାର ସୁଫଳ ଲୋକ ଠିକ୍ ଭାବେ ପାଉଛନ୍ତି । ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଯୋଗାଯୋଗ, ▶ପୃଷ୍ଠା-୧୧



- ସମସ୍ତଙ୍କ ପାଇଁ ସୁଯୋଗ ଆଣିଛି ଆମର ବିକାଶ ମଡେଲ
- ଦାରିଦ୍ର୍ୟ ହ୍ରାସରେ ଓଡ଼ିଶା ପ୍ରମୁଖ ପ୍ରଦର୍ଶନକାରୀ ରାଜ୍ୟ
- ଶିଳ୍ପ, ପ୍ରଯୁକ୍ତି ବିଦ୍ୟା, ଷ୍ଟାର୍ଟ ଅପ୍ ସବୁଥିରେ ଓଡ଼ିଶା ଆଗରେ
- ମା' ମାନେ କେବଳ ପରିବାର ନୁହେଁ, ଆମ ସମାଜର ଶକ୍ତି
- ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର ଶ୍ରେଷ୍ଠ ପରିଚୟ




ସକାଳ
THE SAKALA



## ସହରରେ ଆରମ୍ଭ ହେଲା 'ଛୋଟା କପ୍' ଅଭିଯାନ

# ଘରେ ଅଭିଭାବକଙ୍କୁ ଟ୍ରାଫିକ୍ ନିୟମ ଶିଖାଇବେ ପିଲା

**ବାଲେଶ୍ୱର, ୨୫।୧(ସମିସ):**

ବାଲେଶ୍ୱରରେ ଆରମ୍ଭ ହେଲା ଛୋଟା କପ୍। ଘରେ ଅଭିଭାବକଙ୍କୁ ଟ୍ରାଫିକ ନିୟମ ଶିଖାଇବେ ପିଲା। ଏଥିପାଇଁ ବାଲେଶ୍ୱର ଜିଲ୍ଲା ପୁଲିସ ଏବଂ ୟଙ୍ଗ ଇଣ୍ଡିଆର ମିଳିତ ସହଯୋଗରେ ଗୁରୁବାର ଦିନ ଶୁଭାରମ୍ଭ ହୋଇଛି ଛୋଟା କପ୍ ଅଭିଯାନ। ଏ ନେଇ ସହରର ପଦ୍ମାବତୀ ପାର୍କରେ ଏସପି ସାଗରିକା ନାଥଙ୍କ ନେତୃତ୍ୱରେ ଏହି ଅଭିଯାନର ଉଦଘାଟିନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସିଦ୍ଧି ବିନାୟକ ସ୍କୁଲର ପ୍ରାୟ ୬୦୦ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନଙ୍କୁ ଟ୍ରାଫିକ ନିୟମ ବାବଦରେ ଏସପି ସାଗରିକା ନାଥ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଏଥିସହିତ ପିଲାମାନଙ୍କୁ ଟ୍ରାଫିକ ନିୟମ ପାଳନ ନିମନ୍ତେ ଶପଥ ପାଠ କରାଇଯାଇଥିଲା। ସମସ୍ତ ଛୋଟା କପ୍ ଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛୋଟା କପ୍ ଉପାଧି ସହ ପିଲାମାନଙ୍କୁ ଦାୟିତ୍ୱ ମଧ୍ୟ ଦିଆଯାଇଛି। ସେମାନେ ନିଜ ଘର ଲୋକଙ୍କୁ ନୋଟିସ କରିବେ। ଏଥିରେ ସାମିଲ୍ ହୋଇଥିବା ସ୍କୁଲ ପିଲାମାନଙ୍କୁ ଏକ ରିପୋର୍ଟ କାର୍ଡ ପ୍ରଦାନ କରାଯିବ। ସେଥିରେ ପିଲାମାନେ ନିଜ ଅଭିଭାବକମାନେ କେତେ ଟ୍ରାଫିକ ନିୟମ ମାନୁଛନ୍ତି ସେ ବିଷୟରେ ଠିକ କିମ୍ବା ଭୁଲ ଚିହ୍ନ ମାରିବେ। ପିଲାମାନେ ଉକ୍ତ ରିପୋର୍ଟ କାର୍ଡରେ ଉଲ୍ଲେଖ କରିବେ। ପିଲାମାନଙ୍କୁ ପ୍ରଦାନ କରାଯାଇଥିବା ରିପୋର୍ଟ କାର୍ଡ ୧୫ ଦିନ ପରେ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ କରିବେ। ରିପୋର୍ଟ କାର୍ଡ ଜରିଆରେ ଜଣାପଡ଼ିବ କେତେ ମାତ୍ରାରେ ଲୋକମାନେ ଟ୍ରାଫିକ ନିୟମ ବା ସଡ଼କ ସୁରକ୍ଷା ପ୍ରତି ସଚେତନ ରହିଛନ୍ତି।

ଏବାବଦରେ ବାଲେଶ୍ୱର ଏସପି ସାଗରିକା ନାଥ କହିଛନ୍ତି, 'ପ୍ରଥମ ପର୍ଯ୍ୟାୟରେ ଆମେ ସିଦ୍ଧି ବିନାୟକ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସାମିଲ କରିଛୁ। ଏହି ଛୋଟା କପ୍ ଅଭିଯାନ ମାଧ୍ୟମରେ ଆଗାମୀ ଦୁଇମାସ ଭିତରେ ବାଲେଶ୍ୱରର ବିଭିନ୍ନ ସ୍କୁଲରୁ ୧୦ ହଜାର ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇ ସଚେତନ କରାଯିବାର ଲକ୍ଷ୍ୟ ରଖାଯାଇଛି ଏବଂ ସେମାନଙ୍କୁ ଛୋଟା କପ୍ ର ଉପାଧି ଦେବୁ। ବିଶେଷକରି ଏହି ସ୍କୁଲ ପିଲାମାନେ ଭବିଷ୍ୟତରେ ଦାୟିତ୍ୱପୂର୍ଣ୍ଣ ଭାବେ ଟ୍ରାଫିକ ନିୟମ ପାଳନ କରନ୍ତୁ। ଏଥିରେ ଆମେ ସମସ୍ତଙ୍କୁ ଗୋଟେ ଗୋଟେ ରିପୋର୍ଟ କାର୍ଡ ଦେବୁ। ଯେଉଁଥିରେ ସଡକ ସୁରକ୍ଷା ସମ୍ପର୍କିତ ୧୨ଟି ପଏଣ୍ଟ ରହିଛି। ଯାହାକି ଆମର ମୌଳିକ ନିୟମ। ଏହିସବୁ କଡାକଡି ଭାବେ ପାଳନ ହେଉନାହିଁ। ପିଲାମାନେ ଏହି ସବୁ ନିୟମ ପାଳନ କରିବା ସହିତ ନିଜ ଘରେ ଯେଉଁମାନେ ଗାଡ଼ି ଚଲାଉଛନ୍ତି ସେମାନଙ୍କ ବାବଦରେ ଆମକୁ ରିପୋର୍ଟ କାର୍ଡ ଦେବେ। ଏହାଦ୍ୱାରା ପିଲାମାନେ ନିଜେ ନିୟମ ଶିଖିବା ସହ ନିଜ ସିନିୟରଙ୍କୁ ବି ଏହା ଶିଖାଇବେ। ତେବେ ବାଲେଶ୍ୱରବାସୀ ପୋଲିସଙ୍କ ଉପସ୍ଥିତି ପାଇଁ ନୁହେଁ ବରଂ ନିଜର ସୁରକ୍ଷା ପାଇଁ ଟ୍ରାଫିକ ନିୟମ ପାଳନ କରନ୍ତୁ'। ସମୟରେ ଅନେକ ଦୁର୍ଘଟଣା ହେଉଛି। ଏମିତିକି ଅନେକ ସ୍କୁଲ ପିଲାମାନେ ଗାଡ଼ି, ସ୍କୁଟି ଚଲେଇବା ପାଇଁ ଜିଦି ମଧ୍ୟ କରୁଛନ୍ତି ମାତ୍ର ଟ୍ରାଫିକ ନିୟମ ବାବଦରେ କିଛି ଜାଣିନାହାନ୍ତି। ହେଲମେଟ ପିନ୍ଧୁ ନାହାନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଆମେ ଛୋଟ ପିଲାମାନଙ୍କୁ ଟ୍ରାଫିକ ନିୟମ ବାବଦରେ ଅଧିକ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ପାଇଁ ଏସପିଙ୍କୁ ଅନୁରୋଧ କରିଥିଲୁ। ପ୍ରଥମରୁ ଦଶମ ଶ୍ରେଣୀ ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରି ସେମାନଙ୍କୁ ଛୋଟା କପ୍ ଦାୟିତ୍ୱ ଦେବା। ଫଳରେ ସେମାନେ ନିଜ ଅଭିଭାବକଙ୍କୁ ଟ୍ରାଫିକ ନିୟମ ପାଳନ ପାଇଁ ବୁଝାଇବେ। ଯାହାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି' ବୋଲି ୟଙ୍ଗ୍ ଇଣ୍ଡିଆର ମୋହିତ ପୋଦାର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଟ୍ରାଫିକ ଥାନା ଓ ବିଭିନ୍ନ ଥାନା ଅଧିକାରୀ ଏବଂ ୟଙ୍ଗ୍ ଇଣ୍ଡିଆର କର୍ମଚାରୀମାନେ ଉପସ୍ଥିତ ଥିଲେ।



### ଦୁଇ ମାସରେ ୧୦ ହଜାର ସ୍କୁଲ ପିଲାଙ୍କୁ ସାମିଲ୍ ଲକ୍ଷ୍ୟ

## ଗୁଡ଼ି ସୂତାରେ ଫସିଲା ପାରା

**ବାଲେଶ୍ୱର, ୨୫।୧(ସମିସ):** ବିପଦ ସାଜୁଛି ପ୍ଲାଷ୍ଟିକ ସୂତା ଅବା ମାଞ୍ଜା ସୂତା। ସହରର କରଞ୍ଜିଆ ପଞ୍ଚାୟତ କରଞ୍ଜିଆ ଗ୍ରାମର ଏକ ଦୁଇ ମହଲା ଛାତରେ ଗୁଡି ସୂତାରେ ଛନ୍ଦି ଦୀର୍ଘ ସମୟ ଧରି ଏକ ପାରା ଲାଗି ରହିଥିଲା। ସ୍କୁଲରୁ ଫେରିବା ରାସ୍ତାରେ କେନ୍ଦ୍ରୀୟ ବିଦ୍ୟାଳୟ ପଞ୍ଚମ (କ) ଶ୍ରେଣୀର ଛାତ୍ରୀ ଏସ ଏନ ଲିପସା ପାରାକୁ ଏପରି ଅବସ୍ଥାରେ ଦେଖି ସମାଜସେବୀ ସୁଧାକର ସେଠୀଙ୍କୁ ଜଣାଇଥିଲା। ସୁଧାକର ସେଠୀ ଏନେଇ ବନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ପରେ ବନ ଅଧିକାରୀ ତୁରନ୍ତ ଏକ ତିନିଜଣିଆ ଦଳ ପଠାଇ ପକ୍ଷୀକୁ ଉଦ୍ଧାର କରିଥିଲେ। ଏଥିସହିତ ପାରାର କ୍ଷତ ସ୍ଥାନରେ ଔଷଧ ଲଗାଇ ମୁକ୍ତ ଆକାଶକୁ ଛାଡି ଦେଇଥିଲେ। ମାଞ୍ଜା ସୂତା ବ୍ୟବହାର ପାଇଁ କେବଳ ପକ୍ଷୀ ପଶୁ ନୁହଁନ୍ତି ବରଂ ମଣିଷ ବି ମୃତ୍ୟୁମୁଖରେ ପଡୁଛନ୍ତି। ନିୟମ ଅବମାନନା ପାଇଁ ଆମେ ସମସ୍ତେ ଭୋଗିବା। କାରଣ ଏହି କିଛି ଦିନ ଭିତରେ ବାଲେଶ୍ୱରରେ ୭ ଜଣ ଆହତ ହେଇଛନ୍ତି। ସେଥିମଧ୍ୟରୁ ମୋ ସାନ ଭାଇ ଅମିତ ପରିଡ଼ା ଏହି ପ୍ଲାଷ୍ଟିକ ମାଞ୍ଜା ସୂତାରେ ଗୁଡ଼ାଇ ହୋଇ ଗୁରୁତର ଆହତ ହୋଇଛି। ଆଉ କିଛି ବାଲେଶ୍ୱର ବାହାରେ ଚିକିତ୍ସିତ ହେଉଛନ୍ତି। ତେଣୁ ସମସ୍ତଙ୍କୁ ବିନମ୍ର ଅନୁରୋଧ ପ୍ଲାଷ୍ଟିକ ସୂତାକୁ ବର୍ଜନ କରନ୍ତୁ ବୋଲି ଧୀରଜ ମହାନ୍ତି କହିଛନ୍ତି।

## ବଡ଼କିଆ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲେଶ୍ୱର, ୨୫।୧(ସମିସ):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବଡକିଆ ସଂସ୍କୃତ ମହା ବିଦ୍ୟାଳୟର ବାର୍ଷିକ ଉତ୍ସବ 'କେତକୀ' ଅନୁଷ୍ଠିତ ହେଇଯାଇଛି। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ହେମନ୍ତ କୁମାର ଘଡେଇ, ସମ୍ମାନିତ ଅତିଥି ଭାବେ ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ବସନ୍ତ କୁମାର ମିଶ୍ର ଓ ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ଯୋଗଦେଇ ଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପଞ୍ଚାବ କେଶରୀ ପାଢ଼ୀ ଏହି ଉତ୍ସବରେ ଅଦ୍ଧକ୍ଷତା କରିଥିଲେ।ମହାବିଦ୍ୟାଳୟର ଅଦ୍ଧକ୍ଷ ଅଶୋକ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ସମର ବଲ୍ଲଭ ନାୟକ ଅତିଥି ପରିଚୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଶିବଲାଲ ପଣ୍ଡା, ସଞ୍ଜୟ କୁମାର ମହାପାତ୍ର, ଅଜୟ କୁମାର ପଣ୍ଡା, ସଞ୍ଜୁମଣି ରାଉତ, ଇପ୍ସିତା ରାଉତ ପ୍ରମୁଖ ଅଧ୍ୟାପିକା ଓ ଅଧ୍ୟାପକ ସମେତ ପଙ୍କଜିନି ଦାସ ବଳରାମ ବାରିକ ଗୌରାଙ୍ଗ ଚନ୍ଦ୍ର ହୋତା, ରାମଚନ୍ଦ୍ର ଦଳେଇ ପ୍ରମୁଖ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରଯାଇଥିଲା ବେଳେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦକ୍ଷିଣପୂର୍ବ ରେଳପଥ ମେନ୍ସ ୟୁନିୟନ ବାଲେଶ୍ୱର ଶାଖାର ସାଧାରଣ ସଭା




**ବାଲେଶ୍ୱର, ୨୫।୧(ସମିସ):** ଦକ୍ଷିଣପୂର୍ବ ରେଳପଥ ମେନସ୍ ୟୁନିୟନ, ବାଲେଶ୍ୱର ଶାଖାର ଦ୍ୱିବାର୍ଷିକ ସାଧାରଣ ସଭା ମୁଖ୍ୟ ଉପଦେଷ୍ଟା ଗୌରସାଧନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶାଖା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଜ୍ୟୋତିଷ କୁମାର ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରିବା ସହ ପ୍ରସ୍ତାବମାନ ଘୋଷଣା କରିଥିଲେ। କୋଷାଧ୍ୟକ୍ଷ ସୁବୋଧ କୁମାର ଦାସ ୨୦୨୩ ବର୍ଷ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ପରେ ତାହା ସର୍ବସମ୍ମତି କ୍ରମେ ଗୃହିତ ହେଲା। ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ପ୍ରତିନିଧି ଅଭିଜିତ୍ ମଲ୍ଲିକ ଐକବଦ୍ଧ ସଂଗ୍ରାମ ଦ୍ୱାରା ଦାବି ହାସଲ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ କେନ୍ଦ୍ରୀୟ ପ୍ରତିନିଧି ଅଭିଜିତ ମଲ୍ଲିକ୍, ଦକ୍ଷିଣ ପୂର୍ବ ରେଳପଥ ମେନସ୍ ୟୁନିୟନର ସହ ସାଧାରଣ ସମ୍ପାଦକ, ବାଲେଶ୍ୱର ଶାଖା ୟୁନିୟନର ସମସ୍ତ ଶାଖା ମଧ୍ୟରେ ପ୍ରଥମେ ଦ୍ୱିବାର୍ଷିକ ସମ୍ମିଳନୀ ଆୟୋଜନ କରିଥିବାରୁ ଉପସ୍ଥିତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଆଗାମୀ ଦିନରେ ସଂଗ୍ରାମ ଜୋରଦାର କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥି ତଥା ବାଲେଶ୍ୱର ଶାଖାର କର୍ମକର୍ତ୍ତା ଓ ସଦସ୍ୟମାନେ ନିଜ ବକ୍ତବ୍ୟ ଉପସ୍ଥାପନ କରି ସଂଗ୍ରାମ ହିଁ ଶ୍ରମିକ ସଂଗଠନର ଭିତ୍ତିଭୂମି ବୋଲି କହିଥିଲେ। ଏହି ଦ୍ୱିବାର୍ଷିକ ସମ୍ମିଳନୀରେ ବାଲେଶ୍ୱର କର୍ମକର୍ତ୍ତା ନିର୍ବାଚନ ସର୍ବସମ୍ମତିକ୍ରମେ ଅନୁଷ୍ଠିତ ହୋଇ ସଦସ୍ୟମାନେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚିତ କର୍ମକର୍ତ୍ତାମାନେ ହେଲେ ସଭାପତି ପ୍ରଦିତ୍ କୁମାର ପୁଥାଳ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ଉପସଭାପତି ଉମେଶ ଚନ୍ଦ୍ର ଅଗସ୍ତ୍ୟ, ସମ୍ପାଦକ ଜ୍ୟୋତିଷ କୁମାର ଦାସ, ସହ ସମ୍ପାଦକ ନିତ୍ୟାନନ୍ଦ ମହାନ୍ତି(୧), ଶିଶିର କୁମାର ଦାସ, ନିତ୍ୟାନନ୍ଦ ମହାନ୍ତି (୨), ଖଜନ ସାହୁ, ସଂଗଠନ ସମ୍ପାଦକ ଗୌରବ କୁମାର ରାୟ, ନିର୍ମଳ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ବିଜୟ କୁମାର ବେହେରା। ପରିଶେଷରେ ସମ୍ପାଦକ ଜ୍ୟୋତିଷ କୁମାର ଦାସ କାର୍ଯ୍ୟକ୍ରମର ବିଶେଷ ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତ ସଦସ୍ୟଙ୍କ ନିଷ୍ଠାପର ସହଯୋଗିତା ପାଇଁ ବାଲେଶ୍?ର ଶାଖା ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ସର୍ବାଙ୍ଗୀନ ସଫଳତା ହାସଲ କରିଥିବାରୁ ମୁଖ୍ୟ ଉପଦେଷ୍ଟା ଗୌରସାଧନ ମିଶ୍ର ଓ ଅତିଥିମାନେ ବାଲେଶ୍ୱର ଶାଖାର ସଦସ୍ୟମାନଙ୍କୁ ଧନ୍ୟବାଦ ସହିତ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ।

## ଜୁନିଅର ରେଡକ୍ରସ୍ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ

**ବାଲେଶ୍ୱର, ୨୫।୧(ସମିସ):** ଜିଲ୍ଲା ସ୍କୁଲ ପରିସରରେ ତିନି ଦିନ ଧରି ଚାଲିଥିବା ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ଜୁନିଅର ରେଡକ୍ରସ ଶିକ୍ଷା ଓ ତାଲିମ ଶିବିର ଗୁରୁବାର ଦିନ ଉଦଯାପିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାର ୧୮୪ ସ୍କୁଲରୁ ଆସିଥିବା ୪୧୪ ଜୁନିଅରଙ୍କୁ ସାଧନକର୍ମୀମାନେ ଶୃଙ୍ଖଳିତ ଜୀବନ ପଦ୍ଧତି ସମ୍ପର୍କରେ ଶିକ୍ଷା ଦେବା ସହିତ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତାର ମହତ୍ତ୍ୱ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଜୁନିଅରମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, କୁଇଜ, ନୃତ୍ୟ, ସଙ୍ଗୀତ, କ୍ଷୁଦ୍ର ନାଟକ, ପ୍ରଦର୍ଶନୀ ଓ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭାମଞ୍ଜରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ସୂର୍ଯ୍ୟଶିଖା ମହାନ୍ତି ଅତିଥି ପରିଚୟ ଦେଇଥିଲେ। ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ସ୍ୱାଗତ ଭାଷଣ ଓ କ୍ୟାମ୍ପ ବିବରଣୀ ପ୍ରଦାନ କରିଥିଲେ। ଜୁନିଅର, କାଉନସେଲର ଓ ସାଧନକର୍ମୀମାନେ ଶିବିରର ଅଭିଜ୍ଞତା ବିଷୟରେ କହିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଓ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ରେଡକ୍ରସ ଶିବିରର ଆବଶ୍ୟକତା ସମ୍ପର୍କରେ ଜୁନିଅରମାନଙ୍କୁ ଉଦବୋଧନ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ନିଗ୍ଧା ପଣ୍ଡା, ଭଦ୍ରକର ଯୁଗ୍ମ ସମ୍ପାଦକ ସୋମନାଥ ନାୟକ, ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା ଓ ୱାର୍ଡ କାଉନସିଲର ସବିତା ଦାସ ଯୋଗ ଦେଇଥିଲେ। ଶେଷରେ ବାଲେଶ୍ୱର ଜୁନିଅର ରେଡକ୍ରସ ସୋସାଇଟିର ଯୁଗ୍ମ ସମ୍ପାଦକ ବାମନ ଚରଣ ମହାନ୍ତି ଧନ୍ୟବାଦ ଦେଇଥିଲେ।ଜଳେଶ୍ୱର ରାମକୃଷ୍ଣ ସରକାରୀ ହାଇସ୍କୁଲର ଛାତ୍ରୀ ଶ୍ରୁତି ପ୍ରିୟଦର୍ଶିନୀଙ୍କୁ ୨୦୨-୨୩ ର ବେଷ୍ଟ ଜୁନିଅର ଭାବରେ ସମ୍ମାନିତ କରାଯାଇଥିଲା।

### ଶ୍ରୁତି ପ୍ରିୟଦର୍ଶିନୀ ବେଷ୍ଟ ଜୁନିଅର

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଆଦିବାସୀ ଯୁବବର୍ଗଙ୍କୁ ସୋଲାର ସମ୍ପର୍କିତ ପ୍ରଶିକ୍ଷଣ

**ବାଲେଶ୍ୱର, ୨୫।୧(ସମିସ):** ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ଡିଭାଇନ ଇଞ୍ଜିନିୟରିଂ କଲେଜ ଓ ଜାତୀୟ ଦକ୍ଷତା ବିକାଶ ନିଗମ(ଏନଏସଡିସି)ର ମିଳିତ ସହଭାଗୀତାରେ ଆଦିବାସୀ ବର୍ଗର ଯୁବକମାନଙ୍କୁ ସୋଲାର ସ୍ଥାପନ ଓ ରକ୍ଷଣାବେକ୍ଷଣ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିମିଳିପାଳ ଅଞ୍ଚଳର ୩୬ଜଣ ଯୁବ ବର୍ଗଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବାବେଳେ ସେମାନେ ଏହି ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ମାଇକ୍ରୋ ସୋଲାର ଗ୍ରିଡର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସିଇଓ ଶ୍ରୀ ଭାସ୍କର ସରକାର ଯୋଗ ଦେଇ କହିଥିଲେ ଯେ ଓଡ଼ିଶା ସରକାରଙ୍କ ସହଯୋଗରେ ଟିପିଏନଓଡିଏଲ ଦ୍ୱାରା ଶିମିଳିପାଳରେ ସ୍ଥାପିତ ୧୮ଟି ସୋଲାର ମାଇକ୍ରୋ ଗ୍ରିଡ ଖୁବ୍‌ଶୀଘ୍ର ଲୋକାର୍ପଣ ହେବ। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବିଜୁଳି ସୁବିଧା ମିଳିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୬ ତାରିଖରେ ଏହାକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗ୍ରିଡଗୁଡ଼ିକରେ ପ୍ରଶିକ୍ଷଣ ନେଇଥିବା ଯୁବବର୍ଗଙ୍କୁ ତ୍ୱରିତ ଯୋଗଦାନ ପାଇଁ ଶ୍ରୀ ସରକାର ପରାମର୍ଶ ଦେଇଥିଲେ। ସେହିପରି ଏହି ପ୍ରୟାସ ନିଶ୍ଚିତ ଭାବରେ ଆଦିବାସୀ ଯୁବକଙ୍କ ସାମାଜିକ ତଥା ଅର୍ଥନୈତିକ ସ୍ଥିତିରେ ଏକ ସକରାତକ ପରିବର୍ତ୍ତନ ଆଣିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଟିପିଏନଓଡିଏଲ ପକ୍ଷରୁ ପ୍ରୋଜେକ୍ଟ ମୁଖ୍ୟ ପ୍ରଦୀପ ମହାନ୍ତି, ପ୍ରୋଜେକ୍ଟ ଜିଏମ ରାଜୀବ ନାୟକ, ବାରିପଦା ଅଧିକ୍ଷଣ ଯନ୍ତ୍ରୀ ହରିଶ ପଣ୍ଡା, ସିଏସଆର ମୁଖ୍ୟ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣାର୍ଥୀଙ୍କ ମାର୍ଗଦର୍ଶନ କରିଥିବାବେଳେ ଶେଷରେ ଡିଭାଇନ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ବିପ୍ଳବ ଭଜନ ବୁଗୁଡାଇ ଧନ୍ୟବାଦ ଅର୍ପଣ କରିଥିଲେ।



## ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଦାବିପତ୍ର ପ୍ରଦାନ

**ବାଲେଶ୍ୱର, ୨୫ ।୧(ସମିସ):** ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ରାଜ୍ୟର ସମସ୍ତ ସାମ୍ବାଦିକଙ୍କ ସୁରକ୍ଷା ଓ ପେନସନ ଦାବିରେଆଜି ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓୟୁଜେର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମ ନାରାୟଣ ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ, ଶିଶିର କୁମାର ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ କନ୍ହେଇ ପ୍ରଧାନ, ହାଇଦର ଖାନ, ହିମାଂଶୁ ଦାସ, ଅଜିତ କୁମାର ମହାନ୍ତି, ରବିରଞ୍ଜନ ତ୍ରିପାଠୀ, ସଞ୍ଜୟ କୁମାର ଗିରି ଓ ବିଧାନ ଚନ୍ଦ୍ର ରାୟ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ସାମ୍ବାଦିକମାନେ ସାମନା କରୁଥିବା ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜ୍ୟରେ କାର୍ଯ୍ୟରତ ଓ ଅବସର ନେଇଥିବା ସାମ୍ବାଦିକ ତଥା ସେମାନଙ୍କ ପରିବାରବର୍ଗଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାମ୍ବାଦିକଙ୍କ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

## ୨୪ତମ ସୁବର୍ଣ୍ଣ ବେଳାଭୂମି ଉତ୍ସବ ଉଦ୍‌ଘାଟିତ



**ବାଲେଶ୍ୱର, ୨୫।୧(ସମିସ):** ୨୪ତମ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ଉତ୍ସବ ଗୁରୁବାର ଚାନ୍ଦିପୁର ବେଳାଭୁମିରେ ଉଦ୍‌ଘାଟିତ ହୋଇଛି। ଉତ୍ସବ କମିଟିର ସଭାପତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଦ୍‌ଘାଟକ ଭାବେ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଯୋଗଦେଇ ବେଳାଭୂମିରେ ଆମେ ଏହି ଉତ୍ସବ ମାଧ୍ୟମରେ ମନୋରଞ୍ଜନର ଏକ ସୁଯୋଗ ପାଉଛୁ। ଏ ବାଲେଶ୍ୱର ମାଟି ବ୍ୟବସାୟର ମାଟି ଏଠାରେ ମା ଓ ଭଉଣୀ ମାନେ ମଧ୍ୟ ଆଜି ରୋଜଗାରର ସୁଯୋଗ ପାଇଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଚାନ୍ଦିପୁର ବେଲଭୂମିର ବିକାଶ ପାଇଁ ବହୁ ପ୍ରୟାସ କରାଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଳାଭୂମି ଉତ୍ସବ କମିଟିର ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ, ସମରେନ୍ଦ୍ର ଦାସ, ଭାବଗ୍ରାହୀ ମହାନ୍ତି, ସାଂସ୍କୃତିକ ସମ୍ପାଦକ ଶ୍ରୀମାନ ଶ୍ରୀଚନ୍ଦନ ମହାନ୍ତି, ଆରତି ଦାସ, ସୁକୁମାର ରଣା, ତପନ ଜେନା, ନାୟବ ସରପଞ୍ଚ ଶ୍ରୀକାନ୍ତ ନାୟକ, ଭାଗବତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସବ କମିଟିର ସମ୍ପାଦକ କିଶୋର ଦାସ ସ୍ୱାଗତ ଭାଷଣ, ଅମୃତାଂଶୁ ପଟ୍ଟନାୟକ ସ୍ୱାଗତ ସଙ୍ଗୀତ ପରିବେଷଣ ଏବଂ ଉପସଭାପତି ସାମ୍ବାଦିକ ବିପ୍ଳବ ମହାନ୍ତି ଧନ୍ୟବାଦ ଦେଇଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ମତ୍ସ୍ୟ ବିଭାଗ ନିର୍ଦ୍ଦେଶକଙ୍କ ବାଲେଶ୍ୱର ଗସ୍ତ



**ବାଲେଶ୍ୱର, ୨୫।୧(ସମିସ):** ମତ୍ସ୍ୟ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ୍ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ ଏବଂ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଏହି କ୍ରମରେ ରେମୁଣାଠାରେ ନିର୍ମାଣାଧୀନ 'ହାଇଜେନିକ ଫିସ ମାର୍କେଟ' କାର୍ଯ୍ୟର ସମୀକ୍ଷା କରିବା ସହିତ ସମ୍ପୃକ୍ତ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ଯଥାଶୀଘ୍ର ପ୍ରକଳ୍ପଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ବାଲେଶ୍ୱର ଜୋନ ଅନ୍ତର୍ଗତ ୩ଟି ଜିଲ୍ଲା ଯଥା ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନଙ୍କ କାର୍ଯ୍ୟ ସମୀକ୍ଷା କରିବା ସହିତ ବିଭିନ୍ନ ସରକାରୀ ଯୋଜନାଗୁଡିକର ଧାର୍ଯ୍ୟ ଲକ୍ଷ୍ୟକୁ ଯଥା ଶୀଘ୍ର ପୁରଣ କରିବା ପାଇଁ ଆଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ୧୪ତମ ଜାତୀୟ ମତଦାତା ଦିବସର ଶପଥ ପାଠ କରାଯାଇଥିଲା। ଏହି ବୈଠକରେ ବାଲେଶ୍ୱର ଜୋନ ଉପମତ୍ସ୍ୟ ନିର୍ଦ୍ଦେଶକ, ତିନୋଟି ଜିଲ୍ଲାର ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅତିରିକ୍ତ ମତ୍ସ୍ୟ ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ ଓ ବୈଷୟିକ ମତ୍ସ୍ୟ ସହାୟକମାନେ ଉପସ୍ଥିତ ଥିଲେ। ଉକ୍ତ ସମୀକ୍ଷା ବୈଠକ ସମାପନ ପରେ ବସ୍ତା ବ୍ଲକର ବାହାର୍ଦ୍ଦାଠାରେ ନିର୍ମାଣ ହେବାକୁ ଥିବା 'ହୋଲସେଲ ଫିସ୍ ମାର୍କେଟ' ର ସ୍ଥାନ ପରିଦର୍ଶନ କରିଥିଲେ। ଯଥାଶୀଘ୍ର କାର୍ଯ୍ୟାରମ୍ଭ ନିମନ୍ତେ ଉଚିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୩୦ରୁ ଆଇଟିଆଇ ପଡ଼ିଆରେ ୬ଦିନିଆ 'ଏକ୍ସପୋ ଓଡ଼ିଶା ୨୦୨୪'

**ବାଲେଶ୍ୱର, ୨୫ ।୧(ସମିସ):**

ଓଡ଼ିଶା ସରକାରଙ୍କ ଏମଏସଏମଇ ବିଭାଗ, ଭାରତ ସରକାରଙ୍କ ଏମଏସଏମଇ ବିକାଶ ଓ ସୁବିଧା କାର୍ଯ୍ୟାଳୟ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତର ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ଆସନ୍ତା ୩୦ରୁ ଫେବୃଆରୀ ୪ତାରିଖ ପର୍ଯ୍ୟନ୍ତ ଆଇଟିଆଇ ପଡ଼ିଆରେ ହେବାକୁ ଥିବା ଜାତୀୟ ସ୍ତରର ଶିଳ୍ପ ଓ ବାଣିଜ୍ୟ ମେଳା 'ଏକ୍ସପୋ ଓଡ଼ିଶା-୨୦୨୪' ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏଥିରେ ଓଡ଼ିଶା ସମେତ ରାଜ୍ୟ ବାହାରୁ ବହୁ ଶିଳ୍ପ ଓ ବାଣିଜ୍ୟ ସଂସ୍ଥା, ଶିକ୍ଷାନୁଷ୍ଠାନ, କୁଟୀର ଶିଳ୍ପ, ଅଟୋମୋବାଇଲ ସଂସ୍ଥା, ହୋଟେଲ ଶିଳ୍ପ ନିଜ ନିଜର ଉତ୍ପାଦ ପ୍ରଦର୍ଶନ କରିବେ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିସିଆଇସିର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସ୍ଥାନୀୟ ଉଦ୍ୟୋଗ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବିସିଆଇସିର ସଭାପତି ଯୁବ ଶିଳ୍ପୋଦ୍ୟୋଗୀ ସଞ୍ଜୟ ଦାସ ଯୋଗଦେଇ ୬ ଦିନିଆ 'ଏକ୍ସପୋ ଓଡ଼ିଶା'ର ରୂପରେଖ ସମ୍ପର୍କରେ ଅବଗତ କରିଥିଲେ। ଏହି ଜାତୀୟସ୍ତରୀୟ ଶିଳ୍ପ ମେଳାରେ ଆଇଟିଆଇ ପଡ଼ିଆର କ୍ଷମତାକୁ ଦୃଷ୍ଟିରେ ରଖି ୩ଶହରୁ ୩୫୦ ଷ୍ଟଲ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ଏଥିରେ ମିଶନ ଶକ୍ତିର ୧୫ଟି ଷ୍ଟଲ ସହିତ ୧୨ଟି କୁଟୀର ଶିଳ୍ପ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ୨୦ଟି ଷ୍ଟଲ ରହିବ। ଫେବୃଆରୀ ୧ତାରିଖ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ମହିଳାମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେବ। ଏଥିରେ ବାଲେଶ୍ୱର ଜିଲ୍ଲାର ମହିଳା ଉଦ୍ୟୋଗୀମାନଙ୍କ ସହିତ ଜିଲ୍ଲା ପ୍ରଶାସନର ମହିଳା ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଦେବେ। ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳା, ସଙ୍ଗୀତ ଓ ନୃତ୍ୟ କଳାକାରଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରର ଖ୍ୟାତନାମା କଳାକାରମାନେ ଦର୍ଶକଙ୍କ ମନୋରଞ୍ଜନ କରିବେ। ଫେବୃଆରୀ ୩ ତାରିଖରେ ସୁନାମଧନ୍ୟ ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆ କାର୍ଯ୍ୟକ୍ରମ ପରିବେଷଣ କରିବେ। ୨୦ତମ ବର୍ଷରେ ପଦାର୍ପଣ ସହ ବାଲେଶ୍ୱର ଜିଲ୍ଲା ପାଇଁ ପରମ୍ପରା ସୃଷ୍ଟି କରିଥିବା ଏହି ଶିଳ୍ପ ମେଳା 'ଏକ୍ସପୋ ଓଡ଼ିଶା'ରେ ଅଧିକରୁ ଅଧିକ ସଂଖ୍ୟାକ ଯୋଗଦାନ ସହ ଏହାକୁ ସଫଳ କରିବାକୁ ଶ୍ରୀ ଦାସ ସମସ୍ତଙ୍କୁ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପ୍ରବନ୍ଧକ ପ୍ରଣବ କୁମାର ନାୟକ, ବିସିଆଇସି ସାଧାରଣ ସମ୍ପାଦକ ସୁନୀଲ କୁମାର ମୋଦି, ୱିମେନ ବିସିଆଇସିର ସୁପ୍ରିତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ଏକ୍ସପୋ ଓଡ଼ିଶା୨୦୨୪ ଆୟୋଜନ ନେଇ ନିଜସ୍ୱ ମତ ରଖିଥିଲେ। ଶେଷରେ ବିସିଆଇସିର ବିତବିଭାଗୀୟ ଅଧିକାରୀ ବିଷ୍ଣୁ ମାରୁ ଧନ୍ୟବାଦ ଦେଇଥିଲେ।



# ଓଆରଏଚ୍‌ଡିସି ଦୁର୍ନୀତି ମାମଲାରେ ପୁଣି ବିନୋଦକୁମାର ଦୋଷୀ ସାବ୍ୟସ୍ତ

**ଅନ୍ୟ ୫ ଜଣଙ୍କୁ ବି ୩ବର୍ଷ ଜେଲ୍ ଦଣ୍ଡ**

**ଭୁବନେଶ୍ୱର,୨୫ ।୧(ସମିସ):** ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ପୁଣି ଜେଲ୍ ଦଣ୍ଡାଦେଶ ହୋଇଛି । ଓଡ଼ିଶା ରୁରାଲ ହାଉସିଂ ଡେଭଲପମେଣ୍ଟ କର୍ପୋରେସନ୍ ଓଆରଏଚଡିସି ଦୁର୍ନୀତି ମାମଲାରେ ୩ବର୍ଷ କାରାବାସ ଓ ୫୦ ହଜାର ଟଙ୍କା ଜରିମାନା ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ । ଜରିମାନା ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବିନୋଦଙ୍କ ସହ ପୂର୍ବତନ କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଞ୍ଜନ ମହାପାତ୍ର, ପୂର୍ବତନ ଆକାଉଣ୍ଟ ଅଫିସର ପ୍ରଦୀପ ରାଉତ, ପୂର୍ବତନ କନିଷ୍ଠ ଲୋନ୍ ଅଫିସର ସତ୍ୟ ପ୍ରକାଶ ବେହେରା, ଏବଂ ପୂର୍ବତନ ସିଷ୍ଟମ ଆନାଲିଷ୍ଟ ଜ୍ଞାନେନ୍ଦ୍ର ସ୍ୱାଇଁ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇ ସମାନ ଦଣ୍ଡ ପାଇଛନ୍ତି ।


ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-212 ◆BHUBANESWAR ◆FRIDAY ◆26 JANUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୨ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୬ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦



DADLS-97

ଓଡ଼ିଶା ସରକାର

ରାଜ୍ୟସ୍ତରୀୟ

ସାଧାରଣତନ୍ତ୍ର ଦିବସ- ୨୦୨୪

ସ୍ଥାନ : ମହାତ୍ମାଗାନ୍ଧୀ ମାର୍ଗ, ଭୁବନେଶ୍ୱର

ସମୟ : ପୂର୍ବାହ୍ନ ଘ.୮.୩୦ମି.

ଓଡ଼ିଶାର ମାନ୍ୟବର ରାଜ୍ୟପାଳ

ଶ୍ରୀଯୁକ୍ତ ରଘୁବର ଦାସ

ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ ।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ସମ୍ମାନନୀୟ ଅତିଥି ଭାବେ ଯୋଗ ଦେବେ ।

ଜନସାଧାରଣ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ ।

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସର ସିଧା ପ୍ରସାରଣ ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ମଧ୍ୟ ଉପଲବ୍ଧ ହେବ ।

ନିର୍ଦ୍ଦେଶକ

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0294/2324


# ଅମୃତକାଳରେ ଶିଖର ଛୁଇଁବ ଭାରତ: ରାଷ୍ଟ୍ରପତି

**ନୂଆଦିଲ୍ଲୀ,୨୫ ।୧(ଏଜେନ୍ସି):** ଭାରତ ଏବେ ଅମୃତକାଳର ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି । କିନ୍ତୁ ଏହି କାଳରେ ଦେଶକୁ ଏକ ନୂଆ ଉଚ୍ଚତାରେ ପହଞ୍ଚାଇବାକୁ ଆମ ହାତରେ ସୁବର୍ଣ୍ଣ ସୁଯୋଗ ରହିଛି । ଏହି ଲକ୍ଷ୍ୟ ହାସଲ କରି ଦେଶକୁ ଶୀର୍ଷତ୍ୱ ଦେବା ଦିଗରେ ପ୍ରତ୍ୟେକ ନାଗରିକଙ୍କ ଯୋଗଦାନ ଜରୁରୀ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୫ତମ ଗଣତନ୍ତ୍ର ଦିବସ ଅବସରରେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ।

ଗଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ଜାତି ଉଦ୍ଦେଶ୍ୟରେ ନିଜର ବାର୍ତ୍ତାରେ ସେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ 'ମୁଁ ଯେତେବେଳେ ପଛକୁ ଚାହେଁ ଏବଂ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆମେ କେତେ ବାଟ ଆଗକୁ ଯାତ୍ରା କରିଛେ ତାହା ଦେଖେ, ସେତେବେଳେ ମୋ ହୃଦୟ ଗର୍ବରେ ପୂରିଉଠେ । ଆମ ସାଧାରଣତନ୍ତ୍ରକୁ ୭୫ବର୍ଷ ପୂରିବା ବାସ୍ତବରେ ଏକ ଐତିହାସିକ ଘଟଣା । ଆମ ଦେଶର ବିବିଧ ପ୍ରଗତି ଓ ଯାତ୍ରାପଥରେ ଏହା ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ । ଏହା ଏକ ସ୍ୱତନ୍ତ୍ର ଉତ୍ସବର ଅବକାଶ । ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆମେ ଆଜାଦିର ଅମୃତ ମହୋତ୍ସବ ପାଳନ କରିଥିଲେ । ଏହା ପରେ ସାଧାରଣତନ୍ତ୍ରର ୭୫ବର୍ଷ ପାଳନ କରିବା ଏକ ଗୌରବର ବିଷୟ । ବିଭିନ୍ନ ଦୃଷ୍ଟିରୁ ଏହା ଅନୁପମ ଏବଂ ବିବିଧ ସଂସ୍କୃତିରେ ଭରା ଆମ ଦେଶର ମହାନତାକୁ ପ୍ରତିପାଦନ କରେ ବୋଲି ରାଷ୍ଟ୍ରପତି କହିଛନ୍ତି । ଅମୃତକାଳକୁ ଏକ ଯୁଗାନ୍ତକାରୀ ପରିବର୍ତ୍ତନର ସମୟ ବୋଲି କହିବା ସହ ଗଣତନ୍ତ୍ର ଦିବସ ଆମର ମୌଳିକ ମୂଲ୍ୟବୋଧ ଏବଂ ନୀତିକୁ ମନେ ପକାଇବାର ଏକ ଗୁରୁତ୍ୱପୂର୍ଣ୍ଣ ଅବସର ବୋଲି ରାଷ୍ଟ୍ରପତି କହିଛନ୍ତି । ଆମ ରାଷ୍ଟ୍ର ଏବେ ଅମୃତକାଳର ଆଦ୍ୟ ଭାଗରେ ରହିଛି । ଏହି କାଳ ୨୦୪୭ ପର୍ଯ୍ୟନ୍ତ ଦେଶର ସ୍ୱାଧୀନତାର ଏକ ଶହ ବର୍ଷ ପୂର୍ତ୍ତି ଯାଏ ଚାଲିବ । ସୁତରାଂ ଏହା ଏକ ଯୁଗ ପରିବର୍ତ୍ତନର କାଳ । ଏହି ସମୟରେ ଦେଶକୁ ଏକ ନୂଆ ଶିଖରରେ ପହଞ୍ଚାଇବାକୁ ଆମକୁ ସୁବର୍ଣ୍ଣ ସୁଯୋଗ ମିଳିଛି । ଏହି ସମୟରେ ଆମର ଲକ୍ଷ ପୂରଣ ପାଇଁ ପ୍ରତ୍ୟେକ ନାଗରିକଙ୍କର ଅବଦାନ ରହିବ । ତେବେ ସମ୍ବିଧାନ ଅନୁସାରେ ପ୍ରତ୍ୟେକ ଯେଭଳି ନିଜର ମୌଳିକ ଦାୟିତ୍ୱ ନିର୍ବାହ କରନ୍ତି, ତାହା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ । ସ୍ୱାଧୀନତାର ଶତବାର୍ଷିକୀ ପୂର୍ତ୍ତି ଅବସରରେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଯେଉଁ ଲକ୍ଷ୍ୟ ରଖାଯାଇଛି, ତାହାକୁ ପୂରଣ କରିବା ପାଇଁ ପ୍ରତ୍ୟେକ ଭାରତବାସୀଙ୍କୁ ନିଜ ନିଜର କର୍ତ୍ତବ୍ୟ ପାଳନ କରିବାକୁ ପଡିବ ବୋଲି ରାଷ୍ଟ୍ରପତି କହିଛନ୍ତି ।


ସାଧାରଣତନ୍ତ୍ର ଦିବସରେ ବାର୍ତ୍ତା

ଅଯୋଧ୍ୟାରେ ଭଗବାନ ଶ୍ରୀରାମଙ୍କ ଜନ୍ମସ୍ଥାନରେ ନିର୍ମିତ ଭବ୍ୟ ମନ୍ଦିରରେ ସ୍ଥାପିତ ମୂର୍ତ୍ତିର ଐତିହାସିକ ପ୍ରାଣ ପ୍ରତିଷ୍ଠା ସମାରୋହ ଶେଷ ହୋଇଛି । ନ୍ୟାୟିକ ପ୍ରକ୍ରିୟାରେ ଏହା ସମ୍ଭବ ହୋଇପାରିଛି । ଏହା ଫଳରେ ନ୍ୟାୟିକ ପ୍ରକ୍ରିୟା ଉପରେ ଆମର ବିଶ୍ୱାସ ପ୍ରମାଣିତ ହୋଇଛି । ସେ କହିଛନ୍ତି ଯେ 'ନାରୀ ଶକ୍ତି ବନ୍ଦନ ଆଇନ' ମହିଳା ସଶକ୍ତୀକରଣର ଏକ ବୈପ୍ଳବିକ ମାଧ୍ୟମ ସାବ୍ୟସ୍ତ ହେବ । ଅକ୍ଷୟ ଶକ୍ତି ଉତ୍ସକୁ ପ୍ରୋତ୍ସାହିତ କରିବା ଏବଂ ବିଶ୍ୱ ଜଳବାୟୁ କାର୍ଯ୍ୟକୁ ନେତୃତ୍ୱ ପ୍ରଦାନ କରିବା ଦିଗରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି ରାଷ୍ଟ୍ରପତି କହିଛନ୍ତି ।

**୨୩୫ କୋଟି ମଞ୍ଜୁର କଲେ ସରକାର**

# ୫ ଜିଲ୍ଲାରେ ନିର୍ମାଣ ହେବ ୧୪ ସିଏଚ୍‌ସି

**ଭୁବନେଶ୍ୱର, ୨୫ ।୧(ସମିସ):** ରାଜ୍ୟର ୫ ଜିଲ୍ଲାରେ ୧୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଥିପାଇଁ ରାଜ୍ୟ ସରକାର ପ୍ରାୟ ୨୩୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କଟକ ଜିଲ୍ଲାର ବ୍ରହ୍ମପୁରା, କାନପୁର ଏବଂ ବିଦ୍ଧାଣିମାଠାରେ ସିଏଚ୍‌ସି ନିର୍ମାଣ କରାଯିବ । ବ୍ରହ୍ମପୁରା ସିଏଚ୍‌ସି ପାଇଁ ୧୭.୬୭ କୋଟି, କାନପୁର ସିଏଚ୍‌ସି ପାଇଁ ୧୬.୫୪ କୋଟି ଏବଂ ବିଦ୍ଧାଣିମା ସିଏଚ୍‌ସି ପାଇଁ ୧୬.୮୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ସେହିପରି ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ମଧ୍ୟଖଣ୍ଡ, ମହିପୁର ଓ ବଡ଼ପେଣ୍ଠସରାରେ ସିଏଚ୍‌ସି କୋଠା ନିର୍ମାଣ ପାଇଁ ୧୬.୮୦ କୋଟି ଟଙ୍କା ଲେଖାଏଁ ପାଣ୍ଠି ମଞ୍ଜୁର କରାଯାଇଛି । ଗଞ୍ଜାମ ଜିଲ୍ଲାର କୋଦଳା ଏବଂ ଖଲିକୋଟ ଠାରେ ସିଏଚ୍‌ସି ନିର୍ମାଣ ପାଇଁ ଯଥାକ୍ରମେ ୧୬.୬୭ କୋଟି ଏବଂ ୧୬.୭୬ କୋଟି ଟଙ୍କା ମଞ୍ଜୁର ହୋଇଛି ।







# ତିନି ବର୍ଷର ଶିଶୁପୁତ୍ରକୁ ଅପହରଣ

**ଭୋଗରାଇ, ୨୫।୧ (ସମିସ) :**



### ● ଦୁର୍ବୃତ୍ତଙ୍କ ଆକ୍ରମଣରେ ବାପା, ଜେଜେ ଓ ଦାଦା ଗୁରୁତର

୩ ବର୍ଷର କୁନି ପୁଅକୁ ତା'ର ମାମୁଁ ଓ ଅଜାଙ୍କ ସମେତ ୧୫ ଜଣ ଦୁର୍ବୃତ୍ତ ବାଇକରେ ଆସି ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଶିଶୁର ବାପା, ଜେଜେ ଓ ଦାଦା ଗୁରୁତର ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଏକ ଲିଖିତ ଏତଲା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ କୁସୁଟି ଗ୍ରାମରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ବାଲିଆପାଳ ଥାନା ଚୌମୁଖ ପଞ୍ଚାୟତ ଅନ୍ତର୍ଗତ କଙ୍କଡାପାଳ ଗ୍ରାମର ବୋଲି ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଭୋଗରାଇ ବ୍ଲକର କମର୍ଦ୍ଦା ଥାନା ଦାରୁହା ପଞ୍ଚାୟତ ଅନ୍ତର୍ଗତ କୁସୁଟି ଗ୍ରାମର ପ୍ରମଥ କୁମାର ଦେ ତାଙ୍କ ବଡପୁଅ ଅନୀଲକୁ ଗତ ୨୦୨୦ ମସିହାରେ ବାଲିଆପାଳ ଥାନା ଚୌମୁଖ ପଞ୍ଚାୟତ ଅନ୍ତର୍ଗତ କଙ୍କଡାପାଳ ଗ୍ରାମର ଗଦାଧର ଦାସଙ୍କ ଝିଅ ମନୀଷାଙ୍କ ସହିତ ସମ୍ପୂର୍ଣ୍ଣ ବୈଦିକ ରୀତିରେ ବିବାହ କରାଇଥିଲେ। ସେମାନଙ୍କ ଜଣେ ୩ ବର୍ଷର ପୁଅ ରହିଥିଲା ବେଳେ ମନୀଷା (୨୪) ପୁଣି ଗର୍ଭବତୀ ଥିବାରୁ ସେ ବାପ ଘରେ ରହି ପିଲାକୁ ଜନ୍ମ ଦେବାକୁ ଜିଦ୍ କରିଥିଲେ। ଫଳରେ ୬ ମାସ ପୂର୍ବେ ସ୍ୱାମୀ ଅନୀଲ ନିଜ ଗର୍ଭବତୀ ପତ୍ନୀ ମନୀଷାଙ୍କୁ ନେଇ ତାଙ୍କ ବାପ ଘର କଙ୍କଡାପାଳ ଗାଁରେ ଛାଡି ଆସିଥିଲେ। ତାଙ୍କର ୩ ବର୍ଷର ପୁଅ ବାପା ଓ ଜେଜେଙ୍କ ସହିତ ନିଜ ଘରେ ରହିଥିଲା। ଗତ ଶନିବାର ବାପ ଘରେ ଥାଇ ମନୀଷା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଖବର ପାଇ ରବିବାର ତାଙ୍କ ସ୍ୱାମୀ ଅନୀଲ, ଶାଶୁ ସୁମତି, ଶଶୁର ପ୍ରମଥ ଓ ଦିଅର ସୁଶୀଲ ତାଙ୍କ ଘରେ ପହଞ୍ଚି ମନୀଷାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝି ଫେରି ଆସିଥିଲେ। ମାତ୍ର ଗୁରୁବାର ସନ୍ଧ୍ୟାରେ ୮ ଟି ବାଇକରେ ମନୀଷାଙ୍କ ଭାଇ ଓ ବାପା ଗଦାଧରଙ୍କ ସମେତ ୩ ଜଣ ମହିଳା ଓ ୧୨ ଜଣ ଯୁବକ କୁସୁଟି ଗାଁରେ ପହଞ୍ଚି ଘରେ ଥିବା ଅନୀଲଙ୍କ ୩ ବର୍ଷର ପୁଅକୁ ଜୋରଜବରଦସ୍ତ ଅପହରଣ କରି ନେଉଥିବା ସମୟରେ ଘର ଲୋକେ ପ୍ରତିବାଦ କରିବାରୁ ଦୁର୍ବୃତ୍ତ ମାନେ ସାଙ୍ଗରେ ଆଣିଥିବା ଲୁହା ରଡ ଓ ଛୁରୀରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ମନୀଷାଙ୍କ ଶଶୁର ପ୍ରମଥ (୬୧)ଙ୍କ ମୁଣ୍ଡ ଫାଟି ଯାଇଥିଲା ବେଳେ କାନମୂଳ ଓ ଗଳାରେ କ୍ଷତ ସୃଷ୍ଟି ହୋଇଛି। ଏହାସହିତ ଦୁର୍ବୃତ୍ତଙ୍କ ଲୁହା ରଡ ମାଡ଼ ଓ ଛୁରୀ ଆକ୍ରମଣରେ ଅନୀଲ (୩୩)ଙ୍କ ଶରୀରର ବିଭିନ୍ନ ଅଂଶରେ ଗୁରୁତର ଏବଂ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହାସହିତ ଦିଅର ସୁଶୀଲ (୨୮) ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ପାଟିତୁଣ୍ଡ ଶୁଣି ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଦୁର୍ବୃତ୍ତ ମାନେ ଅନୀଲଙ୍କ ୩ ବର୍ଷର ପୁଅକୁ ଜୋରଜବରଦସ୍ତ ଅପହରଣ କରି ନେଇ ସେଠାରୁ ପଳାଇ ଯାଇଥିଲେ। ଗାଁ ଲୋକେ ଗୁରୁତର ଆହତ ମାନଙ୍କୁ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରିଛନ୍ତି। ଏହି ଘଟଣାକୁ ନେଇ ଶାଶୁ ସୁମତି କମର୍ଦ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲା ବେଳେ ଏହାକୁ ନେଇ ପୁଲିସ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

## କସବାଜୟପୁରରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ



**ଖନ୍ତାପଡ଼ା, ୨୫।୧ (ସମିସ):** ବାହାନଗା ବ୍ଲକ କସବାଜୟପୁର ଗ୍ରାମରେ ବିଜୁ ଜନତା ଦଳ ର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ବିଜୁ ଜନତା ଦଳର ବରିଷ୍ଠ ଜିଲ୍ଲା ଉପସଭାପତି ସନ୍ତୋଷ କୁମାର ଖଟୁଆ ଆନୁଷ୍ଠାନିକ ଭାବେ ଯୋଗଦେଇ ନୂତନ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଗ୍ରାମବାସୀଙ୍କ ସହିତ ବିଜେଡି ଆଗଧାଡିର ର କର୍ମୀ ମାନେ ଯୋଗ ଦେଇଥିବାର ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ବିଜେପି ଛାଡି ୪୦ ଜଣ ବିଜେଡିରେ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଦଳ ର କର୍ମୀ ମାନେ ୫ଟି ଦଳ କରି ପଞ୍ଚାୟତର ଘରକୁ ଘର ବୁଲି ସମସ୍ତଙ୍କ ସହିତ ଜନ ସମ୍ପର୍କ କରିବା ପାଇଁ ନିଜ ଶ୍ରୀ ଖଟୁଆ ପରମାର୍ଶ ଦେଇଥିଲେ। ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ବିଜେଡି ଦଳର କସବାଜୟପୁର ପଞ୍ଚାୟତ ସଭାପତି ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାପତି ଦାମୋଦର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ନାୟକ, ଦିଲ୍ଲୀପ ଦାସ, ଅରବିନ୍ଦ ଜେନା, ବେଣୁଧର ସ, ସୁରେନ୍ଦ୍ର ନାଥ କବି, ଜଗନ୍ନାଥ ଜେନା, ମୁରଲୀଧର ପାଢ଼ୀ, ଉପେନ୍ଦ୍ର ନାୟକ, ଏକାଦୁଶୀ ମଲ୍ଲିକ, ପ୍ରଶାନ୍ତ ପଣ୍ଡା, କାର୍ଯ୍ୟାଳୟ ଉଦଘାଟନ ଶେଷରେ ଗ୍ରାମ ର ଶତାଧିକ ମହିଳା ଏବଂ ପୁରୁଷ ବିଧାୟକ ପାର୍ଥୀ ସନ୍ତୋଷ ଖଟୁଆ ଙ୍କୁ ଭେଟି ଗ୍ରାମର ମୌଳିକ ସମସ୍ୟା ଏବଂ ଭିନ୍ନକ୍ଷମ ବ୍ୟକ୍ତି ଙ୍କ ସହ ଆଲୋଚନା କରିଥିଲେ।

### ● ନିର୍ମାଣାଧୀନ ମନ୍ମଥ-ମନୋଜ ସ୍ମାରକୀ ପୀଠରେ ତାଲା ପଡ଼ିବା ଘଟଣା

## ଗୌତମବୁଦ୍ଧ ଦାସଙ୍କ ସହ ଶ୍ରମିକଙ୍କ ଆଲୋଚନା ପରେ ଫିଟିଲା ତାଲା



**ଚନ୍ଦନେଶ୍ୱର, ୨୫।୧(ସମିସ):** ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଥାକାର ମନୋଜ ଦାସ ଓ ଐତିହାସିକ ମନ୍ମଥ ନାଥ ଦାସଙ୍କ ଶଙ୍ଖାରୀସ୍ଥିତ ପୈତୃକ ବାସଗୃହକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବା ପରେ ସେଠାରେ ସରକାରଙ୍କ ତରଫରୁ ନିର୍ମାଣ ଚାଲିଛି ମନ୍ମଥ-ମନୋଜ ସ୍ମାରକୀ ସ୍ମୃତି ପୀଠ। ଇନଟାକ ସଂସ୍ଥା ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ସ୍ମୃତିପୀଠ ଲୋକାର୍ପିତ ହେବ। ତେବେ ନିର୍ମାଣାଧୀନ ଏହି ପ୍ରକଳ୍ପରେ କାର୍ଯ୍ୟରତ କିଛି କୁଶଳୀ ଶ୍ରମିକଙ୍କ ପାରିଶ୍ରମିକ ବାକି ଥିବାରୁ କିଛିଦିନ ତଳେ ଅଭିମାନରେ ସେମାନେ ତାଲା ପକାଇ ଦେଇଥିବା ବେଳେ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ସ୍ୱର୍ଗତ ମନ୍ମଥ ଦାସଙ୍କ ପୁତ୍ରବଧୂ ରଞ୍ଜିତା ଦାସ, ବିଜୁଜନତା ଦଳର ମୁଖପାତ୍ର ଗୌତମ ବୁଦ୍ଧ ଦାସଙ୍କୁ ଅବଗତ କରିଥିବା ବେଳେ ଶ୍ରୀ ଦାସ ଆଜି ଉକ୍ତ ସ୍ମୃତିପୀଠକୁ ବୁଲି ଆସିଥିବାବେଳେ ସ୍ଥାନୀୟ ଜନପ୍ରତିନିଧି, ଗ୍ରାମବାସୀ ତଥା ସମ୍ପୃକ୍ତ ଶ୍ରମିକମାନଙ୍କ ସହ ଆପୋଷ ଆଲୋଚନା କରିଥିଲେ। ଶେଷରେ ଉପୁଜିଥିବା ସମସ୍ୟାର ସମାଧାନ ହୋଇଥିଲା। ଏହି ଆଲୋଚନା ବେଳେ ସମାଜସେବୀ ସୁଶାନ୍ତ ନାୟକ, ପ୍ରବୀର ଦାସ, ତଥା ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

### ମୋ ସ୍କୁଲ ଅଭିଯାନ ଟଙ୍କା ହଡ଼ପ ଅଭିଯୋଗ

## ବିଦ୍ୟାଳୟରେ ଖାତାପତ୍ର ଯାଞ୍ଚିକଲେ ତଦନ୍ତକାରୀ ଅଧିକାରୀ



**ଖଇରା, ୨୫।୧ (ସମିସ):** ଖଇରା ବ୍ଲକ ଅଧୀନରେ ବିଭିନ୍ନ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନରେ ଜମା ହୋଇଥିବା ଅର୍ଥକୁ ପ୍ରଧାନଶିକ୍ଷକ ମାନେ ହଡପ କରିଥିବା ଏବଂ ଏହି ଅର୍ଥ ର ପରିମାଣ ୧୦କୋଟିରୁ ଉର୍ଦ୍ଧ ଥିବା ବେଳେ ଅଭିଯୋଗ ପରେ ଡିସେମ୍ବର ୮ତାରିଖରୁ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ଟିମ୍‌ର ମୁଖ୍ୟଭାବେ ଔପଦା ଗୋଷ୍ଠୀ ଶିକ୍ଷାଧିକାରୀ ନରାୟଣ ପ୍ରସାଦ ଦାସ ପ୍ରଥମେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଖାତାପତ୍ର ଯାଞ୍ଚ ପରେ ଗୁରୁବାର ବିଭିନ୍ନ ବିଦ୍ୟାଳୟକୁ ଯାଇ କାଗଜପତ୍ର ଯାଞ୍ଚ କରିଛନ୍ତି। ପ୍ରଥମେ ଜଳଦା ନୋଡାଲ ୟୁପି ଓ ପରେ ପରେ ରାଇକୁଳା ପ୍ରାଇମେରୀ ସ୍କୁଲ, କୁରୁଣ୍ଟା ହାଇସ୍କୁଲ ଓ ଖଇରା ପ୍ରାଇମେରୀ ସ୍କୁଲ ଗସ୍ତ କରି ତଦନ୍ତ କାର୍ଯ୍ୟକୁ ପରିବ୍ୟାପ୍ତ କରିଛନ୍ତି। ଏହି ବିଦ୍ୟାଳୟ ଗୁଡିକରେ ମୋ ସ୍କୁଲ ଅଭିଯାନ ଅର୍ଥରୁ ହୋଇଥିବା ଖର୍ଚ୍ଚକୁ ତର୍ଜମା କରିବା ସହ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଅଧିକାରୀ ଶ୍ରୀଦାସଙ୍କୁ ପଚାରିବାରେ ତଦନ୍ତ ସମ୍ପୂର୍ଣ୍ଣ ପାଇଁ ଆହୁରୀ କାମ ବାକି ଅଛି। ସରିବା ପରେ ଉପରିସ୍ଥ ଅଧିକାରୀଙ୍କୁ ବୃତାନ୍ତ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି। ଖଇରା ବ୍ଲକରେ ପାଖାପାଖି ୩ଶହ ବିଦ୍ୟାଳୟ ମଧ୍ୟରୁ ୮୦ଭାଗ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମାନେ ବ୍ୟକ୍ତିଗତ ଉଦ୍ୟମ ରେ କିଛି ସହକାରୀ ଶିକ୍ଷକ ଓ ସମ୍ପର୍କୀୟମାନଙ୍କ ଠାରୁ ସୁଧରେ ଅର୍ଥଆଣି ଆକାଉଣ୍ଟରେ ଜମାକରି ସରକାରଙ୍କ ଠାରୁ ୨ଗୁଣ ଅର୍ଥ ମିଳିବା ପରେ ମୂଳଭାଗକୁ ରଖି ମିଳିଥିବା ସରକାରୀ ଅର୍ଥକୁ ନିଜ ମଧ୍ୟରେ ଭାଗ କରିନେଇଥିଲେ। ବ୍ଲକ ଓ ଜିଲା ଅଧିକାରୀଙ୍କୁ ଖୁସି କରିବାକୁ ଦାମି ଗାଡି ଓ ଜମି ମଧ୍ୟ ଉପହାର ଦିଆଯାଇଥିବା ଅଭିଯୋଗ ହୋଇଥିଲା। ପ୍ରାୟ ସମସ୍ତ ବିଦ୍ୟାଳୟ ୩ ପର୍ଯ୍ୟାୟରେ ଅର୍ଥ ଉଠାଇଥିବା ବେଳେ ପ୍ରଥମ ୨ପର୍ଯ୍ୟାୟର ଅର୍ଥକୁ ଲୁଟ କରିବା ପରେ ଶେଷ ପର୍ଯ୍ୟାୟ ଅର୍ଥରେ କିଛି ପ୍ରକଳ୍ପ ନିର୍ମାଣ କରି ଅଭିଭାବକ, କମିଟି ସଭ୍ୟଙ୍କୁ ଚକମା ଦେଇଥିବାର ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ନିକଟରେ ଅଭିଯୋଗ ପରେ ଭିଜିଲାନ୍ସ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷାଅଧିକାରୀଙ୍କ ଚିଠି ଅନୁଯାୟୀ ଔପଦା ବିଇଓଙ୍କୁ ତଦନ୍ତଭାର ପ୍ରଦାନ କରାଯାଇଥିଲା।

## ନିଆଁ ପୋଉଁ ଥିବା ବେଳେ ଜଳିଗଲେ ମହିଳା

**ରୂପସା, ୨୫।୧ (ସମିସ):** କିଛି ଦିନ ଧରି ପ୍ରବଳ ଶୀତ ପଡ଼ିଥିବା ବେଳେ ଏଥିରୁ ତ୍ରାହି ପାଇବା ପାଇଁ ନିଆଁ ପୋଉଁ ଥିବା ଅବସ୍ଥାରେ ଅସାବଧାନତା ଯୋଗୁଁ ମହିଳା ଜଣକ ଜଳିଯାଇଛନ୍ତି। ଏଭଳି ଘଟଣା ଆଜି ରୂପସା ଥାନା ଆଗମୌଦା ଗାଁରେ ଘଟିଛି। ଏହି ଗ୍ରାମ ନିବାସୀ କାର୍ତ୍ତିକ ସେଠୀଙ୍କ ସ୍ତ୍ରୀ ଦମୟନ୍ତୀ ନିଆଁରେ ପୋଡ଼ି ଗୁରୁତର ହୋଇ ପ୍ରଥମେ ରୂପସା ଡାକ୍ତର ଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ। ମାତ୍ର ଡାକ୍ତରଙ୍କ ପ୍ରଚେଷ୍ଟା ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା ସମ୍ଭବ୍ ହୋଇନଥିଲା।

## ୩୦ରୁ ଔପଦା ଆଞ୍ଚଳିକ ମହୋତ୍ସବ




**ଔପଦା, ୨୫।୧ (ସମିସ):** ଔପଦା ଆଞ୍ଚଳିକ ମହୋତ୍ସବ ଆନୁକୂଲ୍ୟରେ ଚଳିତ ବର୍ଷ ଜାନୁଆରୀ ୩୦ରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ଆଜି ଏ ନେଇ ଅପରାହ୍ନ ୩ଟାରେ ତଳକିଆ ପଞ୍ଚାୟତ ସଭା ଗୃହ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୯ ତାରିଖ ପୂର୍ବାହ୍ନ ୯ ଘଟିକା ସମୟରେ ମିଶନ ଶକ୍ତି ସହଯୋଗରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧିତ କରାଯିବ। ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ମେଗା ଅଡିସନ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସରିଛି। ଏହି ମେଗା ଅଡିସନ ରେ କୃତି ପ୍ରତିଯୋଗୀ ମାନଙ୍କୁ ମହୋତ୍ସବ ମଞ୍ଚ ରେ ନୃତ୍ୟ ସଙ୍ଗୀତ ପରିବେଷଣ କରିବା ପାଇଁ ସୁଯୋଗ ଦେବା ସହ ସେମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧନା କରାଯିବ। ପ୍ରତ୍ୟେକ ଦିନ ବହୁ ନାମୀ ଦାମୀ ସିନେ ତାରକା, ଧାରାବାହିକ ନାୟକ ନାୟିକା, ହାସ୍ୟ ଅଭିନେତା, ବିଶିଷ୍ଟ କଣ୍ଠ ଶିଳ୍ପୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ। ମହୋତ୍ସବ ଉଦ୍ଦେଶ୍ୟରେ ମାଟିର ମହକ ସ୍ମରଣୀକା ପ୍ରକାଶ ପାଇବ ବୋଲି କମିଟି ତରଫରୁ କୁହାଯାଇଛି। ମହୋତ୍ସବ କମିଟି ସଭାପତି ଆଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜି ଏହି ସମ୍ମିଳନୀରେ କମିଟି ସାଧାରଣ ସମ୍ପାଦକ ନରହରି ନାୟକ, ଉପସଭାପତି ହରିହର ଜେନା, ସମ୍ପାଦକ ଶ୍ରୀକାନ୍ତ ପଣ୍ଡା, ପ୍ରୋଗ୍ରାମ କୋର୍ଡିନେଟର ଜୟଶ୍ରୀ ବେହେରା, ମିଡିଆ କୋର୍ଡିନେଟର ବିଶ୍ୱରଞ୍ଜନ ବେହେରା, କମିଟି ଉପଦେଷ୍ଟା ନିରଞ୍ଜନ ପ୍ରସାଦ ବାରିକ, କିଶୋର ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପଣ୍ଡା, ରମେଶ ମହାକୁଡ଼, ଶଶୀକାନ୍ତ ବେହେରା, ସୁଦର୍ଶନ ଯେନା, ସଞ୍ଜୟ ରାଉତ, ଜଗଦୀଶ ସାହୁ, ସୁଧାଂଶୁ ପଟ୍ଟନାୟକ, ଅଭିମନ୍ୟୁ ତ୍ରିପାଠୀ, ଗୟାଧର ମଲ୍ଲିକ, ପୁରସ୍ତମ୍ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ




**ସୋର, ୨୫।୧(ସମିସ):** ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ନୂଆ -ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଗଜେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ନୂଆ-ଓ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସଫଳତାକୁ ଦୋହରାଇଥିଲେ। ନୂଆ -ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରାଧ୍ୟାପକ ସୁଶାନ୍ତ କୁମାର ଦେ ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ। ନୂଆ-ଓ ଓଡ଼ିଆ ସାହିତ୍ୟର ନୋଡାଲ ଅଫିସର ଡ଼. ଅମ୍ବରୀଶ ଦିଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଦୃଷ୍ଟିଭଙ୍ଗୀ ଉପସ୍ଥାପନା କରିଥିଲେ। ଛାତ୍ରୀ ଅଙ୍କିତା ଗିରି ଜଗନ୍ନାଥ ଅଷ୍ଟକମ ସ୍ତୋତ୍ରମ ପାଠ କରିଥିବା ବେଳେ ଛାତ୍ରୀ ସ୍ୱପ୍ନାରାଣୀ ଏବଂ ନମସ୍ୟା ଓଡ଼ଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁଶାନ୍ତ କୁମାର ମହାଳିକ, ଡ଼. କୃଷ୍ଣଚନ୍ଦ୍ର ଦାସ, ରାଜଶ୍ରୀ ବେହେରା, ପ୍ରଭାସ ରଞ୍ଜନ ଜେନା, ସୂର୍ଯ୍ୟକାନ୍ତ ମିଶ୍ର, ନରେନ୍ଦ୍ର କୁମାର ମହାଳିକ, ଶିବୁ ଭୌମିକ, ଉତ୍ତମ ରାଉତ, ରାଧାଶ୍ୟାମ ବିଶ୍ୱାଳ, ସରୋଜ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ପ୍ରାଧ୍ୟାପକ, ପ୍ରାଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପନୀ ସମାରୋହ

ରୂପସା, ୨୫।୧ (ସମିସ): ରାଜ୍ୟ ସରକାରଙ୍କ ନୂଆ-ଓ ଯୋଜନା ଆନୁକୂଲ୍ୟରେ ରୂପସା ନୀଳମଣି ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ ତପନ କୁମାର ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରି ଆମ ଓଡ଼ିଆ ଭାଷା, ସାହିତ୍ୟ ଆମ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ଆଣିଦେଇଛି ବୋଲି କହିଥିଲେ। ମୁଖ୍ୟ ଅତିଥି ବିଧାୟକ ସ୍ୱରୂପ କୁମାର ଦାସ ଯୋଗ ଦେଇ ସ୍କୁଲ କଲେଜରେ ପିଲାମାନଙ୍କ ମଧ୍ୟରେ ଆମ ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ଆଗ୍ରହ ରହିଲେ ଆମ ଓଡ଼ିଆ ଜାତି ସମୃଦ୍ଧ ହେବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ଅଧିକାରୀ ସରୋଜ କୁମାର ପାଣି ଓ ଅଧ୍ୟାପିକା ନୀଳିମା ପାତ୍ର ଯୋଗ ଦେଇଥିଲେ। ଯୁକ୍ତ ୩ ନୋଡାଲ ଅଫିସର ଅଧ୍ୟାପକ ହରେନ୍ଦ୍ର ଗାଁଣ ଓ ଯୁକ୍ତ ୨ ନୋଡାଲ ଅଫିସର ଅଧ୍ୟାପକ ଶ୍ରୀଧର ବେହେରା ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ପିନାକ୍ଷୀ ପଣ୍ଡା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ ପୂର୍ବକ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପିକା ପିନାକ୍ଷୀ ପଣ୍ଡା ଓ ରଶ୍ମିତା ମହାପାତ୍ର, ଅଧ୍ୟାପକ ଚନ୍ଦନ କୁମାର ଦାସ ଓ ପ୍ରଶାନ୍ତ ସିଂଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଶମ୍ଭୁନାଥ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।




## ଉମାକାନ୍ତ ରାଧିକା ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର

**ସୋର, ୨୫।୧(ସମିସ) :** ସୋର ବ୍ଲକ ସାଜନପୁର ପଞ୍ଚାୟତ ଶିରାପୁର ଗ୍ରାମର ଉମାକାନ୍ତ ରାଧିକା ଫାଉଣ୍ଡେସନର ନବମ ବାର୍ଷିକ କ୍ରୀଡା ଉତ୍ସବ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶିରାପୁର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସୋର ମହୋତ୍ସବ କମିଟିର ସମ୍ପାଦକ ଅଜିତ କୁମାର ନାୟକ, ଗୟାଧର



ସାହୁ, କବିନ୍ଦ୍ର ପଣ୍ଡା ଉପସ୍ଥିତ ରହି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଯୁବ ସାମ୍ବାଦିକ ନିରଞ୍ଜନ ବେହେରା ଉପସ୍ଥିତ ରହି ରକ୍ତଦାନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରୁ ମୋଟ ୩୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାଲେଶ୍ୱର ରକ୍ତ ଭଣ୍ଡାରରୁ ଆସିଥିବା ଏକ ଡାକ୍ତରୀ ଟିମ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରକୁ ରଞ୍ଜିତ ବେହେରା, କିରଣ ରାଉତ, ପୁଣ୍ୟଶ୍ଳୋକ ରାଉତ, ପ୍ରୀତମ ବେହେରା, ଜ୍ଞାନରଞ୍ଜନ ବେହେରା, ପାର୍ଥସାରଥୀ ପରମାଣିକ, ଜ୍ୟୋତିପ୍ରକାଶ ଦୀକ୍ଷିତ, ଗୌରାଙ୍ଗ ନାୟକ, ଅବିନାଶ ବେଜ, ଜୀବନ ଦାଶ, ତାପସ କୁମାର ପାତ୍ର, ସନ୍ତୋଷ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।















ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-212 ♦BHUBANESWAR ♦FRIDAY ♦26 JANUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୧୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୬ ଜାନୁଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦

## ଲୋକସେବା ଭବନରେ ଜାତୀୟ ଭୋଟର ଦିବସ ସଂକଳ୍ପ ପାଠ

**ଭୁବନେଶ୍ୱର,୨୫ ।୧(ସମିସ):** ୧୪ ତମ ଜାତୀୟ ମତଦାତା ଦିବସ ଉପଲକ୍ଷେ ଆଜି ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସଂକଳ୍ପ ପାଠ କରାଇଥିଲେ। ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତିବର୍ଷ ଜାନୁଆରୀ ୨୫ ତାରିଖରେ ଜାତୀୟ ମତଦାତା ଦିବସ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି 'ମତଦାନର ବିକଳ୍ପ ନାହିଁ, ମୁଁ ନିଶ୍ଚିତ ଭାବେ ମତଦାନ କରିବି'। ଜାତୀୟ ଭୋଟର ଦିବସର ସଂକଳ୍ପ ଅନୁସାରେ ଭାରତର ନାଗରିକ ଭାବରେ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି, ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି ନିର୍ଭିକ ହୋଇ ଜାତି, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବା ନିମନ୍ତେ ଶ୍ରୀ ଜେନା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶାରୁ ଚାରି ଜଣଙ୍କୁ ପଦ୍ମଶ୍ରୀ

**ଭୁବନେଶ୍ୱର, ୨୫।୧ (ସମିସ):** ଆସନ୍ତାକାଲି ସାରା ଦେଶ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିବାକୁ ଯାଉଥିବା ବେଳେ ଗୁରୁବାର କେନ୍ଦ୍ର ସରକାର ପଦ୍ମ ପୁରସ୍କାର ଘୋଷଣା କରିଛନ୍ତି। ତାଲିକାରେ ୫ଜଣଙ୍କୁ ପଦ୍ମବିଭୂଷଣ, ୧୭ଜଣଙ୍କୁ ପଦ୍ମଭୂଷଣ ସମ୍ମାନ ମିଳିବା


ଭାଗବତ ପ୍ରଧାନ


ଗୋପୀନାଥ ସ୍ୱାଇଁ


ବିନୋଦ ପଶାୟତ


ବିନୋଦ ମହାରଣା

ନେଇ ଘୋଷଣା କରାଯାଇଛି। ସେହିପରି ୧୧୦ଜଣ ବ୍ୟକ୍ତିବିଶେଷ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବାବେଳେ ଏଥିରେ ଓଡ଼ିଶାରୁ ୪ ଜଣ ବ୍ୟକ୍ତି ଅଛନ୍ତି। ସେମାନେ ହେଲେ, ଗଞ୍ଜାମ ଜିଲ୍ଲାର ଗୋପୀନାଥ ସ୍ୱାଇଁ ଓ ବରଗଡ଼ ଜିଲ୍ଲାର ଭାଗବତ ପ୍ରଧାନ, ପୁରୀର ବିନୋଦ ମହାରଣା ଏବଂ ସମ୍ବଲପୁରର ବିନୋଦ କୁମାର ପଶାୟତ।

ସୂଚନାଯୋଗ୍ୟ ଯେ, ପାରମ୍ପରିକ ଶୈଳୀରେ କୃଷ୍ଣଲୀଳାକୁ ଲୋକପ୍ରିୟତା କରାଇବାରେ ଗୋପୀନାଥ ସ୍ୱାଇଁ ପ୍ରମୁଖ ଭୂମିକା ରହିଛି। ବର୍ତ୍ତମାନ ସେ ୧୦୫ବର୍ଷରେ ପଦାର୍ପଣ କରିଥିବା ବେଳେ ବାଲ୍ୟକାଳରୁ ସେ କୃଷ୍ଣଲୀଳା ଉପରେ କାର୍ଯ୍ୟ କରି ଆସୁଛନ୍ତି। ସେହିଭଳି

**କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମିଳିବ ସମ୍ମାନ**

୮୫ ବର୍ଷୀୟ ଶ୍ରୀ ପ୍ରଧାନ ପିଲାବେଳୁ ଶବ୍ଦ ନୃତ୍ୟ ଲୋକନୃତ୍ୟର ପ୍ରଚାର ପ୍ରସାର କରି ଆସୁଛନ୍ତି। ସେ ଦୀର୍ଘ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଗଣେଶ ତାଣ୍ଡବ, ଶିବ ତାଣ୍ଡବ ଓ କାଳୀ ତାଣ୍ଡବ ଭଳି ଶବ୍ଦନୃତ୍ୟର ପ୍ରଚାର ପ୍ରସାର ପାଇଁ ଓଡ଼ିଶାର ବିଭିନ୍ନ ଗ୍ରାମାଞ୍ଚଳ ଓ ରାଜ୍ୟ ବାହାରକୁ ଯାଇ ପରିବେଷଣ କରୁଛନ୍ତି। ସେ ବରଗଡ଼ ଜିଲ୍ଲା କୁମ୍ଭାରୀରେ ଜନ୍ମ ଗ୍ରହଣ କରିଥିବାବେଳେ ବାଲ୍ୟକାଳରୁ ଶବ୍ଦ ନୃତ୍ୟ ପ୍ରତି ସମର୍ପିତ। ସେହିପରି ସଙ୍ଗୀତକାର ଭାବେ ବିନୋଦ ପଶାୟତ ଏବଂ ପଟ୍ଟଚିତ୍ର ଶିଳ୍ପୀ ଭାବେ ବିନୋଦ ମହାରଣାଙ୍କ ଉତ୍କର୍ଷତାକୁ ଉପଲକ୍ଷ୍ୟ କରି କେନ୍ଦ୍ର ସରକାର ଉଭୟଙ୍କୁ ପଦ୍ମଶ୍ରୀ ପାଇଁ ମନୋନୀତ କରିଛନ୍ତି।

# ଆଞ୍ଚଳିକ ଭାଷାରେ ପଢ଼ିବେ ଉଚ୍ଚ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୨୪।୧(ସମିସ):** ଉଚ୍ଚଶିକ୍ଷା ପ୍ରଦାନରେ ସମସ୍ତ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ପାଠ୍ୟଖସଡ଼ା ଓ ପ୍ରଶିକ୍ଷଣ ବ୍ୟବସ୍ଥା ଉପଲବ୍ଧ କରାଇବା ନେଇ ନିଷ୍ପତ୍ତି କରାଯାଇଛି। ଏହିକ୍ରମରେ ଦେଶର ପ୍ରତ୍ୟେକ ରାଜ୍ୟରେ ସେହି ରାଜ୍ୟର ଆଞ୍ଚଳିକ ଭାଷାରେ ପାଠ ପଢ଼ିବେ ଛାତ୍ରଛାତ୍ରୀ। ଏହାର କାର୍ଯ୍ୟାନ୍ୱୟନ ପାଇଁ ୟୁଜିସି ଓ ଭାରତ ଭାଷା ସମିତି ମିଳିତ ଭାବେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛନ୍ତି। ପ୍ରଶିକ୍ଷଣ ନେବା ପାଇଁ ବିଜ୍ଞାନ ଓ ବାଣିଜ୍ୟ କିମ୍ବା ସାମାଜିକ ବିଜ୍ଞାନ ବିଭାଗରୁ ପ୍ରାଧ୍ୟାପକ ବା ସହକାରୀ ପ୍ରାଧ୍ୟାପକ ଶ୍ରେଣୀୟ ଦୁଇଜଣ ବରିଷ୍ଠ ଅଧ୍ୟାପକଙ୍କ ନାମ ପ୍ରସ୍ତାବ ଦେବାକୁ ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଜାନୁଆରୀ ୩୧ ତାରିଖ ମଧ୍ୟରେ ଏହା ୟୁଜିସିକୁ ପ୍ରଦାନ କରିବେ। ସମସ୍ତ ବିଷୟବସ୍ତୁକୁ ଆଞ୍ଚଳିକ ଭାଷାରେ ପଢ଼ାଇବା ପାଇଁ ସେମାନେ ପ୍ରଶିକ୍ଷଣ ନେବା ପରେ 'ମାଷ୍ଟର ଟ୍ରେନର୍' ଭାବେ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କଲେଜଗୁଡ଼ିକରେ କାର୍ଯ୍ୟକାରୀ କରିବେ।

ଅନେକ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ଭାଷାରେ ବୁଝିବାରେ ଅସୁବିଧା ହେଉଛି। ୟୁଜିସିର ଏହି ନିୟମ କାର୍ଯ୍ୟକାରୀ ହେବା ପରେ ସେମାନେ ଆଞ୍ଚଳିକ ଭାଷାରେ ପଢ଼ିପାରିବେ। ଏହା ସେମାନଙ୍କୁ ବୁଝିବାରେ ସହଜ ହେବ। ସେହିପରି ଭାରତୀୟ ଭାଷାର ବ୍ୟବହାର ବୃଦ୍ଧି ପାଇବା ସହ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ମୋଟାମୋଟି ନାମଲେଖା ଅନୁପାତ(ଗ୍ରସ୍ ଏନରୋଲମେଣ୍ଟ ରେସିଓ-ଜିଇଆର୍)ରେ ଉନ୍ନତି ଆସିବ। ଏହି ଲକ୍ଷ୍ୟରେ ୟୁଜିସି ଏହି ନିୟମ ଆଣିବାକୁ ଯାଉଥିବା କୁହାଯାଉଛି। ଏ କ୍ଷେତ୍ରରେ ଅଥେନଟିକ୍ ଟର୍ମିନୋଲୋଜି, ଷ୍ଟାଣ୍ଡାର୍ଡ ଲାଙ୍ଗୁଏଜ୍, ମେସିନ ଅନୁବାଦ, ଟେକ୍ସଟ ଏଡିଟିଂ, ବହୁଭାଷା ଶିକ୍ଷାଦାନ ପରି ସମସ୍ୟା ରହିଛି। ଏହାକୁ ଦୂର କରିବାକୁ ୟୁଜିସି ଓ ଭାରତ ଭାଷା ସମିତି ଆସନ୍ତା ଫେବ୍ରୁଆରୀରୁ ମାର୍ଚ୍ଚ ମଧ୍ୟରେ ଦୁଇଦିନିଆ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି।

■ କେନ୍ଦୁଝରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ବଡ଼ ପଦକ୍ଷେପ

## ୫୧ଟି ଡିଜିଟାଲ୍ ଡିସ୍‌ପେନ୍‌ସାରି କାର୍ଯ୍ୟକ୍ଷମ

**କେନ୍ଦୁଝର, ୨୫ ।୧(ସମିସ):** ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ସହାୟତାରେ କେନ୍ଦୁଝର ଜିଲ୍ଲାର ୧୧ଟି ବ୍ଲକ୍‌ରେ ଆଉ ୫୧ଟି ନୂତନ ଡିଜିଟାଲ୍ ଡିସ୍‌ପେନ୍‌ସାରି ବା ଡିଜିଟାଲ୍ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇଛି। ଗୁରୁବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଭର୍ଚୁଆଲ ଯୋଗେ ଉପରୋକ୍ତ ୫୧ଟି ଡିଜିଟାଲ ଡିସ୍‌ପେନ୍‌ସାରି ଉଦ୍‌ଘାଟନ ସହ କାର୍ଯ୍ୟକ୍ଷମ ହୋଇଛି। ପ୍ରକାଶଯୋଗ୍ୟ ଯେ ୨୦୧୭ ପରଠାରୁ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ୧୫ଟି ଡିଜିଟାଲ୍ ଡିସ୍‌ପେନସାରି ଖୋଲାଯାଇ ଦୁର୍ଗମ ଅଞ୍ଚଳରେ ରୋଗୀମାନଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ପ୍ରଦାନ କାର୍ଯ୍ୟ ଜାରି ରହିଥିଲା। ବର୍ଷ ୨୦୨୩ ଶେଷ ସୁଦ୍ଧା ୭ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀ ଏହି ଡିଜିଟାଲ୍ ଡିସ୍‌ପେନସାରିକୁ ଆସି ସ୍ୱାସ୍ଥ୍ୟ ପରାମର୍ଶ ଗ୍ରହଣ କରିଛନ୍ତି। ଏଣୁ ଜିଲ୍ଲାରେ ଅଧିକ ସଂଖ୍ୟାରେ ଏହିପରି କେନ୍ଦ୍ର ଖୋଲିବା ଦିଗରେ କାର୍ଯ୍ୟ ଜାରି ରହିଥିଲା। ଗୁରୁବାର କାର୍ଯ୍ୟକ୍ଷମ ହୋଇଥିବା ୫୧ଟି କେନ୍ଦ୍ରକୁ ମିଶାଇ ଜିଲ୍ଲାରେ ମୋଟ ଡିଜିଟାଲ୍ ଡିସପେନସାରି ସଂଖ୍ୟା ୬୬ରେ ପହଞ୍ଚିଛି। ପ୍ରତି ଡିଜିଟାଲ୍ ଡିସପେନସାରିରେ ଜଣେ ଲେଖାଁଏ ଫାର୍ମାସିଷ୍ଟ, ଜିଏନ୍‌ଏମ୍ ନର୍ସ, ଲ୍ୟାବ୍ ଟେକ୍ନିସିଆନ୍ ଏବଂ ଜେନେରାଲ ଆସିଷ୍ଟାଣ୍ଟ; ଏହିଭଳି ୪ଜଣ କର୍ମଚାରୀ ନିଯୁକ୍ତ ଅଛନ୍ତି। ଦୂରରେ ଥିବା ବିଶେଷଜ୍ଞ ଡାକ୍ତର (ଏମବିବିଏସ୍)ଙ୍କଠାରୁ ରୋଗୀମାନେ ଏଠାରେ ମାଗଣାରେ ଭର୍ଚୁଆଲ ଯୋଗେ ପରାମର୍ଶ ଗ୍ରହଣ କରିଥାନ୍ତି। ଡାକ୍ତରଙ୍କ ପରାମର୍ଶ ମୁତାବକ ଡିଜିଟାଲ୍ ଡିସ୍‌ପେନସାରିରେ ରୋଗୀମାନଙ୍କର ବିଭିନ୍ନ ପରୀକ୍ଷା (ରକ୍ତଚାପ, ହେମୋଗ୍ଲୋବିନ୍, ବ୍ଲଡ୍ ସୁଗାର, ପାଥୋଲୋଜି ଟେଷ୍ଟ ଇତ୍ୟାଦି) କରାଯାଇ ଟେଷ୍ଟ ରିପୋର୍ଟ ଆଧାରରେ ସମ୍ପୂର୍ଣ୍ଣ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଡିପିଏମ୍ ନିତ୍ୟରଞ୍ଜନ ବରାଳ, ଆପୋଲୋର ପରିଚାଳନା ଓ କ୍ରିୟାନ୍ୱୟନର ଜାତୀୟ ମୁଖ୍ୟ ତାମିଲ ମାରନ, ଡିଏମ୍‌ଏଫ୍ ବରିଷ୍ଠ ପ୍ରକଳ୍ପ ଅଧିକାରୀ ଡା. ଅନାର ସିଂ, ଏବଂ ଆପୋଲୋ ଡିଜିଟାଲ୍ ଡିସ୍‌ପେନସାରି ପ୍ରକଳ୍ପ ମୁଖ୍ୟ ଗଣେଶ ପେଟକାର ପ୍ରମୁଖ ଯୋଡ଼ି ହୋଇଥିବା ବେଳେ ୫୧ଟି ଡିଜିଟାଲ୍ ଡିସପେନସାରିରୁ କର୍ମଚାରୀମାନେ ଭର୍ଚୁଆଲ ଯୋଗେ ସାମିଲ୍ ହୋଇଥିଲେ। ସୂଚନାଯୋଗ୍ୟ ଯେ ଡିଜିଟାଲ ଡିସ୍‌ପେନସାରି ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବା ବେଳେ ଅଗମ୍ୟ ଅଞ୍ଚଳର ଲକ୍ଷାଧିକ ଲୋକ ଏଥିରୁ ସୁଫଳ ପାଇପାରୁଛନ୍ତି।

## ଆରମ୍ଭ ହେଲା ଏମ୍‌ସର ଡ୍ରୋନ୍ ସ୍ୱାସ୍ଥ୍ୟସେବା

**ଭୁବନେଶ୍ୱର/ଖୋର୍ଦ୍ଧା,୨୫ ।୧(ସମିସ):** ଗୁରୁବାର ଭୁବନେଶ୍ୱର ଏମ୍‌ସରେ ଡ୍ରୋନ୍ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ ହୋଇଛି। ଗତ ମଙ୍ଗଳବାର ଏହାର ସଫଳ ପରୀକ୍ଷଣ ହୋଇଥିଲା। ଆଜି ପ୍ରଥମ ଦିନରେ ସ୍ୱଳ୍ପ ସମୟ ମଧ୍ୟରେ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକ ଚିକିତ୍ସା ସାମଗ୍ରୀ ସହ ରକ୍ତ ଆଦିର ପରିବହନ ପାଇଁ ଡ୍ରୋନ୍‌ର ବ୍ୟବହାର ହୋଇଛି। ଏମ୍‌ସ ପରିସରରୁ ପ୍ରାୟ ୬୦ କିମି ଦୂରରେ ଅବସ୍ଥିତ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜଣେ ରୋଗୀଙ୍କ ପାଇଁ ଗୋଟିଏ ୟୁନିଟ୍ ରକ୍ତ ପଠାଯାଇଥିଲା। ଏହି ଦୂରତାକୁ ଡ୍ରୋନ୍ ମାତ୍ର ୩୫ ମିନିଟ୍ ବ୍ୟବଧାନରେ ଅତିକ୍ରମ କରିଥିଲା। ସେଠାରେ ରକ୍ତହୀନତା କାରଣରୁ



■ ଡ୍ରୋନରେ ୬୦ କି.ମି ଗଲା ରକ୍ତ
■ ଫେରିବା ବେଳେ ପରୀକ୍ଷା ପାଇଁ ଆଣିଲା ରକ୍ତ ନମୁନା

ଚିକିତ୍ସାଧୀନ ରୋଗୀଙ୍କ କାର୍ଯ୍ୟରେ ଏହି ରକ୍ତ ଉପଯୋଗ ହୋଇଛି। ଅପରପକ୍ଷେ, ଡ୍ରୋନ୍‌ଟି ଟାଙ୍ଗୀରୁ ଫେରିବା ପୂର୍ବରୁ ବିଭିନ୍ନ ପରୀକ୍ଷା ପାଇଁ ଆବଶ୍ୟକ ରକ୍ତ ନମୁନା ସଂଗ୍ରହ କରି ଏମ୍‌ସକୁ ଆଣିଛି। ସ୍ୱାସ୍ଥ୍ୟସେବାରେ ଏପରି ପ୍ରୟୋଗ ରାଜ୍ୟ ତଥା ଦେଶରେ ପ୍ରଥମ ବୋଲି ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରାୟ ୧୨ କେଜି ଓଜନ ବିଶିଷ୍ଟ ଏହି ଡ୍ରୋନ୍ ୨ରୁ ୫ କେଜି ପର୍ଯ୍ୟନ୍ତ ଆବଶ୍ୟକ ଚିକିତ୍ସା ସାମଗ୍ରୀ ସହ ରକ୍ତ ଆଦି ବହନ କରିବାର କ୍ଷମତା ରଖିଥିବା ବେଳେ ଘଣ୍ଟା ପ୍ରତି ୯୦ କିଲୋମିଟର ବେଗରେ ଗତି କରିପାରିବ। ଜିପିଏସ୍ ଟେକ୍ନୋଲୋଜି ବ୍ୟବହାର କରି ଡ୍ରୋନ୍ ନାଭିଗେସନ୍‌ରେ ଅତୁଳନୀୟ ସଠିକତା ପ୍ରଦର୍ଶନ କରି ଅତ୍ୟାବଶ୍ୟକ ଚିକିତ୍ସା ସାମଗ୍ରୀର ଠିକ୍ ଏବଂ ନିରାପଦ ଯୋଗାଣକୁ ସୁନିଶ୍ଚିତ କରିପାରିଛି ଏହି ବ୍ୟବସ୍ଥା। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକୀୟ ଔଷଧ, ଇଞ୍ଜେକ୍ସନ୍ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସାମଗ୍ରୀର ଶୀଘ୍ର ବିତରଣରେ ଏହି ଡ୍ରୋନ୍ ସ୍ୱାସ୍ଥ୍ୟସେବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡାଃ ବିଶ୍ୱାସ ଆଶାବ୍ୟକ୍ତ କରିଛନ୍ତି। ଆଜିର ଏହି ଡ୍ରୋନ୍ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ ଉତ୍ସବରେ ମେଡିକାଲ୍ ଅଧୀକ୍ଷକ ଡାଃ ଦିଲ୍ଲୀପ କୁମାର ପରିଡ଼ା, ଡାଃ ସୋନୁ ଏଚ୍ ସୁବା, ଡାଃ ସତ୍ୟପ୍ରକାଶ, ଡାଃ ମନୀଷା ଆର୍ ଗାଏକାୱାଡ୍, ଡାଃ ପ୍ରିୟମାଧବ ବେହେରା, ଡାଃ ଅଭିଷେକ ମିଶ୍ର, ଡାଃ ଅଂଶୁମାନ ସାହୁ, ଡାଃ ଦେବାଶିଷ ମିଶ୍ର ଏବଂ ଭାରପ୍ରାପ୍ତ ଡିଡିଏ ରଶ୍ମିରଂଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




## ବିହାର ରାଜନୀତିରେ ଝଡ଼

# ନୀତୀଶ ନେବେ ୟୁ-ଟର୍ଣ୍ଣ !

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି)**

୨୦୨୪ ଲୋକସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ବିହାର ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ଜେଡିୟୁ ଏବଂ ଆରଜେଡି ଇଣ୍ଡିଆ ମେଣ୍ଟରେ ସାମିଲ ରହି ବିଜେପି ବିରୋଧରେ ଅଣ୍ଟା ଭିଡିଥିଲେ ହେଁ ଗୁରୁବାର ଯାହା ଘଟିଛି ତାହା କେବଳ ସାଧାରଣ ଜନତା ନୁହେଁ ,ବରଂ ରାଜନୀତିକ ମହଲକୁ ମଧ୍ୟ ଚକିତ କରିଦେଇଛି। ଜେଡିୟୁ ସୁପ୍ରିମୋ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପୁଣି ଥରେ ଏନଡିଏକୁ ଫେରିବେ। ଏଥିପାଇଁ ବିଜେପି ନୀତୀଶଙ୍କୁ ସବୁଜ ସଙ୍କେତ ଦେଇସାରିଛି ବୋଲି କୁହାଯାଉଛି। ଯାହାର ସଙ୍କେତ ମଧ୍ୟ ଗୁରୁବାର ବିହାର କ୍ୟାବିନେଟ୍ ବୈଠକରେ ଦେଖିବାକୁ ମିଳିଛି। ଗୋଟିଏ ପକ୍ଷରେ ନିର୍ବାଚନ ପୂର୍ବରୁ ଉପ ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଆରଜେଡି ଯୋଜନା କରିଥିଲା ବେଳେ ନୀତୀଶ ବିହାର ବିଧାନସଭା ଭାଙ୍ଗି ଦେଇପାରନ୍ତି ବୋଲି କୁହାଯାଇଛି। ସବୁଠାରୁ ବଡ଼ କଥା ହେଲା, ଗୁରୁବାର କ୍ୟାବିନେଟ୍ ବୈଠକରେ ନୀତୀଶ କୁମାର ତେଜସ୍ୱୀଙ୍କ ସହ କିଛି ବି କଥା ହୋଇନାହାନ୍ତି। ଦୁଇ ଦିନ ତଳେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁରଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନ ଦେବା ଲାଗି କେନ୍ଦ୍ର ସରକାର ଘୋଷଣା କରିବା ପରେ ନୀତୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ। କିନ୍ତୁ ଏହାକୁ ଆରଜେଡି ସହଜରେ ଗ୍ରହଣ କରିପାରି ନଥିଲା। ଏହି ସମୟରେ ତେଜସ୍ୱୀଙ୍କ ଭଉଣୀ ନୀତୀଶଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇ ସୋସିଆଲ ମିଡିଆରେ ପୋଷ୍ଟ

- ଏନଡିଏରେ ପୁଣି ସାମିଲ ହେବା ନେଇ ଚର୍ଚ୍ଚା
- ଆରଜେଡି ଶିବିରରେ ହଇଚଇ



କରିବା ଆରମ୍ଭ କରିଥିଲେ। ଏହାପରେ ଉଭୟ ଦଳ ମଧ୍ୟରେ ତିକ୍ତତା ଆରମ୍ଭ ହେବା ସହିତ ନୀତୀଶ ନିରବତା ଅବଲମ୍ବନ କରିଥିଲେ। ଆଜି କ୍ୟାବିନେଟ୍ ବୈଠକରେ ମଧ୍ୟ ସେ ସମ୍ପୂର୍ଣ୍ଣ ଚୁପ୍ ରହିଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ଭାବେ ନୀତୀଶ ତେଜସ୍ୱୀଙ୍କୁ ପଦୁଟିଏ ନ କହିବା ତାଙ୍କ ପ୍ରତି ଅପମାନ ହୋଇଛି ବୋଲି ଆଲୋଚନା ଚାଲିଛି। ଅନ୍ୟପକ୍ଷରେ ନୀତୀଶ ଆରଜେଡି ହାତ ଛାଡି ଏନଡିଏରେ ପୁଣି ସାମିଲ ହେବାକୁ ଯାଉଛନ୍ତି ବୋଲି ଏକପ୍ରକାର ନିଶ୍ଚିତ ହୋଇଯାଇଥିବା ବେଳେ ଆରଜେଡିର ଅକଲ ହଜିଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ନୀତୀଶ କୁମାରଙ୍କ ସହ ଜେଡିୟୁ ରାଜ୍ୟ ସଭାପତି ଉମେଶ କୁଶୱାହା, ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଦଳର ସାଂସଦ ଲଲନ ସିଂହ, ମନ୍ତ୍ରୀ ସଞ୍ଜୟ ଝା ଏବଂ ଦଳର ଅନ୍ୟ ବଡ଼ ବଡ଼ ନେତାମାନେ ଏକ ବୈଠକରେ ଏକାଠି ହୋଇଥିଲେ। ଏଥିରେ ଉଭୟ ଲାଲୁ ଓ ନୀତୀଶଙ୍କ ଘନିଷ୍ଠ କୁହାଯାଉଥିବା ମୁସଲମାନ ନେତା ଅଲ୍ଲୀ ଅସରଫ ଫାତମି ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ଏହାକୁ ନେଇ ଆରଜେଡି ଶିବିରରେ ହଇଚଇ ସୃଷ୍ଟି ହୋଇଛି । ତେଜସ୍ୱୀ ଯାଦବ ତାଙ୍କ ଘନିଷ୍ଠ ବିଧାୟକ ଏବଂ ଦଳୀୟ ଅଧିକାରୀଙ୍କ ସହ ଘନ ଘନ ବୈଠକ ଜାରି ରଖିଛନ୍ତି। ମେଣ୍ଟ ନ ଭାଙ୍ଗିବା ପାଇଁ ନୀତୀଶ କୁମାରଙ୍କୁ ମନାଇବା ଲାଗି ଲାଲୁ ପ୍ରସାଦ ଯାଦବ ଉଦ୍ୟମ ଜାରି ରଖିଥିଲା ବେଳେ କଂଗ୍ରେସର ଶୀର୍ଷ ନେତାମାନେ ମଧ୍ୟ ନୀତୀଶଙ୍କ ସହ ଯୋଗାଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଜେପି ନିଜର ସମସ୍ତ ବିଧାୟକଙ୍କୁ ପାଟନା ଡକାଇଥିବା ମଧ୍ୟ ସୂଚନା ମିଳିଛି ।ସେପଟେ ଗୁରୁବାର ସନ୍ଧ୍ୟାରେ ବିଜେପି ରାଜ୍ୟ ସଭାପତି ସମ୍ରାଟ ଚୌଧୁରୀ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ରେଣୁ ଦେବୀ ହଠାତ୍ ଦିଲ୍ଲୀ ଅଭିମୁଖେ ଯାଇଥିବାରୁ ଏନଡିଏରେ ନୀତୀଶ ସାମିଲ ହେବା ବିଷୟ ଅଧିକ ଦୃଢୀଭୂତ ହୋଇଛି। କିନ୍ତୁ ଏଭଳି ସ୍ଥଳେ ବିହାରରୁ ଇଣ୍ଡିଆ ମେଣ୍ଟକୁ ପୁଣି ଏକ ଶକ୍ତ ଧକ୍କା ଲାଗିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।ଗତ ଦୁଇ ଦିନରେ ମେଣ୍ଟର ଦୁଇ ପ୍ରମୁଖ ନେତା ମମତା ବାନାର୍ଜୀ ଏବଂ ଅରବିନ୍ଦ କେଜ୍ରିୱାଲଙ୍କ ପକ୍ଷରୁ ଝଟକା ଲାଗି ସାରିଛି। କିନ୍ତୁ ଏବେ ନୀତୀଶ କୁମାରଙ୍କ ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଥିବା ବେଳେ ଗୁରୁବାର ଚର୍ଚ୍ଚାକୁ ନେଇ ପୁଣି ଆଶଙ୍କା ବଢିଛି।

- ଭାରତ ଯୋଡୋ ଯାତ୍ରାରେ ସାମିଲ ହେବେନି ନୀତୀଶ

## ରାହୁଲଙ୍କ ୨ ଦିନ ବିରତି



ଯାତ୍ରାରେ **ନୂଆଦିଲ୍ଲୀ,୨୫ ।୧(ଏଜେନ୍ସି):** ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡୋ ନ୍ୟାୟ ଯାତ୍ରା ଆସନ୍ତା ୩୦ ତାରିଖରେ ବିହାରରେ ପ୍ରବେଶ କରିବାକୁ ଯାଉଛି। ଏହିକ୍ରମରେ ମେଣ୍ଟ ସଦସ୍ୟ ଥିବା ଜେଡିୟୁ ଏବଂ ଆରଜେଡିକୁ ଯାତ୍ରାରେ ସାମିଲ ହେବାକୁ ଆମନ୍ତ୍ରଣ କରାଯାଇଛି। କିନ୍ତୁ ଏଥିରେ ଜେଡିୟୁ ଯୋଗ ଦେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ତଥା ଦଳୀୟ ସୁପ୍ରିମୋ ନୀତୀଶ କୁମାର ଗୁରୁବାର ସ୍ପଷ୍ଟ କରିଦେଇଛନ୍ତି। ନୀତୀଶଙ୍କ ଏଭଳି ଆଭିମୁଖ୍ୟକୁ ନେଇ କେବଳ ଆରଜେଡି ନୁହେଁ,ଇଣ୍ଡିଆ ମେଣ୍ଟରେ ମଧ୍ୟ ଛନକା ପଶିଛି। ପୂର୍ବରୁ ଟିଏମସି ଏବଂ ଆପ୍‌କୁ ନେଇ ଇଣ୍ଡିଆ ମେଣ୍ଟକୁ ଶକ୍ତ ଝଟକା ଲାଗିଥିଲା ବେଳେ ଏବେ ନୀତୀଶଙ୍କୁ ନେଇ ମଧ୍ୟ ଚିନ୍ତା ବଢିଛି। ସେପଟେ ରାହୁଲ ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ୨ ଦିନ ବିରତି ନେଇଛନ୍ତି। ଯାତ୍ରା ବନ୍ଦ ରଖି ସେ ଦିଲ୍ଲୀ ଯାଇଛନ୍ତି। ଗତ ୧୪ ତାରିଖ ଦିନ ମଣିପୁରର ଇମ୍ଫାଲରୁ ରାହୁଲ ତାଙ୍କର ଭାରତଯୋଡୋ-୨ ଯାତ୍ରା ଆରମ୍ଭ କରିଥିଲେ। ଏହି ଯାତ୍ରା ଗୁରୁବାର ପଶ୍ଚିମବଙ୍ଗର ସୀମାନ୍ତ ଜିଲ୍ଲା କୁଚବିହାରରେ ପ୍ରବେଶ କରିଛି। ଯାତ୍ରା କୁଚବିହାର ପହଞ୍ଚିବା ପରେ ରାହୁଲ ସେଠାରେ ଏକ ରୋଡ ଶୋ' କରି ଏକ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଯାଇଛନ୍ତି। ତେବେ ରାହୁଲଙ୍କ ଏହି ଅଚାନକ ଦିଲ୍ଲୀ ଗସ୍ତର କାରଣ ଜଣାପଡି ନାହିଁ। ସୋନିଆ ଗାନ୍ଧୀଙ୍କ ଫୋନ କଲ ପାଇ ରାହୁଲ ଦିଲ୍ଲୀ ଯାଇଥିବା କୁହାଯାଉଥିଲେ ହେଁ ଇଣ୍ଡିଆ ମେଣ୍ଟରେ ସୃଷ୍ଟି ହୋଇଥିବା ସମସ୍ୟାକୁ ନେଇ କଂଗ୍ରେସ ଚିନ୍ତିତ ହୋଇପଡ଼ିଥିବା ରାଜନୀତିକ ବିଶାରଦମାନେ ମତ ଦେଇଛନ୍ତି।

## ସୁନା ଖଣି ଧସି ୭୩ ଶ୍ରମିକଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ମାଲିରେ ଏକ ସୁନା ଖଣି ଧସିଯିବାରୁ ୭୩ ଶ୍ରମିକଙ୍କ ମୃତ୍ୟୁ ହେବା ସହିତ ବହୁ ଲୋକ ଆହତ ହୋଇଛନ୍ତି। ଆହତ ଲୋକଙ୍କ ଅବସ୍ଥା ଗମ୍ଭୀର ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢିପାରେ ବୋଲି ଆଶଙ୍କା ବଢିଛି। ମିଳିଥିବା ଖବର ଅନୁସାରେ ବୁଧବାର ମାଲିସ୍ଥିତ ଏକ ବେଆଇନ ସୁନା ଖଣିରେ ଖନନ ଚାଲିଥିଲା ବେଳେ ଏହା ଧସି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୭୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲେ ହେଁ ଆହୁରି କିଛି ଶ୍ରମିକ ଖଣି ଭିତରେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ସେମାନଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ମାଲିର ଏହି ଖଣି ଅଞ୍ଚଳରେ ୨୦୦ ରୁ ଅଧିକ ସୁନା ଖଣି ଅଛି। ଏଠାରେ ହଜାର ହଜାର ଶ୍ରମିକ କାର୍ଯ୍ୟ କରିଥାଆନ୍ତି। ବିଭିନ୍ନ ସମୟରେ ଏଭଳି ଦୁର୍ଘଟଣା ଘଟି ବହୁ ଶ୍ରମିକ ଜୀବନ ହାରବାର ନଜିର ରହିଛି। କିନ୍ତୁ ବେଆଇନ ଭାବେ ଖଣି ଖନନ କରାଯାଉଥିବାରୁ ଶ୍ରମିକଙ୍କ ସୁରକ୍ଷା ନେଇ ଏଠାକାର ସରକାର ଦୃଢ ପଦକ୍ଷେପ ନେବାକୁ ଦାବି କରାଯାଇଛି।

- ଅଧୁରା ରହିଲା ଗଙ୍ଗାବୁଡ଼

## ଟ୍ରକ୍ ଧକ୍କାରେ ୧୨ ଶ୍ରଦ୍ଧାଳୁ ମୃତ



**ଲକ୍ଷ୍ନୌ,୨୫।୧(ଏଜେନ୍ସି):** ଉତ୍ତରପ୍ରଦେଶରେ ଗଙ୍ଗାବୁଡ଼ ପକାଇବାକୁ ଯାଉଥିବା କିଛି ଯାତ୍ରୀଙ୍କ ଗାଡିକୁ ଏକ ଟ୍ରକ୍ ଧକ୍କା ଦେବାରୁ ୧୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ସହିତ କିଛି ଲୋକ ଆହତ ହୋଇଛନ୍ତି। ଫଳରେ ସେମାନଙ୍କ ଗଙ୍ଗାବୁଡ଼ ସ୍ୱପ୍ନ ଅଧୁରା ରହିଯାଇଛି। ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଉତ୍ତରପ୍ରଦେଶର ଶାହାଜାହାଁପୁରରେ ଘଟିଛି। ମିଳିଥିବା ଖବର ଅନୁସାରେ ଗୁରୁବାର ସକାଳେ ଶହାଜାହାଁପୁର ମଦନାପୁର ଦମଗଡାରୁ ଗଙ୍ଗାରେ ବୁଡ଼ ପକାଇବା ପାଇଁ କିଛି ଶ୍ରଦ୍ଧାଳୁ ଫରୁଖାବାଦର ପାଞ୍ଚାଳ ଘାଟକୁ ଅଟୋରେ ଯାଉଥିଲେ। ଏତିକି ବେଳେ ସାମ୍ନା ପଟୁ ଅଟୋକୁ ଏକ ଟ୍ରକ୍ ଧକ୍କା ଦେଇ ମାଡି ଯାଇଥିଲା। ଫଳରେ ୧୨ ଜଣ ଶ୍ରଦ୍ଧାଳୁଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଘନ କୁହୁଡି ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ରାସ୍ତା ଚାରିପଟେ ମୃତଦେହ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ତୁରନ୍ତ ପୁଲିସ ପହଞ୍ଚିଥିଲେ ହେଁ ଡ୍ରାଇଭର ଫେରାର୍ ହୋଇଯାଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଥିଲା ବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ପ୍ରତି ସମବେଦନ ଜଣାଇବା ସହ ସେମାନଙ୍କୁ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେବାକୁ ପ୍ରଶାସନିକ ସ୍ତରରେ ଘୋଷଣା କରାଯାଇଥିବା କୁହାଯାଇଛି।

## ସଡ଼କ ଦୁର୍ଘଟଣାରେ ଶ୍ରୀଲଙ୍କା ମନ୍ତ୍ରୀଙ୍କ ମୃତ୍ୟୁ



**କଲମ୍ବୋ,୨୫ ।୧(ଏଜେନ୍ସି):** ଶ୍ରୀଲଙ୍କାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ରାଜ୍ୟମନ୍ତ୍ରୀ ସନତ ନିଶାନ୍ତଙ୍କ ପରଲୋକ ହୋଇଛି। ଏହି ଦୁର୍ଘଟଣାରେ ତାଙ୍କ ଦେହରକ୍ଷୀ ମଧ୍ୟ ପ୍ରାଣ ହରାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ସନତ ଏକ ଜିପ୍‌ରେ କଲମ୍ବୋ-କଟୁନାୟକେ ଏକ୍ସପ୍ରେସୱେରେ ଯାଉଥିଲା ବେଳେ ଏକ କଣ୍ଟେନର ସହ ତାଙ୍କ ଜିପ୍ ଧକ୍କା ହୋଇଥିଲା। ଏଥିରେ ମନ୍ତ୍ରୀ ଏବଂ ତାଙ୍କ ଅଙ୍ଗରକ୍ଷୀଙ୍କ ସହ ଡ୍ରାଇଭର ମଧ୍ୟ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ରାଗମା ହସ୍ପିଟାଲକୁ ନିଆଯାଇଥିଲା। ତେବେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ମନ୍ତ୍ରୀ ସନତ ଏବଂ ତାଙ୍କ ଅଙ୍ଗରକ୍ଷୀଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। କଣ୍ଡାନା ପୁଲିସ ପକ୍ଷରୁ ଘଟଣାର ଯାଞ୍ଚ ଆରମ୍ଭ କରାଯାଇଛି। ସନତ ଶ୍ରୀଲଙ୍କା ରାଜନୀତିରେ ଜଣେ ପ୍ରମୁଖ ଏବଂ ଉଦାରବାଦୀ ନେତା ଭାବେ ପରିଚିତ ଥିଲେ। ସେ ୨୦୧୫ ଓ ୨୦୨୦ରେ ପୁଟ୍ଟଲମ ଜିଲ୍ଲାରୁ ସାଂସଦ ନିର୍ବାଚିତ ହୋଇଥିଲେ।

## ୧୧୩୨ ଜଣଙ୍କୁ ସାହସିକତା, ପୁଲିସ ସେବା ପୁରସ୍କାର



**ନୂଆଦିଲ୍ଲୀ,୨୫।୧(ଏଜେନ୍ସି):** ସାହସିକତା ଏବଂ ଉଲ୍ଲେଖନୀୟ ସେବା ପାଇଁ ୭୫ ତମ ଗଣତନ୍ତ୍ର ଦିବସରେ ଦେଶର ୧୧୩୨ ପୁଲିସ ଅଧିକାରୀଙ୍କୁ ପୁରସ୍କୃତ କରିବାକୁ ଘୋଷଣା କରାଯାଇଛି । ଗୃହମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ଏକ ବିବୃତ୍ତି ଅନୁସାରେ ପୁଲିସ କର୍ମୀ, ଅଗ୍ନିଶମ ସେବା, ହୋମଗାର୍ଡ, ନାଗରିକ ସୁରକ୍ଷା ଏବଂ ସୁଧାର ସେବା ବିଭାଗର ମୋଟ ୧୧୩୨ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଏହି ସମ୍ମାନ ପ୍ରଦାନ କରାଯିବ। ୨ ଜଣଙ୍କୁ ରାଷ୍ଟ୍ରପତି ବୀରତ୍ୱ ପୁରସ୍କାର ପ୍ରଦାନ କରାଯିବା ସହିତ ୨୭୫ ଜଣଙ୍କୁ ବୀରତ୍ୱ ପୁରସ୍କାର (ଜିଏମ୍) ରେ ସମ୍ମାନିତ କରାଯିବ। ସେମାନଙ୍କ ମଧ୍ୟରେ ସର୍ବାଧିକ ୧୧୯ ଯବାନ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ମୁତୟନ ହୋଇଛନ୍ତି । ଏହାବ୍ୟତୀତ ୧୩୩ କର୍ମୀ ଜାମ୍ମୁ-କାଶ୍ମୀର କ୍ଷେତ୍ରରେ ମୁତୟନ ରହିଛନ୍ତି। ସେହିପରି ଅନ୍ୟକ୍ଷେତ୍ରରେ ନିୟୋଜିତ ହୋଇଥିବା ୨୫ କର୍ମୀଙ୍କୁ ବୀରତ୍ୱ ସମ୍ମାନ ଦିଆଯିବ ।୨୭୫ ଗାଲାଣ୍ଟ୍ରି ଆୱାର୍ଡ ମଧ୍ୟରୁ ସବୁଠୁ ଅଧିକ ୭୨ ଜଣ ଜାମ୍ମୁ କାଶ୍ମୀର ପୁଲିସ କର୍ମଚାରୀ ରହିଥିବା ବେଳେ ମହାରାଷ୍ଟ୍ରର ୧୮ ଜଣ, ଛତିଶଗଡର ୨୬ ଜଣ, ଝାଡଖଣ୍ଡର ୨୩ ଜଣ, ଓଡିଶାରୁ ୧୫ ଜଣ, ଦିଲ୍ଲୀରୁ ୮ ଜଣ, ସିଆରପିଏଫର ୬୫ ଜଣ, ଏସଏସବି-ସିଏପିଓଫ ଓ ଅନ୍ୟାନ୍ୟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୨୧ ଜଣ ରହିଛନ୍ତି ।ସେହିପରି ୧୦୨ ଜଣଙ୍କୁ ଶ୍ରେଷ୍ଠ ସେବା ପାଇଁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ। ସେଥି ମଧ୍ୟରୁ ପୁଲିସ ସେବା ପାଇଁ ୯, ଅଗ୍ନିଶମ ସେବା ପାଇଁ ୪ , ସିଭିଲ ଡିଫେନ୍ସ ଏବଂ ହୋମ ଗାର୍ଡ ସେବା ପାଇଁ ୪ ଜଣଙ୍କୁ ପଦକ ପ୍ରଦାନ କରାଯିବ। ଏମାନଙ୍କ ମଧ୍ୟରେ ୨ ଜଣ ଓଡିଶାର ରହିଛନ୍ତି ।

- କର୍ଣ୍ଣାଟକରେ କଂଗ୍ରେସକୁ ଧକ୍କା

## ପୁଣି ବିଜେପିକୁ ଫେରିଲେ ଜଗଦୀଶ ସେଟ୍ଟାର



**ବେଙ୍ଗାଲୁରୁ,୨୫।୧(ଏଜେନ୍ସି):** ପ୍ରାୟ ୮ ମାସ ପରେ କର୍ଣ୍ଣାଟକ ଲିଙ୍ଗାୟତ ସମ୍ପ୍ରଦାୟର ପ୍ରମୁଖ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦୀଶ ସେଟ୍ଟାର କଂଗ୍ରେସ ଛାଡି ପୁଣି ବିଜେପିକୁ ଫେରିଛନ୍ତି। ଦିଲ୍ଲୀରେ କେନ୍ଦ୍ର ମନ୍ତ୍ରୀ ଭୁପେନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ସେଟ୍ଟାର ବିଧିବଦ୍ଧ ଭାବେ ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି । ଏହି ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଏବଂ କର୍ଣ୍ଣାଟକ ବିଜେପି ଅଧ୍ୟକ୍ଷ ବି ୱାଇ ବିଜେୟନ୍ଦ୍ର ମଧ୍ୟ ସେଟ୍ଟାରଙ୍କ ସହ ଦିଲ୍ଲୀ ଗସ୍ତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପୂର୍ବରୁ ଏପ୍ରିଲ୍ ୨୦୨୩ରେ ସେଟ୍ଟର ବିଜେପିରୁ ଇସ୍ତଫା ଦେଇ କଂଗ୍ରେସରେ ମିଶିଥିଲେ। ସେ ପ୍ରଭାବଶାଳୀ ଲିଙ୍ଗାୟତ ସଂପ୍ରଦାୟର ଜଣେ ପ୍ରଭାବଶାଳୀ ନେତା ହୋଇଥିଲେ ମଧ୍ୟ ତାଙ୍କୁ ଟିକଟ ମିଳିନଥିଲା। ଯାହାକୁ ନେଇ ସେ ତୀବ୍ର ଅସନ୍ତୁଷ୍ଟ ରହିବା ସହିତ ବିଜେପିରୁ ଇସ୍ତଫା ଦେଇ କଂଗ୍ରେସରେ ସାମିଲ ହୋଇଥିଲେ। ସେ କଂଗ୍ରେସ ଟିକେଟରେ ହୁବଲି ଧରୱାଡ କେନ୍ଦ୍ରୀୟ ଆସନରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ହେଁ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା । ବିଜେପିର ମହେଶ ତେଙ୍ଗିନକାଇ ସେଟ୍ଟରଙ୍କୁ ୩୪,୨୮୯ ଭୋଟରେ ପରାସ୍ତ କରିଥିଲେ । ଏହାପରେ ସେ ପୁଣି ବିଜେପିକୁ ଫେରିବାକୁ ଉଦ୍ୟମ ଆରମ୍ଭ କରିଥିଲେ।

## ଗଣତନ୍ତ୍ର ଦିବସରେ ବଡ଼ ଆତଙ୍କୀ ହମଲା ଯୋଜନା



**ଶ୍ରୀନଗର,୨୫।୧(ଏଜେନ୍ସି):** ସାଧାରଣତନ୍ତ୍ର ଦିବସରେ ଆତଙ୍କୀ ହମଲା କରିବାକୁ ଯୋଜନା କରାଯାଇଥିବା ଗୁଇନ୍ଦା ସୂଚନା ମିଳିବା ପରେ ଜାମ୍ମୁ କାଶ୍ମୀରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କାଶ୍ମୀର ଘାଟିରେ ଲସ୍କର-ଏ-ତୈବା ଆତଙ୍କବାଦୀ ସଂଗଠନ ପକ୍ଷରୁ ଆକ୍ରମଣ ଯୋଜନା କରାଯାଇ ୨୬ ଜାନୁଆରୀକୁ ରକ୍ତରଞ୍ଜିତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ମିଳିଛି। ଜାମ୍ମୁର ସାମ୍ବା ଜିଲ୍ଲାରେ ଅନୁପ୍ରବେଶ କରବାକୁ ଉଦ୍ୟମ କିଛି ଆତଙ୍କବାଦୀ ପ୍ରସ୍ତୁତ ରହିଛନ୍ତି ।ଖାଲି ଏତିକି ନୁହେଁ କାଶ୍ମୀର ଘାଟିରେ ୪ ଅନ୍ୟ ଆତଙ୍କୀ ସଂଗଠନ ଗଣତନ୍ତ୍ର ଦିବସ ପ୍ୟାରେଡକୁ ବିଫଳ କରିବୁ ଯୋଜନା କରିଥିବା ଗୁଇନ୍ଦା ବିଭାଗ ସୂଚନା ଦେଇଛି। ଗୁଇନ୍ଦା ଏଜେନ୍ସି ରିପୋର୍ଟ ପରେ କେନ୍ଦ୍ର ଗୃହମନ୍ତ୍ରାଳୟ ସତର୍କ ହୋଇଛି । ସୂଚନା ମୁତାବକ, ଗଣନ୍ତ୍ରଣ ଦିବସରେ ଏଲଓସିକୁ ଲାଗି କରିଥିବା ଜାମ୍ମୁର ସମ୍ଭାବିତ ଅଞ୍ଚଳକୁ ଆଲର୍ଟ କରାଯାଇଛି । ଗୁଇନ୍ଦା ଏଜେନ୍ସି ସୂଚନା ଅନୁଯାୟୀ, ପାକିସ୍ତାନୀ ଆତଙ୍କୀ ସଂଗଠନ ଲସ୍କର-ଏ-ତୈବା ଜାମ୍ମୁ-କାଶ୍ମୀରରେ ବଡ଼ ହମଲା ଯୋଜନାରେ ରହିଛନ୍ତି । ଆତଙ୍କୀ ସଂଗଠନ ଗଣତନ୍ତ୍ର ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଆକ୍ରମଣ କରିବା ଲକ୍ଷ୍ୟରେ ରହିଛନ୍ତି । ଲସ୍କର ସଂଗଠନର ୩ରୁ ୪ ଆତଙ୍କବାଦୀ ସମ୍ବା ସେକ୍ଟରରେ ଅନୁପ୍ରବେଶ ଚେଷ୍ଟା ଚଳାଇଛନ୍ତି । ଏମାନଙ୍କୁ ପାକିସ୍ତାନୀ ରେଞ୍ଜର୍ସ ସହଯୋଗ କରୁଥିବା କୁହାଯାଇଛି। ଏହି ଆଶଙ୍କାକୁ ନେଇ ସୀମାରେ ସୁରକ୍ଷାବଳ ସବୁ ସ୍ଥାନ ଉପରେ କଡ଼ା ନଜର ରଖିଛି । ଆତଙ୍କୀବାଦୀଙ୍କ ସମସ୍ତ ଯୋଜନାକୁ ପଣ୍ଡ କରିବାକୁ ସୁରକ୍ଷା ବାହିନୀ ପ୍ରସ୍ତୁତ ରହିଛି ।

## ଜୟପୁରରେ ମୋଦୀ-ମାକ୍ରନ ରୋଡ୍ ଶୋ'



**ଜୟପୁର,୨୫।୧(ଏଜେନ୍ସି)**

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରନ ଯୋଗ ଦେବେ। ଏହି ଅବସରରେ ମାକ୍ରନ ଏକ ଉଚ୍ଚ ପ୍ରତିନିଧି ଦଳ ସହ ଗୁରୁବାର ଜୟପୁରରେ ପହଞ୍ଚିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସନ୍ଧ୍ୟାରେ ରୋଡ୍ ଶୋ' କରିଛନ୍ତି। ମାକ୍ରନ ଜୟପୁର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ରାଜ୍ୟପାଳ କାଳରାଜ ମିଶ୍ର ଏବଂ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏହି ସମୟରେ ଜୟପୁରରେ ପହଞ୍ଚିଥିଲା ବେଳେ ଉଭୟ ନେତା ଏକ ରୋଡ୍ ଶୋ'ରେ ଜନ୍ତର ମନ୍ତରରୁ ହାୱାମହଲ ଯାଏଁ ଯାଇଥିଲେ। ମାକ୍ରନ ହାୱାମହଲରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ମସଲା ଚା' ପିଇଥିଲେ। ଏହାପରେ ସନ୍ଧ୍ୟାରେ ମୋଦୀ ଏବଂ ମାକ୍ରନ ରାମବାଗ୍ ପ୍ୟାଲେସ୍ ହୋଟେଲରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆସନ୍ତାକାଲି ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ମହାମହୋତ୍ସବରେ ମାକ୍ରନ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ।

- ହନିମୁନ୍ ପ୍ରତାରଣା: ଗୋଆ ବଦଳରେ ଅଯୋଧ୍ୟା ନେଇଗଲେ ପତି

## ପତ୍ନୀ ଦେଲେ ଛାଡ଼ପତ୍ର

**ନୂଆଦିଲ୍ଲୀ,୨୫।୧(ଏଜେନ୍ସି)**



ନବ ନିର୍ମିତ ରାମ ମନ୍ଦିର ଏବଂ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ନେଇ ଅଯୋଧ୍ୟା ନଗରୀ ଏବେ କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱରେ ଏକ ଚର୍ଚ୍ଚିତ ନାମ ପାଲଟିଛି। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ଗୁଗଲ ବ୍ରାଉଜରରେ ସାରା ବିଶ୍ୱରେ ଯେତିକି ଲୋକ ଅଯୋଧ୍ୟା ବିଷୟରେ ଜାଣିବାକୁ ଚାହିଁଛନ୍ତି ତାହା ସବୁ ସର୍ଚ୍ଚ ରେକର୍ଡକୁ ଭାଙ୍ଗି ଦେଇଛି। ପ୍ରଭୁ ରାମଙ୍କ ପ୍ରାଣ ପ୍ରତିଷ୍ଠା ପରେ ଏବେ ଦେଶର ବିଭିନ୍ନ ଭାଗରୁ ଲୋକ ଅଯୋଧ୍ୟା ଆସିବାକୁ ବ୍ୟାକୁଳ ହେଉଛନ୍ତି। ଦିନକନରେ ଏଠାରେ ଲକ୍ଷ ଲକ୍ଷ ଲୋକ ପହଞ୍ଚୁଥିବାରୁ ସେମାନଙ୍କୁ ସମ୍ଭାଳିବା ପୁଲିସ ପ୍ରଶାସନ ପକ୍ଷରେ ସମ୍ଭବ ହେଉ ନାହିଁ। ତେଣୁ କିଛି ଦିନ ପାଇଁ ଅଯୋଧ୍ୟା ସହର ସୀମାକୁ ସିଲ୍ କରିଦିଆଯିବା ସହିତ ଏଠାକୁ ବସ୍ ଏବଂ ଟ୍ରେନ ମଧ୍ୟ ବାତିଲ କରିଦିଆଯାଇଛି। କିନ୍ତୁ ଏଭଳି ସ୍ଥିତିରେ ଅଯୋଧ୍ୟାକୁ ନେଇ ଏକ ବିଚିତ୍ର ଖବର ସାମ୍ନାକୁ ଆସିଛି। ଅଯୋଧ୍ୟା ଭ୍ରମଣକୁ ନେଇ ଏକ ନବ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେବା ସହିତ ପତ୍ନୀ ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିବା ଜଣାପଡ଼ିଛି। ମିଳିଥିବା ଖବର ଅନୁସାରେ ଭୋପାଳର ଏକ ଦମ୍ପତି ହନିମୁନରେ ଯିବାକୁ ନିଷ୍ପତ୍ତି ନେଇଥିଲା ବେଳେ ପତ୍ନୀଙ୍କୁ ଗୋଆ ନେବାକୁ ତାଙ୍କ ସ୍ୱାମୀ କହିଥିଲେ। ଏଥିରେ ପତ୍ନୀ ଖୁବ୍ ଖୁସି ହୋଇଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସ୍ୱାମୀ ଜଣକ ଗୋଆ ନଯାଇ ପତ୍ନୀଙ୍କୁ ବାରଣାସୀ ଏବଂ ଅଯୋଧ୍ୟା ନେଇଯାଇଥିଲେ। କିନ୍ତୁ ଏହି କଥାକୁ ନେଇ ପତ୍ନୀ ଜଣକ ସ୍ୱାମୀଙ୍କ ଉପରେ ଖପ୍ପା ହୋଇଯିବା ସହିତ ତାଙ୍କ ସ୍ୱାମୀ ନିଜର ପ୍ରତିଶ୍ରୁତି ରଖି ନଥିବାରୁ ସେ ଛାଡପତ୍ର ଦେବାକୁ ବାହାରିଥିଲେ। ଛାଡପତ୍ର ଆବେଦନରେ ମହିଳା ଜଣକ କହିଛନ୍ତି ଯେ, ତାଙ୍କ ସ୍ୱାମୀ କ୍ଷେତ୍ରରେ କାର୍ଯ୍ୟ କରୁଥିଲା ବେଳେ ଭଲ ରୋଜଗାର ମଧ୍ୟ କରନ୍ତି। ତେଣୁ ହନିମୁନ ପାଇଁ ବିଦେଶ ଯିବା କିଛି ବଡ଼ କଥା ନୁହେଁ। ଏହା ସତ୍ତ୍ୱେ ସ୍ୱାମୀ ତାଙ୍କୁ ବିଦେଶ ନେବାକୁ ମନା କରିଦେଇଥିଲେ। ଗୋଆ କିମ୍ବା ଦକ୍ଷିଣ ଭାରତ ଯିବାକୁ କହିଥିଲେ। କିନ୍ତୁ ପରେ ସେ ଅଯୋଧ୍ୟା ଏବଂ ବାରଣାସୀକୁ ବିମାନ ଟିକେଟ୍ ବୁକ୍ କରିଥିଲେ। ଏକଥା ତାଙ୍କୁ ଟିକେଟ୍ ବୁକ୍ କରିବାର ଗୋଟିଏ ଦିନ ପୂର୍ବରୁ କହିଥିଲେ। ପରେ ଦମ୍ପତି ୧୦ ଦିନ ଧରି ଅଯୋଧ୍ୟା ସମେତ ଅନ୍ୟାନ୍ୟ ଅଞ୍ଚଳ ବୁଲିଥିଲେ ମଧ୍ୟ ପତ୍ନୀ ଜଣକ ସେ ସମୟରେ କିଛି କହିନଥିଲେ। କିନ୍ତୁ ସେମାନେ ଘରକୁ ଫେରିବା ପରେ ସ୍ୱାମୀ ତାଙ୍କ ପ୍ରତିଶ୍ରୁତି ରଖି ନଥିବାରୁ ପତ୍ନୀ କ୍ରୋଧାନ୍ୱିତ ହେବା ସହିତ କୋର୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି କରିଛି।

## ପ୍ରଥମ ଦିନରେ ରାମ ମନ୍ଦିର ହୁଣ୍ଡିରେ ୩ କୋଟିରୁ ଅଧିକ ଦାନ



**ଅଯୋଧ୍ୟା,୨୫।୧(ଏଜେନ୍ସି):** ଗତ ୨୨ ତାରିଖରେ ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ପ୍ରତିଦିନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି। ପ୍ରତିଷ୍ଠା ପରଦିନ ଅର୍ଥାତ୍ ଜାନୁଆରୀ ୨୩ରୁ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷରୁ ଅଧିକ ଭକ୍ତ ରାମଲାଲାଙ୍କ ଦର୍ଶନ କରିବାକୁ ସୁଯୋଗ ପାଇଛନ୍ତି। ତେବେ ଏହି ସମୟ ମଧ୍ୟରେ ଭକ୍ତମାନଙ୍କ ଦ୍ୱାରା ମନ୍ଦିରକୁ ପର୍ଯ୍ୟାପ୍ତ ଦାନ କରାଯାଇଛି। ପ୍ରଥମ ଦିନରେ ହିଁ ଭକ୍ତମାନେ ରାମ ମନ୍ଦିରକୁ ୩.୧୭ କୋଟି ଟଙ୍କା ଦାନ କରିଥିବା ଜଣାପଡ଼ିଛି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟି ଅନୀଲ ମିଶ୍ରା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୋମବାର ପ୍ରାଣ ପ୍ରତିଷ୍ଠା ଉତ୍ସବ ଶେଷ ହେବା ପରେ ୧୦ଟି ଦାନ ଗ୍ରହଣ କେନ୍ଦ୍ର ଖୋଲା ଯାଇଥିଲା। ମଙ୍ଗଳବାର ଠାରୁ ଭକ୍ତମାନେ ରାମଲାଲାଙ୍କ ଦର୍ଶନ କରିଥିଲା ବେଳେ ସେହିଦିନ ମନ୍ଦିରର ଦାନ କେନ୍ଦ୍ରରୁ ଓ ଅନ୍‌ଲାଇନ୍‌ରେ ୩.୧୭ କୋଟି ଟଙ୍କାର ଦାନ ଗ୍ରହଣ କରାଯାଇଥିଲା।

### ମାକ୍ରନଙ୍କୁ ରାମ ମନ୍ଦିର ମଡେଲ ଉପହାର

ଦୁଇ ଦିନିଆ ଭାରତ ଗସ୍ତରେ ଆସିଥିବା ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ରାମ ମନ୍ଦିରର ଏକ ପ୍ରତିକୃତି ବା ମଡେଲ ଉପହାର ଦେଇଛନ୍ତି। ସାଧାରଣତନ୍ତ୍ର ଦିବସରେ ମାକ୍ରନ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଆସି ଗୁରୁବାର ଜୟପୁରରେ ପହଞ୍ଚିଥିଲେ। ଏହି ଅବସରରେ ଉଭୟ ନେତା ଏକ ରୋଡ୍ ଶୋ'ରେ ଯିବା ପରେ ଏକାଠି ହୋଇଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ରାମ ମନ୍ଦିରର ଏକ ମଡେଲ ଉପହାର ଭାବେ ଦେଇଥିଲେ ।

# ସମଲେଇ ପ୍ରକଳ୍ପ





"ଚିରସ୍ରୋତସ୍ୱିନୀ ମହାନଦୀ ତଟରେ ବଣପାହାଡ଼ ଘେରା ପ୍ରାକୃତିକ ପରିବେଶରେ ରହିଛି ସମ୍ବଲପୁର ସହର। ଶତାଧିକ ମନ୍ଦିରର ଅବସ୍ଥିତି ପାଇଁ ଏହି ସହରଟି ମନ୍ଦିରମାଳିନୀ ଏବଂ ହୀରା ବ୍ୟବସାୟୀ ପାଇଁ ପୂର୍ବଖ୍ୟାତ ହୀରକନଗରୀ ରୂପେ ମଧ ପରିଚିତ। ବିଶେଷକରି ସୁବିସ୍ତୃତ ନଦୀକୂଳରେ ବହୁ ଦେବାଦେବୀ ମନ୍ଦିର, ରାଜପ୍ରାସାଦ, ଗମ୍ଭୁଜ ଏବଂ ପୂର୍ବତନ ଗଡ଼ଜାତ ରାଜା ଜମିଦାରଙ୍କ କୋଠା ଦୃଷ୍ଟିଗୋଚର ହୁଏ, ପଶ୍ଚିମ ଓଡ଼ିଶାର ଇଷ୍ଟଦେବୀ ମାଆ ସମଲେଶ୍ୱରୀଙ୍କ ଆସ୍ଥାନ ସମ୍ବଲପୁର ସହରରେ।"

# ଶ୍ରୀମନ୍ଦିର ପରିସରରେ ମା' ସମଲେଶ୍ୱରୀ ପୂଜିତା

ଚିରସ୍ରୋତସ୍ୱିନୀ ମହାନଦୀ ତଟରେ ବଣପାହାଡ଼ ଘେରା ପ୍ରାକୃତିକ ପରିବେଶରେ ରହିଛି ସମ୍ବଲପୁର ସହର। ଶତାଧିକ ମନ୍ଦିରର ଅବସ୍ଥିତି ପାଇଁ ଏହି ସହରଟି ମନ୍ଦିରମାଳିନୀ ଏବଂ ହୀରା ବ୍ୟବସାୟୀ ପାଇଁ ପୂର୍ବଖ୍ୟାତ ହୀରକନଗରୀ ରୂପେ ମଧ ପରିଚିତ। ବିଶେଷକରି ସୁବିସ୍ତୃତ ନଦୀକୂଳରେ ବହୁ ଦେବାଦେବୀ ମନ୍ଦିର, ରାଜପ୍ରାସାଦ, ଗମ୍ଭୁଜ ଏବଂ ପୂର୍ବତନ ଗଡ଼ଜାତ ରାଜା ଜମିଦାରଙ୍କ କୋଠା ଦୃଷ୍ଟିଗୋଚର ହୁଏ, ପଶ୍ଚିମ ଓଡ଼ିଶାର ଇଷ୍ଟଦେବୀ ମାଆ ସମଲେଶ୍ୱରୀଙ୍କ ଆସ୍ଥାନ ସମ୍ବଲପୁର ସହରରେ। କିମ୍ବଦନ୍ତୀ କହେ, ପାଟଣାର ରାଜା ନରସିଂହ ଦେବଙ୍କ ସାନଭାଇ ବଳରାମ ଦେବଙ୍କୁ ଦେବୀ ନିଜେ ସ୍ୱପ୍ନାଦେଶ କରିଥିଲେ। ଦେବୀଙ୍କ ନିର୍ଦ୍ଦେଶ ଅନୁସାରେ, ମହାନଦୀର ପୂର୍ବତଟରେ ଥିବା ଶିମୁଳି ବୃକ୍ଷ ମୂଳରେ ମାଆଙ୍କୁ ପ୍ରତିଷ୍ଠା କରିଥିଲେ ରାଜା ବଳରାମ ଦେବ। ଶିମୁଳିକୁ ସମ୍ବଲପୁର ଅଳଞ୍ଚରେ ସେମେଲ କୁହାଯାଉଥିବା ହେତୁ ଦେବୀଙ୍କୁ 'ସମଲେଇ' ବା 'ସମଲାଇ' କୁହାଯାଉଥିବା ଅନୁମାନ କରାଯାଉଛି। ପରବର୍ତ୍ତୀ ସମୟରେ ଦେବୀ ସମଲେଶ୍ୱରୀ ଭାବେ ସମଗ୍ର ରାଜ୍ୟରେ ଖ୍ୟାତ। ତେବେ ଦେବୀଙ୍କୁ କେହି କେହି ସିଂହବାହିନୀ, ସୋମଲାଇ, ସୋମଲେଶ୍ୱରୀ ଆଦି ନାଁରେ ପୂଜା କରିଥାନ୍ତି। ଚୌହାଣ ରାଜମାନେ ଦେବୀ ସମଲେଶ୍ୱରୀଙ୍କୁ ତାଙ୍କ ଇଷ୍ଟଦେବୀ ଭାବେ ପୂଜା କରୁଥିବା ଜଣାଯାଏ। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଆ ସମଲେଶ୍ୱରୀଙ୍କୁ କ୍ଷତ୍ରିୟ ପୂଜକମାନେ ଭୁବନେଶ୍ୱରୀ ମନ୍ତ୍ରରେ ପୂଜାର୍ଚ୍ଚନା କରିଥାନ୍ତି। ମାଆଙ୍କ ଗମ୍ଭୀରା ମଧ୍ୟରେ ଚଣ୍ଡୀ, ଚାମୁଣ୍ଡା, ଭୁବନେଶ୍ୱରୀ, ଛତ୍ର ବାଉତି, ବେଢ଼ା କାନ୍ଥରେ ଦଶ ମହାବିଦ୍ୟା -ଉଗ୍ରତାରା, ଦୁର୍ଗା, ମଙ୍ଗଳା, ଜ୍ୱାଳାମୁଖୀ, ବନଦୁର୍ଗା, ବରାହୀ, ଛିନ୍ନମସ୍ତା, ମାତଙ୍ଗୀ, ରାମଚଣ୍ଡୀ ଓ ମାଆ କାଳୀ ପ୍ରମୁଖ ପୂଜିତ। ପୃଷ୍ଠ ଭାଗରେ ମନ୍ଦିର ପରିକ୍ରମାରେ ଦୁଇ କୋଣରେ ହନୁମାନ ଓ ଘାସିନୀ ଏବଂ ସମ୍ମୁଖ କୋଣରେ ବଞ୍ଜାରି ପୂଜା ପାଉଛନ୍ତି। ମାଆ ସମଲାଇଙ୍କ ମୁଖ୍ୟ ପାର୍ବଣ ମଧ୍ୟରେ ନୂଆଁଖାଇ, ମହାଳୟା ଓ ଶାରଦୀୟ ଦୁର୍ଗା ପୂଜା ମୁଖ୍ୟ। ତେବେ ଦୁର୍ଗାପୂଜାର ବିଶେଷତ୍ୱ ଟିକିଏ ଅଲଗା। ମହାଳୟା ଦିନ ଦେବୀଙ୍କ ଧବଳମୁଖୀ ବା ଗଙ୍ଗାଦର୍ଶନ ବେଶ ହୋଇଥାଏ। କେବଳ ଆଶ୍ୱିନ ମାସରେ ସମଲେଶ୍ୱରୀଙ୍କୁ ୧୧ଟି ବେଶ କରାଯାଇଥାଏ। ବାସନ୍ତୀକ ଦଶହରା ଅବସରରେ ନବରାତ୍ର ପୂଜା ବେଳେ ସମଲେଶ୍ୱରୀ ବଡ଼ସିଂହାର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ପୁରୀ ଶ୍ରୀମନ୍ଦିର ପରିସରରେ ନବଗ୍ରହ ମନ୍ଦିର ପାର୍ଶ୍ୱରେ ମାଆ ସମଲେଶ୍ୱରୀ ପୂଜିତା।





# ମହାନଦୀରେ ନିର୍ମାଣ ହେବ ରିଭର ଭିୟୁ ପଏଣ୍ଟ

ସମ୍ବଲପୁରର ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ପାଖ ମହାନଦୀରେ ରିଭର୍ ଭିୟୁ ପଏଣ୍ଟ ନିର୍ମାଣ ପ୍ରସ୍ତାବକୁ ଜଳସମ୍ପଦ ବିଭାଗ ମଞ୍ଜୁର କରିଛି। ଏହା ମନ୍ଦିର ପାରିପାର୍ଶ୍ୱିକ ବିକାଶ ପାଇଁ ପରିକଳ୍ପିତ ସମଲେଶ୍ୱରୀ ଟେମ୍ପୁଲ ଏରିଆ ମ୍ୟାନେଜମେଣ୍ଟ ଓ ଲୋକାଲ ଇକୋନୋମିକ୍ ଇନିସିଏଟିଭ୍ ସମଲେଇ ଯୋଜନାର ଅଂଶ ଭାବେ ନିର୍ମାଣ କରାଯାଇଛି। ରାଜ୍ୟ ସରକାର ସମଲେଇ ଯୋଜନା ପାଇଁ ଦୁଇଟି ପର୍ଯ୍ୟାୟରେ ୪ଶହ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ପୁରାତନ ଶକ୍ତିପୀଠର ଦର୍ଶନ ପାଇଁ ପ୍ରତିବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଭକ୍ତ ଆସିଥାନ୍ତି। ପ୍ରସ୍ତାବିତ ରିଭର ଭିୟୁ ପଏଣ୍ଟ ଡେଭଲପ୍‌ମେଣ୍ଟ ପ୍ରକଳ୍ପ ୨୨ ଏକର ଜମିରେ କାର୍ଯ୍ୟକାରୀ ହୋଇଛି। ଏଥିରେ ଆର୍ଦ୍ର ଭୂମି ଉନ୍ନୟନ, ବର୍ଜ୍ୟ ଜଳ ପ୍ରକ୍ରିୟାକରଣ, ସୌନ୍ଦର୍ଯ୍ୟକରଣ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ସୁବିଧା ବିକଶିତ କରାଯାଇଛି। ଏହା ସହିତ ଏକ ଫୁଟ୍ ପାର୍କ, ପ୍ରତ୍ନତତ୍ତ୍ୱପାର୍କ, ମୁକ୍ତାକାଶ ରଙ୍ଗମଞ୍ଚ, ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସହିତ ବିକ୍ରୟ ସୁବିଧା କରାଯାଇଛି। ପ୍ରକଳ୍ପକୁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ କାର୍ଯ୍ୟକାରୀ କରିଛି। ମହାନଦୀ ଜଳସ୍ରୋତକୁ ପ୍ରଭାବିତ ନ କରି ରିଭର ଭିୟୁ ପଏଣ୍ଟ ଡେଭ୍‌ଲପମେଣ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସେହିଭଳି ସମଲେଇ ଯୋଜନାରେ ମନ୍ଦିର ପାରିପାର୍ଶ୍ୱିକ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୧୨ ଏକର ଜମି ଉପଯୋଗ କରାଯାଇଛି। ନଦୀକୂଳରେ ହେରିଟେଜ୍ କରିଡର ସହିତ ସାନ୍ଧ୍ୟ ଆଳତି ପାଇଁ ପ୍ଲାଟଫର୍ମ ରହିଛି। ମନ୍ଦିରରୁ ମହାନଦୀ ପର୍ଯ୍ୟନ୍ତ ଏବଂ ରେଲୱେ ଷ୍ଟେସନ୍ ପର୍ଯ୍ୟନ୍ତ ପ୍ରଶସ୍ତ ରାସ୍ତା ନିର୍ମାଣ କରାଯାଇଛି।

## ୪୪ ଏକରର ଭବ୍ୟ ମନ୍ଦିର ପରିସର

ସମଲେଇ ପ୍ରକଳ୍ପର ପ୍ରାଥମିକ ଦିଗ ମଧ୍ୟରୁ ପ୍ରଥମଟି ହେଉଛି, ମନ୍ଦିର ପରିସରର ଭବ୍ୟ ରୂପାନ୍ତରଣ। ଏକ ସମୟରେ କେବଳ ୪ ଏକର ପରିସରରେ ରହିଥିଲା ମା'ଙ୍କ ମନ୍ଦିର। '୫-ଟି' ରୂପାନ୍ତରଣ ପରେ ଆଜି ପ୍ରାୟ ୪୪ଏକରର ପରିବ୍ୟାପ୍ତ ଅଞ୍ଚଳରେ ଝଲସୁଛି ମାତା ସମଲେଶ୍ୱରୀଙ୍କ ଭବ୍ୟ ମନ୍ଦିର। ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ ହୋଇଛି। ଏହା ମନ୍ଦିର ପରିସରକୁ ପ୍ରାକୃତିକ ଭାବରେ ସୁନ୍ଦର କରିପାରିଛି। ପ୍ରତ୍ୟେକଟି ନୂତନ ନିର୍ମାଣ ଖଣ୍ଡୋଲାଇଟ୍ ପଥରରେ ନିର୍ମିତ ହୋଇଛି। ଏହି ପଥର ଓଡ଼ିଶାର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ପ୍ରତୀକ ଭାବେ ବିଭିନ୍ନ କାରୁକାର୍ଯ୍ୟରେ ଶୋଭା ପାଉଛି। ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ କଳାକୃତିକୁ ମନ୍ଦିର ପରିସରରେ ବିଶେଷ ରୂପେ ଧ୍ୟାନ ଦିଆଯାଇଛି। ଏହି ପରିସରରେ ହୋଇଥିବା ପ୍ରତିଟି ନିର୍ମାଣରେ ଓଡ଼ିଶାର କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। ଭବ୍ୟ ରୂପାନ୍ତରଣରେ ନିର୍ମିତ ହୋଇଥିବା ପ୍ରବେଶ ଦ୍ୱାର, ମନ୍ଦିର କାର୍ଯ୍ୟାଳୟ, ପୂଜକ ବିଶ୍ରାମାଳୟ, ଭେଣ୍ଡିଂ ଜୋନ୍, ଜୋତା ଷ୍ଟାଣ୍ଡ ଆଦିକୁ ମନ୍ଦିର ନିର୍ମାଣ ଶୈଳୀ ସହ ସମାନ୍ତରାଳ ଭାବେ ଐତିହ୍ୟପୂର୍ଣ୍ଣ ଢଙ୍ଗରେ ନିର୍ମାଣ କରାଯାଇଛି।

## ପର୍ଯ୍ୟଟନ ଓ ଅର୍ଥନୀତି ବଢ଼ିବ

■ ସମଲେଇ ପ୍ରକଳ୍ପ ମାଧ୍ୟମରେ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଠାରେ ନିର୍ମାଣ ହୋଇଥିବା ଭେଣ୍ଡିଙ୍ଗ ଜୋନ୍‌ରେ ମୋଟ ୮୨ଟି ଦୋକାନ ଗୃହର ନିର୍ମାଣ ହୋଇଛି। ତନ୍ମଧ୍ୟରୁ ୧୪ଟି ଦୋକାନ ଗୃହ ମନ୍ଦିରର ପୂଜକମାନଙ୍କ ପାଇଁ ସଂରକ୍ଷିତ ରଖାଯାଇଛି।

## ସମ୍ବଲପୁରୀ ବାନ୍ଧକଳାର ଲାଇଭ୍ ଡେମୋନ୍‌ଷ୍ଟ୍ରେସନ୍

■ କ୍ୟାଫେଟେରିଆ ପରିଚାଳନା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ନାରୀ ସଶକ୍ତିକରଣର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରାଯାଇଛି। ସମ୍ବଲପୁରୀ ବାନ୍ଧକଳାକୁ ଏଠାରେ ଅଗ୍ରାଧିକାର ଦିଆଯାଇଛି। ଦେଶବିଦେଶରୁ ଆସୁଥିବା ମା'ଙ୍କ ଭକ୍ତମାନେ ସମ୍ବଲପୁରୀ ବାନ୍ଧକଳାର ସ୍ୱତନ୍ତ୍ର ସଂସ୍କରଣର ସାମଗ୍ରୀ ପାଇପାରିବେ। ଏହାଦ୍ୱାରା ସାରା ବିଶ୍ୱରେ ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ। ଏଠାରେ ମଧ୍ୟ ସମ୍ବଲପୁରୀ ବାନ୍ଧକଳାର ଲାଇଭ ଡେମୋନଷ୍ଟ୍ରେସନ୍‌ର ବ୍ୟବସ୍ଥା କରାଯାଇଛି।

## ସ୍ଥାନୀୟ ଅଧିବାସୀଙ୍କ ପାଇଁ ଆର୍ଥିକ ବିକାଶର ସୁଯୋଗ

■ ସମଲେଇ ପ୍ରକଳ୍ପର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମନ୍ଦିର ଚତୁଃପାର୍ଶ୍ୱରେ ଅନ୍ୟାନ୍ୟ ପ୍ରକଳ୍ପର ବିକାଶ ଓ ସ୍ଥାନୀୟଅଧିବାସୀଙ୍କ ଆର୍ଥିକ ବିକାଶ ଲାଗି ସୁଯୋଗ ସୃଷ୍ଟି କରିବା। ଏହି ସମଲେଇ ପ୍ରକଳ୍ପର ଲୋକାର୍ପଣ ପରେ ଦେଶର କୋଣଅନୁକୋଣରୁ ମା'ଙ୍କ ଭକ୍ତଙ୍କ ସମାଗମ ହେବ। ଏଥିରୁ ସମ୍ବଲପୁରର ପର୍ଯ୍ୟଟନ ଶିଳ୍ପ ବିଶେଷ ଭାବେ ଲାଭାନ୍ୱିତ ହୋଇପାରିବ। ସ୍ଥାନୀୟ ଅଧିବାସୀଙ୍କ ପାଇଁ ଆର୍ଥିକ ବିକାଶର ବହୁତ ସୁଯୋଗ ସୃଷ୍ଟି ହେବ। ଏହା ସମଗ୍ର ଅଞ୍ଚଳର ବିକାଶ ଲାଗି ବାଟ ଫିଟାଇବ।

## '୫-ଟି' ମନ୍ତ୍ରର ଅନନ୍ୟ ଉଦାହରଣ

■ ମା' ସମଲେଶ୍ୱରୀଙ୍କ ମନ୍ଦିର ପରିସରର ଭବ୍ୟ ଓ ବିଶାଳ ରୂପାନ୍ତରଣ '୫-ଟି' ମନ୍ତ୍ରର ସଫଳତାର ଅନନ୍ୟ ଉଦାହରଣ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ମା' ସମଲେଇଙ୍କ ପ୍ରତି ଭକ୍ତି , ସମର୍ପଣ ଓ ଶ୍ରଦ୍ଧା ରହି ଆସିଛି। ସେ ଲଗାତାର ଭାବେ ଏହି ସମଲେଇ ପ୍ରକଳ୍ପର ମନିଟରିଂ କରି ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱପ୍ନର ପ୍ରକଳ୍ପକୁ ବାସ୍ତବିକତାର ରୂପ ଦେଇଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ମା' ସମଲେଇଙ୍କ ପ୍ରତି ଥିବା ଅଗାଢ଼ ଭକ୍ତି ଓ ପଶ୍ଚିମ ଓଡ଼ିଶା ପ୍ରତି ଥିବା ଅଶେଷ ସ୍ନେହ ଓ ଶ୍ରଦ୍ଧା ଏବଂ ସମୃଦ୍ଧିର ସେନାପତି କାର୍ତ୍ତିକ ପାଣ୍ଡିଆନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ହିଁ ଏହି ପ୍ରକଳ୍ପ ସମ୍ଭବ ହୋଇପାରିଛି ବୋଲି ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି।



## ଦିବ୍ୟ ଅନୁଭବ ପ୍ରାପ୍ତିକୁ ଗୁରୁତ୍ୱ

ମା' ସମଲେଶ୍ୱରୀଙ୍କ ମନ୍ଦିରକୁ ଆସିଲେ ଯେଉଁଭଳି ଭାବେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଦିବ୍ୟ ଅନୁଭବ ପ୍ରାପ୍ତ କରିପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଯେଉଁଭଳି ଭାବେ ଭକ୍ତମାନଙ୍କର କୌଣସି ଅସୁବିଧା ନହୁଏ, ସେଥିପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଧାଡ଼ିରେ ଛିଡ଼ା ହେବା ପାଇଁ ଉପଯୁକ୍ତ ଛାୟାଯୁକ୍ତ ସ୍ଥାନ, ଧାଡ଼ି ପାଇଁ ଉପଯୁକ୍ତ ରେଲିଂ, ଜୋତା ଷ୍ଟାଣ୍ଡ, ପାନୀୟ ଜଳ, ଶୌଚାଳୟ, ପାର୍କିଂ ସ୍ଥଳ ଆଦିର ନିର୍ମାଣ ହୋଇଛି। ମନ୍ଦିର ନିକଟରେ ରହିଥିବା ପୋଖରୀର ଜୀର୍ଣ୍ଣୋଦ୍ଧାର କରାଯାଇ ମା'ଙ୍କ ଭକ୍ତିର ଛାପ ଦିଆଯାଇଛି। ନିର୍ମିତ ହୋଇଥିବା ୱାଚ୍ ଟାୱାର୍‌ରୁ ଭକ୍ତ ଶ୍ରଦ୍ଧାଳୁମାନେ ଏହି ସମସ୍ତ ଅଭିନବ ଦୃଶ୍ୟକୁ ଉପଭୋଗ କରିପାରିବେ। ମନ୍ଦିରକୁ ଆସୁଥିବା ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଛି। ପାର୍କିଂ ସ୍ଥଳରୁ ମା'ଙ୍କ ଦର୍ଶନ ପାଇଁ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଟେରୀ ଚାଳିତ ଯାନର ବ୍ୟବସ୍ଥା କରାଯାଇଛି। ମା'ଙ୍କର ନବରାତ୍ର ପୂଜା, ଅଖଣ୍ଡ ଦୀପ ସମ୍ପାଦନ ଓ ସ୍ୱତନ୍ତ୍ର ଶ୍ରେଣୀୟ ପର୍ବ ପାଇଁ ଧ୍ୟାନ ଦିଆଯାଇ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ମହାନଦୀ ଆରତି ମାଧ୍ୟମରେ ପ୍ରକୃତି ଓ ସଂସ୍କୃତିର ଏକ ଅପୂର୍ବ ସମନ୍ୱୟର ନିର୍ଦ୍ଦେଶ ପାଇଁ ସ୍ୱତନ୍ତ୍ର ମହାନଦୀ ଆରତି ଘାଟ ନିର୍ମାଣ କରାଯାଇଛି।

## ରୂପାନ୍ତରଣର ଶ୍ରେଷ୍ଠ ପ୍ରତୀକ: ସମଲେଇ ପ୍ରକଳ୍ପ

ଜଗଜ୍ଜନନୀ ଶ୍ରଦ୍ଧାସ୍ୱରୂପିଣୀ ପରମ ଆରାଧ୍ୟା ମା' ସମଲେଶ୍ୱରୀ ହେଉଛନ୍ତି ପଶ୍ଚିମ ଓଡ଼ିଶାର ଦେବୀ ଆରାଧନାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନାର କେନ୍ଦ୍ରବିନ୍ଦୁ। ସମ୍ବଲପୁରସ୍ଥିତ ମାତା ସମଲେଶ୍ୱରୀଙ୍କ ଐତିହାସିକ ମନ୍ଦିରର ରୂପାନ୍ତରଣ ସେହି ଚେତନାର ଏକ ପ୍ରତିଫଳନ। ପଶ୍ଚିମ ଓଡ଼ିଶାବାସୀଙ୍କ ସେହି ଭାବନାକୁ ସାଦର ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସେହି ଐତିହାସିକ ନିଷ୍ପତ୍ତି କ୍ରମେ ୨୦୨୧ରୁ ଆରମ୍ଭ ହୋଇଥିବା ସମଲେଇ ପ୍ରକଳ୍ପ ଯାହା ଏବେ ଲୋକାର୍ପଣ ଅପେକ୍ଷାରେ। ମା'ଙ୍କ ପ୍ରତି ଭକ୍ତି ଓ ତାଙ୍କ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ୫-ଟି ରୂପାନ୍ତରଣ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିବା ସମଲେଇ ପ୍ରକଳ୍ପରେ ଭକ୍ତମାନଙ୍କର ଅବଶ୍ୟକତା ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପ୍ରକଳ୍ପ ଆରମ୍ଭରୁ ହିଁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଲଗାତାର ଭାବେ ଏଠାକୁ ଗସ୍ତ କରି ରୂପାନ୍ତରଣ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଇ ଆସିଛନ୍ତି।





ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ପାଶ୍ଚାତ୍ୟ ଗଣତନ୍ତ୍ରର ଅବଧାରଣାଠାରୁ ବହୁ ପ୍ରାଚୀନ। ଏହି କାରଣରୁ ଭାରତକୁ 'ଗଣତନ୍ତ୍ରର ଜନନୀ' କୁହାଯିବା ଯଥାର୍ଥ।
-ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ (ଗଣତନ୍ତ୍ର ଦିବସ ପୂର୍ବସନ୍ଧ୍ୟାରେ ଜାତି ଉଦ୍ଦେଶ୍ୟରେ ଅଭିଭାଷଣ)

ସକାଳ THE SAKALA

# ଜାତୀୟ ବିରୋଧୀ ସାମ୍ମୁଖ୍ୟ ଦାନା ବାନ୍ଧୁନାହିଁ

ସପ୍ତଦଶ ଲୋକସଭାର କାର୍ଯ୍ୟକାଳ ୨୦୨୪ ଜୁନ୍ ୧୬ରେ ପୂରଣ ହେଉଛି। ସୁତରାଂ ତା' ପୂର୍ବରୁ ଅଷ୍ଟାଦଶ ଲୋକସଭା ଗଠନ ନିମନ୍ତେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ଏକ ସାମ୍ବିଧାନିକ ଆବଶ୍ୟକତା। ତଦନୁସାରେ ଆସନ୍ତା ଏପ୍ରିଲ-ମେ' ମଧ୍ୟରେ ଯେ କୌଣସି ସମୟରେ ଲୋକସଭାର ୫୪୩ ଆସନ ପାଇଁ ନିର୍ବାଚନ ବିଗୁଲ୍ ବାଜିବ। ନିର୍ବାଚନ ଆୟୋଗ ଏଥିପାଇଁ ଦେଶବ୍ୟାପୀ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଆହୁରି ମଧ୍ୟ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ହରିୟାନା, ସିକିମ୍, ଅରୁଣାଚଳ ପ୍ରଦେଶ, ଝାଡ଼ଖଣ୍ଡ ବିଧାନସଭାର କାର୍ଯ୍ୟକାଳ ଚଳିତ ବର୍ଷ ମଧ୍ୟଭାଗ ସୁଦ୍ଧା ଶେଷ ହେଉଥିବାରୁ ସେଠାରେ ଲୋକସଭା ସହିତ ବିଧାନସଭା ନିର୍ବାଚନ ଏକାସାଙ୍ଗରେ ହୋଇପାରେ। ସୁପ୍ରିମକୋର୍ଟଙ୍କ ଆଦେଶ ଥିବାରୁ ଜାମ୍ମୁ-କାଶ୍ମୀରରେ ମଧ୍ୟ ଏହି ସମୟରେ ବିଧାନସଭା ନିର୍ବାଚନ ହୋଇପାରେ। ଏବେ 'ଏକ ଦେଶ-ଏକ ନିର୍ବାଚନ' ସପକ୍ଷରେ କେନ୍ଦ୍ରର କ୍ଷମତାସୀନ ମେଣ୍ଟ ଏନ୍‌ଡିଏ ଗୁରୁତ୍ୱ ଦେଉଛି। ତାହାର ଅର୍ଥ ସବୁ ରାଜ୍ୟ ବିଧାନସଭା ଓ ଲୋକସଭା ପାଇଁ ଏକ ସମୟରେ ନିର୍ବାଚନ କରିବାକୁ ପଡ଼ିବ। ଏ ବିଷୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ବିଶେଷ କମିଟି ଅନୁଧ୍ୟାନ କରି ରିପୋର୍ଟ ଦେବା ବାକି ଅଛି। ତେବେ ଏହି ବିଚାରକୁ ପ୍ରମୁଖ ବିରୋଧୀ ରାଜନୈତିକ ଦଳମାନେ ବିରୋଧ କରୁଥିବାରୁ ଏବଂ ଏ ଦିଗରେ କେତେକ ସମ୍ବିଧାନ ସଂଶୋଧନ ପ୍ରକ୍ରିୟାର ଆବଶ୍ୟକତା ଥିବାରୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ପ୍ରସଙ୍ଗ ବିଶେଷ ଗୁରୁତ୍ୱପୂର୍ଣ୍ଣ ମନେ ହୁଏ ନାହିଁ। ତେବେ ଲୋକସଭା ନିର୍ବାଚନ ଦେଶ ପାଇଁ ସବୁ ରାଜନୈତିକ ଦଳଙ୍କ ନିମନ୍ତେ ବିଶେଷ ଗୁରୁତ୍ୱ ରଖେ।

କ୍ରମାଗତ ଭାବେ ଏନ୍‌ଡିଏ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ତୃତୀୟଥର ପାଇଁ କେନ୍ଦ୍ରର କ୍ଷମତାକୁ ଆସିବାକୁ ଉଦ୍ୟମ କରୁଥିବା ବେଳେ କଂଗ୍ରେସ ନେତୃତ୍ୱରେ ଗଠିତ 'ଇଣ୍ଡିଆ' ମେଣ୍ଟ ଶାସନ ଡୋରି ଧରିବାକୁ କସରତ ଆରମ୍ଭ କରିଦେଇଛି। ସେହିଭଳି ବିଭିନ୍ନ ରାଜ୍ୟରେ ଏନ୍‌ଡିଏ ନିଜ ମେଣ୍ଟ ଓ ଦଳର ସରକାର ଦେଖିବାକୁ ଚାହୁଁଥିବା ବେଳେ ଆଞ୍ଚଳିକ ଦଳଙ୍କ ହାତରେ ଥିବା ରାଜ୍ୟଗୁଡ଼ିକର ଶାସକଦଳର ନେତାମାନେ କ୍ଷମତା ପୁନଃଦଖଲ ପାଇଁ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ତେବେ ଦେଶରେ ଆସନ୍ନ ଲୋକସଭା ନିର୍ବାଚନ କଥା ଯେତେବେଳେ ଉଠେ, ସେତେବେଳେ ଜାତୀୟ ଦୃଶ୍ୟପଟ୍ଟରେ ବିଜେପି ଓ ତାହାର ମେଣ୍ଟର ଯଥାର୍ଥ ମୁକାବିଲା କରିବା ଭଳି ଦଳ ଅଥବା ମେଣ୍ଟର ଅଭାବ ଦୃଷ୍ଟିଗୋଚର ହୁଏ। ମୋଦୀଙ୍କୁ ମୁକାବିଲା କରିବା ସହିତ ଏକ ଜାତୀୟ ରାଜନୈତିକ ବିକଳ୍ପ ସୃଷ୍ଟି କରିବାକୁ କିଛିଦିନ ତଳେ ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା, ତାହା ନେତୃତ୍ୱର କନ୍ଦଳ ଏବଂ କିଛି ନେତାଙ୍କ ହାମ୍‌ବଡ଼ା ନୀତି ଯୋଗୁଁ କ୍ରମଶଃ ବୁଦ୍‌ବୁଦ୍ ପରି ମିଳେଇ ଯାଉଥିବା ମନେ ହେଉଛି। ଏହା ଅବଶ୍ୟ ସତ୍ୟ ଯେ ସବୁଠାରୁ ପୁରୁଣା ଓ ବଡ଼ ଜାତୀୟ ଦଳ କଂଗ୍ରେସକୁ ଛାଡ଼ି କୌଣସି ଦୃଢ଼ ଜାତୀୟ ବିକଳ୍ପ ମେଣ୍ଟ ଗଠନ ସମ୍ଭବ ନୁହେଁ। ତେବେ 'ଇଣ୍ଡିଆ' ମେଣ୍ଟର ଅଂଶୀଦାର ଆପ୍, ତୃଣମୂଳ କଂଗ୍ରେସ, ଜେଡିୟୁ ଆଦି କଂଗ୍ରେସର ବଡ଼ଭାଇ ପଣିଆ ଓ ତଥାକଥିତ ଅହଂକାରକୁ ଗ୍ରହଣ କରିପାରୁ ନାହାନ୍ତି।

ତୃଣମୂଳ ମୁଖିଆ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ମୁଖ୍ୟ ନୀତିଶ କୁମାର, ଆପ୍‌ର ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂହ ମାନ୍ ସ୍ପଷ୍ଟ କରି ଦେଲେଣି ଯେ ସେମାନେ ନିଜ ରାଜ୍ୟରେ କଂଗ୍ରେସକୁ କୌଣସି ଆସନ ନ ଦେଇ ନିଜେ କିମ୍ବା ନିଜର ଶାସକ ମେଣ୍ଟ ସହଯୋଗୀ ସବୁ ଆସନରେ ଲଢ଼ିବେ। କଂଗ୍ରେସ ସହ ଆସନ ବୁଝାମଣା ନ କରି ସେମାନେ ନିଜ ନିଜ ରାଜ୍ୟରେ ବିଜେପି ଓ ତାହାର ମିତ୍ରଦଳଙ୍କୁ ପରାଜିତ କରିବାକୁ ସମର୍ଥ ବୋଲି ଦୃଢ଼ ଭାବେ କହୁଛନ୍ତି। ଏହି ନେତାମାନେ 'ଇଣ୍ଡିଆ' ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଓ ଅଂଶୀଦାର। ବାକି ରହିଲେ ଏନ୍‌ସିପି, ଶିବସେନା (ଉଦ୍ଧବ), ଡିଏମ୍‌କେ ଓ ବାମପନ୍ଥୀଦଳ। ଏମାନଙ୍କ ମଧ୍ୟରୁ ଡିଏମ୍‌କେକୁ ଛାଡ଼ି ଦେଲେ ଅନ୍ୟ ସବୁ ଦଳଙ୍କର ସାଂଗଠନିକ ସ୍ଥିତି ଏବେ ଦୁର୍ବଳ। କେରଳରେ ବାମପନ୍ଥୀମାନେ କଂଗ୍ରେସ ସହିତ ଆସନ ବୁଝାମଣାକୁ ମୂଳରୁ ବିରୋଧ କରିଆସୁଛନ୍ତି। ଯାହା ଜଣାପଡୁଛି, କଂଗ୍ରେସର ବଡ଼ଭାଇ ପଣିଆ ଓ ରାହୁଲ ଗାନ୍ଧୀଙ୍କ ଖାମ୍‌ଖିଆଲି ନୀତିକୁ 'ଇଣ୍ଡିଆ'ର ଅନ୍ୟ ନେତାମାନେ ପସନ୍ଦ କରୁନାହାନ୍ତି। ସେମାନେ ନୂଆ ମେଣ୍ଟକୁ ନ ଭାଙ୍ଗି ଚତୁରତାର ସହ ଆସନ ବୁଝାମଣା ଓ ବଣ୍ଟନରେ ନୂଆ ସର୍ତ୍ତ ରଖୁଛନ୍ତି, ଯାହା କଂଗ୍ରେସ ପାଇଁ ଅପମାନଜନକ ଓ ଅଗ୍ରହଣୀୟ। ଏହା 'ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା' ଭଳି କଥା ହୋଇଛି ଓ ବିରୋଧୀ ଏକତା ପ୍ରତି ଏକ ଶକ୍ତ ଧକ୍କା କହିଲେ ଭୁଲ୍ ହେବ ନାହିଁ। ବିଜେପିକୁ ଏହା ସୁହାଇବା ସ୍ୱାଭାବିକ। ଏକ ଗ୍ରହଣଯୋଗ୍ୟ ରାଜନୈତିକ ବିକଳ୍ପ ଅଭାବରେ ଏନ୍‌ଡିଏ ମେଣ୍ଟକୁ ଫାଇଦା ନିଶ୍ଚୟ ମିଳିବ।

ଦେଶ ଆଜି ଭାରତୀୟ ସାଧାରଣତନ୍ତ୍ରର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି। ସ୍ୱାଧୀନତା ପ୍ରାପ୍ତିର ଏକଶହ ବର୍ଷ ପୂର୍ତ୍ତି ପାଳନ ପାଇଁ 'ଅମୃତକାଳ'ର ଯାତ୍ରାରେ ଭାରତ ଚାଲିଛି। ଲୋକେ ବିକାଶ, ସୁଶାସନ, ରାଜନୈତିକ ସ୍ଥିରତା ଓ ସୁଖଦ ଜୀବନ ଚାହୁଁଛନ୍ତି। ସେମାନେ ମଧ୍ୟ ରାଜନୈତିକ ସ୍ଥିରତାର ସୁଫଳ ବୁଝୁଛନ୍ତି ଏବଂ ସେଥିପାଇଁ କେନ୍ଦ୍ର ହେଉ ଅଥବା ରାଜ୍ୟ, ବିଭିନ୍ନ ସ୍ତରରେ ଭଲକାମ କରୁଥିବା ସରକାରଙ୍କୁ ବାରମ୍ବାର ନିର୍ବାଚିତ କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ନବୀନ ପଟ୍ଟନାୟକ, ମମତା ବାନାର୍ଜୀ, ନୀତିଶ କୁମାର ପ୍ରମୁଖ ତାହାର ଉଦାହରଣ। ବିଜେପି ମଧ୍ୟ ଗୁଜରାଟ ଓ ହରିୟାନାରେ କ୍ରମାଗତ ଭାବେ ବିଜୟୀ ହେଉଛି। କଂଗ୍ରେସ ରାଜନୀତିରେ ଏବେ କ୍ଲାନ୍ତ ଓ ବୟସ୍କ ବିବେଚିତ ହେଉଥିଲେ ମଧ୍ୟ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାତ ହୋଇନାହିଁ। ଏହା ଏକ ଭିନ୍ନ ଜୀବନ ଜିଉଛି। ବାମପନ୍ଥୀମାନଙ୍କର ଅବସ୍ଥା ମଧ୍ୟ ତଦ୍ରୂପ। ପ୍ରାଦେଶିକ ସ୍ତରରେ କଂଗ୍ରେସର ଦୁର୍ବଳତା ଯୋଗୁଁ ଯେଉଁ ରାଜନୈତିକ ଶୂନ୍ୟତା ସୃଷ୍ଟି ହୋଇଥିଲା, ତାହାକୁ ଆଞ୍ଚଳିକ ଦଳମାନେ ଦଖଲ କରିସାରିଛନ୍ତି। ତେଣୁ ବର୍ତ୍ତମାନ ବାସ୍ତବ ଲୋକସଭା ଲଢ଼େଇ ସିଧାସଳଖ ବିଜେପି ଓ ଅଣ-ବିଜେପି ଆଞ୍ଚଳିକ ଦଳମାନଙ୍କ ମଧ୍ୟରେ ହେବା ନିଶ୍ଚିତ। କାରଣ ଏନ୍‌ଡିଏ ବିରୋଧୀ ଜାତୀୟ ମଞ୍ଚର ରୂପରେଖ ଏବେ ବି ସ୍ପଷ୍ଟ ହୋଇନାହିଁ। ଏଭଳି ପରିସ୍ଥିତିରେ ଆସନ୍ତା ନିର୍ବାଚନରେ ଭୋଟର କାହା ଉପରେ ଆସ୍ଥା ସ୍ଥାପନ କରିବେ, ତାହା ଅନୁମାନ କରିବା କଷ୍ଟସାଧ୍ୟ ନୁହେଁ।

ଦେଶ ୭୫ତମ ଗଣତନ୍ତ୍ର ଦିବସ ପାଳନ କରୁଥିବା ବେଳେ ଆମ ଗଣତନ୍ତ୍ରର ସବୁଠୁ ବିଡ଼ମ୍ବନା ହେଲା ଜାତୀୟସ୍ତରରେ ଏକ ଦୃଢ଼ ରାଜନୈତିକ ବିକଳ୍ପ ବା ଶକ୍ତିଶାଳୀ ବିରୋଧୀଦଳ କିମ୍ବା ମେଣ୍ଟ ଉଭା ହୋଇପାରୁନାହିଁ। ଏହା ଆମ ଗଣତନ୍ତ୍ରର ଭବିଷ୍ୟତ ପାଇଁ ନିଶ୍ଚୟ ଏକ ଚିନ୍ତାର ବିଷୟ। ଭାରତର ବିରୋଧୀ ରାଜନୈତିକ ସମୀକରଣ ଏକ ଦୃଢ଼ ଜାତୀୟ ରାଜନୈତିକ ବିକଳ୍ପ ତିଆରି ପାଇଁ ଏବେ ମଧ୍ୟ ଅନୁକୂଳ ନୁହେଁ। ପ୍ରାଦେଶିକ ସ୍ତରରେ କେତେକ ବିଜେପି-ବିରୋଧୀ ଦଳ ଶାସନ କ୍ଷମତାରେ ରହିଥିଲେ ମଧ୍ୟ ଜାତୀୟସ୍ତରରେ ସେମାନେ ଏକାଠି ହୋଇପାରିନାହାନ୍ତି ଏବଂ ପୁଣି ଥରେ ବିଜେପି ନେତୃତ୍ୱରେ ଏନ୍‌ଡିଏ ମେଣ୍ଟ କେନ୍ଦ୍ରରେ କ୍ଷମତାକୁ ଫେରିବାର ସମ୍ଭାବନା ଜଳଜଳ ଦିଶୁଛି।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା



**ପବିତ୍ର ମହାରଥା**
ଭୁବନେଶ୍ୱର, ମୋ: ୯୪୩୭୦୨୮୮୭୪

ଆମ୍ଭମାନଙ୍କର ଜନ୍ମଭୂମିର ନାମ ଓଡ଼ିଶା। ଏହି 'ଓଡ଼ିଶା' ଶବ୍ଦଟି 'ଓଡ୍ର ରାଷ୍ଟ୍ର' ବା 'ଓଡ୍ର ଦେଶ'ରୁ ଉତ୍ପତ୍ତି। ପୂର୍ବକାଳରେ ବିଶାଖାପାଟଣାର ମାଳଭୂମି, ଜୟପୁର, ବସ୍ତର, ଖୋର୍ଦ୍ଧା ଓ ଅନ୍ୟାନ୍ୟ ଅଞ୍ଚଳରେ ଓଡ୍ର ମାନେ ବାସ କରୁଥିବାରୁ ତାହାକୁ ଓଡ୍ର ଦେଶ ବୋଲି କୁହାଯାଉଥିଲା।

ଓଡ଼ିଆ ଏକ ଉଡ୍ର ଜାତୀୟ ଭାରତୀୟ ଭାଷା, ଯାହା ଇଣ୍ଡୋ-ଇଉରୋପୀୟ ଭାଷାଗୋଷ୍ଠୀ ଅନ୍ତର୍ଗତ ଇଣ୍ଡୋ-ଆର୍ଯ୍ୟ ଭାଷା। ଏହା ଭାରତବର୍ଷର ପ୍ରଥମ ପ୍ରଦେଶ, ଯାହାକି ୧୯୩୬ ମସିହାରେ ଭାଷାଭିତ୍ତିକ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଥିଲା। ଏହି ପ୍ରଦେଶରେ ସର୍ବାଧିକ ବ୍ୟବହାର କରାଯାଉଥିବା ମୁଖ୍ୟ ଭାଷା 'ଓଡ଼ିଆ' ଯାହା ୯୧.୮୫ % ଲୋକ ବ୍ୟବହର କରନ୍ତି। ଓଡ଼ିଶା ସମେତ ଏହା ପଶ୍ଚିମ ବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ଗୁଜରାଟ (ମୂଳତଃ ସୁରଟ) ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ମେଦିନୀପୁର, ବିଳାଶପୁର, ରାୟପୁର ଝାଡ଼ଖଣ୍ଡର ସିଂହଭୂମି ଜିଲ୍ଲା, ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ, ବିଜୟନଗର ଓ ବିଶାଖାପଟ୍ଟନମ ଜିଲ୍ଲା, ଛତିଶଗଡ଼ର ବହୁ ଅଞ୍ଚଳରେ ବହୁଳ ଭାବରେ କୁହାଯାଇଥାଏ। ଏହାଛଡ଼ା ବେଙ୍ଗାଲୁରୁ, ହାଇଦ୍ରାବାଦ, ପଣ୍ଡିଚେରୀ, ଚେନ୍ନାଇ, ଗୋଆ, ମୁମ୍ବାଇ, ଜାମସେଦପୁର, ବରୋଦା, ଅହମଦାବାଦ, ଦିଲ୍ଲୀ, କଲିକତା, ଖଡ଼ଗପୁର, ଗୁଆହାଟୀ, ପୁନେ ଓ ସିଲଭାସା ଆଦି ସହରରେ ବହୁଳ ଭାବରେ ଓଡ଼ିଆ ଲୋକ ବସବାସ କରନ୍ତି। ଏହା ଓଡ଼ିଶାର ସରକାରୀ ଭାଷା। ଭାରତର ସମ୍ବିଧାନ ସ୍ୱିକୃତୀପ୍ରାପ୍ତ ୨୨ଟି ଭାଷା ମଧ୍ୟରୁ ଗୋଟିଏ ଓ ଝାଡ଼ଖଣ୍ଡର ଦ୍ୱିତୀୟ ପ୍ରଶାସନିକ ଭାଷା। ଏହା ୨୦୧୪ ମସିହାରେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି।

କଳାହାଣ୍ଡିର ଗୁଡ଼ହାଣ୍ଡିରୁ ମିଳିଥିବା, ଗୁମ୍ଫାଲେଖ, ଓଡ଼ିଆ ଭାଷାର ମୂଳ ଉତ୍ସ ଭାବରେ ବର୍ଣ୍ଣିତ ହେଉଛି, ନୂଆପଡ଼ାର ଯୋଗୀମଠରୁ ମିଳିଥିବା ଚିତ୍ରଲିପି ଓ ଝାରସୁଗୁଡ଼ାର ବିକ୍ରମଖୋଲରୁ ମିଳିଥିବା ଗୁମ୍ଫାଲିପି ହେଉଛି ଓଡ଼ିଆ ଭାଷାର ମୂଳ ଆଧାର। ଯୋଗୀମଠର ଚିତ୍ରଲିପିରେ ନାରଙ୍ଗୀ ରଙ୍ଗରେ ଲିଖିତ "ଠ"ଲିପି ଆଜି ପର୍ଯ୍ୟନ୍ତ ଓଡ଼ିଆ ସମେତ ସମସ୍ତ ଭାରତୀୟ ଲିପିମାଳାରେ ଅବିକଳ ଭାବରେ ବ୍ୟବହୃତ। ପ୍ରକୃତ ଓଡ଼ିଆ ଲିପିର ପ୍ରାଚୀନ ଦୃଷ୍ଟାନ୍ତ ଶିଳାଲିପିରୁ ଦେଖାଯାଏ। ମୂଳ ଓଡ଼ିଆ ଭାଷା ପାଲି ଓ ଔଡ୍ରୀ ପ୍ରାକୃତରୁ ସିଧା ସୃଷ୍ଟି ହୋଇଥିବା ଭାଷା ବିଜ୍ଞାନୀମାନେ ପ୍ରମାଣ ଦିଅନ୍ତି, ଏହି ଭାଷା ଭାରତରେ ୨, ୫୦୦ ବର୍ଷରୁ ଅଧିକ ବର୍ଷ ଆଗରୁ କୁହାଯାଉଥିଲା ଓ ବୌଦ୍ଧ ଧର୍ମର 'ତ୍ରିପିଟକ' ଓ ଜୈନ ଧର୍ମଗ୍ରନ୍ଥର ମୂଳ ଭାଷା ଥିଲା। ଓଡ଼ିଆ ବାକି ଭାରତୀୟ ଭାଷାମାନଙ୍କ ତୁଳନାରେ ଖୁବ କମ ପାରସୀ ଓ ଆରବୀ ଭାଷା ଦ୍ୱାରା ପ୍ରଭାବିତ।

୨୦ ଫେବୃଆରୀ ୨୦୧୪ ତାରିଖ ଦିନ କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟତାର ମାନ୍ୟତା ଦେଇଥିଲେ ଓ ମାର୍ଚ୍ଚ ୧୧ତାରିଖ ଦିନ, ଏ ନେଇ ରାଜପତ୍ର ପ୍ରକାଶ କରାଯାଇଥିଲା। ଏହି ମାନ୍ୟତା ପାଇବାରେ 'ଓଡ଼ିଆ' ହେଲା ଷଷ୍ଠ ଭାଷା। ଏହା ପୂର୍ବରୁ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ଼ ଓ ମାଲାୟାଲମକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିସାରିଛି। କେନ୍ଦ୍ର କ୍ୟାବିନେଟ୍ ଫେବୃଆରୀ ୨୦ ତାରିଖରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନେଲେ। ୨୦୧୩ ମସିହା ଜୁଲାଇ ୨୩ ତାରିଖରେ ଭାଷାବିଶେଷଜ୍ଞ କମିଟି ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ଶାସ୍ତ୍ରୀୟ ଭାଷା ହେବା ଫଳରେ ଓଡ଼ିଆ ଭାଷାରେ ଉଲ୍ଲେଖନୀୟ ଅବଦାନ ସକାଶେ ପ୍ରତିବର୍ଷ ଆଠଟି ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି। ଏହାଛଡ଼ା ଓଡ଼ିଆ ଭାଷା ପାଇଁ ଏକ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ସ୍ଥାପନ ମଧ୍ୟ କରାଯାଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଶିକ୍ଷାବିତ୍ମାନଙ୍କର ନିଯୁକ୍ତିର ସୁଯୋଗ ଅଛି। ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖ ଦିନ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟତାର ମାନ୍ୟତା ପାଇଁ ରାଜପତ୍ର ବିଜ୍ଞପ୍ତି ଜାରି କରାଯାଇଥିବାରୁ, ୨୦୧୫ ମସିହାରୁ ଏହି ଦିନଟିକୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ରୂପେ ପାଳନ କରିବା ପାଇଁ ନବୀନ ସରକାର ନିଷ୍ପତ୍ତି ନେଇଛନ୍ତି।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳ ଆଧାର ଥିଲା ଆମର ମାତୃଭାଷା ଓଡ଼ିଆ ଓ ଓଡ଼ିଆ ଭାଷାକୁ ମାତୃଭାଷା ମାନୁଥିବା ଭୌଗୋଳିକ ଭୂଖଣ୍ଡକୁ ଏକାଠି କରି 'ଓଡ଼ିଶା' ରାଜ୍ୟ ଗଠନ କରାଯାଇଛି। ଏକମାତ୍ର ଉଦ୍ଦେଶ୍ୟ ଥିଲା ଯେ, ମାତୃଭୂମିର ଭାଷା ଓଡ଼ିଆ ହିଁ ସରକାରୀ ଭାଷା ଭାବେ ବ୍ୟବହାର କରାଯିବ। 'ମାତୃଭୂମି' ପାଇଁ 'ମାତୃଭାଷା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ; ଯାହାକି ମନୁଷ୍ୟର ସାମାଜିକ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବାରେ ସହଯୋଗ କରିଥାଏ। ଗୋଟିଏ ପିଢ଼ିରୁ ଆଉ ଗୋଟିଏ ପିଢ଼ିକୁ ଶିକ୍ଷା ଦେବାରେ ଏବଂ ସମାଜର ଅଂଗୀକାରବଦ୍ଧତାକୁ ସଠିକ ରାସ୍ତାରେ ନେବା ପାଇଁ ଯେଉଁ ଆବଶ୍ୟକତା ରହିଛି ତାହାକୁ ଆଗେଇ ନେବାରେ 'ମାତୃଭାଷା' ହିଁ ଏକମାତ୍ର ମାଧ୍ୟମ। ଭୌଗୋଳିକ ଦୃଷ୍ଟିକୋଣରୁ ସମାଜିକ ବିଧି ଅନୁଯାୟୀ ସମାନ ଭାଷା ବ୍ୟବହାର କରୁଥିବା ଅଞ୍ଚଳ ଏକତ୍ର ରହିବା ହିଁ ସମାଜ ପାଇଁ ମଙ୍ଗଳକର। ଓଡ଼ିଶାର ପଶ୍ଚିମରେ ସମ୍ବଲପୁର ଅଞ୍ଚଳକୁ ମଧ୍ୟପ୍ରଦେଶ ସହ, ଉପକୂଳ ଅଞ୍ଚଳକୁ ବେଙ୍ଗଲ ପ୍ରେସିଡେନ୍ସି ସହ ଏବଂ ଦକ୍ଷିଣରେ ବ୍ରହ୍ମପୁର ଅଞ୍ଚଳକୁ ମାନ୍ଦ୍ରାଜ ପ୍ରେସିଡେନ୍ସିରେ ରଖି ଶାସନ କରୁଥିଲେ। ସମ୍ବଲପୁରରେ ଯେତେବେଳେ ମାତୃଭାଷା ଓଡ଼ିଆ ବଦଳରେ ହିନ୍ଦୀ ଭାଷାକୁ ସରକାରୀ ସ୍ତରରେ ପ୍ରଚଳନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା, ସେତେବେଳେ ଓଡ଼ିଆପ୍ରାଣ ବ୍ୟକ୍ତି ମାନେ ମାତୃଭୂମିର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପଣ କଲେ। ଫଳରେ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା।

ଭାରତ ସ୍ୱାଧୀନତା ପାଇବା ପୂର୍ବରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ୧୯୪୬ ରୁ ୧୯୫୧ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ସଦସ୍ୟ ଥିଲେ। ଓଡ଼ିଆ ଭାଷାକୁ ପ୍ରାଦେଶିକ ଭାଷା ଭାବେ ସେ ବିଶେଷ ଗୁରୁତ୍ୱ ଦେଉଥିଲେ। ୧୯୪୮ ଏପ୍ରିଲ ବିଧାନସଭା ଅଧିବେଶନରେ ପ୍ରସ୍ତାବ ଆଣି କହିଥିଲେ କି ୧୯୪୮ ଜୁନ ପହିଲାରୁ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆରେ ହିଁ ହେଉ ବୋଲି ପ୍ରସ୍ତାବ ଆଣିଥିଲେ, କିନ୍ତୁ ତାହା ଆଗକୁ ବଢ଼ିପାରିନଥିଲା। ପରବର୍ତ୍ତୀ ସମୟରେ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ହେବା ପରେ ୧୯୫୪ ମସିହାରେ ଭାଷା ଆଇନ ବିଧାନସଭାରେ ପାରିତ କରିଥିଲେ।

ଭାଷା ଆଇନ - ୧୯୫୪ ଅନୁସାରେ କୋର୍ଟ କଚେରୀର ଭାଷା 'ଓଡ଼ିଆ' ହେଉ ବୋଲି ଟିଟିଲାଗଡ଼ର ଅଧିବକ୍ତା ଗଜାନନ ମିଶ୍ର ନୈତିକ ଆନ୍ଦୋଳନ ଆରମ୍ଭ କଲେ। ୨୦୧୧ ମସିହାରେ କଚେରୀଗୁଡ଼ିକରେ ସାମ୍ବିଧାନିକ ବିଧି ଅନୁଯାୟୀ ଓଡ଼ିଆରେ କାହିଁକି ଅର୍ଜି ଲେଖାଯିବ ନାହିଁ ବୋଲି ପ୍ରତିବାଦ କଲେ ଏବଂ ଟିଟିଲାଗଡ଼ କଚେରୀରେ ଓଡ଼ିଆରେ ଅର୍ଜି ଲେଖିବା ଆରମ୍ଭ କଲେ ଯାହା, କଚେରୀରେ ତାହା ଗ୍ରହଣଯୋଗ୍ୟ ହେଲା ନାହିଁ। ସାମ୍ବିଧାନିକ ବିଧି ଥିଲେ ମଧ୍ୟ ସେଥିରେ ସେ ଦବି ନ ଯାଇ ଗଜାନନ ବାବୁ ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଥିଲେ। ସେଥିରେ ସେ ସଫଳ ହେଲେ ଏବଂ ତାଙ୍କୁ ନ୍ୟାୟ ମିଳିଲା ସତ, କିନ୍ତୁ ସେ ଆହତ ଅନୁଭବ କଲେ। ଏହାକୁ ଗୋଟିଏ ଆନ୍ଦୋଳନର ରୂପ ଦେବା ପାଇଁ ରାଜଧାନୀରେ ପ୍ରତୀକାତ୍ମକ ଆନ୍ଦୋଳନ ଅରମ୍ଭ କଲେ। ଭାଷା ଯୋଦ୍ଧାମାନେ ଧୀରେ ଧୀରେ ଏହି ଆନ୍ଦୋଳନରେ ଯୋଗଦେଇ ଗଜାନନ ବାବୁଙ୍କ ନୈତିକ ବଳ ବଢ଼ାଇଲେ। ଓଡ଼ିଆ ଭାଷା ପାଇଁ ଆନ୍ଦୋଳନକୁ ନବୀନ ସରକାର ସହୃଦୟତାର ସହ ଗ୍ରହଣ କରି ଗଜାନନ ମିଶ୍ରଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନକୁ ସକାରାତ୍ମକ ଢଙ୍ଗରେ ନେଇ ଗୋଟିଏ ମନ୍ତ୍ରିମଣ୍ଡଳସ୍ତରୀୟ କମିଟି ଗଠନ କରି ଆଲୋଚନା ଆରମ୍ଭ କରିଥିଲେ।

୨୧ ମେ ୨୦୧୬ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଅଧ୍ୟାଦେଶ ଆଣି ଭାଷା ଆଇନ ୧୯୫୪ ପାଇଁ ନିୟମାବଳୀ ପ୍ରସ୍ତୁତ କରିଥିଲେ। ଏହି ନିୟମାବଳୀରେ ତ୍ରୁଟି ପରିଲକ୍ଷିତ ହେବାରୁ ନବୀନ ସରକାର ୨୬.୧୨.୨୦୧୭ ପ୍ରଥମଥର ପାଇଁ ଭୁବନେଶ୍ୱର ବାହାରେ ପୁରୀ ଠାରେ ସ୍ୱତନ୍ତ୍ର ଐତିହାସିକ ମନ୍ତ୍ରିମଣ୍ଡଳୀସ୍ତରୀୟ ଐତିହ୍ୟ କମିଟି କରି ଭାଷା ଆଇନ ସଂଶୋଧନ ସହ ୨୦ଟି ବିଶେଷ କାର୍ଯ୍ୟକ୍ରମ ହାତକୁ ନେଲେ। ଓଡ଼ିଆ ଭାଷାର ଗବେଷଣାତ୍ମକ କାର୍ଯ୍ୟକ୍ରମ ଯେମିତିକି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା, ଭାଷା ପୁରସ୍କାର, ପାଠାଗାର, 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଇତ୍ୟାଦି ଐତିହାସିକ ନିଷ୍ପତ୍ତି ଗ୍ରହଣ କଲେ। ଭାଷା ଆଇନ ପାଇଁ ସଂଶୋଧନ ଆବଶ୍ୟକ ଅନୁଭୂତ ହେବାରୁ ୧୯.୦୯.୨୦୧୮ ରେ ବିଧାନସଭାରେ ଭାଷା ଆଇନ ସଂଶୋଧନ କରି ୧୭.୦୯.୨୦୧୯ ରେ ନିୟମାବଳୀ ରାଜପତ୍ରରେ ପ୍ରକାଶିତ ହୋଇଅଛି। ସେହିଦିନଠାରୁ ଓଡ଼ିଆ ଭାଷା ସରକାରୀ ଭାଷା ଓ ଖିଲାପ କଲେ ୧୯୬୨ ସିସିଏ ରୁଲ ଅନୁଯାୟୀ ଦଣ୍ଡିତ ହେବେ ଏବଂ ଓଡ଼ିଆର ବ୍ୟାପକ ବ୍ୟବହାରରେ ପୁରସ୍କୃତ ହେବାର ବିଧି ବ୍ୟବସ୍ଥା ଅଛି।

ନବୀନ ସରକାର ଓଡ଼ିଆ ଭାଷାର ବ୍ୟାପକତା ଏବଂ ୨୦୦୦ ମସିହାଠାରୁ ଏପର୍ଯ୍ୟନ୍ତ ଓଡ଼ିଆ ଭାଷାର ଭବିଷ୍ୟତ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯେମିତିକି ଓଡ଼ିଆ ଭାଷା ସରକାରୀ ଭାଷା, ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ, ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଭାଷା ପ୍ରତିଷ୍ଠାନ ପ୍ରତିଷ୍ଠା, ସ୍ୱତନ୍ତ୍ର ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ପ୍ରୋତ୍ସାହିତ କରିବା, ଓଡ଼ିଆ ଭାଷାରେ ଗବେଷଣାତ୍ମକ ଶିକ୍ଷା ପାଇଁ 'ଓଡ଼ିଆ ବିଶ୍ୱବିଦ୍ୟାଳୟ' ସ୍ଥାପନ କରିବା, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିନା ଦେୟରେ ଓଡ଼ିଆରେ ସ୍ନାତକ ଓ ସ୍ନାତକୋତ୍ତର, +୨ ଓ +୩ ଛାତ୍ରଛାତ୍ରୀମାନଙ୍କ ପାଇଁ ଫକୀରମୋହନ ଛାତ୍ରବୃତ୍ତି, ପ୍ରତି ଜିଲ୍ଲାରେ ପୁସ୍ତକମେଳା, ପ୍ରବାସୀ ଓଡ଼ିଆଙ୍କ ସମେତ ଓଡ଼ିଆ ଭାଷାର ମହତ୍ତ୍ୱ ପାଇଁ ଭରତୁଆଲ ଏକାଡେମୀ ମାଧ୍ୟମରେ ବିଶ୍ୱଦରବାରରେ ପହଞ୍ଚେଇବା, 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ କରିବା, ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ମନ୍ତ୍ରିମଣ୍ଡଳସ୍ତରୀୟ ସଭାରେ ପ୍ରସ୍ତାବ ପାରିତ କରି କେନ୍ଦ୍ର ସରକାରଙ୍କୁ ସୁପାରିସ କରିବା, ଅତିବଡ଼ି ଜଗନ୍ନାଥ ସମ୍ମାନ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ଧର୍ମପଦ ସମ୍ମାନକୁ ଏକ ଲକ୍ଷରୁ ପାଞ୍ଚଲକ୍ଷ, ସେହିଭଳି ଏକାଡେମୀ ପୁରସ୍କାର ପଚାଶ ହଜାରରୁ ଦୁଇ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବା, ଓଡ଼ିଶାର ବରେଣ୍ୟ ବରପୁତ୍ରମାନଙ୍କର ଭୁବନେଶ୍ୱର ସମେତ ରାଜ୍ୟର ଭିଭିନ୍ନ ସ୍ଥାନରେ ୧୩୫ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବା, ପ୍ରାଚୀନ, ପୁରାତନ ପୋଥି ସମୂହର ସୁରକ୍ଷା ଏବଂ ଡିଜିଟାଲାଇଜେସନ ପ୍ରଭୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରିବା, ଓଡ଼ିଶା ବାହାରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ଗଠନ କରିବା, କେବଳ ଯେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସରକାର ହାତ ବଢ଼ାଇଛନ୍ତି ତାହା ନୁହେଁ, ଓଡ଼ିଶାରେ ଥିବା ଅନ୍ୟ ସମସ୍ତ ଆଦିବାସୀ, ଦେଶୀୟ ଭାଷାର ସୁରକ୍ଷା ପାଇଁ ବି ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯେମିତି ପ୍ରାୟ ୨୧ ଟି ଭାଷାର ଶବ୍ଦକୋଷ, ପିଲାଙ୍କ ପଢ଼ିବା ପାଇଁ ତ୍ରିଭାଷୀ, ଭାଷାର ଇତିହାସ ଏବଂ ଗଳ୍ପ ପ୍ରଭୃତି ପୁସ୍ତକ ପ୍ରକାଶନ କରିବା, ଏପରିକି ସରକାରୀ ଓଡ଼ିଆ ଭାଷାରେ କିପରି ସହଜରେ ନଥି ପ୍ରସ୍ତୁତ କରିପାରିବେ ସେଥିପାଇଁ ଭାଷା ପ୍ରତିଷ୍ଠାନ ମାଧ୍ୟମରେ ସରକାରୀ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ସରକାରରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଇତ୍ୟାଦି ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତନ୍ମଧ୍ୟରୁ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଅନ୍ୟତମ।

ବନ୍ଦେ ଉତ୍କଳ ଜନନୀ

# ସମ୍ବିଧାନ @ ପଞ୍ଚସ୍ତରୀ



**ସନ୍ତୋଷ କୁମାର ଶତପଥୀ**
କୋରାପୁଟ, ମୋ: ୯୪୩୯୪୧୮୧୪୧

ପ୍ରାୟତଃ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଇଉରୋପୀୟ ସଭ୍ୟତାରେ ରାଜତନ୍ତ୍ର ଶାସନ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଅସମାନତାର ସାମଞ୍ଜସ୍ୟ ଏତେ ପ୍ରଖର ଥିଲା ଯେ ତାହା 'ଗଣତନ୍ତ୍ର'କୁ ଜନ୍ମ ଦେଇଥିଲା। ସେତେବେଳର ରାଜତନ୍ତ୍ରକୁ ଭେଦ କରିବା କଷ୍ଟକର ବ୍ୟାପାର ଥିଲେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ଓ ଉଚ୍ଚଶିକ୍ଷିତ ମଧ୍ୟମବର୍ଗଙ୍କ ନେତୃତ୍ୱରେ ତଥା ଅନୁନ୍ନତ ଶ୍ରେଣୀର ସମ୍ପୂର୍ଣ୍ଣ ସହଯୋଗରେ ଜନଆନ୍ଦୋଳନ ଜରିଆରେ ଏସବୁ ସମ୍ଭବ ହୋଇ ପାରିଥିଲା। ଏହାର ଏକ ନିଦର୍ଶନ ଥିଲା 'ଫରାସୀ ବିପ୍ଳବ'। ପାଶ୍ଚାତ୍ୟର ଏପରି ସଂସ୍କାରଭିତ୍ତିକ ସ୍ୱାଧୀନ ତଥା ସ୍ୱଚ୍ଛ ଶାସନ ବ୍ୟବସ୍ଥା ପ୍ରାଚ୍ୟ ରାଷ୍ଟ୍ରମାନଙ୍କରେ ମଧ୍ୟ ପ୍ରତିବିମ୍ବିତ ହୋଇଥିଲା। ଫଳସ୍ୱରୂପ ବିଶ୍ୱର ଅନେକ ଦେଶ ପୂର୍ବ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ କରି ଗଣତନ୍ତ୍ରକୁ ଚୟନ କରିଥିଲେ।

ପରାଧୀନତାର ଦୀର୍ଘ ବିଷାଦରୁ ମୁକ୍ତି ପାଇ ଭାରତ ମଧ୍ୟ ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ଗ୍ରହଣ କରିଥିଲା। ଦେଶର ବିଭିନ୍ନତାକୁ ଦୃଷ୍ଟିରେ ରଖି ତତ୍କାଳୀନ ସମ୍ବିଧାନ ପ୍ରଣେତାମାନେ ସ୍ୱତନ୍ତ୍ରତାର ସଦୁପଯୋଗ ପାଇଁ ବହୁବିଧ ନିୟମାବଳୀକୁ ଭାରତୀୟ ସମ୍ବିଧାନରେ ଅନ୍ତର୍ଭୁକ୍ତ କରିଥିଲେ। ଜାନୁଆରୀ ୨୬ ତାରିଖ ୧୯୫୦ ମସିହାରେ ଭାରତକୁ 'ଗଣତାନ୍ତ୍ରିକ ରାଷ୍ଟ୍ର' ଘୋଷଣା ସମୟରେ ଭାରତୀୟ ସମ୍ବିଧାନରେ ୩୯୫ଟି ଧାରା, ୨୨ଟି ଭାଗ ଏବଂ ୮ଟି ଅନୁଚ୍ଛେଦ ସହିତ ଏହା ବିଶ୍ୱର ଦୀର୍ଘତମ ସମ୍ବିଧାନର ମାନ୍ୟତା ପାଇଥିଲା। ଆବଶ୍ୟକାନୁଯାୟୀ ଏଥିରେ ବର୍ତ୍ତମାନ ୪୪୮ଟି ଧାରା, ୨୫ ଭାଗ ଏବଂ ୧୨ ଅନୁଚ୍ଛେଦ ରହିଛି। ଯଦିଓ ଏହା ଦୁନିଆର ସବୁଠୁ କନିଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ଅଛି, ତଥାପି ବ୍ୟବସ୍ଥିତ ପଦ୍ଧତିରେ ଏହାର ଅନେକ ଜୀବନ୍ତ ଗଣତାନ୍ତ୍ରିକ ଆବେଦନ ରହିଛି। ଏହା ଏକ ସଂସଦୀୟ ଗଣତନ୍ତ୍ର ହୋଇଥିବାରୁ ଜନସାଧାରଣଙ୍କ ମଧ୍ୟରେ ଗୁଣବତ୍ତା ଶାସନ ଯୋଗାଇବା ପାଇଁ ଏଥିରେ ଅନେକଗୁଡ଼ିଏ ଅଭିନବ ଏବଂ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାଯାଇଛି।

ଭାରତୀୟ ସମ୍ବିଧାନ ପ୍ରକୃତରେ ୧୯୫୨ ମସିହାଠାରୁ କାର୍ଯ୍ୟକ୍ଷମ ହୋଇ ଅନେକ ବିଲ ପାରିତ କରିଥିଲେ ହେଁ ୧୮୬୧ ରୁ ୧୯୪୭ ମଧ୍ୟରେ ସାମ୍ରାଜ୍ୟ ବିଧାନ ପରିଷଦ (ବ୍ରିଟିଶ ଇମ୍ପେରିୱାଲ ଲେଜିଲେଟିଭ କାଉନସିଲ) ଏବଂ ୧୯୪୯ରୁ ୧୯୫୨ ପର୍ଯ୍ୟନ୍ତ ଅସ୍ଥାୟୀ ସଂସଦ (ପ୍ରୋଭିସିନାଲ ପାର୍ଲିଆମେଣ୍ଟ) ଦ୍ୱାରା ବହୁ ବିଧେୟକ ପାରିତ ଓ କାର୍ଯ୍ୟକ୍ଷମ ହୋଇ ଆସୁଥିଲା। ୧୯୫୨ ମସିହାରୁ ୨୦୨୨ ମସିହା ମଧ୍ୟରେ ସଂସଦର ଉଭୟ ଗୃହ ଦ୍ୱାରା ପାରିତ ହୋଇଥିବା ବିଧେୟକ ସଂଖ୍ୟା ୩୧୫୩ ଏବଂ ସଂସଦ ଆରମ୍ଭରୁ ସେପ୍ଟେମ୍ବର ୨୦୨୩ ସୁଦ୍ଧା ଭାରତୀୟ ସମ୍ବିଧାନରେ ୧୦୬ଟି ବିଷୟରେ ସଂଶୋଧନ ହୋଇଆସିଛି। ଭାରତର ସଂସଦୀୟ ଗଣତନ୍ତ୍ର ସର୍ବସାଧାରଣଙ୍କ ଉନ୍ନତି ସକାଶେ ବିଧିବଦ୍ଧ ଭାବେ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ମାଧ୍ୟମରେ ଅନେକ ଗୁଣବତ୍ତା ଓ ନ୍ୟାୟସଂଗତ ପଦକ୍ଷେପ ନେବାରେ ସଫଳ ହୋଇଆସିଛି। ଉଦାହରଣ ସ୍ୱରୂପ ୧୯୫୨ ମସିହାର ରାଷ୍ଟ୍ରପତି ଏବଂ ଉପ-ରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, ୧୯୫୫ର ନାଗରିକ ଅଧିକାର ଅଧିନିୟମ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିନିୟମ ଏବଂ ହିନ୍ଦୁ ବିବାହ ଆଇନ, ୧୯୫୬ର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମ, ରାଜ୍ୟ ପୁନର୍ଗଠନ ଆଇନ, ଖବରକାଗଜ (ମୂଲ୍ୟ ଏବଂ ପୃଷ୍ଠା) ଅଧିନିୟମ, ଜାତୀୟ ରାଜପଥ ଅଧିନିୟମ, ୧୯୬୧ର ଯୌତୁକ ନିଷେଧ ନିୟମ ଏବଂ ଆୟକର ନିୟମ, ୧୯୬୩ର ସରକାରୀ ଭାଷା ଅଧିନିୟମ, ୧୯୬୪ର ଦକ୍ଷିଣ ଭାରତ ହିନ୍ଦୀ ପ୍ରଚାର ସଭା ଅଧିନିୟମ ଏବଂ ଭାରତୀୟ ଖାଦ୍ୟ ନିଗମ ଅଧିନିୟମ, ୧୯୭୬ର ବନ୍ଧିତ ଶ୍ରମ ବ୍ୟବସ୍ଥା (ବିଲୋପ) ଅଧିନିୟମ, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଅଧିନିୟମ, ୧୯୭୮ର ପ୍ରେସ୍ କାଉନସିଲ୍ ଅଧିନିୟମ, ୧୯୮୦ର ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, ୧୯୮୧ର ଅପାର୍ଥିଡ(ମିଳିତ ଜାତିସଂଘର ସମ୍ମିଳନୀ) ଅଧିନିୟମ ଏବଂ ଜାତୀୟ ବ୍ୟାଙ୍କ କୃଷି ଏବଂ ଗ୍ରାମୀଣ ବିକାଶ ଆଇନ, ୧୯୮୬ର ଶିଶୁ ଶ୍ରମ (ନିଷେଧ ଏବଂ ନିୟମାବଳୀ) ଅଧିନିୟମ ଏବଂ ଗ୍ରାହକ ସୁରକ୍ଷା ଆଇନ, ୧୯୮୭ର ବୈଷୟିକ ଶିକ୍ଷା ଅଧିନିୟମ ପାଇଁ ସର୍ବଭାରତ ପରିଷଦ, ୧୯୮୮ର ଦୁର୍ନୀତି ନିବାରଣ ଆଇନ ଏବଂ ମୋଟର ଯାନ ଅଧିନିୟମ, ୧୯୯୦ର ମହିଳା ଜାତୀୟ ଆୟୋଗ ଆଇନ, ୧୯୯୩- ୧୯୯୪ ର ମାନବିକ ଅଧିକାରର ସୁରକ୍ଷା, ୨୦୦୦ମସିହାର ନାବାଳକ ନ୍ୟାୟ (ଶିଶୁମାନଙ୍କର ଯତ୍ନ ଏବଂ ସୁରକ୍ଷା) ଅଧିନିୟମ ଇତ୍ୟାଦି ଭାରତୀୟ ଜନସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି କହିଲେ ଭୁଲ ହୋଇ ନ ପାରେ।

ସଂସଦରେ ଗୋଟିଏ ବିଲ ଅଧିନିୟମ ହେବାକୁ ମାନସିକ, ଅର୍ଥନୈତିକ ଓ ପ୍ରଶାସନିକ ପ୍ରକ୍ରିୟାର ଯଥେଷ୍ଟ ବ୍ୟବହାର ହୋଇଥାଏ। ଉପସ୍ଥାପନା-ଆଲୋଚନା, ତର୍କ - ବିତର୍କ, ବାଦ-ବିବାଦ, ପ୍ରଶଂସା-ଭର୍ତ୍ସନା ଇତ୍ୟାଦି ସମସ୍ତ ଆଲୋଡ଼ନର ଶୀର୍ଷରେ ପ୍ରସ୍ତୁତ ହୋଇଥାଏ ଏକ ଅଧିନିୟମ, ଯାହାର କାର୍ଯ୍ୟକାରୀ ପଛରେ କେବଳ ଗୋଟିଏ ଲକ୍ଷ୍ୟ ଥାଏ, ତାହା ହେଉଛି - ଜନସ୍ୱାର୍ଥ। ଭାରତୀୟ ସଂସଦ ଚଳାଇବା ପାଇଁ ପ୍ରତି ମିନିଟରେ ପ୍ରାୟ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ।

ଯଦିଓ ଭାରତୀୟ ସଂସଦ ବିଂଶ ଶତାବ୍ଦୀରେ ଆହୁରି ଅନେକ ଅଭିବୃଦ୍ଧିଭିତ୍ତିକ କାର୍ଯ୍ୟ ହାତକୁ ନେଇପାରିଥା'ନ୍ତା ବୋଲି ଆଶା ପ୍ରକଟ କରାହୁଏ ତେବେ ଏହା ପଛରେ ଥିବା ବାସ୍ତବ ସମସ୍ୟା ହେଲା ସ୍ୱାଧୀନୋତ୍ତର ଭାରତରେ ବ୍ରିଟିଶ ଶାସନକାଳୀୟ କାର୍ଯ୍ୟପନ୍ଥା, ଅନ୍ତଦ୍ୱର୍ନ୍ଦ୍ୱ ସମସ୍ୟା, ବିଶ୍ୱ ରାଜନୀତିର ପ୍ରଭାବ, ଅଶିକ୍ଷା, ଦାରିଦ୍ର୍ୟ, ରାଜନୈତିକ ସମସ୍ୟା, ପ୍ରଚଳିତ ସାମାଜିକ କୁପ୍ରଥା ଇତ୍ୟାଦି। ଏସବୁ ସତ୍ତ୍ୱେ ଭାରତ ଆଜି ବିଶ୍ୱର ଏକ ସାମର୍ଥ୍ୟ ରାଷ୍ଟ୍ର। ବିଶ୍ୱ ରାଜନୀତିରେ ସକ୍ରିୟ ନେତୃତ୍ୱ ନେବାର ସାମର୍ଥ୍ୟ ଜି - ୨୦ ସମ୍ମିଳନୀରୁ ସ୍ପଷ୍ଟ ଅନୁମେୟ। ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ହୋଇ ଏହା ଏକ ଅର୍ଥନୈତିକ ଶକ୍ତି ଭାବେ ଗୌରବ ଲାଭ କରିଛି। ବିଶ୍ୱ ଏକତା ବଜାୟ ରଖିବା ପାଇଁ ଏହାର ଶାନ୍ତିପ୍ରିୟ ପ୍ରୟାସ ଉଚ୍ଚକୋଟୀର। ଭାରତର 'ବସୁଧୈବ କୁଟୁମ୍ବକମ୍' ସନ୍ଦେଶରେ ଆଜି ବିଶ୍ୱ ଉଲ୍ଲସିତ। ଜାତିସଂଘରେ ଏଯାବତ ଯଦି କୌଣସିଦେଶରୁ ସର୍ବାଧିକ ସୈନ୍ୟ ଶାନ୍ତି ରକ୍ଷା ଉଦ୍ଦେଶ୍ୟରେ ନିୟୋଜିତ ହୋଇଥା'ନ୍ତି, ସେ ଦେଶ ହେଉଛି ଭାରତ। ଭାରତର ପ୍ରାୟ ୧, ୯୫, ୦୦୦ ସୈନ୍ୟ ଶାନ୍ତି ସ୍ଥାପନା ପାଇଁ ୪୯ ରୁ ଅଧିକ ମିଶନରେ ଯୋଗଦାନ କରିଆସିଛନ୍ତି। ତନ୍ମଧ୍ୟରୁ ସର୍ବୋଚ୍ଚ ବଳିଦାନ ମଧ୍ୟ ଭାରତର (୧୬୮) ସୈନିକମାନେ ଦେଇଛନ୍ତି। ଏସବୁ ପଛରେ ଜନସାଧାରଣଙ୍କ ଗଣତନ୍ତ୍ର ପ୍ରତି ଥିବା ବିଶ୍ୱାସ ଏବଂ ନିର୍ବାଚିତ ଜନପ୍ରତିନିଧିମାନଙ୍କ ନିଷ୍ଠାପର ସାଧନା ରହିଥିବା ଜଣାଯାଏ।

୨୬ ଜାନୁଆରୀ ୨୦୨୪ ମସିହା ଭାରତ ପାଇଁ ସ୍ୱତନ୍ତ୍ର। କାରଣ ଆଜି ଦେଶ ଏହାର ୭୫ତମ ଗଣତନ୍ତ୍ର ଦିବସ ପାଳନ କରୁଛି। ପାରମ୍ପରିକ ରୀତିନୀତି ଓ ଆଧୁନିକତାର ସମ୍ମିଶ୍ରଣ ସହ ତାଳ ମିଳେଇ ଏହା ଆଜି ଅଗ୍ରସର। 'ଏକବିଂଶ ଶତାବ୍ଦୀ ହେଉଛି ଭାରତର' - ସ୍ଲୋଗାନ ନେଇ ଗଣତାନ୍ତ୍ରିକ ଭିତ୍ତିରେ ଜନକଲ୍ୟାଣର ଅନେକ ଆଶା ଓ ଆକାଂକ୍ଷାକୁ ଏକ ଦିଗ ନିର୍ଣ୍ଣୟ କରିବା ଉଦ୍ଦେଶ୍ୟରେ ଏହା ତତ୍ପର। 'ଲୋକଙ୍କ ସ୍ୱର ହେଉଛି ଭଗବାନଙ୍କ ସ୍ୱର'। ଏହି ଆଧାରରେ ଗୋଟିଏ ପରେ ଗୋଟିଏ ଜନକଲ୍ୟାଣକାରୀ ଆଇନ ଭାରତ ପ୍ରଣୟନ କରି ଆସିଛି। ତେଣୁ କୁହାଯାଏ, ଭାରତୀୟ ଗଣତନ୍ତ୍ରର ବୟସ ଯେତିକି ବୃଦ୍ଧି ପାଉଛି ତା'ର ପରିପକ୍ୱତା ମଧ୍ୟ ସେହି ଅନୁପାତରେ ଉନ୍ନତ ହେଉଛି। ସୂଚନା ଅଧିକାର (ଆରଟିଆଇ) ଆଇନ, ମନି ଲଣ୍ଡରିଂ ଆକ୍ଟ ୨୦୦୨, ମହିଳାଙ୍କୁ ଘରୋଇ ହିଂସାରୁ ସୁରକ୍ଷା (୨୦୦୫), ମହତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ ୨୦୦୫, ଅସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଅଧିନିୟମ ୨୦୦୮, ଶିଶୁମାନଙ୍କର ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିନିୟମ ବା ଶିକ୍ଷା ଅଧିକାର ଆଇନ ୨୦୦୯, ଯୌନ ଅପରାଧ ଆଇନରୁ ଶିଶୁମାନଙ୍କର ସୁରକ୍ଷା ଆଇନ ୨୦୧୨, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩, ଷ୍ଟ୍ରିଟ୍ ଭେଣ୍ଡର (ସୁରକ୍ଷା ଜୀବିକା ଏବଂ ଷ୍ଟ୍ରିଟ୍ ଭେଣ୍ଡିଂର ରେଗୁଲେସନ୍) ଆଇନ ୨୦୧୪, ମୁସଲିମ୍ ମହିଳା (ବିବାହ ଉପରେ ଅଧିକାରର ସୁରକ୍ଷା) ଅଧିନିୟମ ୨୦୧୯, ମହିଳା ସଂରକ୍ଷଣ ବିଲ୍ ୨୦୨୩ ଇତ୍ୟାଦି ଏହାର ଉଦାହରଣ।

ଯୁଗୋପଯୋଗୀ ଆଇନ ପ୍ରଣୟନ ତଥା ଏହାର ସଦୁପଯୋଗ କରି ଜନସାଧାରଣଙ୍କୁ ସଶକ୍ତ କରିବା ପ୍ରୟାସ ଭାରତୀୟ ଗଣତନ୍ତ୍ରରେ ଅନେକ ମାତ୍ରାରେ ସଫଳ ହୋଇଛି। କିନ୍ତୁ ଆହୁରି ଯେ ଅନେକ ଅଭାବ ରହି ଯାଇଛି ଏ ଅଭିଯୋଗକୁ ଏଡ଼ାଇ ହେବ ନାହିଁ। ଏକ ସୁସ୍ଥ ଗଣତନ୍ତ୍ର ସବୁବେଳେ ପ୍ରଜାଙ୍କୁ ପ୍ରଲୋଭନରୁ ଦୂରରେ ରଖିବା ଉଚିତ। ନିର୍ବାଚନରେ ପ୍ରଜା ନିର୍ଭୟରେ, ନିଦ୍ୱର୍ନ୍ଦ୍ୱରେ ଏବଂ ସ୍ୱଇଚ୍ଛାରେ ଭୋଟ ଦେବା ଦରକାର, ଆହୁରି ମଧ୍ୟ ନିର୍ବାଚନରେ ଅର୍ଥବଳ, ବାହୁବଳ ଏବଂ କୁପ୍ରଭାବର ମାତ୍ରା ସମ୍ପୂର୍ଣ୍ଣ ବନ୍ଦ ହେବା ଦରକାର। ନିର୍ବାଚନୀ ହିଂସା ଓ ଆକ୍ରୋଶ ଶାନ୍ତିପ୍ରିୟ ଭୋଟଦାନ ପ୍ରକ୍ରିୟାକୁ କ୍ଷୁଣ୍ଣ କରିଥାଏ। ଠିକ ସେହିପରି ଜନତାଙ୍କ ସେବା ଅପେକ୍ଷା କ୍ଷମତା ପାଇଁ ଲୋଭନୀୟ ଯୋଜନା ନୀତି ଦ୍ୱାରା ଦେଶର ଅର୍ଥନୈତିକ ଓ ସାମାଜିକ ସନ୍ତୁଳନ ବିଗିଡ଼ି ଯାଇଥାଏ। ମୋଟାମୋଟି ଭାବେ ଏହା କୁହାଯାଇପାରେ ଯେ ଗଣତନ୍ତ୍ରର ପ୍ରକୃତ ପରିଚୟ ସେତେବେଳେ ଅନୁଭବ କରିହେବ ଯେବେ ଏହାର ପ୍ରତ୍ୟେକ ନାଗରିକ ସ୍ୱତଃସ୍ଫୂର୍ତ୍ତ ଭାବେ ନିଜକୁ ସ୍ୱାଧୀନ ଅବା ମୁକ୍ତ, ସମୃଦ୍ଧ ଓ ନ୍ୟାୟ ସଂଗତ ଭାବେ ଉପସ୍ଥାପନା କରିପାରିବେ।

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ୨୭ରେ



ସମ୍ବଲପୁର, ୨୫।୧(ସମିସ): ସମ୍ବଲପୁର ସମଲେଇ ମନ୍ଦିର ରୂପାନ୍ତରଣ ପ୍ରକଳ୍ପ ଜାନୁଆରୀ ୨୭ ତାରିଖରେ ଲୋକାର୍ପଣ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପୂର୍ବରୁ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଆଜି ସମଲେଇ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଓ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶ୍ରୀ ମଙ୍ଗରାଜ ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ସହ ଯଜ୍ଞ ମଣ୍ଡପକୁ ମୁଖ୍ୟମନ୍ତ୍ରୀ ଆସିବା ରାସ୍ତା, ସୁରକ୍ଷା ବ୍ୟବସ୍ଥା, ଭକ୍ତ ଓ ଅତିଥିଙ୍କ ଯାତାୟତ ପଥ ଅନୁଧ୍ୟାନ କରିଛନ୍ତି।ଏହି ଅବସରରେ ଶ୍ରୀ ମଙ୍ଗରାଜ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁଙ୍କ ସହ ଲୋକାର୍ପଣ କାର୍ଯ୍ୟର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି।

ଅନୁରୂପ ଭାବରେ ଶ୍ରୀ ମଙ୍ଗରାଜ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ଜିଲ୍ଲାପାଳ ଅନନ୍ୟା ଦାସ, ଏସ୍‌ପି ମୁକେଶ କୁମାର ଭାମୁଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ସମଲେଇ ଲୋକାର୍ପଣ ପ୍ରକଳ୍ପରେ ଶ୍ରଦ୍ଧାଳୁମାନେ କିଭଳି ଆସିବେ ସେମାନଙ୍କ ସୁବ୍ୟବସ୍ଥିତ ଦର୍ଶନ କରିବା ଭଳି ବିଭିନ୍ନ ଦିଗରେ ଆଲୋଚନା କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପ୍ରକଳ୍ପ ଅନୁଧ୍ୟାନ କଲେ ସାଂସଦ ମାନସ

ସୂଚନାଯୋଗ୍ୟ ଯେ ଉପରୋକ୍ତ ପ୍ରକଳ୍ପ ପାଇଁ ଏଯାବତ୍ ପ୍ରାୟ ୩୦୦ କୋଟି ଖର୍ଚ୍ଚ କରାଯାଇଛି। ମନ୍ଦିର ଚତୁପାର୍ଶ୍ୱର ଉନ୍ନତିକରଣ ବ୍ୟାପକ ଗୁରୁତ୍ୱ ଦିଆଯାଇଛି। ହେରିଟେଜ କରିଡରଠାରୁ ଆରମ୍ଭ କରି ମନ୍ଦିରର ୪ଟି ଭବ୍ୟ ଦ୍ୱାର, ମହାନଦୀ ନଦୀକୂଳର ଉନ୍ନତିକରଣ, ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ, ୱାଚ୍ ଟାୱାର, ଭୋଗ ମଣ୍ଡପ ଆଦି ନିର୍ମାଣ କରାଯାଇଛି। ସେହିପରି ଦୀପଗୃହ, ଫାଉଣ୍ଟେନ, ଯାତ୍ରୀଙ୍କ ବିଶ୍ରାମାଗାର ସହ ଅନ୍ୟ କେତେକ ସୁବିଧା ଏହି ପ୍ରକଳ୍ପରେ ସ୍ଥାନ ପାଇଛି।

## ୩ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୫।୧ (ସମିସ): ଆସନ୍ତା ଫେବୃଆରୀ ୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସୁଛନ୍ତି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଆଜି ଏ ସଂପର୍କରେ ସୂଚନା ଦେଇଛନ୍ତି। ଦିନିକିଆ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଆ ଇ ଆ ଇ ଏ ମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବେ। ଆଇଆଇଏମ୍ କାର୍ଯ୍ୟକ୍ରମ ସହ କିଛି ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିବେ। ଏହାସହ ସେ ଏକ ସାଧାରଣ ସଭାରେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ସାମଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଏଯାଏଁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ଚୂଡ଼ାନ୍ତ କାର୍ଯ୍ୟସୂଚୀ ହସ୍ତଗତ ହୋଇନାହିଁ। ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀଙ୍କ ଦଳୀୟ କାର୍ଯ୍ୟକ୍ରମ ନେଇ ସବିଶେଷ ତଥ୍ୟ ଦିଆଯିବ ବୋଲି ଶ୍ରୀ ସାମଲ କହିଛନ୍ତି।



■ ୧୪ତମ ଜାତୀୟ ମତଦାତା ଦିବସ ପାଳିତ

## ‘ଭୋଟର ସଚେତନ ହେଲେ ସୁଦୃଢ଼ ହେବ ଗଣତନ୍ତ୍ର’




ଭୁବନେଶ୍ୱର, ୨୫।୧(ସମିସ): ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ୧୪ତମ ଜାତୀୟ ମତଦାତା ଦିବସ ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ତଥା ଦେଶର ଭୋଟରମାନେ ସଚେତନ ରହି ନିରପେକ୍ଷ ଭାବେ ମତଦାନ କଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ବାଚନ ଆୟୋଗଙ୍କ ସଠିକ ମାର୍ଗଦର୍ଶନ ଓ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ଭୋଟର, ବିଶେଷ କରି ମହିଳା ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି କହିଛନ୍ତି। ୧୯୫୧-୫୨ ସାଧାରଣ ନିର୍ବାଚନରେ ୪୫% ମହିଳା ଭୋଟର ଅଂଶଗ୍ରହଣ କରିଥିବାବେଳେ ୨୦୧୯ ସାଧାରଣ ନିର୍ବାଚନରେ ୬୭% ମହିଳା ଭୋଟର ଅଂଶଗ୍ରହଣ କରିଥିଲେ। ମାତ୍ର ଭୋଟର ସଚେତନତା କାର୍ଯ୍ୟକ୍ରମ ଯୋଗୁ ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ୭୯% ମହିଳା ଭୋଟର ଅଂଶଗ୍ରହଣ କରିଥିବା ଶ୍ରୀ ପାଢ଼ୀ ପ୍ରକାଶ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ୨୦ ଜଣ ନୂତନ ଯୁବ ଭୋଟରଙ୍କ ସମେତ ତିନିଜଣ ନୂତନ ଦିବ୍ୟାଙ୍ଗ ଓ ୧୦ ଜଣ ତୃତୀୟଲିଙ୍ଗ ଭୋଟରଙ୍କୁ ଫଟୋ ପରିଚୟପତ୍ର ପ୍ରଦାନ କରିଥିଲେ।

ଅନୁରୂପ ଭାବରେ ଝାରସୁଗୁଡ଼ା ଉପନିର୍ବାଚନର ଶୃଙ୍ଖଳିତ ପରିଚାଳନା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲି ସୁନୀଲ ନରଭଣେ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପାରମାର ସ୍ମିଥ୍ ପୁରୁଷୋତ୍ତମ ଦାସ ଓ ଝାରସୁଗୁଡ଼ା ଉପଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମ୍ମାନିତ କରାଯାଇଥିଲା। ପୁନଶ୍ଚ ନୂତନ ଯୁବ ଭୋଟର (୧୮-୧୯ ବର୍ଷ)ଙ୍କୁ ଅଧିକ ସଂଖ୍ୟାରେ ତାଲିକାଭୁକ୍ତ କରି ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ବରଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୀଷା ବାନାର୍ଜୀ, ବଲାଙ୍ଗିର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରଣା, ଗଜପତି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସ୍ମୃତିରଞ୍ଜନ ପ୍ରଧାନ, ପୂର୍ବତନ ବାଲେଶ୍ୱର ଉପଜିଲ୍ଲାପାଳ ତଥା ବର୍ତ୍ତମାନର ଅତିରିକ୍ତ ଜିଲ୍ଲାପାଳ ପଦ୍ମପୁର ଚଭନ କୁମାର ମୋତିରାମ, ଭୁବନେଶ୍ୱର ଉପଜିଲ୍ଲାପାଳ ଚିନ୍ମୟ ଆଚାର୍ଯ୍ୟ, ପାଟଣାଗଡ଼ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ଟିଟିଲାଗଡ଼ ଉପଜିଲ୍ଲାପାଳ ଦୟାମୟ ପାଢ଼ୀ ଓ ବଲାଙ୍ଗିର ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଳା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଏନେଇ ପୁରାତନ ନିର୍ବାଚନ ସମ୍ପର୍କିତ ଏକ ଫଟୋ ପ୍ରଦର୍ଶନୀକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ମାନପତ୍ର ସହ ପୁରସ୍କୃତ କରିଥିଲେ।

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ /

## ଭ୍ରାମ୍ୟମାଣ ପାଠାଗାରରେ ମହାପୁରୁଷଙ୍କ ବାର୍ତ୍ତା

ଭୁବନେଶ୍ୱର, ୨୫।୧(ସମିସ): ଓଡ଼ିଆ ଭାଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ଓ ରୁଚି ବୃଦ୍ଧି କରିବା ପାଇଁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ବହୁ ଅଭିନବ ବ୍ୟବସ୍ଥା କରାଯାଉଛି। ଛାତ୍ରଛାତ୍ରୀଙ୍କ ମନରେ ପଢ଼ିବା ପାଇଁ ଇଚ୍ଛାଶକ୍ତି ଜାଗ୍ରତ କରିବାକୁ ଭ୍ରାମ୍ୟମାଣ ପାଠାଗାର ବ୍ୟବସ୍ଥା କରାଯିବ। ସମ୍ମିଳନୀ ସ୍ଥଳର ବିଭିନ୍ନ ସ୍ଥାନରେ ଏହାକୁ ରଖାଯିବ। ଏଥିସହ ଏକ ବସ ମଧ୍ୟରେ ଉପାଦେୟ ପୁସ୍ତକ ରଖି ଭ୍ରାମ୍ୟମାଣ ପାଠାଗାର ପ୍ରତିଷ୍ଠା କରାଯିବ। ସେହିପରି ୫ଟି ଗାଡ଼ିରେ ପାଠାଗାର ପ୍ରତିଷ୍ଠା କରାଯିବ। ଏଥିପାଇଁ ଭୁବନେଶ୍ୱରସ୍ଥିତ ବକୁଳ ଫାଉଣ୍ଡେସନ ବୈଷୟିକ ସହଯୋଗ ପ୍ରଦାନ କରିବ। ମହାପୁରୁଷଙ୍କ କାଳଜୟୀ ବାର୍ତ୍ତା ଥାଇ ବୁକମାର୍କ ପ୍ରତ୍ୟେକ ପୁସ୍ତକରେ ରହିବ। ସମ୍ମିଳନୀକୁ ଆସୁଥିବା ସମସ୍ତେ ଏହାକୁ ଦେଖିବା ସହ ପଢ଼ିବାର ସୁଯୋଗ ପାଇବେ। ସେହିଭଳି ପଠନ ଅଭ୍ୟାସ ବୃଦ୍ଧି କରିବା ସହ ରାଜ୍ୟର ଭାଷା, କଳା, ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବାକୁ ଏକ ପକେଟ ପୁସ୍ତିକା ପ୍ରସ୍ତୁତ କରାଯିବ। ତନ୍ମଧ୍ୟରେ ମହାପୁରୁଷଙ୍କ ଉପାଦେୟ ବାର୍ତ୍ତା ସ୍ଥାନିତ ହେବ। ଛାତ୍ରଛାତ୍ରୀଙ୍କ ପଠନ ଅଭ୍ୟାସକୁ ଆହୁରି ମଜାଦାର କରିବାକୁ ଏକ ଡାଏରୀ ମଧ୍ୟ ରହିବ। ପୁସ୍ତକ ପଠନ ସମୟରେ ପାଇଥିବା ଶିକ୍ଷଣୀୟ ତଥ୍ୟ, ମନକୁ ପାଇଥିବା ଅନୁଚ୍ଛେଦ, ପଢ଼ିଥିବା ପୃଷ୍ଠା ସଂଖ୍ୟା ଆଦି ବିଷୟରେ ଛାତ୍ରଛାତ୍ରୀମାନେ ସେଥିରେ ଉଲ୍ଲେଖ କରିବେ। ସେହିପରି ଖ୍ୟାତି ସମ୍ପନ୍ନ ବ୍ୟକ୍ତି ବିଶେଷ ଏବଂ ମହାପୁରୁଷଙ୍କ ଜନ୍ମ ମାସକୁ ଭିତ୍ତିକରି ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ। ଏଥିରେ ତାରିଖ ସହ ଉପାଦେୟ ବାର୍ତ୍ତା ମଧ୍ୟ ଉଲ୍ଲେଖ ରହିବ। ଏହି ସମ୍ମିଳନୀ ଆସନ୍ତା ଫେବୃଆରୀ ୩ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନ ଠାରେ ଅନୁଷ୍ଠିତ ହେବ।

## ଓଏଏସ୍ ସ୍ତରରେ ବଡ଼ ଅଦଳବଦଳ

ଭୁବନେଶ୍ୱର, ୨୫ ।୧(ସମିସ): ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନରେ କାର୍ଯ୍ୟରତ ଓଏଏସ୍(ଓଡ଼ିଶା ପ୍ରଶାସନିକ ସେବା) ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ମୋଟ ୧୧୧ ଜଣ ଅଧିକାରୀଙ୍କ ବଦଳି ହୋଇଥିବା ନେଇ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।


AFFIDAVIT

I, Banaja Saint, W/o- Hrudananda Saint, resident of Budhabihar, Apartibindha, P.O- Bhadrak, P.S- Bhadrak Town, Dist- Bhadrak, Odisha, 756100 declare by this affidavit No.545, dated-20/01/2024 that now onwards I shall be known as **BANAJALATA SAINT** for all future purposes.


## ଆଉ ୩ ଜିଲ୍ଲାରେ ଗଡ଼ିବ ‘ଲକ୍ଷ୍ମୀ’ ବସ୍

ଭୁବନେଶ୍ୱର, ୨୫।୧(ସମିସ): ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ପରିବହନ ସେବା ‘ଲକ୍ଷ୍ମୀ’ ବସ୍ ଇତିମଧ୍ୟରେ

### ଢେଙ୍କାନାଳରେ ଚଳାଚଳ କରିବ ୫୫ ବସ୍

### ଅନୁଗୋଳରେ ୨୬ ଓ ଦେବଗଡ଼ରେ ୧୭ଟି ବସ୍‌ସେବା

### ପାଞ୍ଚ ଟଙ୍କାରେ ମହିଳା, ଛାତ୍ରଛାତ୍ରୀଙ୍କ ପାଇଁ ଯାତ୍ରା ସୁବିଧା

୬ ଜିଲ୍ଲାରେ ଗଡୁଥିବା ବେଳେ ଖୁବ୍ ଶୀଘ୍ର ଆଉ ୩ ଜିଲ୍ଲାରେ ପହଞ୍ଚିବ। ସୂଚନା ଅନୁସାରେ ଆସନ୍ତା ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ, ଅନୁଗୁଳ ଓ ଦେବଗଡ଼ ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିବେ। ଢେଙ୍କାନାଳ ଜିଲ୍ଲାରେ ୫୫ଟି ବସ୍ ଚାଲିବ। ସେହିପରି ଅନୁଗୁଳରେ ୨୬ ଏବଂ ଦେବଗଡ଼ରେ ୧୭ଟି ଲକ୍ଷ୍ମୀ ବସ୍ ସେବା ପ୍ରଦାନ କରିବ। ଗତବର୍ଷ ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲ୍ଲାରୁ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଥିଲେ। ଏହା ପରେ ପର୍ଯ୍ୟାୟକ୍ରମେ ରାୟଗଡ଼ା, ଗଜପତି ଭଳି ୬ ଜିଲ୍ଲାରେ ଲକ୍ଷ୍ମୀ ବସ୍ ପହଞ୍ଚିଛି। ଗାଁରୁ ସହର ମଧ୍ୟରେ ସୁଗମ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଏଥିରେ ମହିଳା, ଛାତ୍ରଛାତ୍ରୀ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ମାତ୍ର ୫ ଟଙ୍କାରେ ଯାତ୍ରା ସୁବିଧା କରାଯାଇଛି। ଗ୍ରାମାଞ୍ଚଳରୁ ବ୍ଲକ ଏବଂ ବ୍ଲକରୁ ଜିଲ୍ଲା ମୁଖ୍ୟାଳୟ ମଧ୍ୟରେ ଲୋକେ ସହଜରେ ଯିବା ଆସିବା କରୁଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହୁଅନ୍ତୁ ଅବା ଚାଷୀମାନେ ନିଜ ଉତ୍ପାଦନର ବିକ୍ରି ବଟା ଲାଗି ଯିବା ଆସିବାରେ ଆଉ ସେମାନେ ସମସ୍ୟା ଭୋଗୁ ନାହାନ୍ତି। ଗାଁର ଆର୍ଥିକ ଓ ସାମାଜିକ ବିକାଶ ଦିଗରେ ଏହି ବସ୍ ସେବା ବେଶ୍ ସହାୟକ ହୋଇପାରୁଛି।

ଖୋର୍ଦ୍ଧାରୁ ଆସିଲା ଅକ୍ଷତ, ଗୁଆ

## ୨ କୋଟି ଛୁଇଁଲା ଅର୍ପଣ ଅର୍ଥ

ପୁରୀ, ୨୫।୧(ସମିସ): ଅର୍ପଣ ରଥରେ ସଂଗୃହିତ ଅକ୍ଷତ (ଅରୁଆ ଚାଉଳ), ଗୁଆ ଓ ନଡ଼ିଆକୁ ଶ୍ରୀମନ୍ଦିର ପ୍ରଶାସନ ଗ୍ରହଣ କରୁଛି। ବୁଧବାର ପ୍ରଥମ ଦିନରେ ଦେବଗଡ଼ ଓ ଜଗତ୍‌ସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ଚାଉଳ, ଗୁଆ ଓ ନଡ଼ିଆ ଆସିଥିବାବେଳେ ଗୁରୁବାର ଦ୍ୱିତୀୟଦିନରେ ଖୋର୍ଦ୍ଧା ଜିଲ୍ଲାରୁ ଆସିଛି ଭକ୍ତଙ୍କ ଭକ୍ତି ଅର୍ଘ୍ୟ। ଶ୍ରୀଗୁଣ୍ଡିଚା ମନ୍ଦିରରେ ଟ୍ରକ୍ ଲାଗିବା ପରେ ଏହାକୁ ଗ୍ରହଣ କରୁଛି ପ୍ରଶାସନ। ପ୍ରଥମ ଦିନ ଆସିଥିବା କିଛି ଟ୍ରକ୍‌ରୁ ସବୁ ସାମଗ୍ରୀ ବାହାର କରାଯାଇପାରି ନ ଥିଲା। ଗୁରୁବାର ତାହାକୁ ଖାଲି କରାଯାଇଥିବାବେଳେ ନୂତନ ଭାବେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସି ପହଞ୍ଚିଥିଲା ଏହି ସାମଗ୍ରୀ। ଗୁରୁବାର ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ବାହାର କରାଯାଇ ନ ଥିବାରୁ ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲାର ବଳକା ସାମଗ୍ରୀ ଗ୍ରହଣ କରାଯିବ ଏବଂ ଅନ୍ୟ କୌଣସି ଜିଲ୍ଲାରୁ ଅରୁଆ ଚାଉଳ, ଗୁଆ, ନଡ଼ିଆ ଆସିବ ନାହିଁ। ଶନିବାରଠାରୁ ପୁଣି ତାଲିକା ଅନୁସାରେ ବିଭିନ୍ନ ଜିଲ୍ଲାରୁ ଏହି ଭକ୍ତିଅର୍ଘ୍ୟ ପୁରୀ ଆସିବ ବୋଲି ଜଣାପଡ଼ିଛି। ସେହିପରି ଅର୍ପଣ ରଥରେ ସଂଗୃହୀତ ଭକ୍ତଙ୍କ ଦାନ ଅର୍ଥ ଶ୍ରୀମନ୍ଦିରକୁ ଆସୁଛି। ଗୁରୁବାର ସୁଦ୍ଧା ଏହି ଦାନଅର୍ଥ ପ୍ରାୟ ୨ କୋଟି ଛୁଇଁଥିବା ଜଣାପଡ଼ିଛି। ପୂର୍ବରୁ ଏହି ଅର୍ଥ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ସଂଗ୍ରହ କରାଯିବ ବୋଲି ଘୋଷଣା କରାଯାଇଥିଲା। ଆଉ କେତେକ ଜିଲ୍ଲାରୁ ଆସି ନ ଥିବାରୁ ପୁନଶ୍ଚ ଏହାକୁ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।


AFFIDAVIT

I Jayant Chowdhury, S/o- Late Tikendra Kumar Chowdhury Resident of House No-34, Royal Garden, Patia, Bhubaneswar Dist-Khurda, Odisha. Declare by this affidavit No. 69AA 059015 dated 25.01.2024 that now onwards I shall be known as **Jayanta Chowdhury** for all future purposes.

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-M-KUR-TLHR-WR-244-2024

କାର୍ଯ୍ୟର ନାମ : ଦୁଇ (02) ବର୍ଷ ସମୟାବଧି ନିମନ୍ତେ ତାଳଚେର C&W ଡିପୋରେ ୱାଗନ୍ (Wagon) ମରାମତି କାର୍ଯ୍ୟ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 5,63,23,392.35, EMD (ଟଙ୍କାରେ): 4,31,600/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.29.01.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.02.2024 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର୍ ଡିଭିଜନାଲ ମେକାନିକାଲ ଇଂଜିନିୟର, ଖୋର୍ଦ୍ଧାରୋଡ୍

PR-1024/O/23-24

AFFIDAVIT

I Smrutirani Baliyar Singh age 23yrs. daughter of Late Dasarathi Baliyarsingh alliance Patra, At - Kapileswarpur, Po- Pubusahi, Dist- Khordha, Aadhar no 858516280490 before Khordha Executive Magistrate declare that **Smurtirani Baliyar Singh and Smrutirani Patra** both the name are same and one person for future all purposes.

AFFIDAVIT

I Jyotirani Baliyar Singh age 20yrs. daughter of Late Dasarathi Patra, At- Kapileswarpur Po -Pubusahi, Dist- Khordha, Aadhar no 708866088469, before Khordha Executive Magistrate declare that **Jyotirani Baliyarsingh and Jyotirani Patra** both the name are same and one person for future all purposes.

AFFIDAVIT

I, Samirkumar Ramharibhai Pradhan, S/o-Late Ramahari Pradhan, resident of AT- Ratani Street, Patigad Road, PO/PS- Polosara, Dist-Ganjam, Pin-761105, Odisha declare by this affidavit No.178, dated- 24/01/2024 that now onwards I shall be known as **PRADHAN SAMIR KUMAR** for all future purposes.

AFFIDAVIT

I, Laxmiben Ramharibhai Pradhan, W/o-Late Ramahari Pradhan, resident of AT- Ratani Street, Patigad Road, PO/PS- Polosara, Dist-Ganjam, Pin-761105, Odisha declare by this affidavit No.177, dated- 24/01/2024 that now onwards I shall be known as **LAKSHMIPRIYA PRADHAN** for all future purposes.


# ଅବଶିଷ୍ଟାଂଶ

### ମିଶନ ଶକ୍ତି...

ଆଦର ବଢ଼ୁଛି ଏବଂ ଆମ କଳାକାରମାନେ ମଧ୍ୟ ରୋଜଗାର ପାଉଛନ୍ତି। ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କୁ ଆପଣମାନେ ସଶକ୍ତ କରୁଛନ୍ତି। ଏହି ଅବସରରେ କଳାକାରମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଳାକାର ମାନେ ମୋର ପରିବାରର ସଦସ୍ୟ ଭଳି। ଆପଣମାନେ ଭଲ କାମ ଜାରି ରଖନ୍ତୁ, ମୁଁ ଓ ରାଜ୍ୟ ସରକାର ସବୁବେଳେ ସହଯୋଗ ଯୋଗାଇଦେବୁ। ଆମ କଳା ଓ କଳାକାର ମାନଙ୍କର ବିକାଶ ପାଇଁ ରାଜ୍ୟ ସରକାର ୨୦୧୦ରୁ କଳାକାର ସଂଘ ଗଠନ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇ ଏହା ସମଗ୍ର ରାଜ୍ୟକୁ ପରିବ୍ୟାପ୍ତ ହୋଇଛି। ମିଶନ ଶକ୍ତି ପରି ସବୁ କଳାକାର ସଂଘକୁ ଆହୁରି ମଜବୁତ କରାଯିବ। ସାରା ରାଜ୍ୟରେ ଦୁଇ ଲକ୍ଷରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ଶୁଭକାମନା ଜଣାଇଛନ୍ତି।

‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦୁଇଟି ବିଷୟ ଉପରେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ପ୍ରଥମ କଥା ହେଲା କଳାକାରମାନଙ୍କ ସମ୍ମାନ। ସେମାନଙ୍କୁ ସମ୍ମାନ ଦେଇ ଜିଲ୍ଲା ପ୍ରଶାସନ ସେମାନଙ୍କ ସମସ୍ତ ଦେୟ ତୁରନ୍ତ ପ୍ରଦାନ କରିବା ଉଚିତ୍। ଦ୍ୱିତୀୟରେ ମିଶନ ଶକ୍ତି ଯେପରି ସୁଦୃଢ଼ ହୋଇଛି କଳାକାରମାନଙ୍କ ସଂଘ ଗୁଡ଼ିକ ମଧ୍ୟ ସେହିପରି ସୁଦୃଢ଼ ହେବା ଆବଶ୍ୟକ। ଏଥିପାଇଁ ଜିଲ୍ଲାପାଳ, ବିଡିଓ ଓ ସମ୍ପୂର୍ଣ୍ଣ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ଓଡ଼ିଶା ହେଉଛି ପାରମ୍ପରିକ କଳାର ଗନ୍ତାଘର। ରାଜ୍ୟ ସରକାର କଳାକାରମାନଙ୍କ କଲ୍ୟାଣ ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲ୍ଲାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ଏକ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଦ୍ୱାରା କଳାକାରମାନେ ମଧ୍ୟ ଆର୍ଥିକ ସ୍ତରରେ ଉପକୃତ ହେଉଛନ୍ତି।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ସଚିବ ସୁଜାତା ରାଉତ କାର୍ତ୍ତିକେୟନ କହିଛନ୍ତି ଯେ ଏହା ହେଉଛି ମୁଖ୍ୟମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ।୨୦୦୯-୧୦ ବର୍ଷରୁ ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ଏକ ବୃହତ୍ ସୂଚନା, ଶିକ୍ଷା ଓ ସଞ୍ଚାର କାର୍ଯ୍ୟକ୍ରମ। ଏଥିରେ ୧୦ ବିଭାଗର ୧୫ଟି ଯୋଜନାର ପ୍ରଚାର ପ୍ରସାର କରାଯିବ। ଏହା ମାଧ୍ୟମରେ ରାଜ୍ୟ ସରକାରଙ୍କ ଜନହିତକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକ ଲୋକଙ୍କ ପାଖରେ ସହଜରେ ଓ ସୁବିଧାରେ ପହଞ୍ଚି ପାରୁଛି ବୋଲି ଶ୍ରୀମତୀ କାର୍ତ୍ତିକେୟନ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଗଞ୍ଜାମ ଜିଲ୍ଲା କଳା ଓ ସଂସ୍କୃତି ସଂଘର ଉପସଭାପତି ସନ୍ତୋଷ କୁମାର ପାଢ଼ୀ ଏବଂ ସୁନ୍ଦରଗଡ଼ ଜିଲ୍ଲା କଳା ଓ ସଂସ୍କୃତି ସଂଘର ଉପସଭାପତି ଫକୀର ବାଡ ନିଜର ଅନୁଭବ ବ୍ୟକ୍ତ କରିଛନ୍ତି। ସେମାନେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆଜି ଆମେ କାମ ପାଉଛୁ, ରୋଜଗାର ପାଉଛୁ ଓ ସମ୍ମାନ ମଧ୍ୟ ପାଉଛୁ। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆମେ ଏକ ସ୍ୱତନ୍ତ୍ର ପରିଚୟ ପାଇଛୁ। ମୁଖ୍ୟମନ୍ତ୍ରୀଙ୍କୁ ଆମେ କୃତଜ୍ଞତା ଜଣାଉଛୁ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଛନ୍ତି।

ସୂଚନାଯୋଗ୍ୟ ଯେ ଲୋକକଳାର କଳାକାରମାନେ ସେମାନଙ୍କ କଳା ଚାତୁରୀ ମାଧ୍ୟମରେ ବିଭିନ୍ନ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିବେ। ପାରମ୍ପରିକ ଦଣ୍ଡ ନାଚ, ରାସ, କରମା ସାନି ପାଲା, ଦାସକାଠିଆ, ସଂକୀର୍ତ୍ତନ, ଛଉ ନୃତ୍ୟ, ଘୋଡ଼ା ନାଚ, ମୋଗଲ ତାମସା, ପ୍ରହ୍ଲାଦ ନାଟକ, ସୁଆଙ୍ଗ, ରାମଲୀଳା, ଖଞ୍ଜଣୀ ଭଜନ, କେନ୍ଦରା ଗୀତ, ଚକୁଳିଆ ପଣ୍ଡା, ଭାରତଲୀଳା, ସମ୍ବଲପୁରୀ ନୃତ୍ୟ, ଘୁମୁରା ନୃତ୍ୟ, ଡାପ ନୃତ୍ୟ, ବଣ୍ଡା, କୋୟା, ସାନ୍ତାଳୀ, ପରଜା, ଢେମସା ଆଦି ବିଭିନ୍ନ ପ୍ରକାରର ଲୋକଗୀତ, ଲୋକ, ଲୋକନୃତ୍ୟ ଓ ଲୋକ ନାଟକରେ କଳାକାରମାନେ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ସରକାରଙ୍କ ଲୋକହିତକର ଉନ୍ନୟନମୂଳକ ଯୋଜନା ଗୁଡ଼ିକୁ ପ୍ରଚାର ପ୍ରସାର କରି ଜନସାଧାରଣମାନଙ୍କୁ ସଚେତନତା କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ବର୍ତ୍ତମାନ ରାଜ୍ୟର ୫୦ ହଜାରକଳାକାର ମାନଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପ୍ରଦାନ କରାଯାଉଛି।

### ମିଳିମିଶି ଗଢ଼ିବା...

ଜଳସେଚନ, ପରିବହନ କ୍ରୀଡ଼ା ଆଦି ସବୁ କ୍ଷେତ୍ରରେ ରୂପାନ୍ତର ଓଡ଼ିଶାର ବିକାଶକୁ ଉଜ୍ଜ୍ୱଳ କରିଛି। ମୋ ସରକାର ଗାଁକୁ ବିକାଶର କେନ୍ଦ୍ର କରିଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ପ୍ରସାର କରାଯାଉଛି। ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ କରାଯାଉଛି। ଲକ୍ଷ୍ମୀ ବସ ଯୋଜନା ଗାଁରେ ଯୋଗାଯୋଗ କ୍ଷେତ୍ରରେ ରୂପାନ୍ତର ଆଣିଛି। ଗାଁର ଅର୍ଥନୈତିକ ବ୍ୟବସ୍ଥାକୁ ଏହା ନୂଆ ଜୀବନ ଦେଇଛି। ଚାଷ ଓ ଚାଷୀର ଉନ୍ନତି ପାଇଁ ମୁଁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ମାମାନେ କେବଳ ପରିବାର ନୁହେଁ, ଆମ ସମାଜର ଶକ୍ତି। ମିଶନ ଶକ୍ତି ଆଜି ୭୦ ଲକ୍ଷ ମାମାନଙ୍କୁ ବିକାଶର ସହଯୋଗୀ କରିଛି। ମାମାନଙ୍କ ଉପରେ ମୋର ଖୁବ୍ ଭରସା ଅଛି। ଷ୍ଟାର୍ଟ ଅପ୍ କ୍ଷେତ୍ରରେ ଆଜି ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ଶୀର୍ଷରେ। ଭାରତ ସରକାରଙ୍କଠାରୁ ଏଥିପାଇଁ ଆମେ ପୁରସ୍କାର ପାଇଛୁ। ଶିଳ୍ପ, ସୂଚନା ପ୍ରଯୁକ୍ତି, ଷ୍ଟାର୍ଟ ଅପ୍ ସବୁଥିରେ ଓଡ଼ିଶା ଏବେ ଆଗରେ ରହିଛି। ଆମର ନୀତି ଓ ଯୁବ ସମାଜର ପାରଦର୍ଶିତା ଯୋଗୁ ଆଇବିଏମ୍, ଡେଲୋଏଟ୍, ଆସେଞ୍ଚର, କଂଗ୍ନିଜେଣ୍ଟ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ସେମାନଙ୍କର ସଂସ୍ଥାଗୁଡିକ ପ୍ରତିଷ୍ଠା ପାଇଁ ଓଡ଼ିଶାକୁ ପସନ୍ଦ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ସବୁ ଜୀବନ ମୂଲ୍ୟବାନ। ଏହି ନୀତିରେ ଆମର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବହୁତ୍ ଭଲ କାମ କରୁଛି। ଏହାକୁ ଆଗକୁ ନେଇ ଆମେ ବିଏମ୍‌କେୱାଇ ନବୀନ କାର୍ଡ ଆରମ୍ଭ କରିଛୁ। ଏହାଦ୍ୱାରା ରାଜ୍ୟର ଚାରି କୋଟିରୁ ଅଧିକ ଲୋକଙ୍କ ଚିକିତ୍ସା ଚିନ୍ତା ଦୂର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହା ସହ ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇଥିବା ଆମର ପୂର୍ବଜ ଓ ମହାନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଆମ ଦେଶ ମହାତ୍ମା ଗାନ୍ଧୀ, ସୁଭାଷଙ୍କ ଦେଶ। ସତ୍ୟ, ଶାନ୍ତି ଅହିଂସା ନ୍ୟାୟ ଓ ସମତା ଓ ବିକାଶ ର ରାସ୍ତାରେ ଆମେ ଚାଲୁଛୁ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଜାତିର ପିତା ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ପଟେଲ, ମୌଲାନା ଆଜାଦ, ଡଃ ବି.ଆର. ଆମ୍ବେଦକର, ଡଃ ରାଜେନ୍ଦ୍ର ପ୍ରସାଦ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ସହିଦ୍ ଲକ୍ଷ୍ମଣ ନାଏକ, ବୀର ସୁରେନ୍ଦ୍ର ସାଏ, ମା ରମାଦେବୀ, ମାଳତୀ ଚୌଧୁରୀ, ଡଃ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ ଓ ପାର୍ବତୀ ଗିରିଙ୍କ ପରି ମହାନ୍ ସଂଗ୍ରାମୀମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।


JAY SANKAR SEVASHRAM, CHILDREN HOME (CCI)

Regd. Office: At /P.O :-Belsara, Via- Ujalpur, Dist- Sundargarh, Odisha-770011

Contact :- 9777391338 / 9439829934

ADVERTISEMENT

Applications are invited from eligible candidates to be engaged on purely contractual consolidated remuneration basis for the different posts lying vacant in Jay sankar Sevashram, Belsara (Recognized Child care Institution by the OSCPS,WCD & Mission Shakti, Government of Odisha). Details may be downloaded from website: http://sundargarh.nic.in/notice category / recruitment. Candidates are also apply online through link- https://forms.gle/n32Kgngv3SLYtZWP8 & also submit a hard copy of application form and it's enclosures to address : Secretary, Jay sankar Sevashram At/p.o- Belsara, P.s-Lephripara, Dist- Sundargarh (Odisha) PIN- 770011 on or before **dt. 14.02.2024 by 5.30 PM** positively through Speed Post/Registered Post only.

Sd/- Secretary,
Jay Sankar Sevashram, Belsara

AFFIDAVIT

By affidavit is CF No 4 and CF NO 5 Dt.24.01.2024. I DEEPIKA SAHOO d\o Gourang Charan Sahoo declare that my father's correct and actual name is GOURANG CHARAN SAHOO which is reflected in my HSC certificate but my father's name has inadvadently mentioned as Gouranga charan sahoo in my CHSE and OTET paper II certificates respectively.Hence I request the concerned authority to do the needful correction. Both Gourang charan Sahoo and Gouranga charan sahoo is one and same person.

TPCODL

TP CENTRAL ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)
1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

NOTICE INVITING TENDER
NIT No: TPCODL/P&S/NIT/23-24/29

Bids are invited from eligible Bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000565/23-24 | SITC of 42U Server Racks, iPDU & Cold aisle containment at Technology Centre. |
| 2 | TPCODL/P&S/1000000568/23-24 | Supply of Various Electrical Testing Equipment |

For more details like bid due date, EMD, tender fee, bid opening date etc. of the Tenders, please visit “Tender” section TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **dtd.25.01.2024**. Future communication / corrigendum to tender documents, if any, shall be available on TPCODL website.

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୧୫ • ପାଉଣ୍ଡ ୧୦୫.୪୪
- ୟୁରୋ ୯୦.୭୫ • ୟେନ୍ ୦.୫୬

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୭୬୦ (ନୂଆଦିଲ୍ଲୀ)
- ରୁପା : ୭୫,୩୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୦,୭୦୦.୦୦
- ନିଫ୍ଟି ୨୧,୩୫୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ନୂଆ ନିୟମ!

# ଯେକୌଣସି ଡାକ୍ତରଖାନାରେ କ୍ୟାଶଲେସ୍ ଚିକିତ୍ସା

ନୂଆଦିଲ୍ଲୀ,୨୫ା୧(ଏଜେନ୍ସି)



ସ୍ୱାସ୍ଥ୍ୟ ବୀମାଧାରୀଙ୍କ ପାଇଁ ବଡ଼ ଖବର। କାରଣ ଏଣିକି ସେମାନେ ଦେଶର ଯେକୌଣସି ଡାକ୍ତରଖାନାରେ କ୍ୟାସଲେସ ଚିକିତ୍ସା ସୁବିଧା ପାଇବେ। ସେହି ଡାକ୍ତରଖାନା ବୀମା କମ୍ପାନୀ ତାଲିକାରେ ନ ଥିଲେ ମଧ କିଛି ଫରକ ପଡ଼ିବ ନାହିଁ। ସାଧାରଣ ବୀମା ପରିଷଦ (ଜିଆଇସି) ପଲିସିଧାରୀଙ୍କ ସ୍ୱାର୍ଥ ପାଇଁ ଏହି ନିଷ୍ପତ୍ତି ନେଇଛି। ଏଥିପାଇଁ ଜିଆଇସି ସାରା ଦେଶରେ କ୍ୟାସଲେସ୍ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ଅଧୀନରେ, ପଲିସିଧାରୀ ଯେ କୌଣସି ଡାକ୍ତରଖାନାରେ ସେମାନଙ୍କର ଚିକିତ୍ସା କରିବାର ସ୍ୱାଧୀନତା ପାଇବେ। ସ୍ୱାସ୍ଥ୍ୟ ବୀମା କମ୍ପାନୀଗୁଡିକ ସହ ଆଲୋଚନା ପରେ ପରିଷଦ 'କ୍ୟାସଲେସ ଏଭ୍ରିହ୍ୱେର' ବା 'ସର୍ବତ୍ର ନଗଦବିହୀନ ଚିକିତ୍ସା ସେବା' ପଦକ୍ଷେପ ଆରମ୍ଭ କରିଛି। ଏଥିରେ ଦେଶର ଯେକୌଣସି ଡାକ୍ତରଖାନାରେ କ୍ୟାସଲେସ ଚିକିତ୍ସା ସୁବିଧା ଯୋଗାଇବାକୁ ସହମତି ପ୍ରକାଶ ପାଇଛି।

ସମ୍ପ୍ରତି, ସ୍ୱାସ୍ଥ୍ୟ ବୀମା କ୍ରୟ କରୁଥିବା ଗ୍ରାହକମାନେ କେବଳ ସେହି ଡାକ୍ତରଖାନାରେ କ୍ୟାସଲେସ ଚିକିତ୍ସାର ସୁବିଧା ପାଇପାରୁଛନ୍ତି, ଯାହା ବୀମା କମ୍ପାନୀର ନେଟୱାର୍କରେ ଅନ୍ତର୍ଭୁକ୍ତ ରହିଥାଏ। ଯଦି କୌଣସି ଡାକ୍ତରଖାନା କମ୍ପାନୀର ନେଟୱାର୍କରେ ଅନ୍ତର୍ଭୁକ୍ତ ନାହିଁ, ତେବେ ସେଠାରେ ଚିକିତ୍ସା ପାଇଁ ପଲିସିଧାରୀଙ୍କୁ ନିଜେ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବାକୁ ପଡିଥାଏ ଏବଂ ପରେ ତାଙ୍କୁ ବୀମା କମ୍ପାନୀରୁ କ୍ଷତିପୂରଣ ନେବାକୁ ପଡିଥାଏ।

### ଜିଆଇସିର ନିଷ୍ପତ୍ତି
### ଶେଷହେବ ହସ୍ପିଟାଲ ନେଟ୍‌ୱର୍କ ବ୍ୟବସ୍ଥା

ଏଥିରେ ଅସୁବିଧା ହେଉଛି ଯଦି ବ୍ୟକ୍ତିଙ୍କର ଚିକିତ୍ସା ପାଇଁ ପାଖରେ ଟଙ୍କା ନ ଥାଏ ତେବେ ସେ ବୀମାର ଲାଭ ପାଇପାରି ନ ଥାନ୍ତି। ବୀମା କମ୍ପାନୀ ଡାକ୍ତରଖାନାରେ କରାଯାଇଥିବା ଚିକିତ୍ସା ପାଇଁ ଦେୟ ଦେବାକୁ ବାଧ ହେବେ, ସେ ଡାକ୍ତରଖାନା କମ୍ପାନୀ ନେଟୱାର୍କରେ ଥାଉ ଅବା ନ ଥାଉ କିଛି ଫରକ ପଡ଼ିବ ନାହିଁ। ୧୫ ରୁ ଅଧିକ ଶଯ୍ୟା ବିଶିଷ୍ଟ ତଥା ରାଜ୍ୟ ସ୍ୱାସ୍ଥ୍ୟ ପ୍ରାଧିକରଣରେ ପଞ୍ଜୀକୃତ ହୋଇଥିବା ଏହି ଡାକ୍ତରଖାନାଗୁଡ଼ିକରେ ନଗଦବିହୀନ ଚିକିତ୍ସା ସୁବିଧା ଉପଲବ୍ଧ ହୋଇପାରିବ। ବୀମା କମ୍ପାନୀ ନେଟୱାର୍କରେ ଥିବା ଡାକ୍ତରଖାନା ହାର ଆଧାରରେ ଚିକିତ୍ସାର ମୂଲ୍ୟ ସ୍ଥିର କରାଯିବ। ଏହା ସହିତ, ଗ୍ରାହକଙ୍କଠାରୁ ମନ ଇଛା ଟଙ୍କା ଚାର୍ଜ କରି ହେବ ନାହିଁ । କ୍ୟାସଲେସ ଚିକିତ୍ସାର ସୁବିଧା ପାଇ ଉଭୟ ବୀମା କମ୍ପାନୀ ଏବଂ ପଲିସିଧାରୀ ଉପକୃତ ହେବେ।

ବର୍ତ୍ତମାନ, ଯଦି ଜଣେ ଗ୍ରାହକ ଏକ ନେଟୱାର୍କ ନ ଥିବା ଡାକ୍ତରଖାନାରେ ଚିକିତ୍ସା ନେଇଛନ୍ତି, ତେବେ ତାଙ୍କୁ ଦାବି ଉପସ୍ଥାପନ କରିବାକୁ ଅନେକ ଡକ୍ୟୁମେଣ୍ଟ ସଂଗ୍ରହ କରିବାକୁ ପଡିଥାଏ। ଏହା ସହିତ ବୀମା କମ୍ପାନୀଗୁଡିକର ସମସ୍ତ ପ୍ରକାରର ପ୍ରଶ୍ନର ଉତ୍ତର ଦେବାକୁ ପଡିଥାଏ। ଯଦି କ୍ୟାସଲେସ ଚିକିତ୍ସା ହୁଏ ତେବେ ଏହି ସମସ୍ୟା ସମାପ୍ତ ହେବ। ଅପରପକ୍ଷରେ, ବୀମା କମ୍ପାନୀଗୁଡିକ ମଧ ଉପକୃତ ହେବେ କାରଣ ନକଲି ବିଲ ମାଧ୍ୟମରେ ଦାବି କରିବା ଭଳି ଘଟଣାକୁ ରୋକାଯାଇପାରିବ।

ସର୍ବତ୍ର କ୍ୟାସଲେସ୍ ପଦକ୍ଷେପ ଆରମ୍ଭ କରିବା ପୂର୍ବରୁ କାଉନସିଲ ସାଧାରଣ ତଥା ସ୍ୱାସ୍ଥ୍ୟ ବୀମା କମ୍ପାନୀଗୁଡିକ ସହିତ ପରାମର୍ଶ କରିଥିଲେ। ଏହା ପରେ, ଏହି ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି, ଯାହା ଦ୍ୱାରା ସ୍ୱାସ୍ଥ୍ୟ ବୀମାଧାରୀମାନେ ଆର୍ଥିକ ବ୍ୟବସ୍ଥା ବିଷୟରେ ଚିନ୍ତା ନ କରି ଯେ କୌଣସି ଡାକ୍ତରଖାନାରେ ନିଜର ଚିକିତ୍ସା କରାଇପାରିବେ। ଏବେ ଜରୁରୀକାଳୀନ ପରିସ୍ଥିତିରେ ଗ୍ରାହକଙ୍କୁ ହସ୍ପିଟାଲରେ ଆଡମିଶନ ହେବାର ୪୮ ଘଣ୍ଟା ମଧ୍ୟରେ ବୀମା କମ୍ପାନୀକୁ ଜଣାଇବାକୁ ପଡିବ। ଯଦି ଜରୁରୀକାଳୀନ ମାମଲା ନ ଥାଏ, ତେବେ ଆଡମିଶନର ୪୮ ଘଣ୍ଟା ପୂର୍ବରୁ ବୀମା କମ୍ପାନୀକୁ ଅବଗତ କରାଯିବା ଉଚିତ୍। ଗ୍ରାହକଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ବୀମା ପଲିସିରେ ଏହି ଦାବି ଗ୍ରହଣୀୟ ହେବା ଉଚିତ୍। ଏହାଛଡା ଗ୍ରାହକଙ୍କ ନୀତିରେ ନଗଦବିହୀନ ସୁବିଧା ଅନ୍ତର୍ଭୂକ୍ତ କରାଯିବା ଉଚିତ୍।

### ଅନ୍‌ଲାଇନ ପେମେଣ୍ଟ ଏଗ୍ରିଗେଟର ପରିଚାଳନା

## ଖାଇବା ମଗାଇବା ସହ ଅନ୍‌ଲାଇନ୍ ପେମେଣ୍ଟ କରିହେବ



**ନୂଆଦିଲ୍ଲୀ,୨୫ା୧(ଏଜେନ୍ସି):** ଅନ୍‌ଲାଇନ୍ ଫୁଡ ଡେଲିଭରି କମ୍ପାନୀ ଜମାଟୋରୁ ଏବେ ଖାଇବା ମଗାଇବା ସହ ଗ୍ରାହକ ଅନ୍‌ଲାଇନ୍ ପେମେଣ୍ଟ ବି କରିପାରିବେ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଫୁଡ୍ ଏଗ୍ରିଗେଟର କମ୍ପାନୀ ଜମାଟୋର ସହଯୋଗୀ କମ୍ପାନୀ ଜମାଟୋ ପେମେଣ୍ଟକୁ ଅନ୍‌ଲାଇନ୍ ପେମେଣ୍ଟ ଏଗ୍ରିଗେଟର ହେବାକୁ ମଞ୍ଜୁରି ଦେଇଛି। ଚଳିତମାସ ୨୪ ତାରିଖ ଠାରୁ ଏହା ଲାଗୁ ହୋଇସାରିଛି।

**ଜମାଟୋକୁ ଆର୍‌ବିଆଇ ମଞ୍ଜୁରୀ**

ଏ ସମ୍ପର୍କରେ ସୂଚନା ଦେଇ ଜମାଟୋ କହିଛି ଯେ, କମ୍ପାନୀ ପାଖରେ ବଡ଼ ଗ୍ରାହକମାନଙ୍କର ନମ୍ବର ରହିଛି। ଯେଉଁମାନେ ପ୍ରାୟତଃ ସେମାନଙ୍କ ଖାଦ୍ୟ ଅର୍ଡରର ପେମେଣ୍ଟ ପାଇଁ ୟୁପିଆଇ ବ୍ୟବହାର କରନ୍ତି। ଆମେ ଆମ ଗ୍ରାହକଙ୍କୁ ଏକ ଏମିତି ସୁବିଧା ପ୍ରଦାନ କରୁଛୁ ଯାହା ଜୋମାଟୋ ଗ୍ରାହକଙ୍କୁ ଏକ ୟୁପିଆଇ ଆଇଡି ସୃଷ୍ଟି କରିବାର ବିକଳ୍ପ ଦେବ। ଯେଉଁଥିରେ ଗ୍ରାହକ ବିନା ଆପ୍ ସୁଇଚ୍ କରି ପେମେଣ୍ଟ କରିପାରିବେ। ଗ୍ରାହକମାନଙ୍କୁ ଯେମିତି କୌଣସି ଅସୁବିଧା ସମ୍ମୁଖୀନ ନ ହୁଅନ୍ତୁ ଏଥିପାଇଁ ଆମେ ଆଇସିଆଇସିଆଇ କୁ ଆମର ଟେକ୍ନୋଲୋଜି ସହଯୋଗୀ ରଖିଛୁ। ଆର୍‌ବିଆଇ ମଞ୍ଜୁରି ପ୍ରଦାନ କରିବା ପରେ ଜୋମାଟୋ ମଧ ଟାଟା ପେ, ରୋଜରପେ, କ୍ୟାଶଫ୍ରି ଭଳି ଅନଲାଇନ୍ ପେମେଣ୍ଟ ଲାଇସେନ୍ସ ହାସଲକାରୀ କମ୍ପାନୀ ମଧ୍ୟରେ ସାମିଲ୍ ହୋଇଛି। ଏଥିରେ ଜୋମାଟୋ ଶେୟାରରେ ଲାଭ ହେବ। ଷ୍ଟକ୍ ବଜାରରେ କମ୍ପାନୀର ଲାଭ ହେବ। ସୂଚନା ଥାଉକି ବର୍ତ୍ତମାନ ଜମାଟୋର ବଜାର ପୁଞ୍ଜି.୧୭, ୮୧୫.୧୩ କୋଟି ଟଙ୍କା ରହିଛି।

## ଟାଟା ଷ୍ଟିଲ୍ ଇଣ୍ଡିଆର ଟିକସ ପରବର୍ତ୍ତୀ ଲାଭ ୪୪୨୯ କୋଟି

**ଭୁବନେଶ୍ୱର,୨୫ା୧(ମସିସ):** ଟାଟା ଷ୍ଟିଲ୍ ପକ୍ଷରୁ ୨୦୨୩-୨୪ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକ ଏବଂ ୯ ମାସର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଟାଟା ଷ୍ଟିଲ୍‌ର ଟିକସ ପରବର୍ତ୍ତୀ ଲାଭ ୨୦୨୨-୨୩ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକର ୧୭୮୬ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୩-୨୪ର ତୃତୀୟ ତ୍ରୈମାସିକରେ ୪୪୨୯ କୋଟି ଟଙ୍କା ହୋଇଛି। ଏହି ସମୟରେ ଟାଟା ଷ୍ଟିଲ୍ ଭାରତ ରାଜସ୍ୱ ପରିମାଣ ୨୦୨୨-୨୩ରେ ଥିବା ୩୪,୦୫୯ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୩-୨୪ ତୃତୀୟ ତ୍ରୈମାସିକରେ ୩୫,୦୧୧ କୋଟି ଟଙ୍କା ହୋଇଛି। ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ ୫୨୨ କୋଟି ଟଙ୍କା ହୋଇଥିବା ବେଳେ ସମନ୍ୱିତ ରାଜସ୍ୱ ପରିମାଣ ୫୫,୩୧୨ କୋଟି ଟଙ୍କା ହୋଇଛି। ଏହି ସମୟରେ ଇବିଆଇଟିଡିଏ ୪୭ ପ୍ରତିଶତ ବୃଦ୍ଧି ପାଇ ୬୩୩୪ କୋଟି ଟଙ୍କା ହୋଇଛି ଏବଂ ଇବିଆଇଟିଡିଏ ମାର୍ଜିନ୍ ୧୧% ରହିଛି। କମ୍ପାନୀର ବ୍ରିଟେନ୍ ରାଜସ୍ୱ ୬୦୩ ନିୟୁତ ପାଉଣ୍ଡ ଥିବା ବେଳେ ନେଦରଲାଣ୍ଡ ରାଜସ୍ୱ ପରିମାଣ ୧୨୩୯ ନିୟୁତ ପାଉଣ୍ଡ ରହିଛି। ଏହି ଅବସରରେ ଟାଟା ଷ୍ଟିଲ୍‌ର ସିଇଓ ଓ ଏମ୍‌ଡି ଟି.ଭି. ନରେନ୍ଦ୍ରନ୍ କହିଛନ୍ତି ଯେ, ତ୍ରୈମାସିକ ଭିତ୍ତିରେ ଅଧିକ ଡେଲିଭରି ଓ ରିଅଲାଇଜେସନ ଯୋଗୁ ଟାଟା ଷ୍ଟିଲ୍ ଇଣ୍ଡିଆର ଲାଭାଂଶରେ ଉନ୍ନତି ଆସିଛି। ଏହି ସମୟରେ ଦେଶରେ ଡେଲିଭରି ପରିମାଣ ୪.୭୮ ନିୟୁତ ଟନ୍ ରହିଥିଲା। ଖୁସିର ସହ କହିବାକୁ ଚାହୁଁଛି ଯେ ଟାଟା ଷ୍ଟିଲ ମେରାମଣ୍ଡଳୀ ଏବଂ ଟାଟା ଷ୍ଟିଲ କଳିଙ୍ଗନଗର କାର୍ଯ୍ୟ କ୍ଷେତ୍ର ରେସ୍ପନ୍ସିବଲ୍ ଷ୍ଟିଲ୍ ସାର୍ଟିଫିକେସନ ହାସଲ କରିଛନ୍ତି।

## 'ଜାୱା ୩୫୦'ର ବଜାର ପ୍ରବେଶ



**ଭୁବନେଶ୍ୱର,୨୫ା୧(ମସିସ):** ଜାୱା ୟେଜ୍‌ଦି ମୋଟର୍ସ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ପଳାଶୁଣୀସ୍ଥିତ ସପ୍ତସତୀ ମନ୍ଦିରଠାରେ ଥିବା ମୂରଲୀ ଏଣ୍ଡ ସନ୍ସ ଅଟୋମୋଟିଭ୍ସଠାରେ ଏହାର ନିୟୁ କ୍ଲାସିକ୍ 'ଜାୱା ୩୫୦'ର ବଜାର ପ୍ରବେଶ ହୋଇଯାଇଛି। କମ୍ପାନୀର ଏଏସ୍‌ଏମ୍ ଦୀପ୍ତି ରଞ୍ଜନ ବିଶ୍ୱାଳ, ଏଏସ୍‌ଏମ୍ ପ୍ରଭାତ ସାହୁଙ୍କ ଉପସ୍ଥିତିରେ ଶୋ' ରୁମ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ୍ ଅଗ୍ରୱାଲ ଏହାର ବଜାର ପ୍ରବେଶ କରାଇଥିଲେ। 'ଜାୱା ୩୦୦' ତୁଳନାରେ କମ୍ପାନୀ 'ଜାୱା ୩୫୦'ରେ ଅନେକ କିଛି ବୈଶିଷ୍ଟ୍ୟ ପରିବର୍ତ୍ତନ କରିଛି, ଯାହା ଚାଳକଙ୍କୁ ଏକ ଉନ୍ନତ ଏବଂ ଆରାମଦାୟକ ଗାଡ଼ି ଚାଳନାର ଅଭିଜ୍ଞତା ପ୍ରଦାନ କରିବ। ଏଥିରେ ଗାଡିର ହ୍ୱିଲ୍ ବେସ୍ ସହ ଗ୍ରାଉଣ୍ଡ କ୍ଲିଅରାନ୍ସ ଏବଂ ସିଟ୍‌ର ଆକାରରେ ବୃଦ୍ଧି କରାଯାଇଛି। ଏହାର ଇଞ୍ଜିନ୍ କ୍ଷମତା ୩୩୪ ସିସିକୁ ବୃଦ୍ଧି କରାଯାଇଛି। 'ଜାୱା ୩୫୦'ର ଏକ୍ସ ଶୋ' ରୁମ୍ ମୂଲ୍ୟ ୨,୧୮,୦୦୦ ଟଙ୍କା ରହିଛି। 'ଜାୱା ୩୫୦'ର କ୍ଷମତା ୨୮.୧ଏନ୍‌ଏମ୍ '୫୦୦୦ଟର୍କ, ହ୍ୱିଲ୍ ବେସ୍ ୧୪୪୯ଏମ୍‌ଏମ୍, ମୋଟାମୋଟି ଲମ୍ବ ୨୧୮୦ ଏମ୍‌ଏମ୍, ଓଜନ ୧୧୦୧ ଏମ୍‌ଏମ୍ ରହିଛି। ଏଥିରେ ଡୁଆଲ୍ ଏବିଏସ୍ ସହ ଲିକ୍ୟୁଡ୍ କୁଲ୍ ଇଞ୍ଜିନ୍ ସଂସ୍ଥାପିତ।

## ୨୦୨୩ରେ କଫି ରପ୍ତାନୀ କମିଲା

**ନୂଆଦିଲ୍ଲୀ,୨୫ା୧(ଏଜେନ୍ସି):** ଦେଶର କଫି ରପ୍ତାନୀ ହ୍ରାସ ଘଟିଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୩ରେ ଭାରତର କଫି ରପ୍ତାନୀ ୫.୪ ପ୍ରତିଶତ ହ୍ରାସ ପାଇ ୩.୭୭ ଲକ୍ଷ ଟନ୍ ହୋଇଛି। ରୋବୁଷ୍ଟା କଫିର ଉପଲବ୍ଧତା କମ୍ ହେବା ଯୋଗୁ ରପ୍ତାନୀ କମିଛି। ଏହା ପୂର୍ବରୁ ୨୦୨୨ରେ ଭାରତ ୩.୯୮ ଲକ୍ଷ ଟନ୍‌ର କଫି ରପ୍ତାନୀ କରିଥିଲା। ସୂଚନା ଥାଉ କି ଭାରତ ହେଉଛି ଆରବିକା ଓ ରୋବୁଷ୍ଟା ଭେରାଇଟି କଫିର ଏସିଆର ତୃତୀୟ ସବୁଠାରୁ ବଡ଼ ଉତ୍ପାଦନକାରୀ ଓ ରପ୍ତାନୀକାରୀ ରାଷ୍ଟ୍ର।

ଅରେବିକା କଫି ମଞ୍ଜିରେ ରୋବୁଷ୍ଟା ଅପେକ୍ଷା କଫିନ୍ ସଂଖ୍ୟା କମ୍ ଥାଏ। ଏହି କଫିର ସ୍ୱାଦ ମିଠା ଓ ସ୍ୱାଦିଷ୍ଟ। ହେଲେ ରୋବୁଷ୍ଟା କଫି ଟିକେ କଡ଼ା ସ୍ୱାଦ ଯୁକ୍ତ। କଫି ବୋର୍ଡ ଅଫ୍ ଇଣ୍ଡିଆର ସୂଚନା ଅନୁସାରେ, ୨୦୨୩ରେ ରୋବୁଷ୍ଟା କଫି ରପ୍ତାନୀରେ ୧୫ ପ୍ରତିଶତ ହ୍ରାସ ପାଇ ୧.୮୭ ଲକ୍ଷ ଟନ୍ ରହିଛି। ୨୦୨୨ରେ ଏହା ୨.୨୦ ଲକ୍ଷ ଟନ୍ ଥିଲା। ତେବେ ଆରବିକା କଫିର ରପ୍ତାନୀ ୫.୭୯ ପ୍ରତିଶତ ବୃଦ୍ଧି ପାଇ ୪୬,୮୬୯ ଟନ୍‌ରେ ପହଞ୍ଚିଛି। ଯାହା ଗତବର୍ଷ ୪୪,୩୦୨ ଟନ୍ ରହିଥିଲା। ମୂଲ୍ୟ ହିସାବରେ ଦେଖିଲେ ୨୦୨୩ରେ ଭାରତରୁ ମୋଟ ୯,୫୮୦,୫୮ କୋଟି ଟଙ୍କାର କଫି ରପ୍ତାନୀ କରାଯାଇଛି। ଏହାର ୟୁନିଟ୍ ମୂଲ୍ୟ ଟନ୍ ପିଛା ୨,୫୪,୧୦୪ ଟଙ୍କା ରହିଥିଲା। ସୂଚନା ଥାଉକି ଭାରତ ବର୍ତ୍ତମାନ ଇଟାଲୀ, ଋଷ, ୟୁନାଇଟେଡ୍ ଆରବ ଏମିରାତ୍, ଜର୍ମାନୀ ଓ ତୁର୍କିକୁ ସର୍ବାଧିକ କଫି ରପ୍ତାନୀ କରିଥାଏ।

## ଦକ୍ଷିଣ ଭାରତରେ ରୋଲସ୍-ରଏସ୍ ସ୍ପେକ୍ଟରର ଶୁଭାରମ୍ଭ




**ଭୁବନେଶ୍ୱର, ୨୫ା୧(ସମିସ):** ସ୍ପେକ୍ଟର ପ୍ରଥମ ସଂପୂର୍ଣ୍ଣ ଇଲେକ୍ଟ୍ରିକ ରୋଲସ ରଏସ ୨୩ ଜାନୁଆରୀରେ ଦକ୍ଷିଣ ଭାରତରେ ପ୍ରବେଶ କରିଥିଲା। ୨୦୨୪ ପର୍ଯ୍ୟନ୍ତ ଏକ ଅର୍ଡ଼ର ବ୍ୟାଙ୍କ ସହ ସାରା ବିଶ୍ୱରେ ସେକ୍ଟର ପାଇଁ ପ୍ରବଳ ଆଗ୍ରହ ଓ ଚାହିଦା ଦେଖିବାକୁ ମିଳିଥିଲା। ଭାରତର ଅଲଟ୍ରା ହାଇ ନେଟ ମୂଲ୍ୟର ବ୍ୟକ୍ତିବିଶେଷ ଆସନ୍ତା ୫ ବର୍ଷ ମଧ୍ୟରେ ୫୮୪% ବୃଦ୍ଧି ପାଇବ ବୋଲି ଆଶା କରାଯାଏ। ପୂର୍ବବର୍ଷ ତୁଳନାରେ ୨୦୨୩ରେ ଭାରତରେ ରୋଲସ ରଏହି କାର ବିକ୍ରି ପ୍ରାୟ ଦୁଇଗୁଣା ଥିଲା। ବିଶେଷତଃ ଯୁବପିଢ଼ିଙ୍କ ମଧ୍ୟରେ ବେଶି ଆଗ୍ରହ ଦେଖିବାକୁ ମିଳିଛି। ଦକ୍ଷିଣ ଭାରତରେ ସ୍ପେକ୍ଟର ଶୁଭାରମ୍ଭକୁ ନେଇ ଆମେ ବହୁତ ଖୁସି, ଏହା ସବୁ ରୋଲସ ରଏସର କାର ଗୁଡ଼ିକର ହଲମାର୍କ ସହ ସ୍ପେକ୍ଟର ଏକ ଆଧୁନିକ ଡିଜାଇନ ଓ ଇଂଜିନିୟରିଂ ଦକ୍ଷତାକୁ ନେଇ ନିର୍ମିତ। ଏହା ସମସ୍ତଙ୍କ ହୃଦୟକୁ ଛୁଇଁ ପାରିବ। ରୋଲ ରଏସର ସ୍ପେକ୍ଟର ଏହାର ସେଗମେଣ୍ଟରେ ଉଚ୍ଚ ଚାହିଦା ସଂପନ୍ନ କାର। ଡିଲର ପ୍ରିନସିପାଲ ବାସନ୍ତି ଭୂପତି ରୋଲ ରଏସର ସ୍ପେକ୍ଟର ମୋଟରକାର ଚେନ୍ନାଇ ୨୦୨୧ ମସିହାରେ ଏକ ଐତିହାସିକ ଘୋଷଣା କରିଥିଲେ। ଏହାକୁ ପରୀକ୍ଷା ନିରୀକ୍ଷା କରାଗଲା ପରେ ଏହାର ଉଲ୍ଲେଖନୀୟ ଯାତ୍ରା ଆରମ୍ଭ ହୋଇଛି। ଏହା ଉପରେ ସମଗ୍ର ବିଶ୍ୱରୁ ମିଳିଥିବା ପ୍ରତିକ୍ରିୟା ସକାରାତ୍ମକ ରହିଛି। ବର୍ତ୍ତମାନ ଚଳିତ ବର୍ଷ ପ୍ରଥମ କ୍ଲାଏଣ୍ଟ ବିତରଣ ପୂର୍ବରୁ ସ୍ପେକ୍ଟର ଏହାକୁ ଦକ୍ଷିଣ ଭାରତରେ ଡେବ୍ୟୁ କରିଥିଲା। ୨୩ ଜାନୁଆରୀ ୨୩ରେ ଏହାକୁ ଆକର୍ଷଣୀୟ ଶୈଳୀରେ ପ୍ରଦର୍ଶିତ କରାଯାଇଛି। ଏହାର ପୋର୍ଟଫୋଲିଓ ସଂପୂର୍ଣ୍ଣ ବୈଦ୍ୟୁତିକ।

## ପୁଅଙ୍କୁ ୧ କୋଟି ଶେୟାର ଉପହାର ଦେଲେ ଅଜୀମ୍ ପ୍ରେମ୍‌ଜୀ



**ନୂଆଦିଲ୍ଲୀ,୨୫ା୧(ଏଜେନ୍ସି):** ଓ୍ୱିପ୍ରୋ ପ୍ରତିଷ୍ଠାତା ଅଜୀମ୍ ପ୍ରେମ୍‌ଜୀ ତାଙ୍କ ଦୁଇ ପୁଅ ରଷଦ ପ୍ରେମ୍‌ଜୀ ଏବଂ ତାରିକ ପ୍ରେମ୍‌ଜୀଙ୍କୁ ୧.୦୨ କୋଟି ଇକ୍ୱିଟି ଶେୟାର ଉପହାର ଆକରରେ ଦେଇଛନ୍ତି। ଗୁରୁବାର କମ୍ପାନୀ ପକ୍ଷରୁ ଶେୟାର ବଜାରକୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଏହି ଶେୟାରର ମୂଲ୍ୟ ପ୍ରାୟ ୫୦୦ କୋଟି ଟଙ୍କା ରହିଛି। ୭୮ ବର୍ଷୀୟ ଅଜୀମ୍‌ଙ୍କ ପାଖରେ ଗତ ସପ୍ତାହ ସୁଦ୍ଧା କମ୍ପାନୀର ୨୨.୫୮ କୋଟିରୁ ଅଧିକ ଶେୟାର ରହିଥିଲା।

ଓ୍ୱିପ୍ରୋର ଶେୟାର ପିଛା ମୂଲ୍ୟ ବର୍ତ୍ତମାନ ୪୭୨.୯ ଟଙ୍କା ରହିଛି। ଆଉ ଏହିଭଳି ଭାବରେ ଦେଖିବାକୁ ଗଲେ ଅଜୀମ୍ ପ୍ରେମ୍‌ଜୀ ଉପହାରରେ ଦେଇଥିବା ଶେୟାରର ମୂଲ୍ୟ ୪୮୩ କୋଟି ଟଙ୍କା ହେଉଛି। ଅଜୀମ୍‌ଙ୍କ ପୁଅ ରିଶଦ୍ ବର୍ତ୍ତମାନ ଓ୍ୱିପ୍ରୋର କାର୍ଯ୍ୟକାରୀ ଅଧକ୍ଷ ଏବଂ ଆଇଟି ଉଦ୍ୟୋଗର ଜଣେ ପ୍ରମୁଖ ଚେହେରା ଭାବେ ଜଣାଶୁଣା। ସୂଚନା ଅନୁଯାୟୀ, ରିଶଦ୍ ପ୍ରେମଜୀଙ୍କୁ ଓ୍ୱିପ୍ରୋ ଲିମିଟେଡର ୫୧, ୧୫, ୦୯୦ ଇକ୍ୱିଟି ଶେୟାର ଉପହାର ଆକାରରେ ଦେଇଛନ୍ତି ଅଜୀମ୍ ପ୍ରେମ୍‌ଜୀ। ସେହିଭଳି ତାରିକ୍ ଅଜୀମ ପ୍ରେମ୍‌ଜୀଙ୍କୁ ମଧ ସମାନ ସଂଖ୍ୟଙ୍କ ୫୧, ୧୫, ୦୯୦ ଶେୟାର ମିଳିଛି।

## ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟକୁ ବର୍ଷେ ପୂରିଲା

### ଅଭିଯୋଗ ମିଥ୍ୟା, ଆମେ ଅଧିକ ମଜଭୁତ ହୋଇଛୁ:ଗୌତମ ଆଦାନୀ



**ନୂଆଦିଲ୍ଲୀ,୨୫ା୧(ଏଜେନ୍ସି):** ଆଦାନୀ ଗ୍ରୁପ୍ ଉପରେ ଆମେରିକୀୟ ଶର୍ଟ ସେଲିଙ୍ଗ କମ୍ପାନୀ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଦେଇଥିବା ରିପୋର୍ଟକୁ ଇତି ମଧ୍ୟରେ ଏକ ବର୍ଷ ପୂରିଛି। ଏହି ରିପୋର୍ଟ ଆସିବା ପରେ ଆଦାନୀ ଗ୍ରୁପର ଅଧିକାଂଶ କମ୍ପାନୀର ଶେୟାର ମୂଲ୍ୟ ଅଧାରୁ ଅଧିକ ହ୍ରାସ ପାଇଥିଲା। ଯାହା ଫଳରେ ଏକ ସମୟରେ ଆଦାନୀ ହିଣ୍ଡେନ୍‌ବର୍ଗ ପ୍ରସଙ୍ଗ ସଂସଦରୁ ଯାଇ ରାଜରାସ୍ତାରେ ପହଞ୍ଚିଥିଲା। ଏହି ଅବସରରେ ଆଦାନୀ ଗ୍ରୁପ୍‌ର ଅଧକ୍ଷ ଗୌତମ ଆଦାନୀ କହିଛନ୍ତି ଯେ, ସର୍ଟ-ସେଲର୍ ଆକ୍ରମଣର ପ୍ରଭାବ ସାଧାରଣତଃ ଆର୍ଥିକ ବଜାରରେ ସୀମିତ ରହିଥାଏ। ତେବେ ଏହା ଥିଲା ଏକ ସ୍ୱତନ୍ତ୍ର ଦୁଇ ପାଖିଆ ଆକ୍ରମଣ। ସେଥିରୁ ଗୋଟିଏ ଆର୍ଥିକ ଓ ଅନ୍ୟଟି ରାଜନୈତିକ ଥିଲା। ଉଭୟ ଆକ୍ରମଣ ପରସ୍ପରକୁ ବଳ ଯୋଗାଉଥିଲା। ଗଣମାଧ୍ୟମରେ କିଛି ଲୋକଙ୍କ ଦ୍ୱାରା ସମର୍ଥିତ ଏବଂ ପ୍ରୋତ୍ସାହିତ ଆମ ବିରୋଧରେ ମିଥ୍ୟା ପ୍ରଚାର ଆମ କମ୍ପାନୀର ବଜାର ପୁଞ୍ଜିକୁ ଯଥେଷ୍ଟ ହ୍ରାସ କରିବା ଭଳି କ୍ଷତିକାରକ ଥିଲା। ସାଧାରଣତଃ ପୁଞ୍ଜି ବଜାର ଯୁକ୍ତିଯୁକ୍ତ ଅପେକ୍ଷା ଅଧିକ ଭାବପ୍ରବଣ। ମୋତେ ଦୁଃଖ ଲାଗୁଛି ଯେ ହଜାର ହଜାର କ୍ଷୁଦ୍ର ନିବେଶକ ସେମାନଙ୍କର ସଂଚୟ ରାଶି ହରାଇଥିଲେ। ଯଦି ଆମ ବିରୋଧୀଙ୍କ ଯୋଜନା ସମ୍ପୂର୍ଣ୍ଣ ସଫଳ ହୋଇଥାନ୍ତା ତେବେ ବନ୍ଦର ଓ ବିମାନବନ୍ଦରଠାରୁ ଆରମ୍ଭ କରି ବିଦ୍ୟୁତ୍ ଯୋଗାଣ ପର୍ଯ୍ୟନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ନଷ୍ଟ ହୋଇଯାଇଥାନ୍ତା ଏବଂ ତାହା ଦେଶ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାନ୍ତା। କିନ୍ତୁ ଆମ ପାଖରେ ଥିବା ଦୃଢ଼ ସମ୍ପତ୍ତି, ଆମ ପରିଚାଳନାର ଦୃଢ଼ତା ଏବଂ ଆମ ସ୍ୱଚ୍ଛ ଘୋଷଣାନାମା (ଡିସ୍କ୍ଲୋଜର) ଯୋଗୁଁ ଋଣପ୍ରଦାନକାରୀ ସଂସ୍ଥା ଏବଂ ରେଟିଂ ଏଜେନ୍ସି ସମେତ ଅଧିକ ସଚେତନ ଆର୍ଥିକ ଗୋଷ୍ଠୀ ଏହି ମିଛରେ ପ୍ରଭାବିତ ହୋଇ ନ ଥିଲେ। ସେମାନେ ଆମ ସହିତ ଦୃଢ଼ ଭାବରେ ଠିଆ ହୋଇରହିଥିଲେ। ଏହି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆମ ପାଖରେ କୌଣସି ବାଟ ନଥିଲା। ଆମ ବ୍ୟବସାୟର ଦୃଢ଼ତା ଉପରେ ବିଶ୍ୱାସ ଏହି ପରିସ୍ଥିତିର ମୁକାବିଲା ଲାଗି ଆମ ରଣନୀତି ନିର୍ଦ୍ଧାରଣ କରିବାରେ ସହାୟକ ହୋଇଥିଲା। ଆମର ପ୍ରଥମ ନିଷ୍ପତି ଥିଲା ଆମ ନିବେଶକମାନଙ୍କୁ ସୁରକ୍ଷା ଦେବା।

### ଦେବାଳିଆ ହେବ ବାଇଜୁସ୍ !

## ବିଦେଶୀ ଋଣଦାତା ଏନ୍‌ସିଏଲ୍‌ଟିର ଦ୍ୱାରସ୍ଥ

**ବେଙ୍ଗାଲୁରୁ,୨୫ା୧(ଏଜେନ୍ସି):** ଦୀର୍ଘ ଦିନ ଧରି ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଏଡୁଟେକ୍ କମ୍ପାନୀ ବାଇଜୁସ୍‌ର ସମସ୍ୟା ବଢିବାରେ ଲାଗିଛି। ବର୍ତ୍ତମାନ ଋଣ ଦେଇଥିବା ବିଦେଶୀ ନିବେଶକମାନେ ଏହି କମ୍ପାନୀ ବିରୋଧରେ ଦେବାଳିଆ ଆବେଦନ କରିଛନ୍ତି। ଏହି ସପ୍ତାହ ଆରମ୍ଭରେ ନ୍ୟାସନାଲ କମ୍ପାନୀ ଲ 'ଟ୍ରିବ୍ୟୁନାଲ (ଏନସିଏଲଟି) ଙ୍କ ବେଙ୍ଗାଲୁରୁ ଖଣ୍ଡପୀଠରେ ଏହି ଆବେଦନ କରାଯାଇଥିଲା। ବିଦେଶୀ ଋଣଦାତାମାନେ ଏନସିଏଲଟିରେ ଏହି ପିଟିସନ ଏପରି ଏକ ସମୟରେ ଦାଖଲ କରିଛନ୍ତି, ଯେତେବେଳେ ବାଇଜୁସ୍ ରାଇଟ୍ ଇସ୍ୟୁ ଆଣିବାକୁ ଯୋଜନା କରୁଛି। ରିପୋର୍ଟ ଅନୁଯାୟୀ, କମ୍ପାନୀ ସେୟାରଧାରୀଙ୍କ ଠାରୁ ରାଇଟ୍ ଇସ୍ୟୁ ମାଧ୍ୟମରେ ୧୦୦ ନିୟୁତ ଡଲାର ସଂଗ୍ରହ କରିବାକୁ ଯୋଜନା କରିଛି। ଏଥିଲାଗି ଅନୁନ୍ୟ ୫୦୦ ନିୟୁତ ଡଲାରରୁ ୧ ବିଲିୟନ ଭାଲ୍ୟୁଏସନ ରହିବାର ଅନୁମାନ କରାଯାଉଛି। ନଭେମ୍ବର ୨୦୨୧ରେ ବାଇଜୁସ୍ ଋଣଦାତାମାନଙ୍କ ଠାରୁ ୧.୨ ବିଲିୟନ ଡଲାରର ଏକ ଟର୍ମ ଋଣ ସୁବିଧା ( ଟିଏଲବି) ହାସଲ କରିଥିଲା। ଏହା ପରଠାରୁ ବାୟଜୁସ୍ ଓ ଋଣଦାତାଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏବେ ଯେଉଁ ଋଣଦାତାମାନେ ଦେବାଳିଆ ପ୍ରକ୍ରିୟା ନିମନ୍ତେ ଆବେଦନ କରିଛନ୍ତି, ସେମାନେ ମୋଟ ଅବଧି ଋଣର ୮୫ ପ୍ରତିଶତ ଅର୍ଥ ଦେଇଛନ୍ତି। ରିପୋର୍ଟ ଅନୁସାରେ ବାଇଜୁସ୍ କହିଛନ୍ତି ଯେ ଏନସିଏଲଟିରେ ଋଣଦାତାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମୟପୂର୍ବ ଓ ଆଧାର ହୀନ।




### ବାଇଜୁସ୍ ସବୁଠୁ କ୍ଷତିରେ ଚାଲୁଥିବା ଷ୍ଟାର୍ଟଅପ୍

**ହାଇଦ୍ରାବାଦ, ୨୫ା୧(ଏଜେନ୍ସି):** କେବେ ଦେଶର ସବୁଠୁ ମୂଲ୍ୟବାନ ଷ୍ଟାର୍ଟଅପ୍ କୁହାଯାଉଥିବା ବାଇଜୁସ୍ ଏବେ ସମସ୍ୟାରେ ଘେରିରହିଛି। ଆଡଟେକ୍ କମ୍ପାନୀର କ୍ଷତି ଦିନକୁ ଦୁଇଗୁଣା ରାତିକୁ ୪ ଗୁଣା ହିସାବରେ ବଢିବାକୁ ଲାଗିଛି। ୨୦୨୨ ମସିହାରେ ବାୟଜୁସ ୮,୨୪୫ କୋଟି ଟଙ୍କା କ୍ଷତି କରିଥିବାର ଜଣାପଡିଛି। ଫଳରେ ଏହା ଏବେ ନା କେବଳ କ୍ଷତିରେ ଚାଲୁଥିବା ଷ୍ଟାର୍ଟଅପ୍ ନୁହେଁ, ବରଂ ସବୁଠୁ ଅଧିକ କ୍ଷତିରେ ଚାଲୁଥିବା କମ୍ପାନୀମାନଙ୍କ ମଧ୍ୟରେ ସାମିଲ ହୋଇଯାଇଛି। ତେବେ ବାଇଜୁସ୍ ନୁହେଁ ଭୋଡାଫୋନ ଓ ଟାଟା ମୋଟର୍ସ ମଧ କ୍ଷତି କରିଛନ୍ତି। ୨୦୨୨ ମସିହାରେ ଟେଲିକମ ଅପରେଟର ଭୋଡଫୋନ୍ ୨୮୨୪୫ କୋଟି ଟଙ୍କାର ସବୁଠୁ ଅଧିକ କ୍ଷତି କରିଥିଲା। ଏହା ପଛକୁ ଟାଟା ମୋଟର୍ସର ନାମ ରହିଥିଲା। ଦେଶର ସର୍ବ ବୃହତ କାର ନିର୍ମାତା ଟାଟା ମୋଟର୍ସରନିଟ୍ କ୍ଷତି ୧୧୪୪୧ କୋଟି ଟଙ୍କା ଥିଲା। ତେବେ ଟାଟା ମୋଟର୍ସ ୨୦୨୩ ରେ ୨୪୧୪ କୋଟି ଟଙ୍କା ଲାଭ କରି ପରିସ୍ଥିତିରୁ ନିଜକୁ ବାହାର କରି ନେଇଛନ୍ତି। ହେଲେ ଭୋଡଫୋନ ଆଇଡିଆର କ୍ଷତି ଆହୁରି ବଢିଯାଇଛି।

**ଡୁବିଲାଣି ୮,୨୪୫ କୋଟି**

# ପ୍ରଶାସନର ବେନଜରରେ ସହିଦ ପରିବାର

**ଆନନ୍ଦପୁର, ୨୫।୧(ସମିସ):** ସିଆର୍‌ପିଏଫ ଯବାନ ସୁଶାନ୍ତ ଖୁଣ୍ଟିଆ ସହିଦ ହେବା ପରେ ପୁରୁଷଶୂନ୍ୟ ହୋଇଗଲା ତାଙ୍କ ପରିବାର। ଘରେ ତାଙ୍କ ପତ୍ନୀଙ୍କ ସମେତ ଦୁଇ ବିଧବା ଭାଉଜ ଥିବା ଏହି ପରିବାରର ପ୍ରତିପୋଷଣ ଦାୟିତ୍ୱ କିଏ ନିଭାଇବ ସେନେଇ ଚିନ୍ତା ପ୍ରକଟ ହୋଇଥିବା ବେଳେ ପରିବାରରୁ ଜଣକୁ ନିଯୁକ୍ତି ଦେବାକୁ ଜିଲ୍ଲା ପ୍ରଶାସନରେ ଯେତେ ହାରିଗୁହାରୀ କଲେ ବି ଫଳଶୂନ। ପୁରୁଷ ଶୂନ୍ୟ ହୋଇପଡ଼ିଥିବା ଏହି ପରିବାର ଆଗକୁ କିପରି ଦିନ କାଟିବେ ସେନେଇ ଝୁରି ହେଉଛନ୍ତି ସୁଶାନ୍ତଙ୍କୁ। ଝାଡଖଣ୍ଡ ରାଜ୍ୟରେ ମାଓ ଆକ୍ରମଣରେ ସହିଦ ହୋଇଥିବା ସୁଶାନ୍ତଙ୍କ ପରିବାରର ଜଣକୁ ନିଯୁକ୍ତି ଦେବା ପାଇଁ ପ୍ରଶାସନ ନିକଟରେ ହାରିଗୁହାରୀ କରି ନିରାଶ ହେବା ପରେ ସହିଦ ସୁଶାନ୍ତଙ୍କ ବିଧବା ଭାଉଜ ବନସ୍ମିତା ଖୁଣ୍ଟିଆ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେଙ୍କୁ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସହାୟତା ପାଇଁ ନିବେଦନ କରିଥିଲେ। ସହିଦ ସୁଶାନ୍ତଙ୍କ ବିଧବା ଭାଉଜ ବନସ୍ମିତା ତାଙ୍କର ଶିଶୁ ପୁତ୍ରକୁ ଧରି ଦୟନୀୟ ଅବସ୍ଥାରେ ଏକାକୀ ରହୁଥିବା ବେଳେ ସମ୍ପୂର୍ଣ୍ଣ ପରିବାରଟି ପୁରୁଷ ଶୂନ୍ୟ ହୋଇଯାଇଛି। ଯାହାଫଳରେ ପୁଅକୁ ପାଠ ପଢ଼ାଇବା ସହ ପରିବାର ଚଳାଇବା ଅସମ୍ଭବ ହୋଇପଡ଼ିଛି। ଏହି ଘଟଣାକୁ ନେଇ ବନସ୍ମିତା ଆନନ୍ଦପୁର ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କୁ ଭେଟି ଅନ୍ନ ସଂସ୍ଥାନ ପାଇଁ କୌଣସି ସଂସ୍ଥାରେ ନିଯୁକ୍ତି କରାଇ ଦେବା ପାଇଁ ନିବେଦନ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ୨୦୨୩ ଅଗଷ୍ଟ ୧୨ ତାରିଖରେ ସହିଦ ହୋଇଥିବା ସୁଶାନ୍ତଙ୍କ ପରିବାରର ଥଇଥାନ ପାଇଁ ପ୍ରଶାସନ ପକ୍ଷରୁ ସାମାନ୍ୟତମ ସହଯୋଗ କରାଯାଇପାରିଲେ ତାହା ସହିଦଙ୍କ ପ୍ରତି ସବୁଠାରୁ ବଡ ସମ୍ମାନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଧାମରା ଟ୍ରକ୍ ମାଲିକଙ୍କ ଜୁଲମ୍ | ଯୋଡ଼ାରେ ଟ୍ରକ୍ ମାଲିକଙ୍କ ପ୍ରତିବାଦ

**ଯୋଡା, ୨୫।୧ (ସମିସ)**

ଯୋଡା ଖଣି କ୍ଷେତ୍ରରୁ ଲୁହାପଥର ବୋଝେଇ ହୋଇ ଧାମରା ବନ୍ଦରକୁ ଯାଉଥିବା ଟ୍ରକ୍‌ଗୁଡିକ ଉପରେ ଧାମରା ଟ୍ରକ ମାଲିକମାନଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ଜୁଲମ କରାଯାଉଛି। ଏହାର ପ୍ରତିବାଦରେ ଗୁରୁବାର ଜିଲ୍ଲାର ଟ୍ରକ୍ ମାଲିକ ସଂଘ ଗୁଡିକର କର୍ମକର୍ତ୍ତା ଓ ଟ୍ରକ ମାଲିକମାନେ ନାରଦପୁର ଠାରେ ଧାମରା ଅଞ୍ଚଳରୁ ଆସୁଥିବା ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଟ୍ରକକୁ ଅଟକାଇ ରଖିଥିଲେ। ଯୋଡା ଟ୍ରକ ମାଲିକଙ୍କ କହିବା ମୁତାବକ ସେମାନେ ଲୁହାପଥର ବୋଝେଇ କରି ଧାମରା ବନ୍ଦରକୁ ଯାଉଥିବା ବେଳେ ସେଠାରେ ସେଠାକାର ଟ୍ରକ୍ ମାଲିକମାନେ ଲୁହାପଥର ଖଲାସ କରିବା ସମୟରେ ଜୁଲମ କରିଥାନ୍ତି। ସ୍ଥାନୀୟ ଟ୍ରକ ମାଲିକମାନେ ନିଜର ଟ୍ରକ ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ବନ୍ଦରରେ ଖଲାସ କରିବା ସହ ଯୋଡା ଅଞ୍ଚଳର ଟ୍ରକ ଗୁଡିକୁ ଦୀର୍ଘ ସମୟ ଧରି ଅଟକାଇ ରଖି ଚାଳକ ଏବଂ ସହଚାଳକମାନଙ୍କୁ ଧମକ ଚମକ ଦେଇଥାନ୍ତି। ଫଳରେ ଧାମରା ଭଦ୍ରକ ଅଞ୍ଚଳର ଟ୍ରକ ଗୁଡିକ ୨ଦିନରେ ଗୋଟିଏ ଟ୍ରିପ ଲୁହାପଥର ପରିବହନ କରିପାରୁଥିବା ବେଳେ ଯୋଡା ଖଣି ଅଞ୍ଚଳର ଟ୍ରକ ଗୁଡିକୁ ଗୋଟିଏ ଟ୍ରିପ ଲୁହାପଥର ଖଲାସ କରିବା ପାଇଁ ୫ଦିନରୁ ଅଧିକ ସମୟ ଲାଗିଥାଏ। ଫଳରେ ଏହି ଅଞ୍ଚଳର ଟ୍ରକ ମାଲିକମାନେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥାନ୍ତି। ଏ ନେଇ କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଫାଷ୍ଟ କମ ଫାଷ୍ଟ ସର୍ଭ ବେସିସରେ କ୍ରମାନ୍ୱୟରେ ଟ୍ରକ ଗୁଡିକୁ ଖଲାସ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏଥିରେ ବ୍ୟତିକ୍ରମ ଘଟିଲେ ଧାମରା ଅଞ୍ଚଳକୁ ପରିବହନ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଧାମରା ଅଞ୍ଚଳର କୌଣସି ଟ୍ରକକୁ କେନ୍ଦୁଝର ଖଣି ଅଞ୍ଚଳକୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ପରେ ଅଟକ ଟ୍ରକ ଗୁଡିକୁ ସର୍ତ୍ତ ମୂଳକ ଭାବେ ଛାଡି ଦିଆଯାଇଥିବା ଜଣାପଡ଼ିଛି।



ଏହି ଆନ୍ଦୋଳନରେ କେନ୍ଦୁଝର ଜିଲ୍ଲାରେ ଥିବା ସମସ୍ତ ଟ୍ରକ୍ ମାଲିକ ସଂଘର ସଂଯୋଜକ ଦେବୁ ପଟ୍ଟନାୟକଙ୍କ ସହିତ ଯୋଡ଼ା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ ବାରିକ୍, ଅଶୋକ କାରୁଆ, ବିଜୁ ଆପଟ, ଆଞ୍ଚଳିକ ଟ୍ରକ ମାଲିକ ସଂଘ ପକ୍ଷରୁ ଗୋବିନ୍ଦ ଖିଲାରଙ୍କ ସହିତ ବହୁ ଟ୍ରକ ମାଲିକମାନେ ସାମିଲ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ଚମ୍ପୁଆ ପୁଲିସ ପହଞ୍ଚି ଟ୍ରକ୍ ମାଲିକମାନଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଆଗାମୀ ଫେବୃଆରୀ ମାସ ୨ ତାରିଖ ମଧ୍ୟରେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରାନଗଲେ ପୁନଃର୍ବାର ଧାମରା ଟ୍ରକ ଚଳାଚଳକୁ ବନ୍ଦ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସାଇଁକୁଳ ହିଙ୍ଗୁଳା କପ୍ ଫୁଟବଲ

# ସେମିଫାଇନାଲରେ ଖଡ଼ଗପୁର

**ଘସିପୁରା, ୨୫।୧(ସମିସ)**

ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ହିଙ୍ଗୁଳା ଆଥଲେଟିକ ଆସୋସିଏସନ ପକ୍ଷରୁ ପତିତପାବନ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହିଙ୍ଗୁଳା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଅନୁଷ୍ଠିତ ମ୍ୟାଚରେ ଖଡ଼ଗପୁର ଏକାଦଶ ପତାକା କ୍ଲବ ଅନୁଗୋଳକୁ ୫-୨ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଖଡଗପୁର ମୁନା ସିଂ ୨ଟି ଗୋଲ କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶୁକ୍ରବାର ୟଙ୍ଗ ଉତ୍କଳ କଟକ ବନାମ ଖଡଗପୁର ଏକାଦଶ ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆଜିର ମ୍ୟାଚ ପରିଚାଳନାରେ ରେଫରି ଭାବେ ମାନସ ବିଶ୍ୱାଳ, ରାମଚନ୍ଦ୍ର ବେସ୍ରା, ସୁଶାନ୍ତ ସିଂ, ଗଗନବିହାରୀ ପରିଡ଼ା, ସକ୍ରିୟ ସହଯୋଗ କରିଥିଲେ। କ୍ଲବର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସମ୍ପାଦକ ମାର୍କଣ୍ଡ ସାମଲ, ଶତ୍ରୁଘ୍ନ ବେହେରା, ଗୋପିନାଥ ସ୍ୱାଇଁ, ବିପିନି ବିହାରୀ ଚକ୍ର, ହିମାଦ୍ରିନାଥ ଜେନା, ନନ୍ଦକିଶୋର ବେହେରା, ବିପିନ ବିହାରୀ ମହାନ୍ତି, ସୁରଥ ପାଢ଼ୀ, ରଙ୍ଗାଧର ସାହୁ, ବିଜୟ ଜେନା, ରବୀନ୍ଦ୍ର ତ୍ରିପାଠୀ, ହାଡିବନ୍ଧୁ ପରିଡ଼ା, ଚୈତନ୍ୟ ଦେହୁରୀ, ପ୍ରଭାକର ପରିଡ଼ା, ଚନ୍ଦ୍ରଶେଖର ବେହେରା, ଆଲୋକ ଦାସ, ଶିବ ମହାରଣା, ଜଗବନ୍ଧୁ ପରିଡ଼ା, ତ୍ରିଲୋଚନ ପରିଡ଼ା, ମାନସ ପରିଡ଼ା ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି। ଆଜିର ମ୍ୟାଚ ଅବ୍ୟବହିତ ପୂର୍ବରୁ ଭେଟେରାନ ଫୁଟବଲ ଖେଳାଳି ରତ୍ନାକର ପରିଡ଼ା ଏବଂ ବେଣୁଧର ପରିଡ଼ାଙ୍କୁ ହିଙ୍ଗୁଳା କ୍ଲବ ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



# ଗୋଲ୍ଡେନ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଘସିପୁରା, ୨୫।୧(ସମିସ)**

କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଅଲତି ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆଜି ଠାରୁ ୩୦ତମ ଗୋଲ୍ଡେନ କପ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ସ୍ଥାନିୟ ଡିଏନ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ଜେନା, ବସନ୍ତମଞ୍ଜରୀ ଫାଉଣ୍ଡେସନର ଟ୍ରଷ୍ଟି ଡ. ରତିକାନ୍ତ ବରାଳ, ପ୍ରାକ୍ତନ କ୍ରୀଡା ଶିକ୍ଷକ କାର୍ତ୍ତିକ ପ୍ରସାଦ ଶତପଥି ପ୍ରମୁଖ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ବିଳାସପୁର କ୍ରିକେଟ ଆସୋସିଏସନ ଛତିଶଗଡ଼ ବନାମ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଏହାର ଜବାବ ରେ ବିଳାସପୁର ଆସୋସିଏସନ ୧୫ ଓଭରରେ ମାତ୍ର ୮୯ ରନରେ ସମସ୍ତ ୱିକେଟ ହରାଇ ପରାଜିତ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଆର୍‌ୱାଇସିସି ରାଉରକେଲା ବନାମ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆରୱାଇସିସି ରାଉରକେଲା ବ୍ୟାଟିଂ ନିଷ୍ପତି ନେଇ ୧୪.୨ ଓଭରରେ ସମସ୍ତ ୱିକେଟ ହରାଇ ୭୦ ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ କଟକ ମାତ୍ର ୨ ୱିକେଟ ବିନିମୟରେ ୧୪ ଓଭରରେ ୭୩ ରନ କରି ସହଜ ବିଜୟ ହାସଲ କରିବା ସହ ସେମିଫାଇନାଲକୁ ଉନ୍ନିତ ହୋଇଥିଲା। ଆଜିର ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ପ୍ରଗତି ସ୍ପୋର୍ଟିଂର ଟୁକୁନା ସାହୁ ଏବଂ ରାଇଜିଂ ଷ୍ଟୁଡେଣ୍ଟ କଟକର ସିଦ୍ଧାର୍ଥ ସିହ୍ନାଙ୍କୁ ପୁରସ୍କୃତ କରାଯାଇଥିଲା।




DADLS-94

ଓଡ଼ିଶା ସରକାର

## ରୂପାନ୍ତରିତ ଓଡ଼ିଶା : ବିକାଶର ଜୟଯାତ୍ରା

- ପଞ୍ଚାୟତ ସ୍ତରରେ ମିଶନ ଶକ୍ତି ଗୃହ, ଇ-ପାଠାଗାର, ବ୍ୟାଙ୍କ୍ ସେବା, ଯୁବପିଢ଼ିଙ୍କୁ କ୍ରୀଡା ସୁବିଧା, ଡିଜିଟାଲ୍ ସେବା ଇତ୍ୟାଦି ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରକଳ୍ପକୁ କେନ୍ଦ୍ରକରି ପଞ୍ଚାୟତ ସ୍ତରରେ ଯୋଜନା ପ୍ରଣୀତ ହୋଇଛି ।
- ଗୁଣାତ୍ମକ ଶିକ୍ଷାପ୍ରତି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ରାଜ୍ୟରେ ୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ, ସ୍ମାର୍ଟ ଶ୍ରେଣୀଗୃହ ଏହା ପ୍ରମାଣିତ କରିଛି ।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ସାଧନ ଦିଗରେ ମାଇଲଖୁଣ୍ଟ ସଦୃଶ ।
- ଗ୍ରାମୀଣ ଓଡ଼ିଶାର ରୂପାନ୍ତରଣ ଓ ଗ୍ରାମାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଆମ ଓଡ଼ିଶା ନବୀନ ଓଡ଼ିଶାର ଆଭିମୁଖ୍ୟ ।
- ସବୁ ଗ୍ରାମାଞ୍ଚଳ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟରେ ବିଏସ୍‌କେୱାଇ ନବୀନ କାର୍ଡ ପ୍ରଚଳନ ।
- ସମଗ୍ର ବିଶ୍ୱରେ ଅଗଣିତ ଜଗନ୍ନାଥପ୍ରେମୀ ଏବଂ ଭକ୍ତଙ୍କୁ ଦିବ୍ୟ ଅନୁଭୂତି ପ୍ରଦାନ କରୁଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ।
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଖୁବ୍ ଶୀଘ୍ର ଲୋକାର୍ପିତ ହେବାକୁ ଥିବା ସମଲେଇ ପ୍ରକଳ୍ପ ଓଡ଼ିଶାରେ ସାଂସ୍କୃତିକ ପରମ୍ପରାର ନୂତନ ଯୁଗ ପ୍ରବର୍ତ୍ତନ କରିଛି ।
- ରାଜ୍ୟ ସରକାରଙ୍କ ଆନ୍ତରିକ ପ୍ରଚେଷ୍ଟା ଫଳରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀଠାରେ କାର୍ଯ୍ୟକ୍ଷମ ହୋଇଛି ଏବଂ ରାଜ୍ୟରେ ଖୁବ୍ ଶୀଘ୍ର ରାଜ୍ୟର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି ।
- କୃଷି, ଶିଳ୍ପ ବିକାଶ ଓ ଅର୍ଥନୀତି କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି ।
- ରାଜ୍ୟର ବୈଧ ଆଧାର କାର୍ଡ଼ଧାରୀ ଯେକୌଣସି ବ୍ୟକ୍ତି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସୁଫଳ ପାଇବା ନିମନ୍ତେ ଯୋଗ୍ୟ ଅଟନ୍ତି ।
- ସରକାରୀ ଚିକିତ୍ସାଳୟରେ ରୋଗୀ ଏବଂ ସେମାନଙ୍କ ସହଯୋଗୀମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ସୁଖଦ ଅନୁଭୂତି ଯୋଗାଉଛି ଆମ ହସ୍ପିଟାଲ କାର୍ଯ୍ୟକ୍ରମ ।
- ବିଗତ ୨୪ ବର୍ଷ ମଧ୍ୟରେ ଓଡ଼ିଶା ଖାଦ୍ୟଶସ୍ୟ ଏବଂ ବିଦ୍ୟୁତ ଶକ୍ତିରେ ବଳକା ରାଜ୍ୟ ଭାବେ ଉଭା ହୋଇଛି ।
- ରାଜ୍ୟରେ ବିପୁଳ ପରିମାଣର ଇସ୍ପାତ ଉତ୍ପାଦନ ସହ ଓଡ଼ିଶା ଆଜି ପ୍ରଗତିର ରୂପାନ୍ତରଣ କ୍ଷେତ୍ରରେ ନୂତନ ଶିଖର ଛୁଇଁଛି ।
- ଉଦ୍ୟୋଗୀକରଣର ଅଭିବୃଦ୍ଧି ସହ ଓଡ଼ିଶା ଆଜି ଦକ୍ଷତା ବିକାଶର ଅଗ୍ରଣୀ ହବ୍ ରୂପେ ପରିଚିତି ଲାଭ କରିଛି ।
- ଷ୍ଟାର୍ଟ-ଅପ୍‌ର ଅନୁକୂଳ ବାତାବରଣ ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ସରକାର ନିରନ୍ତର ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ।
- ଶୁଷ୍କ ଓ ଉଚ୍ଚ ଜମିରେ ଜଳସେଚନ ସୁବିଧା ବ୍ୟାପକ କରିବା ଲକ୍ଷ୍ୟରେ ୨୭୨୩ କୋଟି ଟଙ୍କା ବ୍ୟୟରେ ଲୋୟର ସୁକତେଲ ପ୍ରକଳ୍ପ ଆରମ୍ଭ ହୋଇଛି । ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲାର ଏକ ଲକ୍ଷ ଏକର ଚାଷଜମି ଜଳସେଚିତ ହେବା ସହ ୮୦ ହଜାର କୃଷକ ଉପକୃତ ହେବେ ।
- ସହରାଞ୍ଚଳ ବିକାଶ ଲକ୍ଷ୍ୟରେ ରୋଜଗାର ସୃଷ୍ଟିକାରୀ ଯୋଜନା ମୁକ୍ତା କାର୍ଯ୍ୟକାରୀ ହୋଇଛି ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମେତ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଭଳି ଅନନ୍ୟ ଯୋଜନା ରାଜ୍ୟକୁ ନୂତନ ପରିଚୟ ପ୍ରଦାନ କରିଛି ।
- ପଶ୍ଚିମ ଓଡ଼ିଶାର କୃଷି କ୍ଷେତ୍ରରେ ବ୍ୟାପକ ଉନ୍ନତି ଲକ୍ଷ୍ୟରେ ହୀରାକୁଦ ଜଳଭଣ୍ଡାରରୁ ଜଳ ଉଠାଯାଇ ବରଗଡ଼ ଜିଲ୍ଲାର ବ୍ୟାପକ ଚାଷଜମିରେ ଜଳସେଚନ ଲକ୍ଷ୍ୟରେ ନିର୍ମାଣାଧୀନ ବୃହତ୍ ଜଳସେଚନ ପ୍ରକଳ୍ପ ମାଇଲଖୁଣ୍ଟ ସଦୃଶ ।
- ଲକ୍ଷ୍ମୀ ବସ୍ ସେବା ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳ ଓଡ଼ିଶାର ଯୋଗାଯୋଗରେ ବୈପ୍ଳବିକ ରୂପାନ୍ତରଣ ଆଣିଛି । ଗ୍ରାମୀଣ ବସ୍‌ଯାତ୍ରୀଙ୍କ ଯାତାୟାତ ସୁବିଧା ସାଙ୍ଗକୁ ବ୍ୟବସାୟ ଦିଗରେ ପରିବହନ ସେବାକୁ ଏହା ସୁବ୍ୟବସ୍ଥିତ କରିଛି ।
- ଓଡ଼ିଆ ଭାଷା-ସାହିତ୍ୟ ବିକାଶରେ ନୂତନ ଅଧ୍ୟାୟ ସୃଷ୍ଟି ହେବା ସହ ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଅଗ୍ରହ ସୃଷ୍ଟି ଲକ୍ଷ୍ୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି ।
- ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ରୋଜଗାର ସୃଷ୍ଟି ତଥା ଯୁବ ଉଦ୍ୟୋଗୀମାନଙ୍କୁ ମାଛଚାଷ ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ବାୟୋଫ୍ଲକ୍ (ଜୈବପୁଞ୍ଜ) ଜରିଆରେ ସଘନ ମାଛ ଓ ଚିଙ୍ଗୁଡ଼ି ଚାଷକୁ ସୁନିଶ୍ଚିତ କରିଛନ୍ତି ।
- ରାଜ୍ୟରେ ଦୁର୍ଗମ ତଥା ଅନଗ୍ରସର ଅଞ୍ଚଳ ସମେତ ସମଗ୍ର ଓଡ଼ିଶାରେ ଉନ୍ନତ ମାନର ଗମନାଗମନ ବ୍ୟବସ୍ଥା ସୁଗମ ହୋଇଛି । ପର୍ଯ୍ୟଟକ ଓ ଯାତ୍ରୀମାନଙ୍କୁ ମୌଳିକ ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ପ୍ରମୁଖ ରାସ୍ତାରେ ପଥପାର୍ଶ୍ୱ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି ।



ସୂଚନା ଓ ଲୋକସମ୍ପର୍କ ବିଭାଗ

ଆମ ଓଡ଼ିଶା ନବୀନ ଓଡ଼ିଶା

ସୁଜଳ

Skilled in ODISHA

OIPR-15001/13/0290/2324

## ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ



**ବାରିପଦା, ୨୫।୧(ସମିସ):** ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମପିସି) କନିଷ୍ଠ ମହାବିଦ୍ୟାଳୟରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ (ଆଇଓ?ାଇଡିପି) ନୂଆ-ଓ ଯୁବ ଓଡ଼ିଆ ନବୀନ ଓଡ଼ିଶା ନିମନ୍ତେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଅଧ୍ୟକ୍ଷ ଉପେନ୍ଦ୍ର କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଳାଙ୍ଗୀ ମହୋତ୍ସବର ସଭାପତି ତଥା ଜଗନ୍ନାଥ ପ୍ରବଚକ ଶରତ ନାୟକ ଯୋଗଦେଇ ସଂସ୍କୃତି ସହିତ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଜୀବନ, ପୂର୍ଣ୍ଣାଙ୍ଗ ସଫଳ ଓଡ଼ିଆ ସାହିତ୍ୟର ପର୍ଯ୍ୟବେସିତ ବାର୍ତ୍ତା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସମରେନ୍ଦ୍ର ନାଥ ବାସା ଓଡ଼ିଆ ଇଂରାଜୀ ଭାଷାର ଡାଡି ମମି ସମ୍ପର୍କରେ ନ ରହି ଓଡ଼ିଆ ସାହିତ୍ୟରେ ମନ ନିବେଶ କରି ଓଡ଼ିଶାର ସଂସ୍କୃତିକୁ ବଞ୍ଚାଇ ରଖିବାକୁ ପ୍ରବର୍ତ୍ତାଇ ଥିଲେ । କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ମଥୁରା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ନିତ୍ୟା ନିରଞ୍ଜନା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ବାଳିକା ଦିବସ ପାଳିତ



**ଉଦଳା, ୨୫।୧(ସମିସ) :** ଉଦଳାରେ ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ ମେଣ୍ଢାଖାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି । ସଭା ପ୍ରାରମ୍ଭରେ ସଭାପତି, ବିଆରସିସି ତଥା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ମିନତୀ ମଞ୍ଜରୀ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବେଳେ ଶିକ୍ଷୟିତ୍ରୀ ମନସ୍ୱିନୀ ପାତ୍ର ଅତିଥି ପରିଚୟ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଉଦଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁଜା ମାଧୁରୀ ଦାସ ନିଜର କର୍ତ୍ତବ୍ୟ ଠିକ ରୂପେ ସମ୍ପାଦନା କରିବା ସହିତ ଆତ୍ମବଳ ଦୃଢ଼ କଲେ ସବୁ ପରିସ୍ଥିତିକୁ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ବାରିକ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁମତୀ ଜେନା ସମ୍ମାନିତ ଭାବେ ମଞ୍ଚାସୀନ ଥିଲେ । ଅଠଣଗାଁ ସିଆରସିସି ଦୀପକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ

**କୁଆମରା/ଖୁଣ୍ଟା, ୨୫।୧(ସମିସ):** ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ସଂଘର ଟିଟିଆ ସ୍ଥିତ ବାରମାଇଲଠାରେ ଏକ ବୈଠକ ସ୍ଥାୟୀ ସଭାପତି ପ୍ରତାପ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ବିଭିନ୍ନ ଦାବି ନେଇ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ସମ୍ପାଦକ ହରିଶ ଚନ୍ଦ୍ର ପାତ୍ର ୨୦୨୩ ବର୍ଷର ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆର୍ତ୍ତତ୍ରାଣ ବେହେରା, ହିରେନ ରାୟ, ଶଙ୍କର ଚରଣ ସିଂ, ଛତିଶ ପରିଡ଼ା, କୁଞ୍ଜ କିଶୋର ଜେନା, ଭୁବନେଶ୍ୱର କର, ଛତିଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଚନ୍ଦ୍ରପୁରରେ ଫୁଟବଲ ସହ ସାଂସ୍କୃତିକ କାର୍ଯ୍ୟକ୍ରମ



**ଉଦଳା, ୨୫।୧(ସମିସ):** ଉଦଳା ବ୍ଲକ ପାଟଶାଣୀପୁର ଗ୍ରାମପଞ୍ଚାୟତ ଚନ୍ଦ୍ରପୁର ଗ୍ରାମରେ ଲିଟିଲ ଷ୍ଟାର ଯୁଥ କ୍ଲବ ଆନୁକୂଲ୍ୟରେ ଦୁଇ ଦିନିଆ ମକର ଉପଲକ୍ଷେ ଫୁଟବଲ ଖେଳ ସହିତ ଆଦିବାସୀ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଭାପତି ଧରମରାଜ ହାଁସଦା, ଗୌରାଙ୍ଗ ସୋରେନ, ଦେବୁଲାଲ ମୁର୍ମୁ ପ୍ରମୁଖ ଯୋଗ ଦେଇ ଆଦିବାସୀଙ୍କ ଉନ୍ନତି ପାଇଁ ଶିକ୍ଷା ହିଁ ସହାୟକ ବୋଲି କହିଥିଲେ । ମହାକାଳ ଏଫସିକୁ ପ୍ରଥମ ପୁରସ୍କାର ୧୫ହଜାର ଏବଂ ପିଢାମଣ୍ଡା ଏଫସିକୁ ଦ୍ୱିତୀୟ ପୁରସ୍କାର ୧୦ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା । କ୍ଲବର ସଭାପତି ମଙ୍ଗଲ ମୁର୍ମୁ, ସମ୍ପାଦକ ଶିବାନ ଟୁଡୁ, ସାମଲ କିସ୍କୁ, ପୀତାମ୍ବର ଟୁଡୁ, ବୀରେନ୍ଦ୍ର କିସ୍କୁ, ଗୋବିନ୍ଦ କିସ୍କୁ, ଡାକ୍ତର କିସ୍କୁ, ହୋରୀମୋହନ କିସ୍କୁ, ଶରତ ଟୁଡୁ ପ୍ରମୁଖ ପରିଚାଳନା କରିଥିଲେ ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଶୁଭାରମ୍ଭ

**ଖୁଣ୍ଟା/କୁଆମରା, ୨୫।୧(ସମିସ):** ଗୋପବନ୍ଧୁନଗର ବ୍ଲକ ପକ୍ଷରୁ ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସାନଖୁଣ୍ଟା ପଞ୍ଚାୟତରୁ ଶୁଭାରମ୍ଭ ହୋଇଛି । ପର୍ଯ୍ୟାୟ କ୍ରମେ ଏହି କାର୍ଯ୍ୟକ୍ରମ ଅନ୍ୟ ପଞ୍ଚାୟତରେ ଆୟୋଜିତ ହେବ । ଏହି ଅବସରରେ ଖୁଣ୍ଟା ହାଇସ୍କୁଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ବିଡ଼ିଓ କରୁଣାକର ଧିନ୍ଦା, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ, ସାନଖୁଣ୍ଟା ସରପଞ୍ଚ ସୁମୀ ହାଁସଦା, ସମିତି ସଭ୍ୟ ରଞ୍ଜନ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା, ସାନଖୁଣ୍ଟା ପଞ୍ଚାୟତର ପିଇଓ ରଶ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ । ବିଡ଼ିଓ ଶ୍ରୀ ଧିନ୍ଦା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହି ଅବସରରେ ପଞ୍ଚାୟତରେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ପ୍ରକଳ୍ପ ଗୁଡ଼ିକ ଏଲସଡ଼ି ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା । ଏହାବ୍ୟତୀତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ପାଲା ପରିବେଷଣ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା ।

## ମେଘାସନ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ପିଙ୍ଗୁ, ୨୫।୧(ସମିସ):** ମେଘାସନ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ସମ୍ମିଳନୀ ଓ ମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରଚାର ପ୍ରସାର ପରିପେକ୍ଷୀରେ 'ନୂଆ-ଓ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ ବିଷୟ ଉପରେ ଏକ ଆଲୋଚନାଚକ୍ର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପ୍ରଚଳିତ ପ୍ରଥା ଓ ପରମ୍ପରା ବିଜ୍ଞାନ ସମ୍ମତ ବୋଲି ସେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ଜଗବନ୍ଧୁ ଆଚାର୍ଯ୍ୟ ଶିଳାରୁ ଶାଳଗ୍ରାମ କହିବା ସହିତ ଛୋଟକୁ ବଡ଼ କରିବାର ପ୍ରେରଣା ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଭୋଳାନାଥ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଉତ୍ପଳ କୁମାର ଅଧିକାରୀ, ସ୍ୱତନ୍ତ୍ର ଅତିଥି ଭାବରେ ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ ମଣିଷ କିପରି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ପରିଧି ମଧ୍ୟରେ ରହିଥାଏ ସେ ନେଇ ବିଭିନ୍ନ ଉଦାହରଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଈଶରଚନ୍ଦ୍ର ପଣ୍ଡା ନିଜର ବକ୍ତବ୍ୟ ରଖିଥିଲେ । ଓଡ଼ିଆ ଅଧ୍ୟାପିକା ସୌମ୍ୟା ବାରିକ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ । ଅଧ୍ୟାପକ ପ୍ରସନ୍ନ କୁମାର ପଣ୍ଡା ବେଦମନ୍ତ୍ର ଓ ଜଗନ୍ନାଥଷ୍ଟକମ ଗାନ କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ଡ଼. ଶୁଭନନ୍ଦିନୀ ମହାନ୍ତି ଭିତିପ୍ରବନ୍ଧ ପଠନ କରିବା ସହିତ ଛାତ୍ରୀ ସାଇଶ୍ରୀ ମହାପାତ୍ର ଓ ସ୍ମିତା ପଳତା ଆଲୋଚନାଚକ୍ରର ସନ୍ଦର୍ଭ ଉପସ୍ଥାପନ କରିଥିଲେ । ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ସମୀର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ସିଂହଟିଆ ଉଚ୍ଚବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ

## ଶିକ୍ଷା ହିଁ ଜୀବନରେ ରୂପାନ୍ତର ଆଣିଥାଏ



**ବଡସାହି, ୨୫।୧(ସମିସ:** ଭାରତୀୟ ପରମ୍ପରାରେ ଶ୍ରଦ୍ଧା ବିଶ୍ୱାସରେ ଗୁରୁଙ୍କୁ ଉଚ୍ଚ ଆସନ ଦିଆଯାଇଛି । ସେହି ଗୁରୁଙ୍କ ଉପଦେଶ ମାନି ଶୃଙ୍ଖଳାର ସହ ଛାତ୍ରଛାତ୍ରୀ ନିଜର ଲକ୍ଷ୍ୟପଥରେ ଆଗେଇଯିବା ଉଚିତ୍ । ସୁରୁଚି, ସୁନୀତି, ସାଧୁତା ଓ ସମର୍ପଣ ଭାବ ରହିଲେ ସଫଳତାର ଶିଖରକୁ ଛୁଇଁ ହେବ । ତେଣୁ ଶିକ୍ଷା ହିଁ ଜୀବନରେ ବଡ ରୂପାନ୍ତର ଆଣିଥାଏ ବୋଲି ବଡସାହି ବ୍ଲକ ବଳଭଦ୍ରପୁର ପଞ୍ଚାୟତ ସିଂହଟିଆ ଉଚ୍ଚ ବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ପ୍ରଧାନଶିକ୍ଷକ ହରିହର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଏ.ବି.ଇ.ଓ ତଥା ବିଆରସିସି ପଦ୍ମଲୋଚନ ଦାସ, ମୁଖ୍ୟବକ୍ତା ଭାବେ ପ୍ରାଧାପକ ଲିଙ୍ଗରାଜ ନାୟକ, ବିଶିଷ୍ଟ ଅତିଥି ଭାବେ ମନୋରଞ୍ଜନ ବଳା, ସମ୍ମାନିତ ଅତିଥି ଭାବେ ଶିକ୍ଷା କମିଟିର ସଭାପତି ଜତିନ୍ଦ୍ର କଲିଆ, ଏ.ବି.ଇ.ଓ ରାଧିଆଚରଣ ମୁଣ୍ଡା, ଶିକ୍ଷାବିତ ଧୀରେନ୍ଦ୍ର ନାଥ ବେହେରା, ନବକିଶୋର ସେନାପତି, ସୁବୋଧ କୁମାର ଦଣ୍ଡପାଟ, ଶୈଳମଣୀ ଟ୍ରଷ୍ଟର ପ୍ରତିନିଧି ଅଜୟ କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଶୈଳମଣୀ ଟ୍ରଷ୍ଟ ପକ୍ଷରୁ କୃତୀ ଛତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ନିଗମାନନ୍ଦ ମହାପାତ୍ର ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ଅମିତା ପଲେଇ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ମିନତୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ଭୋଟର ଦିବସ ପାଳିତ




**ଉଦଳା, ୨୫।୧(ସମିସ):** କୁଣ୍ଡାବାଇ ଆର୍.ଡିଏସ ଡିଗ୍ରୀ କଲେଜରେ ୧୪ତମ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ସଭାପତିତ୍ୱ କରି ଭୋଟର ତାଲିକାରେ ନୂତନ ଭାବେ ନାମ ପଞ୍ଜୀକୃତ ହୋଇଥିବା କଲେଜର ଯୁବ ଭୋଟରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଗଣତନ୍ତ୍ରର ମହାନ୍ ପର୍ବରେ ସାମିଲ ହୋଇ ନିଜର ମତଦାନ ସାବ୍ୟସ୍ତ କରିବାକୁ ପରାମର୍ଶ ଦେଇଥିଲେ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଡ ସୁଧାଂଶୁ ଶେଖର ଦାସମଙ୍ଗରାଜ, ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରାମାଣିକ ଯୋଗଦେଇ ମତଦାନ ପ୍ରକ୍ରିୟାରୁ ଯେମିତି କୌଣସି ବି ଭୋଟର ବାଦ ନ ପଡ଼ିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଗୋପିନାଥ ଦାସ ସ୍ୱାଗତ ଭାଷଣ ଦେବାସହ ସମସ୍ତଙ୍କୁ ସପଥ ପାଠ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ ।

# CBSE BOARD EXAMINATION (2023-24)
# PROBABLE QUESTION PAPER
# CLASS-X, SUB- ENGLISH

### SECTION – A READING SKILLS

**1. Read the following Text.** **(10)**

1.While there is no denying that the world loves a winner it is important that you recognise the signs of stress in your behavior and be healthy enough to enjoy your success. Stress can strike anytime, in a fashion that may leave you unaware of its presence in your life. While a certain amount of pressure is necessary for performance, it is important to be able to recognise your individual threshold. For instance, there are some individuals who accept competition in a healthy fashion. There are others who collapse into weeping wrecks before an exam or on comparing mark sheets and finding that their friend has scored better.

2.It is a body reaction to any demands or changes in its internal and external environment. Whenever there is a change in the external environment such as temperature, pollutants, humidity and working conditions, it leads to stress. In these days of competition when a person makes up his mind to surpass what has been achieved by others, leading to an imbalance between demands and resources, it causes psycho-social stress. It is a part and parcel of everyday life.

3.Stress has a different meaning depending on the stage of life you're in. The loss of a toy or a reprimand from the parents might create a stress shock in a child. An adolescent who fails an examination may feel as if everything has been lost and life has no further meaning. In an adult, the loss of his or her companion, job or professional failure may appear as if there is nothing more to be achieved.

4.Such signs appear in the attitude and behaviour of the individual, as muscle tension in various parts of the body, palpitation and high blood pressure, indigestion, hyperacidity and ultimately in self destructive behaviour such as eating and drinking too much, smoking excessively, relying on tranquilisers, trembling, shaking, nervous blinking, dryness of throat and mouth and difficulty in swallowing.

5.The professional under stress behaves as if he is a perfectionist followed by depression, lethargy and weakness for further work. Periodic mood shifts also indicate the stress status of students, executives and professionals.

6.In a study sponsored by World Health Organisation and carried out by Harvard School of Public Health, the global burden of diseases and injury indicated that stress diseases and accidents are going to be the major killers in 2020.

7.The ischaemic heart diseases and neurological depression, both stress diseases, are going to rank first and second in 2020. Road traffic accidents are going to be the third largest killers. These accidents are also an indicator of psycho-social stress in a fast-moving society. Other stress diseases like ulcers, hypertension and neuronal disorders including insomnia have assumed epidemic proportions in modem societies.

8.A person behaves in different ways in stress but the common ones are flight, fight and flow. Depending upon the nature of stress and capability of the person, the three responses can be elegantly chosen to cope up with the stress so that stress does not damage the system and become distress.

9.When stress crosses the threshold peculiar to an individual, it deteriorates his/her performance capacity. Frequent jumps over that threshold may result in a syndrome called chronic fatigue in which a person feels lethargic, disinterested and is not easily motivated to achieve anything. This may make the person mentally undecided, confused and accident prone as well. Sudden exposure to unnerving stress may also result in a loss of memory.

10.The best technique is self-control. This arises by having faith in oneself, on the usefulness of the job he is doing and on any superpower who would deliver the result of the effort made.

11.There are many stress modifiers or stress busters. Some of these are diet and massage from naturopathy, food supplements and herbs from herbal medicine hobbies and relaxation techniques, homeopathy and modem medicine. Physical exercise and dance movements are excellent stress modifiers.

i. The unhealthy competition prevalent in this dog-eat-dog world causes..................
(a) psycho-social stress (b) political stress
(c) neuro problems (d) blood pressure

ii. Stress impairs..................
(a) death (b) hypertension
(c) the performance of an individual (d) none of the above

iii. The best stress busters are..................
(a) physical exercises (b) dance movements
(c) both (i) and (ii) (d) none of the above

iv. Stress leads to
(a) road traffic accidents (b) neurological depression
(c) hypertension (d) all of these

Answer the following questions briefly:
(v) What is stress? What factors lead to stress?
(vi) Does the age of a person have any impact on stress levels? If yes, then how?
(vii) What are the symptoms or signs by which a person can recognise he is under stress?
(viii) What are the different diseases a person gets due to stress?
Find words in the passage similar in meaning as:
(ix) person whose physical or mental health has been seriously damaged. (Para 1)
(x) inactivity; apathy (Para 5)

### SECTION – B- WRITING AND GRAMMAR

**2. Do as directed.** **(5)**

i. Complete the sentence:
Delhi (a)_____ the capital of India. People from all parts (b)_____ the country and the world come to visit Delhi. There (c)_____ many historical buildings here. Last year I (d)_____ Delhi. I also watched the Commonwealth Games 2010.
(A) (a)was (b)from (c)been (d)will visit (B) (a)is (b)from (c)are (d)visiting
(C) (a)is (b) of (c) are (d) visited (D) (a)being (b)at (c)were (d)will visit

ii. Complete the sentence:
The caves of Ajanta and Ellora (a)_____ the magnificent works of sculpture. Whoever (b)_____ there (c)_____ spellbound. Thousands (d) _____ tourists visit these places every year. One can stay in the guest houses.
(A) (a)is (b)going (c)becoming (d)at (B) (a)was (b)going (c)has become (d)at
(C) (a)are (b)goes (c)becomes (d)of (D) (a)is (b)went (c)become (d)for

iii. Rearrange the words to form meaningful sentences:
to/sleep/over/decided/night/they/a/hotel/in
(A) Sleep in a hotel overnight, they decided.
(B) Decided they, to sleep in a hotel overnight.
(C) They decided to sleep in a hotel overnight.
(D) To sleep in a hotel overnight, decided they

iv. Choose the correct option
(A) Research is a detailed study of a subject undertaking on a systematic basis in order to increase a stock of knowledge, including knowledge for man, culture and society.
(B) Research is a detailed study of a subject undertaken on a systematic basis in order to increase the stock of knowledge, including knowledge of man, culture and society.
(C) Research is an detailed study of a subject undertaken on a systematic basis in order to increase a stock of knowledge, including knowledge of man, culture and society.
(D) Research is an detailed study of a subject undertaking on a systematic basis in order to increase a stock of knowledge, including knowledge for man, culture and society.

v. Rearrange the words to form meaningful sentences:
have made/a popular/it/its/historical buildings/destination/tourist
(A) Its historical buildings have popular tourist destination made it.
(B) Its historical buildings have made it a popular tourist destination.
(C) Its buildings have made it a popular tourist historical destination.
(D) Its historical have made it a building popular tourist destination.

**3. Attempt the questions given below :** **(5)**

You are Amrit/Amritha of Bangalore. You are disturbed at the non-availability of essential commodities in the Fair Price Shops of your area. Write a letter to the Editor of The Hindu drawing the attention of the authorities to the irregularities in the Fair Price Shops. (Word limit: not more than 150 words)

### SECTION C Literature Text Book and Supplementary Reading Text

**4. Read the following extract and answer the questions that follow :** (5)

When I casually mentioned this to a friend, he as casually replied that I had better get one in the Tigris marshes, for there they were as common as mosquitoes, and were often tamed by the Arabs. We were going to Basra to the Consulate-General to collect and answer our mail from Europe. At the Consulate-General we found that my friend's mail had arrived but that mine had not.

(a) What was 'they'?
(b) Where were they going to get the otter?
(c) Find the exact word from the extract which means 'domesticated'.
(d) What did the author find at the Consulate-General?

**5. Read the following extract and answer the questions that follow :** (5)

The fog comes on little cat feet.
It sits looking over harbour and city
on silent haunches and then moves on.

(a) What does the poet mean by little cat feet? (b) What do haunches mean?
(c) How is the fog looking over the harbour and the city?
(d) "It sits looking...." what is the poetic device used here?

**6. Answer any 3 of the following questions in about 40 -50 words each** : (3x3)

a. Would you agree that the "depths of oppression" create "heights of character"? How does Mandela illustrate this? Can you add your own examples to this argument ?
b. 'Paper has more patience than people'. Do you agree with the statement? Justify
c. The Coorgis are the descendants of the Greeks or the Arabs and are still are able to maintain their traditional practices. Do you agree that following these practices today is important? Why or why not?
d. In such a fast moving world when we hear so many incidents happening with people, do you think Valli did right by not telling her mother about the bus journey?
e. Love for freedom is the natural instinct of every living being. Comment.

**7. Answer the following questions in about 40 - 50 words each :** (3x2)

a. The play, The Book That Saved the Earth' conveys the message that misunderstanding of cultural differences between various races can cause confusion and conflict. Based on your reading of the play, write how such confusion and conflicts can be checked so that peace and harmony is maintained.
b. What are the values required to become a successful scientist like Richard Ebright? Elaborate with reference to the lesson 'The Making of a Scientist'

**8. Answer the following questions in about 100 - 120 words :** (6)

How do you usually understand the idea of selfishness ? Do you agree with Kisa Gotami that she was 'selfish' on her grief ? Is it natural for people to be seflish at times ?

**9. Answer the following questions in about 100 - 120 words :** (6)

Hari Singh didn't board the express and returned to Amil. Why did he return? On what values does this incidence put light on?

*****

### ANSWER KEY

| | | | | | |
|---|---|---|---|---|---|
| 1. | i. (a) | ii.(c) | iii. (c) | iv. (d) | |
| 2. | i. (c) | ii. (c) | (iii) (c) | iv. (b) | v. (b) |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

### ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ ପାଳିତ

# ଗଣତନ୍ତ୍ରର ମୁଖ୍ୟ ଉପାଦାନ ନାଗରିକର ମତଦାନ ଅଧିକାର ସାବ୍ୟସ୍ତ



**ବାଲେଶ୍ୱର, ୨୫।୧(ସମିସ):** ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚତୁର୍ଦ୍ଦଶ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳେ କଲେକ୍ଟୋରେଟ୍ ପରିସରରୁ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରିୟଦର୍ଶିନୀ ମଲ୍ଲିକ, ଉପଜିଲ୍ଲାପାଳ, ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ପତାକା ଦେଖାଇ ଏହି ରାଲିକୁ ଶୁଭାରମ୍ଭ କରିଥିବା ବେଳେ ବହୁ ସଂଖ୍ୟକ ଏନ.ସି.ସି, ରେଡକ୍ରସ, ସିଭିଲିଆନ ଦଳର ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଏହି ରାଲିରେ ଯୋଗ ଦେଇଥିଲେ। ଉକ୍ତ ରାଲି ଫାଣ୍ଡି ଛକ, ଏଫ.ଏମ.ଗୋଲେଇ ଅତିକ୍ରମ କରି ଗାନ୍ଧୀ ସ୍ମୃତି ଭବନଠାରେ ସମାପ୍ତ ହୋଇଥିଲା। ଏଠାରେ ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀଙ୍କ ସହିତ ଜାତୀୟ ମତଦାତା ଦିବସ ପାଳନର ଆଭିମୁଖ୍ୟ ଓ ଭୋଟଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ ଏବଂ ଏକ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ସ୍ପର୍ଦ୍ଧା ଦ୍ୱାରା ନିଜର ଭୋଟଦାନ ସମ୍ପର୍କିତ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇଥିଲେ। ଉକ୍ତ ଦିବସ ଉପଲକ୍ଷେ ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଥିଲେ ଯେ ଗଣତନ୍ତ୍ରର ମୁଖ୍ୟ ଉପାଦାନ ଭାବେ ନାଗରିକର ମତଦାନ ଅଧିକାର ସାବ୍ୟସ୍ତ ସହ ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ କରାଇବା ଉଦ୍ଦେଶ୍ୟରେ ଆଜିର ଏହି ଦିବସ ପାଳନ କରାଯାଉଛି। ନାଗରିକଙ୍କୁ ମିଳିଥିବା ମତଦାନର ଅଧିକାର ବ୍ୟବହାର ସହ ଭୋଟ ହାର ବୃଦ୍ଧି କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଆହ୍ୱାନ ଦେଇଥିଲେ। ତତ୍ସହିତ ଉପଜିଲ୍ଲାପାଳ ଶ୍ରୀ ରାଜେଶିର୍କେ ଏକ କାହାଣୀ ମାଧ୍ୟମରେ ନୂତନ ଯୁବ ଭୋଟରଙ୍କୁ ଭୋଟଦାନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଉକ୍ତ ସଭାରେ ତହସିଲଦାର (ସଦର) ଆଶିଷ କୁମାର ମହାପାତ୍ର, ବି.ଡି.ଓ (ଜଳେଶ୍ୱର) ପୁନମ ରାଉତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ରାଇମତ ଟୁଡୁ ଯୋଗଦେଇ ଜାତୀୟ ମତଦାତା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ମତଦାତା ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ସ୍ତରୀୟ ବକ୍ତୃତା ଓ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହା ସହିତ ଜିଲ୍ଲାର ବିଭିନ୍ନ ନିର୍ବାଚନୀ ମଣ୍ଡଳରେ ନିର୍ବାଚନ ପ୍ରସ୍ତୁତିରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ୧୮ ରୁ ୨୫ ବୟସର ନୂତନ ଭାବେ ପଞ୍ଜିକୃତ ହୋଇଥିବା ୨୦ ଜଣ ନୂତନ ଭୋଟରଙ୍କୁ ନିର୍ବାଚନ ଫଟୋ ପରିଚୟ ପତ୍ର (ଏ.ପି.ଆଇ.ସି) ପ୍ରଦାନ କରାଯାଇଥିଲା।

## ସଦର ବିଜେପି ପକ୍ଷରୁ ନମୋ ନବ ମତଦାତା ସମ୍ମିଳନୀ

**ବାଲେଶ୍ୱର, ୨୫।୧(ସମିସ):** ରାଷ୍ଟ୍ରୀୟ ମତଦାତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନମୋ ନବମତଦାତା ସମ୍ମିଳନୀକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମ୍ବୋଧିତ କରିଛନ୍ତି। ଏହାର ଅନୁରୂପ ଭାବେ ଆଜି ବାଲେଶ୍ୱର ସହରର ଆୟୁଷ୍ମାନ କଲ୍ୟାଣ ମଣ୍ଡପ ଠାରେ ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବାଲେଶ୍ୱର ସଦର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ନମୋ ମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଯୁବମୋର୍ଚ୍ଚାର ସଦସ୍ୟ ପବନ କମିଲା, ରାଜେନ୍ଦ୍ର ନାଥ, ସୌରଭ ଚୌଧୁରୀ, ଦେବେଶ ଗାନ, ପଦ୍ମଲୋଚନ ବେହେରା, ଉମେଶ ବେହେରା, ଶିଖର ରଞ୍ଜନ ବାରିକ, ସତ୍ୟଜିତ ପ୍ରଧାନ, ତନ୍ମୟ ପାତ୍ର, ଶକ୍ତି ପାଣିଗ୍ରାହୀ, ରାଜେନ୍ଦ୍ର ଚାଟାର୍ଜୀ, ବନିତା ଭୂୟାଁ ଉପସ୍ଥିତ ଥିଲେ। ସୌଭାଗ୍ୟ ମାନସ ନାୟକ ଧନ୍ୟବାଦ ଦେଇଥିଲେ।




## କପିଳମୁନି ମହୋତ୍ସବ ଉଦ୍‌ଯାପିତ

**ବାଲେଶ୍ୱର, ୨୫।୧(ସମିସ):** ରସାଳପୁର କପିଳମୁନି ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ପରିଷଦର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ପରିଷଦର ସଭାପତି ଡ. ସତ୍ୟନାରାୟଣ ମହାପାତ୍ରଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ବକ୍ତା ଭାବେ ଯୁଗଶ୍ରୀ ଯୁଗ ନାରୀର ସମ୍ପାଦିକା ମମତା ମହାପାତ୍ର, ସମ୍ମାନିତ ବକ୍ତା ଭାବେ ରେମୁଣା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ୮୭ ବର୍ଷର ଏହି ଅନୁଷ୍ଠାନକୁ ପରିଷଦର କାର୍ଯ୍ୟକର୍ତ୍ତା ମାନେ ବଞ୍ଚାଇ ସୁଦୂର ପ୍ରସାରିତ କରିପାରିଥିବାରୁ ଭୂୟସି ପ୍ରଶଂସା କରିବା ସହ ମୁନି ମେଳାର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାର ମଞ୍ଚ ପରିଚାଳନା ଓ ଅତିଥି ନିମନ୍ତ୍ରଣ କରିଥିଲେ ପରିଷଦର ଉପଦେଷ୍ଟା ହିମାଂଶୁ ଶେଖର ଦାସ। ଶେଷରେ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇ ଥିଲା। ପରିଷଦର ସଦସ୍ୟ ବିକାଶ କୁମାର ଦାସ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ରଙ୍ଗାରଙ୍ଗ ମେଲୋଡି ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥଲା। ଅନ୍ୟ ମାନଙ୍କ ମଧ୍ୟରେ ପରିଷଦର ସଂଯୋଜକ ଯୁଗଳ କିଶୋର ମହଲ, ଅସିତ ଦାସ, ଗଗନ ବିହାରୀ ବେହେରା, ସଞ୍ଜୟ ମହଲ, ପ୍ରଭାତ ମହଲ, ରବୀନ୍ଦ୍ର ଘଡ଼ାଇ, ଭାଗୀରଥି ମହାନ୍ତି, ସୌମେନ୍ଦ୍ର ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଗ୍ରାମ୍ୟ ବିପର୍ଯ୍ୟୟ ପ୍ରଶିକ୍ଷଣ ପରିଚାଳନା କର୍ମଶାଳା

**ଜଳେଶ୍ୱର ବ୍ଲକ, ୨୫।୧(ସମିସ):** ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ଜାଣିବା ଓ ଜଣାଇବା ଯେତିକି ଆବଶ୍ୟକ ବିପର୍ଯ୍ୟୟ ପରେ ଉଦ୍ଧାର ଓ ସହାୟତା ଦେବାର ଭୂମିକା ଗୋଷ୍ଠୀ ହିଁ କରିପାରିଥାଏ। ଗୋଷ୍ଠୀ ସ୍ତରୀୟ ସ୍ୱେଚ୍ଛାସେବୀମାନେ ମଧ୍ୟ ଏଥିରେ ହସ୍ତକ୍ଷେପ କରିଥାନ୍ତି। ଆଜି ଜଳେଶ୍ୱର ବ୍ଲକ ପରିସରରେ ଆୟୋଜିତ ଗ୍ରାମ ବିପର୍ଯ୍ୟୟ ପ୍ରଶିକ୍ଷଣ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରଶିକ୍ଷକଭାବେ ଜିଲା ପ୍ରୟକଳ୍ପ ଅଧିକାରୀ ଜ୍ୟୋତିର୍ମୟ ବିଶ୍ୱାଳ ଗ୍ରାମାଞ୍ଚଳର ଲୋକେ ଦୁର୍ବିପାକ ସମୟରେ ଗୋଷ୍ଠୀଗତଭାବେ ସୂଚନା ପାଇ ଲୋକଙ୍କୁ ଜଣାଇବା, ଉଦ୍ଧାର କାର୍ଯ୍ୟ ଓ ସହାୟତା ଇତ୍ୟାଦି ସମ୍ପର୍କରେ ଗୋଷ୍ଠୀଗତଭାବେ କାର୍ଯ୍ୟକରିବା ଉଚିତ ବୋଲି କହିଥିଲେ। ବନ୍ୟା, ବାତ୍ୟା, ସୁନାମୀ, ଭୂମିକମ୍ପ, ଅଗ୍ନିକାଣ୍ଡ, ଭୂସ୍ଖଳନ, ମରୁଡ଼ି, ବଜ୍ରପାତ, ଅଂଶୁଘାତ, ଦୁର୍ଘଟଣା ଓ ମହାମାରୀ ପ୍ରଭୃତିକୁ ଗ୍ରାମାଞ୍ଚଳର ଲୋକେ କିପରି ମୁକାବିଲା କରିବେ ସେଥିପାଇଁ ପଞ୍ଚାୟତ ସ୍ତରୀୟ ଏପରିକି ଗ୍ରାମ୍ୟସ୍ତରୀୟ ମଧ୍ୟ କମିଟି ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେଥିପାଇଁ ଆବଶ୍ୟକ ପ୍ରଶିକ୍ଷଣ ଜିଲା ପ୍ରଶାସନ ପ୍ରଶିକ୍ଷ ଦେବାର ସୂଚନା ଦେଇଥିଲେ। ବ୍ଲକ ଜିପିଓ ସମ୍ଭନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଜିଲାପରିଷଦ ଉପସଭାପତି ଅନସୂୟା ପ୍ରଧାନ, ସିଡିପିଓ ଚମ୍ପାମଣି ମୁର୍ମୁ, ଡା. ମହାନଲାଲ ମହାନ୍ତି, ଲାଇଫ ସଂଗଠନର ତ୍ରିଲୋଚନ ଗିରି, ପିକକ୍ ସଂଗଠନର ଜ୍ୟୋତିଶଂକର ମହାନ୍ତି, ପ୍ରୟାସର ସୁବ୍ରତ ସାସମଲ ପ୍ରମୁଖ ଜନସାଧାରଣଙ୍କ ଭାଗିଦାରୀ କାର୍ଯ୍ୟହେବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ପିଇଓ ଓ ଅନ୍ୟ କେତେକ ଅଧିକାରୀ ଯୋଗ ଦେଇଥିଲେ।






## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିବ । ଚାକିରିରେ ସଫଳତା ମିଳିବ । ଅର୍ଥ ନିବେଶ କରିବା ପାଇଁ ଭଲ ସମୟ । ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ । ନିଜ ଭୁଲ୍‌କୁ ସୁଧାରିବେ । ଧାର୍ମିକ ଯାତ୍ରା ଯୋଗ ଅଛି ।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ । ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ । ଅଧିକ ଖର୍ଚ୍ଚାନ୍ତ ହେବେ । ବନ୍ଧୁଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ । ରାଜନୀତିରେ ସକ୍ରିୟ ହେବେ । ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ ।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ । ବ୍ୟବସାୟରୁ ଲାଭ ମିଳିବ । ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ । ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ । ମନ ଖୁସି ରହିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ । ସୁଖଦ ଯାତ୍ରା ଯୋଗ ଅଛି । ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଭାଇ, ଭଉଣୀଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ବ୍ୟସ୍ତତା ଭିତରେ ସମୟ କଟିବ ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ । ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ । ଆଇନଜୀବୀଙ୍କୁ ସଫଳତା ମିଳିବ । ଘରକୁ ଅତିଥି ଆଗମନ ହେବ । ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ । ବିବାହ ପ୍ରସ୍ତାବ ସ୍ଥିର ହେବ । ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ । ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ । ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ ।

**ଧନୁ:** ଯାତ୍ରା ସମୟରେ ମୂଲ୍ୟବାନ ଜିନିଷ ହଜିବା ସମ୍ଭାବନା ଅଛି । ଅଫିସ୍‌ରେ ମାନସମ୍ମାନ ବଢ଼ିବ । ଅନଲାଇନ କାର୍ଯ୍ୟରୁ ଲାଭ ମିଳିବ । ଜବୀନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ । ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ । ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ । ସମାଜସେବାରେ ନିଜକୁ ନିୟୋଜିତ କରିବେ ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ । ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ । ଭାବିଚିନ୍ତି ଖର୍ଚ୍ଚ କରିବେ । କୌଣସି ଦୁର୍ଘଟଣା ଘଟିବା ସମ୍ଭାବନା ଅଛି । ଅଚାନକ ଦୂର ସ୍ଥାନକୁ ଯାତ୍ରା କରିବେ । ଚିନ୍ତାରେ ରହିବେ ।

**ମୀନ:** ଦିନଟି ଉତ୍ସାହଜନ ରହିବ ନାହିଁ । ଘରେ ପୂଜାପାଠ ଆୟୋଜନ କରିବେ । ନିଜ ପସନ୍ଦର କାର୍ଯ୍ୟ କରିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ପାରିବାରିକ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ସହଯୋଗ ମିଳିବ ।

## ଆଜିର ଇତିହାସ

- ୧୫୫୬- ମୋଗଲ ସମ୍ରାଟ୍ ହୁମାୟୁନ୍‌ଙ୍କ ମୃତ୍ୟୁ ।
- ୧୬୬୬- ଫ୍ରାନ୍ସ, ଇଂଲଣ୍ଡ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୩୧- ହଙ୍ଗେରି ଓ ଅଷ୍ଟ୍ରିଆ ମଧ୍ୟରେ ଶାନ୍ତି ସନ୍ଧି ସ୍ୱାକ୍ଷରିତ ।
- ୧୯୫୦-ଭାରତୀୟ ସମ୍ବିଧାନ ଲାଗୁ ହେଲା ।
- ୧୯୯୧- ଇରାକ୍ ତା'ର ସାତୋଟି ବିମାନକୁ ଇରାନ୍ ପଠାଇଲା ।
- ୨୦୦୧- ଗୁଜରାଟର ଭୁଜ୍‌ରେ ୭.୭ ତୀବ୍ରତାର ଭୂମିକମ୍ପ ହେବାରୁ ହଜାରେ ଲୋକଙ୍କ ମୃତ୍ୟୁ ।
- ୨୦୧୫- ପ୍ରଖ୍ୟାତ କାର୍ଟୁନିଷ୍ଟ ଆର୍.କେ ଲକ୍ଷ୍ମଣଙ୍କ ବିୟୋଗ ।

# ବିରଳ ପ୍ରଜାପତି
## ଉଡ଼ିଲେ ଡେଣା ଅଦୃଶ୍ୟ



ପ୍ରକୃତିର ଏକ ଅନନ୍ୟ ଅବଦାନ ପ୍ରଜାପତି । ଗୋଟିଏ ଫୁଲରୁ ଆଉ ଗୋଟିଏ ଫୁଲକୁ ଘୂରିବୁଲୁଥିବା ଏହି ସୁନ୍ଦର କୀଟଟିକୁ ଦେଖିଲେ ମନ ଖୁସି ହୋଇଯାଏ । ପ୍ରଜାପତିକୁ ନେଇ ସାହିତ୍ୟ, ସଙ୍ଗୀତ ଚିତ୍ରରେ ରହିଛି କେତେକେତେ ଚିତ୍ରକଳ୍ପ । ରଙ୍ଗବେରଙ୍ଗର ପ୍ରଜାପତି ପ୍ରତିଟି ମଣିଷକୁ କରେ ଆନମନା । ତେବେ ଏମିତି ଏକ ପ୍ରଜାପତି ଅଛି, ଯାହାର ପର ବା ଡେଣା ଏତେ ସ୍ୱଚ୍ଛ ଯେ ଉଡ଼ିବୁଲୁଥିବାବେଳେ ଏହା ଦୃଶ୍ୟମାନ ହୁଏନାହିଁ । ଫଳରେ ବଡ଼ ବଡ଼ ପକ୍ଷୀମାନେ ଶିକାର ପାଇଁ ଏହି ପ୍ରଜାପତିକୁ ଠାବ କରି ପାରନ୍ତି ନାହିଁ । ସେଥିପାଇଁ ଏହା 'ଗ୍ଲାସ୍‌ୱିଙ୍ଗ' ପ୍ରଜାପତି ନାମରେ ନାମିତ । ଏବେ ଏହି ପ୍ରଜାତିର ଏକ ପ୍ରଜାପତିର ଭିଡିଓ ଭାଇରାଲ୍ ହେଉଛି । ଯେଉଁଥିରେ ପ୍ରଜାପତିଟିର ଡେଣା ନଥିବା ପରି ଲାଗୁଛି । ଏହି ପ୍ରଜାପତିକୁ ବୈଜ୍ଞାନିକ ଭାଷାରେ 'ଗ୍ରେଟା ଓଟୋ' କୁହାଯାଏ । ଏହି ଧରଣର ପ୍ରଜାପତି ମେକ୍ସିକୋ, ପାନାମା, ଫ୍ଲୋରିଡ଼ା, କଲମ୍ବିଆରେ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଥାନ୍ତି ।

# ଉଚ୍ଛିଷ୍ଟ ସ୍ୟାଣ୍ଡୱିଚ୍‌ର ମୂଲ୍ୟ ୧୧ କୋଟି!




ସାଧାରଣତଃ ଲୋକେ ଗାଡ଼ି, ସୋଫା ଆଦି ବିଭିନ୍ନ ପୁରୁଣା ଜିନିଷକୁ ଅନଲାଇନ୍ ମାଧ୍ୟମରେ ବିକ୍ରି କରୁଛନ୍ତି । କିନ୍ତୁ କେହି କେବେ ନିଜ ଅଧାଖିଆ ବା ଅଇଁଠା ଖାଦ୍ୟପଦାର୍ଥକୁ ବିକ୍ରି କରିବା କଥା ଚିନ୍ତା କରି ନ ଥିବେ । ତେବେ ଇଂଲଣ୍ଡରୁ ଏଭଳି ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି । ଇଂଲଣ୍ଡ ଲିସେଷ୍ଟରର ଜଣେ ବ୍ୟକ୍ତି ନିଜ ଅଧାଖିଆ ସ୍ୟାଣ୍ଡୱିଚ୍‌କୁ ବିକ୍ରି କରିବା ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଫେସ୍‌ବୁକ୍ ମାର୍କେଟପ୍ଲେସ୍‌ରେ ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜ ଅଧା ଖାଇଥିବା ସ୍ୟାଣ୍ଡୱିଚ୍‌କୁ ବ୍ରିକି କରିବା ବିଷୟରେ କହିଛନ୍ତି । ତେବେ ରୋଚକୀୟ ବିଷୟ ହେଉଛି, ସେ ତାଙ୍କର ଅଇଁଠା ସ୍ୟାଣ୍ଡୱିଚ୍‌କୁ ୧୦୦ କି ୨୦୦ରେ ନୁହେଁ, ବରଂ ୧୧ କୋଟି ଟଙ୍କାରେ ବିକ୍ରି କରିବା କଥା କହିଛନ୍ତି । ସେ ଫେସ୍‌ବୁକ୍ ମାର୍କେଟପ୍ଲେସ୍‌ରେ ଏହି ଅଇଁଠା ସ୍ୟାଣ୍ଡୱିଚ୍‌ର ଫଟୋ ସହିତ ଏହା ବାବଦରେ ଉଲ୍ଲେଖ କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି, 'ଅଧା ଖିଆଯାଇଥିବା ଏହି ସ୍ୟାଣ୍ଡୱିଚ୍ ଚିଜ୍ ଏବଂ ମାଂସରେ ଭରପୂର । ଯାହାକି ଖୁବ୍ କ୍ରିସ୍‌ପି । ଏହାକୁ ବିକ୍ରେତା ପୂରା ଖାଇପାରି ନାହାନ୍ତି । ତେଣୁ ଏହାକୁ ବିକ୍ରି କରିବା ପାଇଁ ସୂଚୀବଦ୍ଧ କରାଯାଇଛି ।' ଅନ୍ୟପଟେ ଏହି ଘଟଣାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି । ସେହିପରି ଫେସ୍‌ବୁକ୍‌ରେ ଏଭଳି ମାମଲା ସେୟାର୍ ହେବା ପ୍ରଥମ ଘଟଣା ନୁହେଁ, ଏହାପୂର୍ବରୁ ବି ଏପ୍ରକାର ଅନ୍ୟ ଅଜବ ମାମଲା ସାମ୍ନାକୁ ଆସିଛି ।



# ଅସୁନ୍ଦର ବଗିଚା ପାଇଁ ପୁରସ୍କାର

ସାଧାରଣତଃ ସୁନ୍ଦରତା ଯେଭଳି ଜଣକୁ ପରିଚୟ ପ୍ରଦାନ କରେ ଠିକ୍ ସେହିପରି ଅସୁନ୍ଦର ପାଇଁ ବି ଲୋକେ ବିଭିନ୍ନ ସମୟରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥାନ୍ତି । ଏହି କ୍ରମରେ ଏବେ ଜଣେ ମହିଳା ତାଙ୍କର ଅସୁନ୍ଦର ବଗିଚା ପାଇଁ ଚର୍ଚ୍ଚା ସାଉଁଟୁଛନ୍ତି । ଅଷ୍ଟ୍ରେଲିଆର କାଥ୍‌ଲିନ୍ ମୁରେ ବିଶ୍ୱର ସବୁଠୁ ଅସୁନ୍ଦର ବଗିଚାର ମାଲିକାଣୀ ଭାବେ ପରିଚୟ ହାସଲ କରିଛନ୍ତି । ଜଣେ ହଲିଉଡ୍ କଳାକାରଙ୍କ ଦ୍ୱାରା ଆୟୋଜିତ 'ବିଶ୍ୱର ସବୁଠୁ ଅସୁନ୍ଦର ବଗିଚା' ପ୍ରତିଯୋଗିତାରେ ଗତବର୍ଷ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପୁରସ୍କାର ସ୍ୱରୂପ ତାଙ୍କୁ ବାଦାମୀ ରଙ୍ଗର ଏକ ଟି-ସାର୍ଟ ମିଳିଛି । ସବୁଠୁ ମଜାଦାର କଥା ହେଉଛି, ଏହି ଟି-ସାର୍ଟରେ 'ବିଶ୍ୱର ସବୁଠୁ ଅସୁନ୍ଦର ବଗିଚାର ମାଲିକାଣୀ'ବୋଲି ଉଲ୍ଲେଖ ଅଛି । ତାଙ୍କ ବଗିଚାର ବିଶେଷତ୍ୱ ହେଉଛି ଯେ, ତାଙ୍କ ବଗିଚା ଦେଖିବାକୁ ଅବିକଳ ମରୁଡ଼ିଗ୍ରସ୍ତ ଜମି ଭଳି । ଏପରିକି ଏହାକୁ ଟାଙ୍ଗରା ଭୂମି କହିଲେ କିଛି ଭୁଲ୍ ହେବ ନାହିଁ । ସାଧାରଣତଃ ବଗିଚାରେ ରଙ୍ଗବେରଙ୍ଗର ଫୁଲ ଗଛ ସହ ସବୁଜ ପରିବେଶ ଦେଖିବାକୁ ମିଳିଥାଏ, ଏଭଳି କ୍ଷେତ୍ରରେ ମୁରେଙ୍କ ବଗିଚା ସମ୍ପୂର୍ଣ୍ଣ ଓଲଟା । ତାଙ୍କ ବଗିଚାରେ ଶୁଖିଲା ଘାସ, ଝାଉଁଳି ପଡ଼ିଥିବା ଗଛ ସହିତ ସ୍ଥାନେ ସ୍ଥାନେ ମୂଷାଗାତ ମଧ୍ୟ ଦେଖିବାକୁ ମିଳେ । ଅବଶ୍ୟ ଏହା ପଛରେ ଏକ ରୋଚକୀୟ କାହାଣୀ ରହିଛି । ପ୍ରଥମେ ଏହି ପ୍ରତିଯୋଗିତା ସ୍ୱିଡେନ୍‌ସ୍ଥିତ ଗଟ୍‌ଲାଣ୍ଡ ଆଇଲାଣ୍ଡ ଆରମ୍ଭ କରିଥିଲା । ଏହାର ଉଦ୍ଦେଶ୍ୟ ଥିଲା ଜଳସଙ୍କଟ ଉପରେ ଲୋକଙ୍କ ଦୃଷ୍ଟିଆକର୍ଷଣ କରିବା । ଏବେ ଏହି ବାର୍ତ୍ତା ମୁରେ ମଧ୍ୟ ଲୋକଙ୍କୁ ନିଜ ଅସୁନ୍ଦର ବଗିଚା ମାଧ୍ୟମରେ ଦେବା ପାଇଁ ପ୍ରୟାସ କରିଛନ୍ତି । ଅନ୍ୟପଟେ ମୁରେ ତାଙ୍କ ବଗିଚା ମଝିରେ ଛିଡ଼ା ହୋଇ ଫଟୋ ଉତ୍ତୋଳନ କରିଛନ୍ତି । ଯାହାକି ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି ।

# ୨୦୨୫ରେ 'ଗଦ୍ଦର-୩'



ସୁପରଷ୍ଟାର୍ ସନ୍ନି ଦେଓଲଙ୍କ ଫିଲ୍ମ 'ଗଦ୍ଦର: ଏକ ପ୍ରେମ୍ କଥା' ୨୦୦୧ରେ ମୁକ୍ତିଲାଭ କରିଥିଲା । ଏହା ସେତେବେଳେ ଆୟ ମାମଲାରେ ଏକ ରେକର୍ଡ କରିଥିଲା । ଏହାର ୨୨ ବର୍ଷ ପରେ 'ଗଦ୍ଦର-୨' ଆସିଥିଲା । ଏହା ମଧ୍ୟ ବକ୍ସ ଅଫିସ୍‌ରେ ଧୁଆଁଧାର ଆୟ କରିଥିଲା । ଏବେ ଏହାର ନିର୍ଦ୍ଦେଶକ ଅନୀଲ ଶର୍ମା ଏହାର ତୃତୀୟ ପାର୍ଟ ଆଣିବେ । ନିକଟରେ ଅନୀଲ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷତକାରରେ କହିଛନ୍ତି- 'ବହୁତ ଜଲ୍‌ଦି 'ଗଦ୍ଦର-୩' ସୁଟିଂ ଆରମ୍ଭ ହେବ । ମୁଁ ଏବେ ମୋର ଅନ୍ୟ ପ୍ରୋଜେକ୍ଟରେ ବ୍ୟସ୍ତ ଅଛି । ତେଣେ ସନ୍ନି ମଧ୍ୟ ତାଙ୍କ ଅନ୍ୟ ଫିଲ୍ମରେ ବ୍ୟସ୍ତ ଅଛନ୍ତି । ଆମ ଦୁହିଁଙ୍କ କାମ ସରିଯିବା ପରେ ଆମେ 'ଗଦ୍ଦର-୩'ର ସୁଟିଂ ଆରମ୍ଭ କରିବୁ । ଯଦି ସବୁକିଛି ଠିକ୍ ରହିଲା, ଏହା ୨୦୨୫ରେ ପରଦାକୁ ଆସିବ' ।

'ଗଦ୍ଦର-୩'ରେ ପୁଣି ଥରେ ସନ୍ନିଙ୍କ ବିପକ୍ଷରେ ଅମିଷା ପଟେଲ ଅଭିନୟ କରିବେ । ତେବେ 'ଗଦ୍ଦର-୨'ର ଶେଷରେ ଏହାର ତୃତୀୟ ପାର୍ଟ ଆସିବ ବୋଲି ଦର୍ଶକଙ୍କୁ ସୂଚନା ଦିଆଯାଇଥିଲା ।




# ଥାଇରଏଡ୍ ଗ୍ରନ୍ଥି ପାଇଁ ପୌଷ୍ଟିକ ଆହାର

**ଶରୀରରେ ହର୍ମୋନ ଅସନ୍ତୁଳନ ଏକ ବଡ଼ ସମସ୍ୟା । ଭିନ୍ନ ଭିନ୍ନ ହର୍ମୋନର କାର୍ଯ୍ୟ ଅଲଗା ହେଲେ ହେଁ ଶରୀର ପାଇଁ ଥାଇରଏଡ୍ ହର୍ମୋନ୍‌ର ମୁଖ୍ୟ ଭୂମିକା ରହିଛି । ତେଣୁ ଖରାପ ଖାଦ୍ୟ ଓ ଜୀବନଶୈଳୀ ଯୋଗୁ ଥାଇରଏଡ୍ ଗ୍ରନ୍ଥି ଜନିତ ରୋଗ ଦେଖାଦେଉଥିବାରୁ ଏ ବିଷୟରେ ସଚେତନତା ପାଇଁ ପ୍ରତିବର୍ଷ ଜାନୁଆରୀ ମାସକୁ 'ଥାଇରଏଡ୍ ସଚେତନତା ମାସ' ଭାବେ ପାଳନ କରାଯାଇ ଆସୁଅଛି । ତେବେ ପୋଷକତତ୍ତ୍ୱ ଯୁକ୍ତ ଖାଦ୍ୟ ଦ୍ୱାରା ଶରୀରରେ ଥାଇରଏଡ୍ ସନ୍ତୁଳନ ରକ୍ଷା ହୋଇଥାଏ ।**



- ଥାଇରଏଡ୍ ସ୍ତରକୁ ନିୟନ୍ତ୍ରଣ କରିବାକୁ ସୂର୍ଯ୍ୟମୁଖୀ, ଅଳସୀ ଏବଂ କଖାରୁ ମଞ୍ଜି ଆଦି ଖାଇପାରିବେ । ଆୟୋଡାଇଜ୍ଡ ଲୁଣ, ଦୁଗ୍ଧ ସବୁଜ ପନିପରିବା ଯଥା - ଧନିଆ ପତ୍ର, ଟମାଟୋ ଆଦିକୁ ଡାଏଟ୍‌ରେ ସାମିଲ କରିବା ଲାଭପ୍ରଦ ।
- ଭିଟାମିନ୍ -ଡି ହାଇପୋଥାଇରଏଡିଜମ୍‌ରୁ ସୁରକ୍ଷା ପ୍ରଦାନ କରେ । ତେଣୁ ଭିଟାମିନ୍-ଡି ଭରପୂର ଖାଦ୍ୟ ଯଥା- ଛତୁ, ଅଣ୍ଡା ସହିତ କପର ଓ ଆଇରନ୍ ଯୁକ୍ତ ଖାଦ୍ୟ, ଜିଙ୍କ୍ ଯୁକ୍ତ ଖାଦ୍ୟ, ପନୀର, ଦହି, ଲହୁଣୀ, ଘିଅ, ପାଳଙ୍ଗ, ନଡ଼ିଆ ପାଣି ଖାଇପାରିବେ ।
- ଥାଇରଏଡ୍ ଗ୍ରନ୍ଥିକୁ ସୁସ୍ଥ ରଖିବାରେ ସେଲେନିୟମ୍‌ର ଅଧିକ ଆବଶ୍ୟକତା ରହିଛି । ତେଣୁ ଖାଦ୍ୟରେ ନଟ୍ସ, ସାଲମନ ଆଦି ସାମିଲ କରିପାରିବେ । ସେହିପରି ମ୍ୟାଗ୍ନେସିୟମ୍ ଟି-୪ ହର୍ମୋନକୁ ଟି-୩ ହର୍ମୋନରେ ବଦଳାଇବାରେ ସାହାଯ୍ୟ କରିଥାଏ । ତେଣୁ ନିୟମିତ ଡାର୍କ ଚକୋଲେଟ୍, ଆଭୋକାଡୋ ଆଦି ଖାଦ୍ୟରେ ସାମିଲ କରିପାରିବେ ।
- ପ୍ରତିଦିନ ନଟ୍‌ସ, ଓଟ୍‌ସ, ଅଖରୋଟ୍, ପିସ୍ତା ମାଛ, ମାଂସ ଆଦି ଖାଇବା ସ୍ୱାସ୍ଥ୍ୟପ୍ରଦ ।

# ଅଜଣା ମହାମାରୀ 'ଏକ୍ସ'

କରୋନା ପରେ ଏବେ ଆଉ ଏକ ଅଜଣା ରୋଗ 'ଏକ୍ସ'କୁ ନେଇ ଚିନ୍ତା ଆରମ୍ଭ ହୋଇଛି । ଏକ୍ସ ଏକସମ୍ଭାବିତ ନୂତନ ସଂକ୍ରମଣର ନାଁ । ଏହାକୁ ଜୋନଟିକ୍ ଡିଜିଜ୍ କୁହାଯାଉଛି । ଆଗାମୀ ଦିନରେ ଏହା ବୈଶ୍ୱିକ ମହାମାରୀର କାରଣ ସାଜିପାରେ । ଏକ୍ସ ଦୂଷିତ ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ମାଂସ ଖାଇବା ଆଦି ଅଭ୍ୟାସ ଯୋଗୁଁ ବ୍ୟାପିପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଶଙ୍କା କରିଛି । ସେହିପରି ଏଥିରେ ପଶୁ ଶରୀରରୁ ଭୂତାଣୁ ମନୁଷ୍ୟ ଶରୀରକୁ ବ୍ୟାପିଥାଏ । ଏହା ଦ୍ୱାରା ମଣିଷର ରୋଗପ୍ରତିରୋଧ ଶକ୍ତି ହ୍ରାସ ପାଇବାର ଆଶଙ୍କା ରହିଛି । ଏକ୍ସ ଭୂତାଣୁ, ଜୀବାଣୁ କିମ୍ବା ଫଙ୍ଗସ୍ ରୂପେ ଲୋକଙ୍କୁ କେମିତି ଆକ୍ରାନ୍ତ କରିବ ତାହାର ସଠିକ୍ ଆକଳନ କରାଯାଇନାହିଁ । ଏକ୍ସରୁ ମୁକୁଳିବା ପାଇଁ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଅମ୍ଳଜାନ ସ୍ତରକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି । କରୋନା ଭୂତାଣୁ ତୁଳନାରେ ଏକ୍ସ ସାତଗୁଣା ଘାତକ । ଯେହେତୁ ଏକ୍ସ ପାଇଁ ଏବେ ସୁଦ୍ଧା ଔଷଧ କିମ୍ବା ଟିକା ବିକଶିତ କରାଯାଇନାହିଁ, ତେଣୁ ରୋଗର ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେବା ସହ ସଚେତନ ରହିବା ଆବଶ୍ୟକ । ଏସଏଆରଏସ୍, ଇବୋଲା ଆଦି ରୋଗ ସହିତ ଏକ୍ସକୁ ରୋଗଜନକ ସୂଚୀରେ ସଂଯୋଗ କରିବାକୁ ଏହା ଉପରେ ଅଧିକ ଗବେଷଣା ଚାଲିଛି ।

## ସୁସ୍ଥ ମନ ଓ ସୁସ୍ଥ ଶରୀର

# ମଧ୍ୟାହ୍ନଭୋଜନ ପରେ ଶୁଅନ୍ତୁ ୧୫ ମିନିଟ୍



ମଧ୍ୟାହ୍ନ ଭୋଜନ ସାରିବା ପରେ ଅନେକଙ୍କର ଶୋଇବା ଅଭ୍ୟାସ ରହିଥାଏ । କେହି କେହି ୩୦ମିନିଟ୍ ଭିତରେ ଉଠି ପଡୁଥିବାବେଳେ ଆଉ କିଛି ଜଣ ଦ୍ୱିପ୍ରହରରେ ଲଗାତାର ୩ରୁ ୪ ଘଣ୍ଟା ଶୋଇଥାନ୍ତି । କିନ୍ତୁ ସୁସ୍ଥ ଓ ନୀରୋଗ ରହିବାକୁ ପ୍ରତିଦିନ ମଧ୍ୟାହ୍ନ ଭୋଜନ ପରେ ଅତି କମ୍‌ରେ ୧୫ ମିନିଟ୍ ଶୋଇବା ଆବଶ୍ୟକ । ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ରଖିଥିବାବେଳେ ଏହି ଅଭ୍ୟାସ ଦ୍ୱାରା ମସ୍ତିଷ୍କ ବେଶ୍ ଭଲଭାବେ କାର୍ଯ୍ୟକ୍ଷମ ହୁଏ । ନାନା ରୋଗରୁ ରକ୍ଷା ମିଳେ । ୧୫ ମିନିଟ୍ ନିଦ ପୂରା କରିବା ଦ୍ୱାରା ମନ ଶାନ୍ତି ରହିବା ସହ ଅବସାଦ ଆଉ ରୁହେ ନାହିଁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦ୍ୱିପ୍ରହର ଭୋଜନ ପରେ ଶୋଇବା ଦ୍ୱାରା ପେଟ ବଢ଼ିବା ସମସ୍ୟା କମ୍ ହୋଇଥାଏ । ମଧ୍ୟାହ୍ନ ଭୋଜନ ପରେ ଅଧିକାଂଶ ଲୋକଙ୍କୁ ବଦହଜମୀ ସମସ୍ୟା ହୋଇଥାଏ । ଅଧିକାଂଶ କ୍ଷେତ୍ରରେ ଚିନ୍ତା କାରଣରୁ ରକ୍ତଚାପ ବୃଦ୍ଧି ପାଏ । ଏହାର ପ୍ରଭାବ ହୃଦୟ ଉପରେ ପଡ଼ିଥାଏ । କିନ୍ତୁ ମଧ୍ୟାହ୍ନ ଭୋଜନ ପରେ ୧୫ ମିନିଟ୍ ଶୋଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ । କ୍ରୋଧକୁ କମ୍ କରିଥାଏ । ଅନ୍ୟପଟେ ୧୫ ମିନିଟ୍ ଶୋଇବା ଦ୍ୱାରା ମୁଡ୍ ସ୍ୱିଙ୍ଗ୍‌କୁ କମ୍ କରିବାରେ ସହାୟକ ହୁଏ । ଦ୍ୱିପ୍ରହର ଭୋଜନ ଗ୍ରହଣ କରିବା ପରେ ୧୫ ମିନିଟ୍ ଶୋଇବା ଦ୍ୱାରା ଥକ୍କାପଣ ରୁହେ ନାହିଁ । ଏହାଦ୍ୱାରା କେବଳ ମାନସିକ ନୁହେଁ; ବରଂ ଶାରୀରିକ ରୂପେ ଥକ୍କାପଣ ମଧ୍ୟ ଦୂର ହୋଇଥାଏ ।

# ଜରାୟୁ କର୍କଟ

**ଭାରତରେ ଜରାୟୁ କର୍କଟ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା । ଯେଉଁଥିରେ ପ୍ରତିବର୍ଷ ଭାରତର ଏକ ତୃତୀୟାଂଶ ମହିଳା ଆକ୍ରାନ୍ତ ହୋଇଥା'ନ୍ତି । ସୀମିତ ସଚେତନତା, ଶିକ୍ଷା, ପର୍ଯ୍ୟାପ୍ତ ସ୍କ୍ରିନିଂ ଏବଂ ସ୍ୱାସ୍ଥ୍ୟସେବା ସୁବିଧା ଅଭାବରୁ ଏହି ରୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି । ତେଣୁ ମହିଳାଙ୍କୁ ସଚେତନ କରାଇବା ପାଇଁ ସାରା ଦେଶରେ ଜାନୁଆରୀ ମାସକୁ ଗର୍ଭାଶୟ ସ୍ୱାସ୍ଥ୍ୟ ସଚେତନତା ମାସ ଭାବରେ ପାଳନ କରାଯାଉଛି । ଏବେ ଜାଣିବା ଜରାୟୁ କର୍କଟ ବିଷୟରେ ।**



**କାରଣ:** ହ୍ୟୁମାନ ପାପିଲୋମାଭାଇରସ୍ (ଏଚ୍‌ପିଭି) ସଂକ୍ରମଣର କ୍ରମାଗତ ବୃଦ୍ଧି ହେବା ହିଁ ଜରାୟୁ କର୍କଟର ମୂଳ କାରଣ । ଏସ୍‌ଟିଡି (ସେକ୍ସୁଆଲି ଟ୍ରାନ୍ସମିଟେଡ୍ ଡିଜିଜ୍) ଜରାୟୁକୁ କ୍ଷତ କରିବା ସହ କର୍କଟକୁ ବୃଦ୍ଧି କରେ । ଅସ୍ୱଚ୍ଛ ପରିମଳ, ବାରମ୍ବାର ଗର୍ଭଧାରଣ, ଅଳ୍ପ ବୟସରେ ଯୌନ କ୍ରିୟା ମଧ୍ୟ ଜରାୟୁ କର୍କଟର କାରଣ ହୋଇଥାଏ ।

**ଲକ୍ଷଣ:** ଜରାୟୁ କର୍କଟ ରୋଗର ବୃଦ୍ଧି ନ ହେବା ପର୍ଯ୍ୟନ୍ତ ଲକ୍ଷଣଗୁଡ଼ିକ ଜଣା ପଡ଼ି ନ ଥାଏ । ପରିସ୍ରା ସଂକ୍ରମଣ, ଅନିୟମିତ ଋତୁସ୍ରାବ ଇତ୍ୟାଦି ରୋଗ ମାଧ୍ୟମରେ ଏହି କର୍କଟ ରୋଗର ଲକ୍ଷଣ ଦେଖା ଦେଇଥାଏ । ଋତୁସ୍ରାବ ପରେ କିମ୍ବା ମେନୋପଜ୍ ମଧ୍ୟରେ ଯୋନିରୁ ଅତ୍ୟଧିକ ସ୍ରାବ ହେବା, ଯୌନ ସମ୍ପର୍କ ପରେ ରକ୍ତସ୍ରାବ, ଯୋନିରୁ ଅସ୍ୱାଭାବିକ ଏବଂ ଦୁର୍ଗନ୍ଧ ସ୍ରାବ ଆଦି ଏହାର ମୂଳ ଲକ୍ଷଣ ।

**ନିରାକରଣ:**

**ପ୍ୟାପ୍ ସ୍ମିଅର୍ ଟେଷ୍ଟ:** ପ୍ୟାପ୍ ସ୍ମିଅର୍ ଟେଷ୍ଟ ମାଧ୍ୟମରେ ଅସ୍ୱାଭାବିକ ବୃଦ୍ଧି ପାଇଥିବା କୋଷଗୁଡ଼ିକୁ ଚିହ୍ନଟ କରାଯାଏ । ଯେଉଁଥିରେ ସର୍ଭିକ୍ସ୍ରୁ ତୁଳା ମାଧ୍ୟମରେ ନମୁନା ସଂଗ୍ରହ କରି ନିକଟ ପରୀକ୍ଷଣ କେନ୍ଦ୍ରକୁ ପରୀକ୍ଷା କରିବା ପାଇଁ ପଠାଯାଏ ।

**ଏଚ୍‌ପିଭି ପରୀକ୍ଷା:** ରୋଗୀକୁ ହ୍ୟୁମାନ ପପିଲୋମାଭାଇରସ୍ ପରୀକ୍ଷା କରାଇବା ଆବଶ୍ୟକ ହୋଇପାରେ । ଏହା ପ୍ୟାପ୍ ସ୍ମିଅର୍ ଟେଷ୍ଟ ସହିତ ସମାନ । ସେହିପରି ପେଲ୍ଭିକ୍ ସୋନୋଗ୍ରାଫି, ସିଟି ସ୍କାନ୍ ଏବଂ ଏମ୍‌ଆର୍‌ଆଇ ହେଉଛି ଅନ୍ୟ କେତେକ ପରୀକ୍ଷା, ଯାହା ଏହି କର୍କଟ ଚିହ୍ନଟ ପାଇଁ କରାଯାଇଥାଏ ।



ଡା. ସୁଜାତା କର



**ଚିକିତ୍ସା ବିକଳ୍ପ:** ଜରାୟୁ କର୍କଟ ରୋଗର ପରୀକ୍ଷା ରୋଗର ପର୍ଯ୍ୟାୟ ଉପରେ ନିର୍ଭର କରେ । ଉପଲବ୍ଧ ଚିକିତ୍ସା ବିକଳ୍ପଗୁଡିକରେ ଅସ୍ତ୍ରୋପଚାର, ରେଡିଓଥେରାପି, କେମୋଥେରାପି, ଲେଜର୍ ଆବ୍ଲେସନ୍, କ୍ରିଓଥେରାପି ଏବଂ ଟାର୍ଗେଟେଡ୍ ଥେରାପି ଅନ୍ତର୍ଭୁକ୍ତ ।

**ଏଚ୍‌ପିଭି ଟିକାକରଣ :** ଭାରତରେ ଗାର୍ଡାସିଲ୍ ଏବଂ ସର୍ଭାରିକ୍ସ ପରି ଏଚ୍‌ପିଭି ଟିକା ଉପଲବ୍ଧ ଏବଂ ଏହା ୯ ବର୍ଷର କିଶୋରୀଙ୍କ ଠାରୁ ଆରମ୍ଭ କରି ୪୩ ବର୍ଷର ମହିଳାଙ୍କ ପାଇଁ ପରାମର୍ଶ କରାଯାଏ । ଯୌନ ପୂର୍ବରୁ ଟିକା ନେବା ସର୍ବୋତ୍ତମ ସୁରକ୍ଷା ପ୍ରଦାନ କରିଥାଏ ।

**ନିୟମିତ ସ୍କ୍ରିନିଂ:** ପ୍ୟାପ୍ ସ୍ମିଅର୍ କିମ୍ବା ଏଚ୍‌ପିଭି ପରୀକ୍ଷଣ ମାଧ୍ୟମରେ ନିୟମିତ ସ୍କ୍ରିନିଂ କରିବା ଦ୍ୱାରା ଜରାୟୁ ଅସ୍ୱାଭାବିକତାକୁ ଶୀଘ୍ର ଚିହ୍ନଟ କରିବାରେ ସାହାଯ୍ୟ ହୋଇଥାଏ । ନିୟମିତ ସ୍କ୍ରିନିଂ ସାହାଯ୍ୟରେ ଜରାୟୁରେ ପୂର୍ବ-କର୍କଟ ପରିବର୍ତ୍ତନକୁ ଚିହ୍ନଟ କରିପାରିବ, ଯାହା କର୍କଟ ରୋଗରେ ଆକ୍ରାନ୍ତ ହେବା ପୂର୍ବରୁ ଚିକିତ୍ସା କରାଯାଇପାରିବ । ତେବେ ଧୂମପାନ କରୁଥିବା ମହିଳାମାନଙ୍କୁ ଜରାୟୁ କର୍କଟ ରୋଗ ହେବାର ଆଶଙ୍କା ଅଧିକ ଥିବାରୁ ତୁରନ୍ତ ଏହି କୁ-ଅଭ୍ୟାସ ତ୍ୟାଗ କରିବା ଜରୁରି । ଅନ୍ୟପଟେ କଣ୍ଡୋମ୍ ବ୍ୟବହାର କରିବା ଭଳି ସୁରକ୍ଷିତ ଯୌନ ଆଚରଣ ଏଚ୍‌ପିଭି ସଂକ୍ରମଣର ବିପଦକୁ ହ୍ରାସ କରିଥାଏ । ଏଚ୍‌ପିଭି ଟିକା, ସଚେତନତା ବୃଦ୍ଧି, ଟିକାକରଣକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଦ୍ୱାରା ଭାରତ ଜରାୟୁ କର୍କଟ ବୃଦ୍ଧିକୁ ହ୍ରାସ କରିବା ସହ ମହିଳାମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଯଥେଷ୍ଟ ଅଗ୍ରଗତି କରିପାରିବ ।

**ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ, ଭୁବନେଶ୍ୱର**

# ୧୪ତମ ଜାତୀୟ ମତଦାତା ଦିବସ ପାଳିତ




'ମତଦାନ ମହତ କାର୍ଯ୍ୟ, ମୁଁ ନିଶ୍ଚିତ ରୂପେ ଭୋଟ ଦେବି'

**ଭୋଗରାଇ, ୨୫।୧(ସମିସ) :**

୧୪ତମ ଜାତୀୟ ମତଦାତା ଦିବସ ଅବସରରେ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ଭୋଗରାଇ ବ୍ଲକସ୍ତରୀୟ ମତଦାତା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନରେ ପ୍ରତ୍ୟେକ ନାଗରିକଙ୍କୁ 'ନିଶ୍ଚିତ ଭାବେ ନିଜ ମତଦାନ କରିବା ପାଇଁ ଆହ୍ୱାନ ଦେବା ସହିତ 'ଭୋଟଦାନ ଆମ ସାମ୍ବିଧାନିକ ଅଧିକାର', ମତଦାନ ମହତ କାର୍ଯ୍ୟ, 'ମୁଁ ନିଶ୍ଚିତ ରୂପେ ଭୋଟ ଦେବି' ଆଦି ସ୍ଲୋଗାନ ଦେଇ ଓ ପ୍ଲାକାର୍ଡ ଧରି ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ)ର ୪ ଶହ ଛାତ୍ରଛାତ୍ରୀ ଏକ ସଚେତନତା ଶୋଭାଯାତ୍ରାରେ ସମଗ୍ର ଅଞ୍ଚଳ ପରିକ୍ରମା କରିଥିଲେ। ମହାବିଦ୍ୟାଳୟରୁ ଏହି ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇ ସମଗ୍ର ଅଞ୍ଚଳ ପରିକ୍ରମା କରିବା ପରେ ଭୋଗରାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ଆରଆଇଏଚଏସ ଅଧ୍ୟକ୍ଷ କେଦାର ସିଂ ଦାସ ଏହି ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲା ବେଳେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା, ତହସିଲଦାର ହିମାଂଶୁ ଶେଖର ଗିରି, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଭାରପ୍ରାପ୍ତ ଜିପିଓ ଅଜୟ କୁମାର ପଣ୍ଡା, ପ୍ରଫେସର ବ୍ରଜବିହାରୀ ପତି, ଅଧ୍ୟାପକ ଅନୁପ ସାମଲ, ଅଧ୍ୟାପକ ହରେନ୍ଦ୍ର ନାରାୟଣ ବେହେରା ପ୍ରମୁଖଙ୍କ ସମେତ ବହୁ ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟ/ସଦସ୍ୟା ଏଥିରେ ଯୋଗ ଦେଇ ସମସ୍ତ ବର୍ଗର ଭୋଟର ମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ପ୍ରତ୍ୟେକ ମତଦାତା ନିଶ୍ଚିତ ରୂପେ ଯେମିତି ନିଜ ମତଦାନ କରନ୍ତି ସେ ସମ୍ପର୍କରେ ସମସ୍ତେ ଉଦ୍ୟମୀ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଆରଆଇଏଚଏସର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ବହୁ ସଂଖ୍ୟାର ବିଭିନ୍ନ ବର୍ଗର ଭୋଟର ମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

**ରାଇବଣିଆ:** ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ରେ ଅଧ୍ୟକ୍ଷ ଅମରେନ୍ଦ୍ର ନାଥ ଦତ୍ତଙ୍କ ପୌରୋହିତ୍ୟରେ ୧୪ତମ ଜାତୀୟ ମତଦାତା ଦିବସ ୨୦୨୪ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟାପକ ରମାକାନ୍ତ ଦେ ନୂତନ ଯୁବ ଭୋଟର ଦେଶ ଗଠନର ମେରୁଦଣ୍ଡ ବୋଲି ନିଜର ବକ୍ତବ୍ୟରେ ଉଲ୍ଲେଖ କରି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମିତା ଭାବରେ ଦାୟିତ୍ୱ ନିର୍ବାହ କରୁଥିବା କୁମାରୀ ସୁଶ୍ରୀସ୍ମିତା ଖୁଣ୍ଟିଆ ନୂତନ ଭୋଟଦାତା ମାନେ ଯେମିତି ଭୋଟ ଦାନରୁ ବଞ୍ଚିତ ନ ହେବେ ଏବଂ ମତଦାତା ମାନେ କୌଣସି ପ୍ରଲୋଭନ ରେ ଶିକାର ନ ହେବେ ସେଥିପାଇଁ ସେ ଦୃଷ୍ଟି ରଖିବେ ବୋଲି ନିଜର ମତ ପ୍ରଦାନ କରିଥିଲେ। ଭାରତର ନିର୍ବାଚନ ପ୍ରକ୍ରିୟା ଏକ ମହାନ୍ ଉତ୍ସବ ବୋଲି ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରି ନୂତନ ଭୋଟଦାତା ମାନଙ୍କୁ ନିର୍ବାଚନ ଆୟୁକ୍ତ ଙ୍କ ଦ୍ୱାରା ପ୍ରେରିତ ମତଦାତା ନିୟମାବଳୀ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ରେ ଅଧ୍ୟାପକ ଦୈତ୍ୟାରି ପ୍ରସାଦ ଦେ, ଜ୍ଞାନେନ୍ଦ୍ର ନାଥ ରଣା, ମୁରଲୀଧର ମହାନ୍ତି, ଦେବବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଗ୍ରନ୍ଥଗାରିକ ମଦନ ନାୟକ, କ୍ରୀଡା ଶିକ୍ଷକ ଧନଞ୍ଜୟ ଦତ୍ତ, କିରାଣୀ ପ୍ରବୀର ପ୍ରମାଣିକ ଉପସ୍ଥିତ ରହିଥିଲା ବେଳେ କୃଷ୍ଣ ମୋହନ ଜେନା, ଆବୁନାସାର, ସନ୍ତୋଷେ ପାତ୍ର ଏବଂ କବିତା ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

**ଜଳେଶ୍ୱର ବ୍ଲକ:** ଜାତୀୟ ମତଦାତା ଦିବସ ଅବସରରେ ଜଳେଶ୍ୱର ସହରର ନୂଆବଜାର ଭଞ୍ଜଶ୍ରୀ ଭବନଠାରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ନମୋ ନବ ମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଜ୍ୱଳ ଭାରତ ଗଠନ ପାଇଁ ଭୋଟର ମାନଙ୍କୁ ଭିଡିଓ କନଫରେନ୍ସ ମାଧ୍ୟମରେ ପ୍ରେରଣା ଦେବା ସହ ଗଣତନ୍ତ୍ରର ମହାନ ପର୍ବରେ ଯୁବକ ମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ନୂତନ ମତଦାତାଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଉକ୍ତ କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ଜିଲ୍ଲା ସମ୍ପାଦକ ତନ୍ମୟ ଚନ୍ଦଙ୍କ ଅଧ୍ୟକ୍ଷତାରେ ନଗର ସଭାପତି ତଥା ସାଂସଦ ପ୍ରତିନିଧି ଫାଲ୍ଗୁନୀ ପାଣିଗ୍ରାହୀ, ଜିଲ୍ଲା ଉପ ସଭାପତି ପ୍ରବୀର ପ୍ରଧାନ, ବ୍ଲକ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ସମୀର ପାତ୍ର, ସଂଗ୍ରାମ କେଶରୀ ପରିଡ଼ା, ଇଞ୍ଜିନିୟର ରତ୍ନାକର ରାୟ, ତପନ କୁମାର ବିଶ୍ୱାଳ, ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ରାଧାକୃଷ୍ଣ ସେଣ, ବିପ୍ଳବ ପ୍ରଧାନ ଓ ମଳୟ ବେହେରା, ଜିଲ୍ଲା ଯୁବ ମୋର୍ଚ୍ଚା ସଦସ୍ୟ ସତ୍ୟବ୍ରତ ପଣ୍ଡା, କମଳ ଲୋଚନ ପାଲ, ମୁକୁନ୍ଦ ରଞ୍ଜନ ଜେନାଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଶତାଧିକ ନବ ଭୋଟର ଯୋଗଦେବା ବେଳେ ଜିଲ୍ଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ମନମୋହନ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ପଥର ବୋଝେଇ ଡମ୍ପର ଜବତ

**ସୋର, ୨୫।୧(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ନିକଟରୁ ଏକ ବେଆଇନ ପଥର ବୋଝେଇ ଡମ୍ପରକୁ ସୋର ପୁଲିସ ଜବତ କରିଥିବା ବେଳେ ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ଗତକାଲି ବିଳମ୍ବିତ ରାତିରେ ଏକ ଡମ୍ପର ବାଗୁଡିରୁ ପଥର ବୋଝେଇ କରି ଯାଉଥିବା ବେଳେ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ ସୂର୍ଯ୍ୟ ନାରାୟଣ ନାୟକ ସଦଳବଳେ ଗାଡିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଜାଣିପାରି ଗାଡିକୁ ଜବତ କରି ଥାନାରେ ରଖିବା ସହିତ ଏହାର ଡ୍ରାଇଭର ଔପଦା ଥାନା ଦରଖୁଳି ଗ୍ରାମର ହେମନ୍ତ ମହାନ୍ତିଙ୍କୁ ଅଟକ ରଖି ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଠକେଇ ଅଭିଯୋଗରେ ଷ୍ଟୋର ମ୍ୟାନେଜର ଗିରଫ



**ସୋର, ୨୫।୧(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ନିକଟରେ ଥିବା ବ୍ରିଜ ଗୋପାଲ କନଷ୍ଟ୍ରକସନ କମ୍ପାନୀରେ ଦେଢ କୋଟି ଟଙ୍କା ଠକେଇ ଅଭିଯୋଗରେ ସୋର ପୁଲିସ କମ୍ପାନୀରେ କାର୍ଯ୍ୟରତ ଷ୍ଟୋର ମ୍ୟାନେଜରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ମାଧପୁର ଗ୍ରାମର ଅଜୟ କୁମାର ଦାସ(୪୦) ଏହି କମ୍ପାନୀରେ ଷ୍ଟୋର ମ୍ୟାନେଜର ଭାବେ କାର୍ଯ୍ୟକରନ୍ତି। କିନ୍ତୁ ଅଜୟ କମ୍ପାନୀର ଦେଢ କୋଟି ଟଙ୍କା ହେରଫେର କରିଥିବା ନେଇ କମ୍ପାନୀ ପକ୍ଷରୁ ସୋର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ୬୩/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଆଜି ସକାଳେ ଅଜୟକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଅଜୟର ଡାକ୍ତରୀ ମାଇନା ପରେ ସୋର ପୁଲିସ କୋର୍ଟ ଚାଲାଣ କରିଛି।

## ଖଇରା ମହାବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଖଇରା, ୨୫।୧ (ସମିସ):** ଖଇରା ମହାବିଦ୍ୟାଳୟରେ ଗୁରୁବାର ଜଗନ୍ନାଥ ସଂସ୍କୃତି ଆଲୋଚନା ଓ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇ ଯାଇଛି। ଅଧ୍ୟକ୍ଷ ଡ କମଳାକାନ୍ତ ପତିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବେଳାଭୂମି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ବନମାଳୀ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଓଡ଼ିଶା ପ୍ରଦେଶ ଗଠନ ଓ ଭାଷା ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ନୋଡାଲ ଅଧିକାରୀ ଶଶିକାନ୍ତ ପଣ୍ଡା, ଗୋପବନ୍ଧୁ ମହାପାତ୍ର ଓ ନିରଞ୍ଜନ ପଣ୍ଡା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ଉପରେ ସୁଚନା ପ୍ରଦାନ କରିଥିଲେ। ଡ ଉଦୟ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ସଙ୍ଗୀତ, ନୃତ୍ୟ, ଓଡିଆ ହସ୍ତାକ୍ଷର, ପ୍ରବନ୍ଧ, କବିତା ପାଠ ପ୍ରତିଯୋଗିତା କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଅଧ୍ୟାପନା ମଣ୍ଡଳୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପଦାରେ ପଡ଼ିଲା ଖଇରା ବିଜେପି ଗୋଷ୍ଠୀ ବିବାଦ

**ଖଇରା, ୨୫ ।୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଧୋବାଗଡ଼ିଆ ଠାରେ ବିଜେପି ପକ୍ଷରୁ ଅନୁଷ୍ଠିତ ଯୁବ ସମ୍ମିଳନୀ ରେ ୨ଗୋଷ୍ଠୀ ମୁହାଁମୁହିଁ ଘଟଣା ପରେ ସେମାନଙ୍କ ମଧ୍ୟରେ ଥିବା ଗୋଷ୍ଠୀ ବିବାଦ ପଦାରେ ପଡ଼ିଛି। ଯୁବ ଭୋଟର ମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପିର ୨ଯୁବନେତା ଓ ସେମାନଙ୍କ ମଧ୍ୟରେ ବାକବିତଣ୍ଡା କୁ ନେଇ ବ୍ୟାପକ ସମାଲୋଚନା ଆରମ୍ଭ ହୋଇଛି। ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଓ ତାଙ୍କ ପୁଅ ନୀଳମାଧବ ପଣ୍ଡା ଙ୍କ ତରଫରୁ ୩୭ପଞ୍ଚାୟତରୁ ଯୁବ କର୍ମୀମାନଙ୍କୁ ଡକାଯାଇଥିଲା। ହେଲେ ଖଇରା ଅଞ୍ଚଳ ବାସିନ୍ଦା ରାଜ୍ୟ ବିଜେପି ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କୁ ନିମନ୍ତ୍ରଣ କରାଯାଇନଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ମୁଖପାତ୍ର ବୈଠକରେ ପହଞ୍ଚିବା ପରେ ଏହା ଯୁବଗୋଷ୍ଠୀଙ୍କ କାର୍ଯ୍ୟକ୍ରମ ଦର୍ଶାଇ ଯୁବନେତା ନୀଳମାଧବ ତାଙ୍କର ଉପସ୍ଥିତିକୁ ବିରୋଧ କରିଥିଲେ। ଏହା ଦଳୀୟ କାର୍ଯ୍ୟକ୍ରମ ହୋଇଥିବାରୁ ତାଙ୍କ ଯୋଗଦାନରେ ଅସୁବିଧା କେଉଁଠି ବୋଲି ପ୍ରତିଉତ୍ତରରେ କହିଥିଲେ। ଏହାକୁ ନେଇ ଯୁକ୍ତିତର୍କ ଓ କଥାକଟାକଟି ହୋଇଥିଲା। ଶେଷରେ ବରିଷ୍ଠ ନେତୃବୃନ୍ଦଙ୍କ ହସ୍ତକ୍ଷେପ ପରେ ସମ୍ମିଳନୀ ସ୍ୱାଭାବିକ ଭାବେ ଚାଲିଥିଲା। ଅଜୁ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପରୋକ୍ତ ନେତାଙ୍କ ବ୍ୟତିତ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଇଂ ରାଜେଶ ମହାକୁଡ ତଥା ସମସ୍ତ ମଣ୍ଡଳ ସଭାପତି ମାନେ ଉପସ୍ଥିତ ଥିଲେ।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ଭୋଗରାଇ, ୨୫।୧(ସମିସ) :** ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ)ରେ ଆୟୋଜିତ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅବସରରେ ଆଲୋଚନାଚକ୍ର ଓ ଉଦଯାପନୀ ସଭା ଅନୁଷ୍ଠିତ ହୋଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଫେବୃୟାରୀ ମାସରେ ଅନୁଷ୍ଠିତ ହେବାକୁ ଥିବା 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ଏବଂ 'ଜଗନ୍ନାଥ ସଂସ୍କୃତି' ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଓ ଗ୍ରାମ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଆରଆଇଏଚଏସ)ରେ ଆୟୋଜିତ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା'ର ଉଦଯାପନୀ ଦିବସର ପୂର୍ବାହ୍ନରେ ଅନୁଷ୍ଠିତ 'ବିଶ୍ୱ ଦରବାରରେ ଜଗନ୍ନାଥ ସଂସ୍କୃତି' ଓ 'ସାମ୍ପ୍ରତିକ ସମୟରେ ଓଡ଼ିଆ ଭାଷାର ସ୍ଥିତି' ଶୀର୍ଷକ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ କେଦାର ସିଂ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ତଥା ଭଦ୍ରକ ଜିଲ୍ଲା ଧାମନଗର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପବିତ୍ର ମୋହନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଜଙ୍ଗଲ ବିଭାଗର ଅବସରପ୍ରାପ୍ତ ରେଞ୍ଜର କବି ସୁକୁମାର ଦାସ ଓ ସମ୍ମାନିତ ବକ୍ତା ଭାବେ ସାଳନ୍ଦୀ ପୁସ୍ତକ ମେଳାର ସମ୍ପାଦକ ତଥା ସାରସ୍ୱତ ସାଧକ ଅଭିଜିତ ନାୟକ ଯୋଗ ଦେଇ ସମଗ୍ର ବିଶ୍ୱବାସୀଙ୍କୁ ଜଗନ୍ନାଥ ସଂସ୍କୃତି କିପରି ଏକସୂତ୍ରରେ ବାନ୍ଧି ରଖିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ।

ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ସଭାରେ ଅଧ୍ୟକ୍ଷ ଶ୍ରୀ ଦାସ ଅଧ୍ୟକ୍ଷତା କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ଡ. କୁମାର ଗୋପାଳ, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି ଯୋଗ ଦେଇ ଜଗନ୍ନାଥ ସଂସ୍କୃତିର ବହୁ ଗୁଢ ତଥ୍ୟ ଉପସ୍ଥାପନ କରିବା ସହିତ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। 'ନୂଆ-ଓ' କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ. ଧୀରେନ୍ଦ୍ର ଜେନା, 'ନୂଆ-ଓ' ଓଡିଆ ଭାଷା ପ୍ରତିଯୋଗିତାର ନୋଡାଲ ଅଫିସର ଅଧ୍ୟାପକ ଚତୁର୍ଭୁଜ ଘଡାଇ, ସହକାରୀ ନୋଡାଲ ଅଫିସର ଅଧ୍ୟାପିକା ଗୀତାରାଣୀ ଦାସ ଓ ଅଧ୍ୟାପିକା ଡ. ବନ୍ଦିତା ରାଣୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଦିଲ୍ଲୀପ ଜେନା, ଅଧ୍ୟାପକ ମନୋଜ ହୁଇ, ନୟନ ପ୍ରଧାନ, ହରେନ୍ଦ୍ର ନାରାୟଣ ବେହେରା, ଡ. ଅନୁପ ସାମଲ, ବ୍ରଜବିହାରୀ ପତି, ଦେବାଶିଷ ପଣ୍ଡା, ଡ. ସୁସ୍ମନ୍ତ ଦ୍ୱିବେଦୀ, ପ୍ରଦୀପ ଜେନା, ସୁବାସ ମହାପାତ୍ର, ଅମିତ ଚାନ୍ଦ, ସୁରଥ ଚାନ୍ଦ, ପ୍ରଶାନ୍ତ ଦାସ, ପ୍ରଶାନ୍ତ ଜେନା, ଅଜୟ କୁଣ୍ଡୁ, ଦୁଷ୍ମନ୍ତ ଦାସ, ରାମକୃଷ୍ଣ ଦାସ, ଦୀନକୃଷ୍ଣ ଗିରି, ପୂର୍ଣ୍ଣଚନ୍ଦ୍ର ବେହେରା, ଚନ୍ଦ୍ରଶେଖର ରଣା, ଅଧ୍ୟାପିକା ତ୍ରିବେଣୀ ଧଡା, ସୁଶୀଳା ମିଶ୍ର, ପ୍ରୀତିରାଣୀ ସେଠୀ, ସୁଚିସ୍ମିତା କର, ନିରୁପମା ଚାନ୍ଦ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଆର୍ଥିକ ପ୍ରୋତ୍ସାହନ ଦେଇ ପୁରସ୍କୃତ କରାଯାଇଥିଲା।

● ପଞ୍ଚାୟତ କାମରେ ୱାର୍ଡମେମ୍ବରଙ୍କୁ ଗୁରୁତ୍ୱ ନଦେବା ଅଭିଯୋଗ

## ଆପୋସ ବୁଝାମଣା ପରେ ପଞ୍ଚାୟତରୁ ଖୋଲିଲା ତାଲା

**ସୋର, ୨୫।୧(ସମିସ) :** ସୋର ବ୍ଲକ ପାଖର ପଞ୍ଚାୟତରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ କିଛି ୱାର୍ଡ ମେମ୍ବର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିବା ଜଣାପଡ଼ିଛି। ପଞ୍ଚାୟତର ୱାର୍ଡ ମେମ୍ବରମାନଙ୍କ ଅଭିଯୋଗ ଅନୁସାରେ ଗତ ଦୁଇବର୍ଷ ଧରି ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ୱାର୍ଡ ମେମ୍ବର ମାନଙ୍କୁ କୌଣସି ପ୍ରକାର ଗୁରୁତ୍ୱ ଦେଉନାହାନ୍ତି। ଏହାଛଡା ରିଜଲେସନ ଖାତାରେ ଫାଙ୍କାରେ ଦସ୍ତଖତ ନେଇ ବିଭିନ୍ନ ପ୍ରକାର ଅନିୟମିତତା କରୁଛନ୍ତି। ଯାହାକୁ ନେଇ ସେମାନେ ଗତ ଡିସେମ୍ବର ମାସରେ ସୋର ବିଡ଼ିଓ ଏବଂ ଗତ ୨୨ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଆଜି ୱାର୍ଡମେମ୍ବର ଅକ୍ଷୟ କୁମାର ମହାନ୍ତି, ଭାଗିରଥି ଗୋଛାୟତ, ଶ୍ରୀଧର ମଲିକ, ତିଳତ୍ତମା ମଲିକ, ସଞ୍ଜୁଲତା ନାୟକ, ଲକ୍ଷ୍ମୀମଣି ନାୟକ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ପଞ୍ଚାୟତର ସରପଞ୍ଚଙ୍କ ମତାମତ ନେବାରୁ ସେ ଏହାକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଥିଲେ। ଦୀର୍ଘ ସମୟ ଚାବି ପଡ଼ିବା ପରେ ଆପୋଷ ବୁଝାମଣା ହେବାରୁ ପଞ୍ଚାୟତ ତାଲା ଖୋଲାଯାଇଥିଲା। ତେବେ କାର୍ଯ୍ୟରତ ପିଇଓ ଉତ୍କଳମଣି ନାୟକଙ୍କୁ କେଦାରପୁର ପଞ୍ଚାୟତକୁ ବଦଳି କରାଯାଇଥିବା ଜଣାପଡ଼ିଛି।

## ନେତାଜୀ କ୍ଲବର ବାର୍ଷିକ ଉତ୍ସବ

**ରୂପସା, ୨୫।୧ (ସମିସ):** ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା ନୟାପଡ଼ା ନେତାଜୀ ୟୁଥ କ୍ଲବ ଆନୁକୂଲ୍ୟରେ ୨୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କ୍ଲବ ସଭାପତି ରାଜୀବ କୁମାର ଦେଓବାବୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ, ମୁଖ୍ୟବକ୍ତା ସାହିତ୍ୟିକ କାଳୀକିଙ୍କର ଦାସ ଯୋଗ ଦେଇ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ଜିତେନ୍ଦ୍ର ମିଶ୍ର, ସାମ୍ବାଦିକ ବାଞ୍ଛାନିଧି ଦେ ଓ ସର୍ବେଶ୍ୱର ଜେନା, ସରପଞ୍ଚ ବରେନ୍ଦ୍ର ସେଠୀ, ଆଇନଜୀବୀ ଅମର ପାଲ, ଉପଦେଷ୍ଟା ଲକ୍ଷ୍ମୀଧର ଜେନା ପ୍ରମୁଖ ମଞ୍ଚାସିନ ଥିଲେ। କ୍ଲବ ସମ୍ପାଦକ ବଂଶୀଧର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ଅମୟ ଦାସ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ସାମ୍ବାଦିକ ବିଜୟ ଭୂୟାଁ, ସେକ ଅଜମତ, ନୃତ୍ୟଶିଳ୍ପୀ ସ୍ମୃତି ସରଗମ ସାହୁ ଓ ସୁହାନି ସାଇ ଜେନା, ସମାଜସେବୀ ରବୀନ୍ଦ୍ର ଜେନା ଓ ଅରୁଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଏସଏଚଜିର ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରାଯାଇ ଏକ ଷ୍ଟଲରେ ପ୍ରଦର୍ଶିତ ହୋଇଥିଲା। ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ ସହ ବୃକ୍ଷ ରୋପଣ କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ସୁଦାମ ଲେଙ୍କା, ସଂଯୋଜକ ଜଗନ୍ନାଥ ଜେନା, କୋଷାଧ୍ୟକ୍ଷ ଗଣେଶ ଚନ୍ଦ୍ର ସେଠୀ, ଶିବସୁନ୍ଦର ବେହେରା, ଅବିନାଶ ବେହେରା, ଜୟନ୍ତ ଜେନା, ନଗେନ ବାରିକଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ।

## ୟୁଏନ୍ କଲେଜରେ ଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଆଲୋଚନାଚକ୍ର

**ସୋର, ୨୫।୧(ସମିସ):** ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ନୂଆ ସଭାଗୃହରେ ଜଗନ୍ନାଥ ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଏକ ଆଲୋଚନା ଚକ୍ର କଲେଜ ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରସିଦ୍ଧ ପ୍ରବଚକ ଜିତୁ ଦାସ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ମୁଗ୍ଧ କରିଥିଲେ। ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରାଧ୍ୟାପକ ସୁଶାନ୍ତ କୁମାର ଦେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡ଼ିଆ ଭାଷା ସାହିତ୍ୟର ନୋଡାଲ ଅଫିସର ଅମ୍ବରୀଶ ଦିଣ୍ଡା ଜଗନ୍ନାଥ ସଂସ୍କୃତିର ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ମହାଳିକ ଏବଂ ଅଧ୍ୟାପିକା ରାଜଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସୁଶ୍ରୀ ଅଙ୍କିତା ଗିରି ଜଗନ୍ନାଥ ଅଷ୍ଟକମ୍ ସ୍ତୋତ୍ରମ୍ ପାଠ କରିଥିଲେ। ସ୍ୱପ୍ନାରାଣୀ ଦଳେଇ, ନମସ୍ୟା ମହାନ୍ତି ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କଲେଜ କର୍ମଚାରୀ ଓ ଛାତ୍ରଛାତ୍ରୀ ସୂର୍ଯ୍ୟକାନ୍ତ ମିଶ୍ର, ନରେନ୍ଦ୍ର ମହାଳିକ, କୃଷ୍ଣଚନ୍ଦ୍ର ଶଙ୍ଖୁଆ, ସରୋଜ ସାହୁ, ଶୁଭଶ୍ରୀ ସେଠୀ ଓ ରଚନା ଦାସ ଏହି ଆଲୋଚନା ଚକ୍ରକୁ ପରିଚାଳନାରେ ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୋଗରାଇ, ୨୫।୧ (ସମିସ) :** ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ୮ ଦିନିଆ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନାରାଣୀ ଭଞ୍ଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ ରେଡକ୍ରସ ଅଧିକାରୀ ଅଧ୍ୟାପକ ରାମଚନ୍ଦ୍ର ଭଞ୍ଜ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ସାଧନା ନାୟକ, ଅଧ୍ୟାପିକା ଜ୍ୟୋସ୍ନାରାଣୀ ନାୟକ, ଅଧ୍ୟାପକ ସରୋଜ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଯୋଜନା ଦ୍ୱାରା ଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ଏବଂ ସଙ୍କଟ ସମୟରେ ନିଜକୁ ନିଜେ ସୁରକ୍ଷିତ ରଖିପାରିବା ସହିତ ସେମାନଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୋଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ ତଥା ନୋଡାଲ କଲେଜ ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ୮ ଦିନିଆ ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ସୁଶ୍ରୀ ମନୋଶ୍ରୀ ଦଳାଇ ଏବଂ ସୁଶ୍ରୀ ସୌମ୍ୟଶ୍ରୀ ବିଶି ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ରାଜୀବ ଲୋଚନ ପରିଡ଼ା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ବଳରାମ ବିଶି ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶକ୍ତିପଦ ଜେନା ଧନ୍ୟବାଦ ଦେଇଥିଲେ।

## ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଜଳେଶ୍ୱର ବ୍ଲକ, ୨୫।୧ (ସମିସ) :** ବର୍ଦ୍ଧନାସ୍ଥିତ ଉତ୍ସବ ଚରଣ ଗାଜିଆଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଶ୍ୱ ଓଡ଼ିଆ ସାହିତ୍ୟ ତଥା ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଗୁରୁବାର ଉଦଯାପିତ ହୋଇଯାଇଛି। ଏହି ଉଦଯାପନି ଅବସରରେ କୃତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରା ଯାଇଥିଲା ତଥା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ହରିଶଙ୍କର ଦାସ, ସରକାରଙ୍କ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମ ନିମନ୍ତେ ଧନ୍ୟବାଦ ଅର୍ପଣ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ମାଧ୍ୟମରେ ପ୍ରତିଯୋଗିତା ମୂଳକ ମନୋଭାବ ସୃଷ୍ଟି ତଥା ଓଡ଼ିଆ ସାହିତ୍ୟ ଓ ସଂସ୍କୃତିଗତ ଚିନ୍ତାଧାରାର ବିକାଶ ହୋଇ ପାରିଛି ବୋଲି ତାଙ୍କ ବକ୍ତବ୍ୟରେ ଅଭିହିତ କରିଥିଲେ। ତତ୍ ପରେ ଅଧ୍ୟାପକ ହେମନ୍ତ ସାହୁ ଓ ଅଧ୍ୟାପିକା ଗୀତା ରାଣୀ ନାଏକ ତାଙ୍କ ବହୁ ମୂଲ୍ୟ ଉପଦେଶ ମାନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଜଗନ୍ନାଥ ନନ୍ଦୀ, ଅଧ୍ୟାପିକା ସସ୍ମିତା ଦାସ, ଶିକ୍ଷା କର୍ମଚାରୀ ଗଙ୍ଗା ନାରାୟଣ ଦାସ ମହାପାତ୍ର, ଚିତ୍ତ ରଞ୍ଜନ ଦାସ, ସୁନିଲ କୁମାର ମହାନ୍ତି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଖେଳ ଅଧ୍ୟାପକ ପରେଶ ଚନ୍ଦ୍ର କମିଳା ପରିଚାଳନା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି

**ରାଜବରହମପୁର, ୨୫।୧ (ସମିସ):** ବରହମପୁର ଥାନା ଅଧୀନସ୍ଥ ଆଁଳାପାଳ ଏବଂ ଡାଲିମ୍ବପାଳ ଶିବମନ୍ଦିରରୁ ଚୋରି ହୋଇଛି। କେହି ଦୁର୍ବୃତ୍ତ ମନ୍ଦିରର ଗ୍ରିଲ ଭାଙ୍ଗି ତମ୍ବା ନାଗ, ସୁନାର ନାଗ, ଘଣ୍ଟି, ଘଣ୍ଟା, ଦାନବାକ୍ସ, ପିତଳ ହୁଣ୍ଡି, ମାଇକ ମେସିନ୍ ଆଦି ବହୁ ସାମଗ୍ରୀ ଚୋରୀ ହୋଇଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଅନୁରୂପ ଭାବେ ଅଯୋଧ୍ୟା ନିକଟବର୍ତ୍ତୀ ଘାଗରା ନାଳ ନିକଟସ୍ଥ ତାରିଣୀ ମନ୍ଦିରରେ ମଧ୍ୟ ଦୁର୍ବୃତ୍ତ ମାନେ କଳାକନା ବୁଲାଇଥିବା ଜଣାପଡ଼ିଛି। ମା ତାରିଣୀଙ୍କ ସୁନାର ଚିତା, ରୂପାର ମୁକୁଟ, ହୁଣ୍ଡି ବାକ୍ସ, ନାନା ଅଳଙ୍କାର ସମେତ ବହୁ ଠାକୁର ସାମଗ୍ରୀ ଲୁଟି ନେଇଥିବା ସୂଚନା ମିଳିଛି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜଳେଶ୍ୱର ବ୍ଲକ, ୨୫।୧ (ସମିସ) :**




ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସୁଗୋ ପଞ୍ଚାୟତର ବାଣିଦା ଗ୍ରାମ ସ୍ଥିତ ଶ୍ରୀଅରବିନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି କର ପୌରୋହିତ୍ୟ କରି ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସଭାପତି ଚନ୍ଦନ ମହାପାତ୍ର ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମାନସ ଜେନା ଯୋଗଦେଇ ପ୍ରାଥମିକ ଶିକ୍ଷା ପ୍ରଦାନରେ ସରକାରଙ୍କ ଅନବରତ ପ୍ରୟାସ ଓ ବିଭିନ୍ନ ଯୋଜନାର ସଫଳ ରୂପାୟନ ଲାଗି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଯୋଗ ଦେଇ ପ୍ରାଥମିକ ବିଦ୍ୟାଳୟରେ କୁନି ଶିକ୍ଷାର୍ଥୀଙ୍କ ସୁନେଲି ଭବିଷ୍ୟତର ମୂଳଦୁଆ ପଡ଼ିଥାଏ ବୋଲି ଅଭିଭାଷଣ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ରାଜେନ୍ଦ୍ର ଦତ୍ତ ଯୋଗ ଦେଇ କୁନି କୁନି ରଙ୍ଗ ବେରଙ୍ଗର ପ୍ରଜାପତିରେ ପରିପୂର୍ଣ୍ଣ ଉଦ୍ୟାନ ସଦୃଶ ଅନୁଷ୍ଠାନରେ ଶିକ୍ଷକ ଓ ଅଭିଭାବକମାନେ ମାଳି ରୂପେ ଯତ୍ନଶୀଳ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପରିଡ଼ା, ପଞ୍ଚାୟତ ସମିତି ସଭ୍ୟା ଅନିତା ମହାନ୍ତି, ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ ଜେନା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ଞାନ ରଞ୍ଜନ ଦାସ ଓ ବରିଷ୍ଠ ସମାଜସେବୀ ସଞ୍ଜୟ କୁମାର ମହାନ୍ତି ମଞ୍ଚାସୀନ ଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ସହିତ ସେମାନଙ୍କର ମନଲୋଭା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ଅନିଲ ଜେନା, ମଣ୍ଟୁ ମାରାଣ୍ଡି, ସୁମିତ ସିଂ, ରଞ୍ଜନ ପାତ୍ର, ରାମ ଶଙ୍କର ସିଟ୍, ଶିକ୍ଷୟିତ୍ରୀ ରୁବିବାଳା ରାଜ, ମୀନାକ୍ଷୀ ବେହେରା, ଲିଜୋରିତା ଦାସ ମହାପାତ୍ର ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

■ ସାଇବର୍ ଠକଙ୍କୁ ସିମ୍‌କାର୍ଡ ବିକୁଥିଲେ

# ଧରାପଡ଼ିଲେ ୪ ପିଓଏସ୍ ଏଜେଣ୍ଟ

**କେନ୍ଦୁଝର, ୨୫ ।୧ (ସମିସ):**



ସାଇବର୍ ଠକେଇ ମାମଲାରେ କେନ୍ଦୁଝର ପୁଲିସକୁ ଗୁରୁବାର ଏକ ବଡ଼ ସଫଳତା ମିଳିଛି। ଲୋକଙ୍କୁ ଠକିବା ପାଇଁ ସାଇବର୍ ଅପରାଧୀମାନଙ୍କୁ ମୋବାଇଲ୍ ସିମ୍-କାର୍ଡ ଯୋଗାଣ କରୁଥିବା ଏକ ର୍‌ୟାକେଟ୍‌ର ୪ଜଣିଆ ଟିମ୍‌କୁ କେନ୍ଦୁଝର ପୁଲିସ ଗିରଫ କରିଛି।

- ■ ୪ ହଜାରରୁ ଅଧିକ ସିମ୍‌କାର୍ଡ ବିକିଛନ୍ତି
- ■ ୧୦ରୁ ଅଧିକ ରାଜ୍ୟରେ ରହିଛି ମାମଲା
- ■ ମୁଖ୍ୟ ଅଭିଯୁକ୍ତ ନାମରେ ୩୦୦ ମାମଲା
- ■ ୫୩୮ ସିମ୍‌କାର୍ଡ, ୧୮ ମୋବାଇଲ, ୫ଟି ବାୟୋମେଟ୍ରିକ ସ୍କାନର ଜବତ

ପୁଲିସ ସେମାନଙ୍କଠାରୁ ୫୩୮ରୁ ଅଧିକ ସିମ୍‌କାର୍ଡ, ୧୮ଟି ମୋବାଇଲ୍, ୫ଟି ବାୟୋମେଟ୍ରିକ୍ ସ୍କାନର ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତମାନେ ହେଲେ, କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଅଞ୍ଚଳ ଖଡ଼ିବିଲର ରାଜକିଶୋର ଜେନା(୨୩), ତପନ ଜେନା(୩୦), ସୁବ୍ରତ ଜେନା(୨୪) ଏବଂ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ସାଇଁକୁଳ ଗ୍ରାମର ପ୍ରଦୀପ ମିଶ୍ର(୩୨)। ଏମାନେ ସମସ୍ତେ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ଏଜେଣ୍ଟ ଭାବେ କାମ କରି ଜଣେ ଜଣେ ବ୍ୟକ୍ତିଙ୍କ ନାମରେ ଦୁଇରୁ ତିନିଟି ଲେଖାଏଁ ବିଭିନ୍ନ କମ୍ପାନୀର ସିମ୍‌କାର୍ଡ ବାହାର କରୁଥିଲେ। ଗ୍ରାହକମାନେ ଦେଉଥିବା ଆଧାରକାର୍ଡ, ଭୋଟର୍ କାର୍ଡକୁ ଦୁଇ ତିନୋଟି ଜେରକ୍ସ କରି ଭିନ୍ନଭିନ୍ନ କମ୍ପାନୀର ସିମ୍‌କାର୍ଡ ବାହାର କରୁଥିଲେ। ଗୋଟିଏ ସିମ୍‌କାର୍ଡ ଆବେଦନକାରୀଙ୍କୁ ଦେଇ ଅନ୍ୟ ସିମ୍‌କାର୍ଡଗୁଡ଼ିକୁ ଝାଡ଼ଖଣ୍ଡ, ବିହାର, ରାଜସ୍ଥାନ ସମେତ ବିଭିନ୍ନ ରାଜ୍ୟର ସାଇବର ଠକମାନଙ୍କୁ ସିମ୍ ପିଛା ୪/୫ ହଜାରରେ ବିକ୍ରୟ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ।

ଏହି ସିମ୍‌କାର୍ଡ ଜରିଆରେ ସାଇବର ଠକମାନେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିଛନ୍ତି। ମହାରାଷ୍ଟ୍ରରେ ଋଣମୁକ୍ତ ଲୋନ, ତେଲେଙ୍ଗାନାରେ ଇଲେକ୍ଟ୍ରିକ ବାଇକ୍ ଡିସ୍‌କାଉଣ୍ଟ ଏବଂ ଅନ୍ୟାନ୍ୟ ରାଜ୍ୟରେ ଏମିତି ଅଭିନବ ଉପାୟରେ ଠକିବା ପାଇଁ ସାଇବର ଠକ ଏହି ସିମ୍‌ଗୁଡ଼ିକର ବ୍ୟବହାର କରିଛନ୍ତି। ଏନେଇ ଉକ୍ତ ରାଜ୍ୟଗୁଡ଼ିକରେ ୩୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ତେବେ ଏହାର ଖୋଳତାଡ଼ ବେଳେ ଏହାର ମୁଖ୍ୟ ଖିଅ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡରେ ବୋଲି ପୁଲିସ ଜାଣିବାକୁ ପାଇଥିଲା। ସେତେବେଳକୁ ଏହି ସିମ୍‌କାର୍ଡ ଠକେଇ ଦଳ ଜିଲ୍ଲାର ୪ ହଜାରରୁ ଅଧିକ ବ୍ୟକ୍ତିଙ୍କ ନାମରେ ଏକାଧିକ ସିମ୍ ବାହାର କରି ସାଇବର ଠକଙ୍କୁ ବିକ୍ରୟ କରିସାରିଥିଲେ।

କେନ୍ଦୁଝର ପୁଲିସ ସାଇବର ଠକେଇ ପାଇଁ ସିମ୍ କାର୍ଡ ଯୋଗାଉଥିବା ମୁଖ୍ୟ କାର୍ପଟଦାର ସମେତ ଦଳକୁ ଗିରଫ କରିବାକୁ ଏସ୍‌ପିଙ୍କ ନିର୍ଦ୍ଦେଶରେ ପ୍ରବୋସନର୍ ଆଇପିଏସ୍ ରାମେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ସାଇବର ଥାନା ଅଧିକାରୀ ମୁନା ନାଏକ, ଏଏସଆଇ ଆଲୋକ ନାଏକ, ପୁଲିସ କର୍ମୀ ଦେବବ୍ରତ ବେହେରାଙ୍କୁ ନେଇ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁରୁବାର କେନ୍ଦୁଝର ପୁଲିସ ମୁଖ୍ୟାଳୟରେ ଏ ସମ୍ପର୍କରେ ଏସ୍‌ପି ନୀତୀନ କୁଶଲକର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇପିଏସ ପ୍ରବୋସନର ରାମେନ୍ଦ୍ର ପ୍ରସାଦଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

ସ୍ପିଡ୍ ଇଞ୍ଜିନ ଟ୍ରାଏଲ୍ ବେଳେ ଅଘଟଣ

# ରେଳ ଲାଇନ୍‌ରେ କଟି ୨ ମୃତ

**ରାୟଗଡ଼ା/କୋଲନରା,୨୫ ।୧ (ସମିସ):** ସ୍ପିଡ୍ ମେକର ଟ୍ରାଏଲ୍ ଇଞ୍ଜିନ ପରୀକ୍ଷା ବେଳେ ରାୟଗଡ଼ା କୋଲନରାରେ ଆଜି ଏକ ଅଘଟଣ ଘଟି ଦୁଇଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ଦେବଦଲଗୁଡ଼ା ଗାଁର ଆମିସିରାଓ ପୁଲାକା ଓ ଶିବାନା କାଡ୍ରାକା। ଦୁହିଁଙ୍କ ଘର ଚାନ୍ଦିଲି ଥାନା ଅନ୍ତର୍ଗତ ଦେବଦଲାଗୁଡ଼ା ଗ୍ରାମରେ। ନିର୍ମାଣାଧୀନ ଟ୍ରେନ୍ ଟ୍ରାକ୍‌ରେ କଟି ଦୁଇ ଜଣଯାକ ପ୍ରାଣ ହରାଇଛନ୍ତି। ଅପରପକ୍ଷେ ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦ୍ୱୟଙ୍କୁ ପରିବାରକୁ କ୍ଷତିପୂରଣ ଦାବିରେ ଗାଁ ଲୋକେ ଶବ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ, ଆରପିଏଫ୍, ରେଳ ବିଭାଗ ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର ସଞ୍ଜୀବ ଦୀକ୍ଷିତ, ଏସ୍‌ଏସ୍‌ପି ବିଷ୍ଣୁ ପାତ୍ର, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଗ୍ରାମବାସୀଙ୍କ ଆଲୋଚନା କରି ରେଳ ବିଭାଗ ତରଫରୁ ଉଭୟ ପରିବାରକୁ ୩ଲକ୍ଷ ୫୦ ହଜାର ଏବଂ ରେଡକ୍ରସ ତରଫରୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ସୂଚନାନୁସାରେ, ରାୟଗଡ଼ା ଜିଲ୍ଲା ସିଂପୁରରୋଡ ଓ ରାୟଗଡ଼ା ରେଳ ଷ୍ଟେସନ ମଧ୍ୟରେ ସ୍ଥାନୀୟ ଦେବଦଲଗୁଡ଼ାସ୍ଥିତ ରେଳବାଇର ତୃତୀୟ ଲାଇନ ନିର୍ମାଣ କାର୍ଯ୍ୟ ଚାଲିଛି। ଉକ୍ତ ରେଳପଥରେ ଆଜି ସ୍ପିଡ୍-ମେକର୍ ଟ୍ରାଏଲ୍ ଇଞ୍ଜିନ୍ ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷା ବେଳେ ଆମିସିରାଓ ଓ ଶିବାନା ରେଳଧାରଣାକୁ ଚାଲି ଆସିବାରୁ ଟ୍ରେନ୍ ଇଞ୍ଜିନ ଧକ୍କାରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ତୃତୀୟ ଲାଇନ ପାର୍ଶ୍ୱରେ ଅନେକ ଲୋକଙ୍କ ଚାଷଜମି ରହିଛି। ନିଜର ପେଟ ପାଟଣା ପାଇଁ ଅନେକ ସମୟରେ ଜମିକୁ ଯାଇଥାନ୍ତି। କିନ୍ତୁ ସ୍ପିଡ୍-ମେକର ଟ୍ରାଏଲ ଇଞ୍ଜିନ ପରୀକ୍ଷା ପୂର୍ବରୁ ସୂଚନା ଦିଆଯାଇନଥିବାରୁ ଆଜି ଏଭଳି ଅଘଟଣ ଘଟିଲା।




# ଦୁର୍ଘଟଣାରେ ୨ ଡିପ୍ଲୋମା ଛାତ୍ରଙ୍କ ମୃତ୍ୟୁ

**ଟାଙ୍ଗୀ,୨୫ ।୧(ସମିସ):** ଗୁରୁବାର ଅପରାହ୍ଣରେ ୧୬ନଂ ଜାତୀୟ ରାଜପଥ ଟାଙ୍ଗୀ ଥାନା ଗୋବିନ୍ଦପୁର ଛକ ନିକଟରେ ସଡ଼କ ଦୁର୍ଘଟଣା ଘଟି ଦୁଇଜଣ ଡିପ୍ଲୋମା ଛାତ୍ରଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, କଟକ ଜିଲ୍ଲା ମାହାଙ୍ଗା ଥାନା କୋଳିଅଠା ଗ୍ରାମର ସତ୍ୟବ୍ରତ ରାମ (୧୮) ଓ ଗୌଡ଼ଗୋପ ଗ୍ରାମର ନୀହାର ରଞ୍ଜନ ପ୍ରଧାନ(୧୮) ଟାଙ୍ଗୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଡ୍ରିମ୍ସରେ ମେକାନିକାଲ ଡିପ୍ଲୋମା ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଗୁରୁବାର ବ୍ୟାକ୍-ପେପର୍ ପରୀକ୍ଷା ଦେବା ନିମନ୍ତେ ଟାଙ୍ଗୀ ଆସିଥିଲେ। ପରୀକ୍ଷା ଶେଷ ପରେ ଦୁହେଁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲଶ। ଦ୍ରୁତଗତି ଯୋଗୁଁ ଭାରସାମ୍ୟ ହରାଇ ରାଜପଥ ଓଭରବ୍ରିଜ ବାଡ଼ାରେ ପିଟି ହୋଇଯାଇଥିଲେ। ବାଇକ୍ ସହ ଛିଟିକି ପଡ଼ିବାରୁ ଉଭୟଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ତୁରନ୍ତ ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ଜଣକର ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟଜଣେ ପ୍ରାଣ ହରାଇଥିଲେ। ମେଡିକାଲରେ ପୁଲିସ ପହଞ୍ଚି ଦୁଇଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# ପୁଲିସ୍ ପୋଡ଼ିଲା ୬୫୦୦ ଗଞ୍ଜେଇ ଗଛ

**ଖଇରପୁଟ, ୨୫ ।୧ (ସମିସ):** ମାଲକାନଗିରି ଜିଲ୍ଲା ସୋମନାଥପୁର ପଞ୍ଚାୟତ ଅଧୀନରେ ଥିବା ହାତିଆମ୍ବ ଗ୍ରାମ ନିକଟରେ ବେଆଇନ ଭାବେ ହୋଇଥିବା ବିପୁଳ ଗଞ୍ଜେଇ ଚାଷକୁ ଆଜି ଓର୍କେଲ ପୁଲିସ ନଷ୍ଟ କରିଛି। ପ୍ରାୟ ୬୫୦୦ରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛକୁ ପୁଲିସ ଟିମ୍ କାଟି ଜାଳି ଦେଇଛି। ନଷ୍ଟ ଗଞ୍ଜେଇର ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୁଲିସ କହିଛି। ମିଳିଥିବା ସୂଚନାନୁଯାୟୀ, ହାତିଆମ୍ବ ଗ୍ରାମ ନିକଟରେ ବିପୁଳ ଗଞ୍ଜେଇ ଚାଷ ହୋଇଥିବା ନେଇ ଓର୍କେଲ ପୁଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ସବ୍-ଇନ୍ସପେକ୍ଟର୍ ଅଜିତ ସିଂ ବରିହା, ନରେନ୍ଦ୍ର ଭତରା, ମିଲନ୍ ବରିହା ଏବଂ ଅନ୍ୟ ପୁଲିସ କର୍ମଚାରୀଙ୍କୁ ନେଇ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲେ। ଏହି ସମୟରେ ପୁଲିସ ଟିମ୍ ସେଠାରେ ହୋଇଥିବା ବିପୁଳ ଗଞ୍ଜେଇ ଚାଷକୁ କାଟି ନଷ୍ଟ କରିବା ସହ ଗଞ୍ଜେଇ ଚାଷ ନକରିବା ପାଇଁ ସ୍ଥାନୀୟ ଲୋକଙ୍କୁ ପରାମର୍ଶ ଦେଇଥିଲେ।



# କୋହଲି ୪ର୍ଥଥର ଶ୍ରେଷ୍ଠ ଦିନିକିଆ କ୍ରିକେଟର

**ଦୁବାଇ, ୨୫ ।୧(ଏଜେନ୍ସି):** ଭାରତୀୟ ବ୍ୟାଟିଂ ସୁପରଷ୍ଟାର କୋହଲି ୨୦୨୩ ବର୍ଷ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ଶ୍ରେଷ୍ଠ ଦିନିକିଆ କ୍ରିକେଟର (କ୍ରିକେଟର ଅଫ୍ ଦି ଇୟର) ବିବେଚିତ ହୋଇଛନ୍ତି। ଏହି ପୁରସ୍କାର ଦୌଡ଼ରେ ଯୁବ ଭାରତୀୟ ବ୍ୟାଟର ଶୁବମାନ ଗିଲ ଓ ଦ୍ରୁତ ବୋଲର ମହମ୍ମଦ ସାମି ଓ ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ସାମିଲଥିଲେ। ତେବେ ସେ ଏମାନଙ୍କୁ ପଛରେ ପକାଇ ୪ର୍ଥଥର ପାଇଁ ଏହି ପୁରସ୍କାର ଜିତିଛନ୍ତି। ପୂର୍ବରୁ କୋହଲି ୨୦୧୨, ୨୦୧୭ ଓ ୨୦୧୮ରେ ଏହି ସମ୍ମାନ ହାସଲ କରିଥିଲେ।



୨୦୨୩ରେ କୋହଲି ୨୭ଟି ଦିନିକିଆ ମ୍ୟାଚ୍ ଖେଳି ୫୧ ହାରରେ ୧୩୭୭ ରନ ସଂଗ୍ରହ କରିଥିଲେ। ଏଥିରେ ୬ ଶତକ ଓ ୮ଟି ଅର୍ଦ୍ଧଶତକ ସାମିଲ ରହିଥିଲା। ଭାରତରେ ଅନୁଷ୍ଠିତ ୨୦୨୩ ବିଶ୍ୱକପ୍‌ରେ ସେ ଦମ୍‌ଦାର ପ୍ରଦର୍ଶନ କରି ୧୧ଟି ପାଳିରୁ ୭୬୫ ରନ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବୁଧବାର ସୂର୍ଯ୍ୟକୁମାର ଯାଦବ ଆଇସିସି ଟି-୨୦ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଥିଲେ।

# ଆଜିଠୁ ଡ୍ରିମ୍ସରେ ଓଡ଼ିଶା-ହିମାଚଳ ରଣଜୀ

**କଟକ, ୨୫।୧(ସମିସ):** ରଣଜୀ ଟ୍ରଫିର ୪ର୍ଥ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡର ଘରୋଇ ପରିବେଶରେ ଓଡ଼ିଶା ଦଳ ହିମାଚଳପ୍ରଦେଶକୁ ଭେଟିବ। ଏଲିଟ ଗ୍ରୁପ-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଏବଂ ହିମାଚଳପ୍ରଦେଶର ସ୍ଥିତି ସମାନ ରହିଛି। ଉଭୟ ୩ଟି ଲେଖାଏ ମ୍ୟାଚ୍‌ରୁ ୨ଟି ପରାଜୟ ଏବଂ ଗୋଟିଏ ଲେଖାଏ ଅମୀମାଂସିତ ଫଳାଫଳ ବଳରେ ୩ ପଏଣ୍ଟ ହାସଲ କରିଛନ୍ତି। ଏଣୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ମ୍ୟାଚ୍‌ରେ ଉଭୟ ଦଳ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ। ଘରୋଇ ପରିବେଶରେ ପ୍ରଥମ ବିଜୟ ଲକ୍ଷ୍ୟ ରଖିଛି ଓଡ଼ିଶା। ତେବେ ଡ୍ରିମ୍ସ ଗ୍ରାଉଣ୍ଡରେ ପ୍ରସ୍ତୁତ ପିଚ୍ ପେସ୍ ବୋଲିଂକୁ ଅଧିକ ସୁହାଇବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଦଳକୁ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ମଧ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କୁ ହିମାଚଳ ବିପକ୍ଷ ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶରେ ଦେଖିବାକୁ ମିଳିବ। ଅଙ୍କିତ କାଲସିଙ୍କ ନେତୃତ୍ୱାଧୀନ ହିମାଚଳପ୍ରଦେଶ ବିପକ୍ଷ ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ଏତଦବ୍ୟତୀତ ଏହି ଦୁଇ ଦଳ ଗତ ୧୮ ବର୍ଷ ଭିତରେ ୫ଥର ମୁହାଁମୁହିଁ ହୋଇଛନ୍ତି। ହିମାଚଳପ୍ରଦେଶ ଦୁଇଥର ଜିତିଥିବା ବେଳେ ୩ଟି ମ୍ୟାଚ୍ ଅମୀମାଂସିତ ରହିଛି।

# ବିଜୟ ବାହାଦୂର ସିଂ ଟ୍ରଫି ୨୭ରୁ

**ଭୁବନେଶ୍ୱର, ୨୫ ।୧ (ସମିସ):** ସମ୍ବଲପୁରର ବର୍ଷିଆନ କ୍ରୀଡ଼ା ସଂଘ ପକ୍ଷରୁ ଶନିବାରଠାରୁ ଆନ୍ତଃଜିଲ୍ଲା ଫୁଟ୍‌ବଲ ପ୍ରତିଯୋଗିତା ଆରମ୍ଭ ହେବ। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ପଶ୍ଚିମ ଓଡ଼ିଶାର ୧୦ ଜିଲ୍ଲା କ୍ରୀଡ଼ା ସଂଘ ଅଂଶଗ୍ରହଣ କରିବେ।




ସ୍ୱର୍ଗତ ବିଜୟ ବାହାଦୂର ସିଂ ଓ ଭୀମସେନ ଛତର

ଫେବ୍ରୁଆରୀ ୪ରେ ଉଦ୍‌ଯାପିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଚାମ୍ପିଅନ ଦଳକୁ ବିଜୟ ବାହାଦୂର ସିଂ (ବଚନ) ଓ ଉପବିଜେତା ଦଳକୁ ଭୀମସେନ ଛତର ଟ୍ରଫି ପ୍ରଦାନ କରାଯିବ ବୋଲି ବର୍ଷୀୟାନ କ୍ରୀଡ଼ା ସଂଘ ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୧୯୫୭ରେ ଜନ୍ମିତ ବାହାଦୂର ସିଂ ଜିଲ୍ଲା ତଥା ରାଜ୍ୟର ଜଣେ ଜଣାଶୁଣା ଫୁଟ୍‌ବଲ ଖେଳାଳି ଥିଲେ। ସେ ସମ୍ବଲପୁର ଜିଲ୍ଲା ସମେତ ୧୯୮୦ରେ କଟକରେ ଅନୁଷ୍ଠିତ ସର୍ବଭାରତୀୟ ପ୍ରତିଯୋଗିତା ସନ୍ତୋଷ ଟ୍ରଫିରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୨୦ ଜୁଲାଇରେ ସେ ଇହଲୀଳା ସମ୍ବରଣ କରିଥିଲେ। ସେହିଭଳି ସ୍ୱର୍ଗତ ଭୀମସେନ ଛତର ମଧ୍ୟ ଜଣେ ପ୍ରତିଷ୍ଠିତ ଫୁଟ୍‌ବଲ ଖେଳାଳି ଥିଲେ।

# ତମାଣ୍ଡୋ ପ୍ରିମିୟର୍ ଲିଗ୍: କୁମାରବସ୍ତ ବିଜୟୀ

**ଭୁବନେଶ୍ୱର, ୨୫ ।୧ (ସମିସ):** କୁମାରବସ୍ତର ରାଇଜିଂ ଷ୍ଟାର୍ ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର୍ ଲିଗ୍‌ରେ କ୍ରମାଗତ ବିଜୟ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ କୁମାରବସ୍ତ ୭ ୱିକେଟ୍‌ରେ ଇଗଲ୍ ସ୍ପୋର୍ଟିଂ (ମେଣ୍ଢାଶାଳ)କୁ ପରାସ୍ତ କରିଛି। ଶନିବାର ରାଇଜିଂ ଷ୍ଟାର୍ ଓ ଏସ୍‌ଜି ସ୍ପୋର୍ଟିଂ (ସୁନ୍ଦରଗ୍ରାମ) ମଧ୍ୟରେ ମୁକାବିଲା ହେବ। ଗୁରୁବାର ମ୍ୟାଚରେ ଇଗଲ୍ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ୧୫୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରତିପକ୍ଷ ବୋଲର ଅସୀମାନନ୍ଦ ଦଳବେହେରା ୩ ଓ ଏସ୍. ଚାମିଣ୍ଡା ୨ଟି ୱିକେଟ୍ ନେଇଥିଲେ। ଜବାବରେ ଶୁଭେନ୍ଦୁ ପ୍ରଧାନଙ୍କ ୩୯ ବଲରେ ୮୭ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ସହାୟତାରେ ରାଇଜିଂ ଷ୍ଟାର୍ ୩ ୱିକେଟ୍ ହରାଇ ୧୨.୩ ଓଭରରେ ସହଜ ବିଜୟ ଲାଭ କରିଥିଲା। ଅତିଥି ଦେବାଶିଷ ସ୍ୱାଇଁ ଶୁଭେନ୍ଦୁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

# କଳିଙ୍ଗ ସୁପର କପ୍ | ଫାଇନାଲରେ ଓଡ଼ିଶା ଏଫ୍‌ସି



ବିଜୟ ହାସଲ ପରେ ଉତ୍ସାହିତ ଓଡ଼ିଶା ଏଫ୍‌ସିର ଖେଳାଳି। (ଫଟୋ- ବୁଲୁ)

**ଭୁବନେଶ୍ୱର, ୨୫ ।୧(ସମିସ)**

ଏଠାରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଆସନ୍ତା ରବିବାର ଫାଇନାଲ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ପରସ୍ପରକୁ ଭେଟିବେ। ଗୁରୁବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ୧-୦ ଗୋଲରେ ଅନ୍ୟତମ ଫେବରାଇଟ୍ ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛି। ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଇଷ୍ଟ ବେଙ୍ଗଲ ୨-୦ ଗୋଲରେ ଜାମସେଦପୁର ଏଫ୍‌ସିକୁ ହରାଇ ଫାଇନାଲକୁ ଉଠିଥିଲା।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ମୁଖ୍ୟ ପିଚ୍‌ରେ ଅନୁଷ୍ଠିତ ଏହି ନିର୍ଣ୍ଣାୟକ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ୪୪ତମ ମିନିଟ୍‌ରେ ଓଡ଼ିଶାର ତାରକା ଷ୍ଟ୍ରାଇକର ଡିଏଗୋ ମୌରିସିଓ ପେନାଲ୍ଟି କର୍ଣ୍ଣର ମାଧ୍ୟମରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ଓଡ଼ିଶାର ମଧ୍ୟଭାଗ ଖେଳାଳି ଆଇଜାକ ଭାନଲାଲରୁଆତଫେଲା ଉଲ୍ଲେଖନୀୟ ପ୍ରଦର୍ଶନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ଉଭୟ ଦଳ ଗ୍ରୁପ୍ ପର୍ଯ୍ୟାୟରେ ସେମାନଙ୍କ ୩ଟି ଯାକ ମ୍ୟାଚ୍ ଜିତି ସେମି ଫାଇନାଲରେ ପ୍ରବେଶ କରିଥିଲେ। ମ୍ୟାଚ୍‌ରେ ମୁମ୍ବାଇ ୩ଜଣ ଖେଳାଳିଙ୍କୁ ରେଫରି ରେଡ୍ କାର୍ଡ ଦେଖାଇଥିଲେ। ଫଳରେ ମୁମ୍ବାଇ ୮ଜଣ ଖେଳାଳିଙ୍କ ସହ ସଂଘର୍ଷ କରିଥିଲା। ଓଡ଼ିଶା ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଉଭୟ ଦଳ ମ୍ୟାଚ୍‌ରେ ଏକାଧିକ ସୁଯୋଗ ପାଇଥିଲେ।

**୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍**

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ



ମୁସିର ଖାନ୍

**ବ୍ଲୋଏମଫୋଣ୍ଟେନ, ୨୫ ।୧(ଏଜେନ୍ସି):** ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ଭାରତ ଗୁରୁବାର ୨୦୧ ରନରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଭାରତର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ଭାରତର ମୁସିର ଖାନ୍ ୧୧୮ ରନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପୂର୍ବରୁ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୮୪ ରନରେ ପରାସ୍ତ କରିଥିଲା। ଏହି ମୁକାବିଲାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟ ହରାଇ ୩୦୧ ରନ କରିଥିଲା। ମୁସିରଙ୍କ ଶତକ (୧୦୮ ରନ, ୧୦୬ବଲ, ୯ ଚୌକା, ୪ ଛକା)କୁ ବାଦ୍ ଦେଲେ ଅଧିନାୟକ ଉଦୟ ସରଣ ୭୫ରନ ସଂଗ୍ରହ କରିଥିଲେ। ଜବାବରେ ଆୟର୍ଲାଣ୍ଡ ୧୦୦ ରନକରି ଅଲଆଉଟ ହୋଇଥିଲା। ଭାରତର ନମନ ତିୱାରୀ ୪ ୱିକେଟ ନେଇଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଓଡ଼ିଶା ସ୍ପୋର୍ଟ୍ସ: ଏ ଷ୍ଟୋରୀ ଅଫ୍ ହୋପ୍ ଆଣ୍ଡ ଗ୍ଲୋରୀ' ପୁସ୍ତକକୁ ଗୁରୁବାର ଉନ୍ମୋଚନ କରୁଛନ୍ତି। ବରିଷ୍ଠ କ୍ରୀଡ଼ା ସମ୍ବାଦିକ ତଥା ଏହି ପୁସ୍ତକର ସହ-ଲେଖକ ବୋରିଆ ମଜୁମଦାର ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭିନିଲ କ୍ରିଷ୍ଣା ଏହି ଅବସରରେ ଉପସ୍ଥିତ ଅଛନ୍ତି। ଏଥିରେ ରାଜ୍ୟ କ୍ରୀଡ଼ା ଯାତ୍ରାର ଗୌରବମୟକୁ ଗାଥାକୁ ସବିଶେଷ ଭାବେ ଉଲ୍ଲେଖ କରିବାକୁ ପ୍ରୟାସ କରାଯାଇଛି।

# ଆଇଏମ୍ ଟ୍ରେନିଂ ଶିବିରରେ ଭାଗନେଲେ ୬୫ ଚେସ୍ ଖେଳାଳି

**ଭୁବନେଶ୍ୱର, ୨୫ ।୧ (ସମିସ):** ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ 'ଚେସ୍ ରିପବ୍ଲିକ ପ୍ରୋଚେଷ୍ଟା' ଅନୁଷ୍ଠିତ ହୋଇଯାଇଛି। ଆଗାମୀ ପ୍ରତିଯୋଗିତା ଲାଗି ଯୁବ ଚେସ୍ ଖେଳାଳିଙ୍କୁ ଅଭ୍ୟାସ ଯୋଗାଇଦେବା ଏହାର ମୁଖ୍ୟ ଲକ୍ଷ୍ୟ ରହିଥିଲା। 'ପ୍ରୋଚେଷ୍ଟା ଏକାଡେମୀ'ର ପ୍ରଶିକ୍ଷାର୍ଥୀଙ୍କ ସମେତ ୬୫ଜଣ ଇଣ୍ଟରନ୍ୟାସନାଲ ମାଷ୍ଟର୍ସ (ଆଇଏମ୍) ଖେଳାଳି ଏହି ୩ ଦିନିଆ ଶିବିରରେ ଅଂଶଗ୍ରହଣ କରିଥିଲେ। ଫିଡେ ମାଷ୍ଟର୍ସ ସୌମ୍ୟରଞ୍ଜନ ମିଶ୍ରଙ୍କ ତତ୍ତ୍ୱବଧାନରେ ଆଇଏମ୍ ଏସ୍. ସତ୍ୟପ୍ରଜ୍ଞ, ଆଇଏମ୍ ପି. କୋଙ୍ଗୁଭେଲଙ୍କ ଦ୍ୱାରା ଏହି ଶିବିର ପରିଚାଳିତ ହୋଇଥିଲା। ଅଭିଜ୍ଞ ଟ୍ରେନର ତଥା କ୍ୟାଣ୍ଡିଡେଟ୍ ମାଷ୍ଟର ରାଜେନ୍ଦ୍ର ସାହୁ ଓ ସୁବାସ ଶତପଥୀ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ଗୁରୁବାର ଏକ ବ୍ଲିଜ ଟୁର୍ଣ୍ଣାମେଣ୍ଟ ଆୟୋଜିତ କରାଯାଇଥିଲା। କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ।




**୨୮ରୁ ସୋଆ ଅନ୍ତର୍ଜାତୀୟ ଚେସ୍ ଉତ୍ସବ**

# ପୁରସ୍କାର ରାଶି ୩୫ ଲକ୍ଷ; ଯୋଗଦେବେ ୯ ଗ୍ରାଣ୍ଡମାଷ୍ଟର୍ସ

**ଭୁବନେଶ୍ୱର, ୨୫ ।୧ (ସମିସ):** ଆଉ ଏକ ବିଶ୍ୱସ୍ତରୀୟ ଚେସ୍ ପ୍ରତିଯୋଗିତା ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାରଠାରୁ 'ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡ ମାଷ୍ଟର୍ସ ଚେସ୍ ଉତ୍ସବ'ର ପ୍ରଥମ ସଂସ୍କରଣ ଆରମ୍ଭ ହେବ। ଏହି ମେଗା ଚେସ୍ ଉତ୍ସବରେ ୯ଜଣ ଗ୍ରାଣ୍ଡମାଷ୍ଟର୍ସ (ଜିଏମ୍) ଓ ୨୪ଜଣ ଇଣ୍ଟରନ୍ୟାସନାଲ ମାଷ୍ଟର୍ସ (ଆଇଏମ୍) ସାମିଲ ହେବେ ବୋଲି ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ସୋଆ ସହଯୋଗରେ ଏଓସିଏ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୩୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଫେବ୍ରୁଆରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିବାକୁ ଥିବା ଏହି ଚେସ୍ ଉତ୍ସବରେ ଆୟୋଜକ ଭାରତ ସମେତ ୧୪ଟି ଦେଶର ୭୦୦ରୁ ଉର୍ଦ୍ଧ୍ୱ ଖେଳାଳି ଭାଗନେବେ। ଏମାନଙ୍କ ମଧ୍ୟରେ ୫୩ଜଣ ଟାଇଟଲଧାରୀ ଖେଳାଳି



ରହିଛନ୍ତି। ସେହିଭଳି ଖେଳାଳିମାନଙ୍କୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି। ୨୦୦୦ରୁ ଉର୍ଦ୍ଧ୍ୱ ରେଟିଂର ଖେଳାଳିଙ୍କୁ କାଟାଗୋରୀ-ଏ, ୧୯୯୯ ରେଟିଂରୁ ତଳକୁ ଖେଳାଳିଙ୍କୁ କାଟାଗୋରୀ-ବି ଓ କାଟାଗୋରୀ-ସି'ରେ ୧୬୦୦ରୁ କମ୍ ରେଟିଂ ରହିଥିବା ଖେଳାଳିଙ୍କୁ ରଖାଯାଇଛି। କାଟାଗୋରୀ-ଏ ନିମନ୍ତେ ମୋଟ୍ ପୁରସ୍କାର ରାଶି ୨୦ ଲକ୍ଷ ଏବଂ କାଟାଗୋରୀ-ବି ଓ ସି' ପାଇଁ ୭.୫ ଲକ୍ଷ ଟଙ୍କା ରଖାଯାଇଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଛନ୍ତି। ଏହି ୮ ଦିବସୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା ୯ଜଣ ଗ୍ରାଣ୍ଡମାଷ୍ଟର୍ସଙ୍କ ମଧ୍ୟରୁ ଭାରତର ୫ଜଣ ରହିଛନ୍ତି। ସେହିଭଳି ୨୪ଜଣ ଇଣ୍ଟରନ୍ୟାସନାଲ ମାଷ୍ଟର୍ସ (ଆଇଏମ୍), ଜଣେ ମହିଳା ଗ୍ରାଣ୍ଡମାଷ୍ଟର୍ସ (ଡବ୍ଲ୍ୟୁଜିଏମ୍), ୯ଜଣ ମହିଳା ଇଣ୍ଟରନ୍ୟାସନାଲ ମାଷ୍ଟର୍ସ (ଡବ୍ଲ୍ୟୁଆଇଏମ୍), ୬ଜଣ ଫିଡେ ମାଷ୍ଟର୍ସ (ଏଫ୍‌ଏମ୍) ୨ଜଣ ଲେଖାଏ ମହିଳା ଫିଡ୍ରେ ମାଷ୍ଟର୍ସ (ଡବ୍ଲ୍ୟୁଏଫ୍‌ଏମ୍) ଓ କ୍ୟାଣ୍ଡିଡେଟ୍ ମାଷ୍ଟର୍ସ ରହିଛନ୍ତି। ଭାରତୀୟ ଜିଏମ୍ ଦୀପ୍ତାୟନ ଘୋଷ (୨୫୬୮), ଆଇଏମ୍ ଆରୋଣ୍ୟକ ଘୋଷ (୨୫୪୧) ଓ ଇଜିପ୍ଟର ଜିଏମ୍ ଫଜି ଅଧମ (୨୫୨୨) ଏହି ପ୍ରତିଯୋଗିତାର ୩ଜଣ ଟପ୍ ସିଡ୍ ଖେଳାଳି ରହିଛନ୍ତି। ଗୁରୁବାର ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ଏଓସିଏ କୋଷାଧକ୍ଷ ଶଙ୍କର ପ୍ରସାଦ ମିଶ୍ର, ଲିଆସନିଂ ଅଫିସର ମୁକ୍ତିକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅବସର ଖବରକୁ ମେରୀକମ୍‌ଙ୍କ ଖଣ୍ଡନ

**ନୂଆଦିଲ୍ଲୀ, ୨୫ ।୧(ଏଜେନ୍ସି):** ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଅବସର ଖବରକୁ ଭାରତୀୟ କିମ୍ବଦନ୍ତୀ ମହିଳା ବକ୍ସର ଏମ୍‌ସି ମେରୀକମ୍ ଗୁରୁବାର ଖଣ୍ଡନ କରିଛନ୍ତି। ୬ଥର ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ ଓ ୧୦୧୨ ଲଣ୍ଡନ ଅଲିମ୍ପିକ୍ସ କାଂସ୍ୟ ପଦକ ଜିତିଥିବା ମେରୀକମ୍ ଏ ନେଇ ସଫେଇ ଦେଇଛନ୍ତି। ଏପର୍ଯ୍ୟନ୍ତ ଅବସର ଘୋଷଣା କରିନାହିଁ। ମୋର ମନ୍ତବ୍ୟକୁ କଦର୍ଥ କରାଯାଇଛି। ଯେତେବେଳେ ଅବସର ନେବି ନିଜେ ଗଣମାଧ୍ୟମ ସମ୍ମୁଖରେ ଆନୁଷ୍ଠାନିକ ଭାବେ ଘୋଷଣା କରିବି ବୋଲି ସେ କହିଛନ୍ତି। ବୁଧବାର ଆସାମରେ ଏକ ସ୍କୁଲ ଇଭେଣ୍ଟରେ ଦେଇଥିବା ମନ୍ତବ୍ୟକୁ ଗଣମାଧ୍ୟମ ପ୍ରତିନିଧିମାନେ ଭୁଲ ବୁଝିଥିଲେ।

**ଅଷ୍ଟ୍ରେଲିଆନ୍ ଓପନ୍**

# ପ୍ରଥମଥର ଯୁଗଳ ଫାଇନାଲରେ ବୋପାନ୍ନା

**ମେଲବୋର୍ଣ୍ଣ, ୨୫ ।୧(ଏଜେନ୍ସି)**



ଭାରତୀୟ ଅଭିଜ୍ଞ ଟେନିସ ଖେଳାଳି ରୋହନ ବୋପାନ୍ନା ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ଯୁଗଳ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି। ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ୪୩ ବର୍ଷୀୟ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ଖେଳାଳି ମାଥ୍ୟୁ ଏବଡେନ ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଚୀନ୍‌ର ଝାଙ୍ଗ ଝିଝେନ୍ ଓ ଚେକ୍ ଗଣରାଜ୍ୟର ଟୋମାସ ମାକାକ୍‌ଙ୍କୁ ୬-୩, ୩-୬, ୭-୬ ସେଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ଶନିବାର ଟାଇଟଲ ପାଇଁ ଏହି ଯୋଡି ଇଟାଲୀର ଅଣସିଡ୍ ଯୋଡି ସାଇମନ ବୋଲେଲି ଓ ଆନ୍ଦ୍ରିଆ ଭାଭାସୋରୀଙ୍କୁ ଭେଟିବେ। ଗୁରୁବାର ଅନ୍ୟଏକ ସେମିଫାଇନାଲ ମ୍ୟାଚ୍‌ରେ ବୋଲେଲି ଓ ଭାଭାସୋରୀ ୬-୩, ୩-୬, ୭-୬ ସେଟ୍‌ରେ ଜର୍ମାନୀ ଯୋଡି ୟାନିକ ହନ୍‌ଫମ୍ୟାନ ଓ ଡୋମିନିକ କୋଏପଫରଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

## ୨୦୧୭ରେ ଜିତିଥିଲେ ଫ୍ରେଞ୍ଚ ଓପନ୍

ପୂର୍ବରୁ ବୋପାନ୍ନା ୨୦୧୭ରେ ଫ୍ରେଞ୍ଚ ଓପନ୍ ମିଶ୍ରିତ ଯୁଗଳ ଟାଇଟଲ ହାସଲ କରି କ୍ୟାରିୟର ଏକମାତ୍ର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ସେ କାନାଡାର ଗାବ୍ରିଏଲା ଡାବ୍ରୋସ୍କିଙ୍କୁ ସାଥିକରି ଏହି ଟାଇଟଲ ହାସଲ କରିଥିଲେ। ଏହାପରେ ବୋପାନ୍ନା ୟୁଏସ୍ ଓପନର ଫାଇନାଲରେ ଦୁଇଥର ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ୨୦୧୦ରେ ସେ ପାକିସ୍ତାନର ଏସାମ-ଉଲ- ହକ୍ କୁରେସିଙ୍କ ସହ ଓ ୨୦୨୩ରେ ଏବଡେନ୍‌ଙ୍କୁ ସାଥିକରି ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ସୋମବାର ଏଟିପି ର୍‍ୟାଙ୍କିଙ୍ଗ ଘୋଷିତ ହେଲେ ୪୩ ବର୍ଷ ବୟସରେ ବୋପାନ୍ନା ସବୁଠାରୁ ବୟସ୍କ ନମ୍ବର ୧ ଖେଳାଳି ହେବାର ଗୌରବ ଅର୍ଜନ କରିବେ। ଗତ ବର୍ଷ ୟୁଏସ୍ ଓପନ୍ ଫାଇନାଲ ଖେଳି ସେ ସବୁଠାରୁ ବୟସ୍କ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବାର ରେକର୍ଡ ହାସଲ କରିଥିଲେ।

## ଝେଙ୍ଗ୍- ସାବାଲେଙ୍କା ଫାଇନାଲ

ଅଷ୍ଟ୍ରେଲିଆନ୍ ଓପନ ମହିଳା ଏକକ ପ୍ରତିଯୋଗିତାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଶନିବାର ଚୀନର ଦ୍ୱାଦଶ ସିଡ୍ ଖେଳାଳି କ୍ୱିନ୍‌ୱେନ ଝେଙ୍ଗ୍ ଓ ଡିଫେଣ୍ଡିଂ ଚାମ୍ପିଅନ ତଥା ଦ୍ୱିତୀୟ ସିଡ୍ ବେଲାରୁଷର ଅରିନା ସାବାଲେଙ୍କା ପରସ୍ପରକୁ ଭେଟିବେ। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ସାବାଲେଙ୍କା ୭-୬, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫ୍‌ଙ୍କୁ ହରାଇ ଫାଇନାଲ ଟିକଟ ହାସଲ କରିଥିଲେ। ସେହିପରି ଝେଙ୍ଗ୍ ୬-୪, ୬-୪ ସିଧାସଳଖ ସେଟ୍‌ରେ ୟୁକ୍ରେନ୍‌ର ଅଣସିଡ୍ ଖେଳାଳି ଦାୟାନା ୟାସ୍ତ୍ରେମସ୍କାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ସେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଛନ୍ତି।

## ଗଫ୍‌ଙ୍କଠାରୁ ପ୍ରତିଶୋଧ ନେଲେ ସାବାଲେଙ୍କା

ଏଥିସହ ସାବାଲେଙ୍କା ଗଫ୍‌ଙ୍କଠାରୁ ମଧୁର ପ୍ରତିଶୋଧ ନେଇଛନ୍ତି। ଗତ ସେପ୍ଟେମ୍ବରରେ ସାବାଲେଙ୍କା ୟୁଏସ୍ ଓପନ୍ ଫାଇନାଲରେ ଗଫ୍‌ଙ୍କଠାରୁ ପରାସ୍ତ ହୋଇଥିଲେ ଓ ଏବେ ସେ ଏହାର ମଧୁର ପ୍ରଦିଶୋଧ ନେଇଛନ୍ତି। ପୂର୍ବରୁ ଝେଙ୍ଗ କ୍ୱାର୍ଟର ଫାଇନାଲରେ ୬-୭, ୬-୩, ୬-୧ ସେଟ୍‌ରେ ରୁଷିଆର ଆନ୍ନା କଲିନସ୍କାୟା ଓ ସାବାଲେଙ୍କା ୬-୨, ୬-୩ ସେଟ୍‌ରେ ୯ମ ସିଡ୍ ବାର୍ବୋରା କ୍ରେଜିସିକୋଭାଙ୍କୁ ପରାସ୍ତ କରି ସେମିକୁ ଉଠିଥିଲେ। ସାବାଲେଙ୍କା ୨୦୨୩ରେ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ହାସଲ କରି କ୍ୟାରିୟର ଏକମାତ୍ର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ।

**ସର୍ବଭାରତୀୟ ଲାଲମନି କ୍ରିକେଟ**

# ଫାଇନାଲ୍‌ରେ ସମ୍ବଲପୁର ଏମ୍‌ଏମ୍‌ସିସି

**ସୋନପୁର, ୨୫।୧ (ସମିସ):** ସୋନପୁର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଲାଲମନୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚ ବର୍ଷା ଯୋଗୁଁ ବାତିଲ ହେବା ପରେ ଗୁରୁବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେମିଫାଇନାଲ୍ ସହ ଅନ୍ୟ ଏକ ଲିଗ୍ ମ୍ୟାଚ୍ ଆୟୋଜିତ ହୋଇଥିଲା। ଏମ୍‌ଏମ୍‌ସିସି ସମ୍ବଲପୁର ଦଳ ଓ ନାଗପୁର କରିମ୍ ସ୍ପୋର୍ଟିଂ ମଧ୍ୟରେ ପ୍ରଥମେ ୧୮ ଓଭର ବିଶିଷ୍ଟ ସେମିଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନାଗପୁର କରିମ୍ ସ୍ପୋର୍ଟିଂ ୯ ୱିକେଟ୍ ହରାଇ ୯୯ ରନ୍ ସଂଗ୍ରହ କରିଥିଲା। ସମ୍ବଲପୁର ଦଳର ପାର୍ଥ ବଶିଷ୍ଠ ୩ ଓ ରଜତ ଶର୍ମା ୨ଟି ୱିକେଟ୍ ନେଇଥିଲେ। ଜବାବରେ ସମ୍ବଲପୁର ଦଳ ରମଣ କୁମାରଙ୍କ ଧୂଆଁଧାର ଅପରାଜିତ ୮୫ ରନ୍ (୪୧ ବଲ୍) ବଳରେ କୌଣସି ୱିକେଟ୍ ନ ହରାଇ ୧୦ ଓଭରରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରମଣ କୁମାରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ କୋଲକାତା ବିରାଟ ଏକାଡେମୀ ଏବଂ ଆସାନସୋଲ୍ ଏସ୍‌ଓସି ବାଷ୍ଟର ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ବିରାଟ ଏକାଡେମୀ ୯ ୱିକେଟ୍ ହରାଇ



୧୧୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଏସ୍‌ଓସି ବାଷ୍ଟର ଦଳ ୧୬.୩ ଓଭରରେ ୫ ୱିକେଟ୍ ବିନିମୟରେ ମ୍ୟାଚକୁ ଜଣି ସେମିକୁ ପ୍ରବେଶ କରିଛି। ଏସ୍‌ଓସି ବାଷ୍ଟର ପକ୍ଷରୁ ସଚିନ ମିଶ୍ର ୩୩ ରନ୍ ଏବଂ ଶୁଭମ କୁମାର ୨୮ ରନ୍ କରିଥିଲେ। ଆଦିତ୍ୟ ରାଜ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଛନ୍ତି।

**ପ୍ରଥମ ଟେଷ୍ଟ: ଇଂଲଣ୍ଡ ୨୪୬ରେ ସୀମିତ**

# ପ୍ରଥମ ଦିନରେ ଭାରତର ଆଧିପତ୍ୟ

ହାଇଦାରାବାଦ, ୨୫ ।୧(ଏଜେନ୍ସି)

ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଆରମ୍ଭରୁ ଘରୋଇ ଭାରତ ଦମ୍‌ଦାର ପ୍ରଦର୍ଶନ କରିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଛି ପ୍ରଥମ ଟେଷ୍ଟ ମ୍ୟାଚ୍। ପ୍ରଥମ ଦିବସରେ ଭାରତୀୟ ସ୍ପିନରଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା। ଟସ୍ ଜିତି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏହି ନିଷ୍ପତ୍ତି କାମ ଦେଇ ନଥିଲା। ପ୍ରଥମ ପାଳି ଆରମ୍ଭ କରି ଇଂଲଣ୍ଡ ୬୪.୩ ଓଭରରେ ୨୪୬ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ପାଳି ଆରମ୍ଭ କରି ୨୩ ଓଭରରେ ଗୋଟିଏ ୱିକେଟ ହରାଇ ୧୧୯ ରନ ସଂଗ୍ରହ କରିଛି। ଫଳରେ ଭାରତ ୯ ୱିକେଟ ହାତରେ ଥାଇ ୧୨୭ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୭୬ ରନର ଅର୍ଦ୍ଧଶତକୀୟ ପାଳି ଓ ଶୁବମାନ ଗିଲ୍ ୧୪ ରନକରି ଅପରାଜିତ ରହିଥିଲେ। ଏକମାତ୍ର ଆଉଟ ହୋଇଥିବା ବ୍ୟାଟର ତଥା ଅଧିନାୟକ ରୋହିତ ଶର୍ମା ୨୪ ରନକରି ଥିବା ବେଳେ ମିଡ୍‌ଅନ୍‌ରେ ଷ୍ଟୋକ୍ସଙ୍କୁ କ୍ୟାଚ୍ ଦେଇ ସ୍ପିନର ଜ୍ୟାକ ଲିଚ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ଜୟସ୍ୱାଲ ଏଥିସହ ଦ୍ୱିତୀୟ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ରୋହିତଙ୍କ ସହ ସେ ପ୍ରଥମ ୱିକେଟରେ ୮୦ ରନ ସଂଗ୍ରହ କରିଥିଲେ। ଇଂଲଣ୍ଡ ବ୍ୟାଟିଂରେ ବହୁ ଚର୍ଚ୍ଚିତ 'ବେଜ୍‌ବଲ୍'ର ଝଲକ ଦେଖିବାକୁ ମିଳି ନଥିଲା।


ରବିଚନ୍ଦ୍ରନ ଅଶ୍ୱିନ


ବେନ୍ ଷ୍ଟୋକ୍ସ


ଯଶସ୍ୱୀ ଜୟସ୍ୱାଲ

## ଜାଡେଜା, ଅଶ୍ୱିନଙ୍କୁ ୩ ଲେଖାଏ ୱିକେଟ

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଭାରତୀୟ ସ୍ପିନରଙ୍କ ସମ୍ମୁଖୀନ ହୋଇ ନପାରି ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲା। ଫଳରେ ଭ୍ରମଣକାରୀ ଦଳ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଦଳ ତରଫରୁ ଷ୍ଟୋକ୍ସ ସର୍ବାଧିକ ୭୦, ଜନି ବେୟାରଷ୍ଟୋ ୩୭, ବେନ୍ ଡକେଟ୍ ୩୫, ଅଭିଜ୍ଞ ଜୋ ରୁଟ୍ ୨୯, ଟମ୍ ହର୍ଟଲି ୨୩, ଜ୍ୟାକ କ୍ରଲି ୨୦, ରେହାନ ଅହମ୍ମଦ ୧୩, ମାର୍କ ଉଡ ୧୧ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ସ୍ପର୍ଶ କରିପାରି ନଥିଲେ। ବୋଲିଂରେ ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏ, ଯଶପ୍ରୀତ ବୁମ୍‌ରା ଓ ଅକ୍ଷର ପଟେଲ ଦୁଇଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଥମ ଦିନରେ ଏକାଧିକ ରୋଚକ ତଥ୍ୟ ଦେଖିବାକୁ ମିଳିଛି।

## ଡବ୍ଲ୍ୟୁଟିସିରେ ଅଶ୍ୱିନଙ୍କ ୧୫୦ ୱିକେଟ ପୂରଣ

୩ ୱିକେଟ ନେବା ସହ ଅଶ୍ୱିନ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ରେ ୧୫୦ତମ ୱିକେଟ ହାସଲ କରିଛନ୍ତି। ଡବ୍ଲ୍ୟୁଟିସିରେ ୧୫୧ ୱିକେଟ ସହ ତାଲିକାରେ ସେ ତୃତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲୀୟ ସ୍ପିନର ନାଥନ ଲାୟନ (୧୭୦) ପ୍ରଥମ, ଦ୍ରୁତ ବୋଲର ପ୍ୟାଟ କମିନ୍ସ (୧୬୯) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଶ୍ୱିନ ୩୧, କମିନ୍ସ ୪୦ ଓ ଲାୟନ ୪୧ଟି ମ୍ୟାଚ୍ ଖେଳିଛନ୍ତି।

## ଜାଡେଜା@ ୫୫୦

ପ୍ରଥମ ଦିନରେ ଜାଡେଜା ୩ ୱିକେଟ ନେବା ସହ ୫୫୦ତମ ୱିକେଟ ପୂରଣ କରିଛନ୍ତି। ସେ ଟେଷ୍ଟରେ ୨୭୮, ଦିନିକିଆରେ ୨୨୦ ଓ ଟି-୨୦ରେ ୫୩ଟି ୱିକେଟ ହାସଲ କରିଛନ୍ତି। ୫୫୦ ୱିକେଟ ହାସଲ କରିବାରେ ସେ ସପ୍ତମ ଭାରତୀୟ ବୋଲର ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ଅନିଲ କୁମ୍ବଲେ ୯୫୩ ୱିକେଟ, ଅଶ୍ୱିନ ୭୨୦, ହରଭଜନ ସିଂ ୭୦୭, କପିଳଦେବ ୬୮୭, ଜାହିର ଖାନ୍ ୫୯୭ ଓ ଜଭାଗାଲ ଶ୍ରୀନାଥ ୫୫୧ ୱିକେଟ ହାସଲ କରି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ୫ମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି।

## ସଚିନଙ୍କୁ ପଛରେ ପକାଇଲେ ରୁଟ୍

ଇଂଲଣ୍ଡ ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ୨୯ ରନ କରି ଆଉଟ ହୋଇଥିଲେ ମଧ୍ୟ ଏକ କୀର୍ତ୍ତିମାନ ହାସଲ କରିଛନ୍ତି। ୧୦ ରନ ସଂଗ୍ରହ କରିବା ପରେ ସେ ଭାରତ- ଇଂଲଣ୍ଡ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହ କରି କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ଇଂଲଣ୍ଡ ବିପକ୍ଷରେ ସଚିନ ୨୫୩୫ ରନ ସଂଗ୍ରହ କରିଥିଲେ। ଏବେ ରୁଟ୍ ୨୫୪୪ ରନକରି ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ରିକି ପଣ୍ଟିଂ (୨୫୪୪)ଙ୍କ ସମକକ୍ଷ ହୋଇଛନ୍ତି। ପଣ୍ଟିଂ ୨୯ ଓ ରୁଟ୍ ୨୫ଟି ମ୍ୟାଚ୍ ଖେଳି ୨୫୪୪ ରନ ସଂଗ୍ରହ କରିଛନ୍ତି।

## ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି-** ୨୪୬/୧୦, ୬୪.୩ ଓଭର (ଷ୍ଟୋକ୍ସ- ୭୦, ବେୟାରଷ୍ଟୋ- ୩୭, ଡକେଟ- ୩୫, ଅଶ୍ୱିନ- ୩/୬୮, ଜାଡେଜା- ୩/ ୮୮, ବୁମ୍‌ରା- ୨/୨୮, ଅକ୍ଷର- ୨/୩୩)।
**ଭାରତ ପ୍ରଥମ ପାଳି-** ୧୧୯/୧, ୨୩ ଓଭର (ଜୟସ୍ୱାଲ- ୭୬*, ରୋହିତ- ୨୪, ଶୁବମାନ- ୧୪*, ଲିଚ୍- ୧/୨୪)।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର